DHARITRI
ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ମେ ୫/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, May 5/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୧୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 159 | ମୂଲ୍ୟ₹୭/-



**ରସେଲ ପ୍ଲେୟର ଅଫ୍ ଦି ମ୍ୟାଚ୍**

ରାଜସ୍ଥାନ ରୟାଲ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି କୋଲକାତା ନାଇଟ ରାଇଡର୍ସର ଆନ୍ଦ୍ରେ ରସେଲ।

୧୪

୦୨

**୧୭ ବର୍ଷ ପରେ ପୁଣି ଏକାଠି ସୈଫ୍, ଅକ୍ଷୟ**

ମାଲୟାଲମ ଫିଲ୍ମ 'ଓପ୍ପମ'ର ହିନ୍ଦୀ ରିମେକ୍‌ରେ ଅଭିନେତା ଅକ୍ଷୟ କୁମାର ଏବଂ ସୈଫ୍ ଅଲୀ ଖାନ୍ ୧୭ ବର୍ଷ ପରେ ପୁଣିଥରେ ଏକାଠି ନଜର ଆସିବେ।



## କାଳବୈଶାଖୀ: ୧୬ ଜିଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର,୪।୫
(ଅନୁରାଧା ମହାରଣା)

ରାଜ୍ୟରେ କାଳବୈଶାଖୀ ଜାରି ରହିଛି। ଦିନରେ ଖରା, ଗୁଳୁଗୁଳି ଓ ଅପରାହ୍ନରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ପବନ ଜନଜୀବନକୁ ପ୍ରଭାବିତ କରୁଛି। ରବିବାର କାଳବୈଶାଖୀରେ ସାରା ରାଜ୍ୟରେ ବ୍ୟାପକ କ୍ଷୟକ୍ଷତି ଘଟିଥିବାବେଳେ ସୋମବାର ୧୬ ଜିଲା ପାଇଁ ୟେଲୋ ୱାର୍ନିଂ ଓ ୩ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ୟେଲୋ ୱାର୍ନିଂ ଜାରି କରାଯାଇଥିବା ଜିଲାଗୁଡ଼ିକ ମଧ୍ୟରେ ଢେଙ୍କାନାଳ, ଜଗତ୍‌ସିଂହପୁର, କଟକ, ଯାଜପୁର, କେନ୍ଦୁଝର, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଅନୁଗୋଳ, ରାୟଗଡ଼ା, ନବରଙ୍ଗପୁର, ଗଞ୍ଜାମ, ଗଜପତି, ଖୋର୍ଦ୍ଧା ଓ ପୁରୀ ରହିଛି। ସେହିପରି ମୟୂରଭଞ୍ଜ, କୋରାପୁଟ ଓ ମାଲକାନାଗିରିକୁ ଅରେଞ୍ଜ ୱାର୍ନିଂ ରହିଛି। ସତର୍କ ସୂଚନା ଜାରି ହୋଇଥିବା ଜିଲାଗୁଡ଼ିକରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ସହ ୪୦ରୁ ୫୦ କି.ମି. ବେଗରେ ପବନ ବହିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପଟେ ବର୍ଷା ପ୍ରଭାବରେ ରାଜ୍ୟରେ ତାତି ହ୍ରାସ ପାଇଛି।

**ଆଜିର ସମ୍ପାଦକୀୟ**

ଫାଟ କରିବ ଜାତି ଗଣନା



ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ରବିବାର ସର୍ବଭାରତୀୟସ୍ତରରେ ଅନୁଷ୍ଠିତ 'ଏନ୍‌ଇଇଟି-ୟୁଜି ୨୦୨୫' ପ୍ରବେଶିକା ପରୀକ୍ଷା ଦେବାକୁ ଛାତ୍ରୀଛାତ୍ରମାନେ ଭୁବନେଶ୍ୱରସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୧ କେନ୍ଦ୍ରକୁ ଯାଉଛନ୍ତି। **(ଫଟୋ- ବିକାଶ ନାୟକ)**

## ଓଡ଼ିଶାରୁ ଏନ୍‌ଇଇଟି ଦେଲେ ୭୦ହଜାରରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ

ଭୁବନେଶ୍ୱର,୪।୫(ସୁଚିସ୍ମିତା ସାହୁ)

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ଲାଗି ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପରିଚାଳିତ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ଇଇଟି ୟୁଜି ୨୦୨୫) ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରବେଶିକା ପରୀକ୍ଷା ଦେବାକୁ ଦେଶବିଦେଶର ପ୍ରାୟ ୨୩ଲକ୍ଷ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିଲେ। ଦେଶର ୫୦୦ ସହରର ୫୪୫୩ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହୋଇଥିଲା। ତେବେ ଓଡ଼ିଶାରେ ୨୭ଟି ସହରରେ ନିଟ୍ ପରୀକ୍ଷା କେନ୍ଦ୍ର କରାଯାଇଥିବାବେଳେ ଏଠାରେ ପ୍ରାୟ ୭୦ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ଜଣାପଡିଛି। ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ପରୀକ୍ଷା ଚାଲିଥିଲା। ମଧ୍ୟାହ୍ନ ସାଢ଼େ ୧୨ଟାରୁ ଅପରାହ୍ଣ ସାଢ଼େ ୧ଟା ମଧ୍ୟରେ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ର ଭିତରକୁ ପ୍ରବେଶ କରିଥିଲେ। ସାଢ଼େ ୧ଟା ପରେ ଫାଟକ ବନ୍ଦ କରି ଦିଆଯାଇଥିଲା। ପରୀକ୍ଷା କେନ୍ଦ୍ରଗୁଡିକରେ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ। ପିଲାମାନେ ହଲ୍‌କୁ ଯିବା ପୂର୍ବରୁ ସେମାନଙ୍କୁ ଯାଞ୍ଚ କରାଯାଇଥିଲା। ପରୀକ୍ଷାରେ ସ୍ୱଚ୍ଛତା ରଖିବା ପାଇଁ ପ୍ରତି ହଲ୍‌ରେ ଦୁଇରୁ ତିନୋଟି ଲେଖାଏ ସିସିଟିଭି ଲଗାଯାଇଥିଲା। ପରୀକ୍ଷା କେନ୍ଦ୍ରର ମୁଖ୍ୟ ଫାଟକଠାରେ ଅଧିକାରୀମାନେ ପିଲାଙ୍କୁ କଡ଼ା ଯାଞ୍ଚ କରିଥିଲେ। ପରୀକ୍ଷା କେନ୍ଦ୍ର ପରିସରକୁ କଲମ, କାଲ୍‌କୁଲେଟର, ମୋବାଇଲ, ଗହଣା ଆଦି ବାରଣ କରାଯାଇଥିଲା।

# ଆବାସ ପାଇଁ ଲଟେରି

**ସମସ୍ତ ଯୋଗ୍ୟ ବସ୍ତିବାସିନ୍ଦାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ)-୨ରେ ପକ୍କାଘର ମିଳିବ। ପକ୍କାଘର ବଣ୍ଟନ ଦଳୀୟ ଭିତ୍ତିରେ କିମ୍ବା ମନଇଚ୍ଛା ହେବ ନାହିଁ। ଏଣିକି ଲଟେରି ମାଧ୍ୟମରେ ଘର ଆବଣ୍ଟନ କରାଯିବ। ଯେଉଁମାନେ ଦିବ୍ୟାଙ୍ଗ ଥିବେ ସେମାନଙ୍କୁ ଅଗ୍ରାଧିକାର ଦିଆଯିବ। ପ୍ରାଥମିକ ପର୍ଯ୍ୟାୟରେ ଭୁବନେଶ୍ୱରରେ ଏହି ଲଟେରି ପ୍ରକ୍ରିୟାରେ ଆବାସ ବଣ୍ଟାଯିବ। ପରବର୍ତ୍ତୀ ସମୟରେ ରାଜ୍ୟର ଅନ୍ୟ ସହରାଞ୍ଚଳରେ କାର୍ଯ୍ୟକାରୀ ହେବ ବୋଲି ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗତ ଏପ୍ରିଲ ୨୯ରେ ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡ଼ିଛି। ତେବେ ଅସହାୟ ବସ୍ତିବାସିନ୍ଦାମାନଙ୍କୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ବ୍ୟାଙ୍କରଣ କରାଯିବାରେ ସହାୟତା ଦିଆଯିବ।**

## ପ୍ରଥମେ ଭୁବନେଶ୍ୱରରେ ଲାଗୁ ହେବ, ମିଳିବ ଋଣ ସୁବିଧା




ଭୁବନେଶ୍ୱର,୪।୫
(ରବିନାରାୟଣ ଜେନା)

ନଗର ଉନ୍ନୟନ ବିଭାଗର ବିଜ୍ଞପ୍ତି ଅନୁଯାୟୀ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ବସ୍ତିବାସିନ୍ଦାଙ୍କୁ ପକ୍କାଘର ମିଳିବ। ଏନେଇ ୨୦୨୨ରେ ଏକ ନୀତି (ସମସ୍ତଙ୍କୁ ପକ୍କାଘର) ଅଣାଯାଇଥିଲା। ମାତ୍ର ଏବେ ଏଥିରେ କେତେକ ସଂଶୋଧନ ଅଣାଯାଇଛି। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରର ସମସ୍ତ ବସ୍ତିବାସିନ୍ଦା ଯେଉଁଳି ପ୍ରଧାନମନ୍ତ୍ରୀ ଆବାସ(ସହରାଞ୍ଚଳ)-୨ରେ ସାମିଲ ହୋଇପାରିବେ ସେଥିନେଇ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର(ଏସ୍‌ଓପି) ପ୍ରସ୍ତୁତ କରାଯାଇଛି। ତଦନୁଯାୟୀ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ଥିବା ହିତାଧିକାରୀ ନିଶ୍ଚିତ ଭାବେ ବିଏମ୍‌ସି ଅଞ୍ଚଳର ଜଣେ ବସ୍ତିବାସିନ୍ଦା ହୋଇଥିବେ। ତାଙ୍କର କିମ୍ବା ତାଙ୍କ ପରିବାରର କାହା ନାମରେ ଭୁବନେଶ୍ୱରରେ ପକ୍କାଘର ନ ଥିବ। ସମ୍ପୃକ୍ତ ପରିବାରର ବାର୍ଷିକ ଆୟ ୩ ଲକ୍ଷ ଟଙ୍କାରୁ ଅଧିକ ହୋଇ ନ ଥିବ। ହିତାଧିକାରୀ ଭାବେ ସ୍ୱାମୀ, ସ୍ତ୍ରୀ କିମ୍ବା ତାଙ୍କର ସନ୍ତାନକୁ ନିଆଯାଇପାରିବ। ସେ କେନ୍ଦ୍ର, ରାଜ୍ୟ ତଥା କୌଣସି ପିଏସ୍‌ୟୁ ଚାକିରିଆ ହୋଇ ନ ଥିବେ। ଯେଉଁମାନେ ସରକାରଙ୍କ ପକ୍ଷରୁ ଲ୍ୟାଣ୍ଡ ରାଇଟ୍ ସାର୍ଟିଫିକେଟ୍ (ଏଲ୍‌ଆର୍‌ସି) ପଟ୍ଟା ପାଇଥିବେ ସେମାନେ ଆପଣା ଛାଏ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହୋଇପାରିବେ।

ସରକାରଙ୍କ ଏସ୍‌ଓପିରେ ରହିଛି ଯେ, ଜଣେ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ପାଇବା ପାଇଁ ହେଲେ ତାଙ୍କୁ ପ୍ରଥମେ ୨୦ ପ୍ରତିଶତ ଅଗ୍ରିମ ଦେବାକୁ ପଡ଼ିବ। ଯଦି ସମ୍ପୃକ୍ତ ହିତାଧିକାରୀ ଋଣ କରିବାକୁ ଚାହିଁବେ ତେବେ ସେଥିପାଇଁ ବିଏମ୍‌ସି ସହାୟତା କରିବ। ଋଣ ଦେବା ପାଇଁ ବିଏମ୍‌ସି ପକ୍ଷରୁ ବ୍ୟାଙ୍କ ଯୋଗାଡ଼ କରାଯିବ। ତେବେ ହିତାଧିକାରୀଙ୍କୁ ଏଥିପାଇଁ ବିଭିନ୍ନ ବ୍ୟାଙ୍କରୁ ଋଣ ନେଇ ନ ଥିବା ନେଇ ଅନୁମତି ପତ୍ର ଯୋଗାଡ଼ କରିବାକୁ ହେବ। ଋଣ ପାଇଁ ବ୍ୟାଙ୍କ ସହିତ ବିଏମ୍‌ସି ଓ ହିତାଧିକାରୀଙ୍କ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତିନାମା ସମ୍ପାଦନ କରାଯିବ। ଥରେ ବିଏମ୍‌ସି ପକ୍ଷରୁ ରିସିପ୍ଟ ମିଳିଗଲେ ସମ୍ପୃକ୍ତ ହିତାଧିକାରୀଙ୍କୁ ପକ୍କାଘର ମିଳିବ ବୋଲି ସ୍ପଷ୍ଟ ବୁଝାଯିବ। ଏହାବାଦ୍ କ୍ଷେତ୍ର ଯାଞ୍ଚ ବେଳେ ଜଏଣ୍ଟ ଏନୁମରେଶନ ଟିମ୍(ଜେଇଟି) ଏବଂ ୱାର୍ଡ ଅଫିସରଙ୍କ ଭୂମିକା କ'ଣ ସବୁ ରହିବ ତାହା ଉପରେ ବିଜ୍ଞପ୍ତିରେ ସ୍ପଷ୍ଟ ଦର୍ଶାଯାଇଛି।

## ବେଙ୍ଗାଲୁରୁରେ ଓଡ଼ିଆ ଯୁବକଙ୍କୁ ହତ୍ୟା

ଗଞ୍ଜାମ,୪।୫(ବିଦ୍ୟାଧର ସାହୁ)

ବେଙ୍ଗାଲୁରୁର ଏକ ଘରୋଇ କମ୍ପାନୀରେ ସିକ୍ୟୁରିଟି ସୁପରଭାଇଜର ଭାବେ କାର୍ଯ୍ୟରତ ଗଞ୍ଜାମ ଜିଲା ଗଞ୍ଜାମ ବ୍ଲକ୍ କୁଶପଲ୍ଲୀ ଗାଁର ଯୁବକ ରବୀନ୍ଦ୍ର ସାହୁ (୨୫)ଙ୍କୁ ଗତ ଗୁରୁବାର ହତ୍ୟା କରାଯାଇଛି। ଏନେଇ ରବୀନ୍ଦ୍ରଙ୍କ ପରିବାର ପକ୍ଷରୁ ହୁମା ଫାଣ୍ଡିରେ ଶନିବାର ଅଭିଯୋଗ ହୋଇଛି। ବେଙ୍ଗାଲୁରୁରେ ଜଣେ ସାଙ୍ଗ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଛୁରି ଭୁସି ଦେଇଥିବା ମୃତ୍ୟୁ ପୂର୍ବରୁ ରବୀନ୍ଦ୍ର ଫୋନ ଯୋଗେ ପରିବାର ଲୋକଙ୍କୁ ଜଣାଇଥିଲେ।

ରବୀନ୍ଦ୍ର ଗତ ପାଞ୍ଚ ଦିନ ତଳେ ଦାଦାଙ୍କ ଝିଅ ବାହାଘର ପାଇଁ ଗାଁକୁ ଆସିଥିଲେ। ବାହାଘର ସରିବା ପରେ ସେ ବେଙ୍ଗାଲୁରୁ ଚାଲିଯାଇଥିଲେ। ତାଙ୍କର ନିଷ୍ଠାପର କାର୍ଯ୍ୟ ଲାଗି କମ୍ପାନୀ ତାଙ୍କୁ ସିନିୟର ସିକ୍ୟୁରିଟି ସୁପରଭାଇଜର ଲାଗି ମନୋନୀତ କରିଥିବା ସେ ଜାଣିବାକୁ ପାଇଥିଲେ। ତେବେ ହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଖବର ପାଇ ରବୀନ୍ଦ୍ରଙ୍କ ସାନ ଭାଇଁ ସିଲୁ ସ୍ୱାଇଁ ବେଙ୍ଗାଲୁରୁରେ ପହଞ୍ଚିଥିଲେ। ସେତେବେଳକୁ ମୃତଦେହକୁ ଗୁଡ଼େଇ ରଖାଯାଇଥିଲା। ରବୀନ୍ଦ୍ର କାମ କରୁଥିବା କମ୍ପାନୀକୁ ସିଲୁ ଫୋନ କରିଥିଲେ ମଧ୍ୟ କେହି ସହଯୋଗ କରି ନ ଥିଲେ। ପରେ ଏଗଲ ନାମକ ଏକ ସିକ୍ୟୁରିଟି ସଂସ୍ଥା ମୃତଦେହ ଗାଁକୁ ପଠାଇବା ବ୍ୟବସ୍ଥା କରିଛି। ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକର ଛାୟା ଖେଳିଯାଇଛି। ସୂଚନାଯୋଗ୍ୟ, ବାପାଙ୍କ ମୃତ୍ୟୁ ପରେ ରବୀନ୍ଦ୍ର ପ୍ରାୟ ୧୧ ବର୍ଷ ଧରି ବାହାର ରାଜ୍ୟରେ ରହି କାମ କରି ଆସୁଥିଲେ। ଗାଁରେ ତାଙ୍କର ମା' ଓ ୨ ଭଉଣୀ ଅଛନ୍ତି। ତାଙ୍କ ମୃତ୍ୟୁକୁ ନେଇ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ମଲାଡ଼ ସରପଞ୍ଚ ମମତା ବେହେରା, ସରପଞ୍ଚ ପ୍ରତିନିଧି ସୁଦାମ ବେହେରା ଓ ହୁମା ସମିତିସଭ୍ୟ ଧ୍ରୁବ ଚରଣ ପଲେଇ ଉପସ୍ଥିତ ଥିଲେ।

## ଏଲ୍‌ଓସିରେ ଛକାପଞ୍ଝା ସ୍ଥିତି

ଶ୍ରୀନଗର/ନୂଆଦିଲ୍ଲୀ,୪।୫

ଜମ୍ମୁ-କଶ୍ମୀରର ପହଲଗାମ୍‌ସ୍ଥିତ ବୈସରନ୍‌ରେ ଏପ୍ରିଲ ୨୨ରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ୨୬ ହିନ୍ଦୁ ପର୍ଯ୍ୟଟକ ପ୍ରାଣ ହରାଇଥିଲେ। ଭାରତ ଏହି ଆକ୍ରମଣ ପାଇଁ ପାକିସ୍ତାନକୁ ଦାୟୀକରି କେତେକ କୂଟନୈତିକ ପଦକ୍ଷେପ ନେଇଥିବାବେଳେ ଇସ୍‌ଲାମାବାଦ ମଧ୍ୟ ପାଲଟା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଆତଙ୍କବାଦୀଙ୍କ ଉପରେ 'ବଡ଼ କାର୍ଯ୍ୟାନୁଷ୍ଠାନ' ନିଆଯିବ ବୋଲି ଚେତାବନୀ ଦେଇଛନ୍ତି। କିନ୍ତୁ ଭାରତ ପଟୁ ଅଦ୍ୟାବଧି କୌଣସି ସାମରିକ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ନୂଆଦିଲ୍ଲୀରେ ତୁହାକୁ ତୁହା ବସୁଥିବା ଉଚ୍ଚସ୍ତରୀୟ ସୁରକ୍ଷା ବୈଠକକୁ ଦେଖି ପାକିସ୍ତାନୀ ସୈନ୍ୟ

**୧୦ ଦିନ ହେଲା ଚାଲିଛି ଗୁଳି ବିନିମୟ**

ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ଅସ୍ତ୍ରବିରତି ଉଲ୍ଲଂଘନ କରୁଛନ୍ତି। ୧୦ ଦିନ ଧରି ଗୁଳିଗୋଳା ବର୍ଷଣ ଜାରି ରହିଥିବାବେଳେ ଭାରତୀୟ ସେନା ମଧ୍ୟ ଏହାର ମୁହଁତୋଡ଼ ଜବାବ ଦେଉଥିବା ବିଷୟ ସୋସିଆଲ ମିଡିଆରେ ପ୍ରକାଶ କରୁଛି। ଏଭଳି ସମୟରେ ଏଲ୍‌ଓସିରେ ଛକାପଞ୍ଝା ସ୍ଥିତି ଲାଗିରହିଥିବାବେଳେ ସୀମାନ୍ତବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

ପାକିସ୍ତାନ ସହ ଉତ୍ତେଜନା ଚରମସୀମାରେ ପହଞ୍ଚିଥିବାବେଳେ ସମ୍ଭାବ୍ୟ ଯୁଦ୍ଧ ଆଶଙ୍କାରେ ଭାରତରେ ଥିବା ଅର୍ଡନାନ୍ସ ଫ୍ୟାକ୍ଟ୍ରି (ଗୋଳାବାରୁଦ କାରଖାନା)ଗୁଡ଼ିକରେ କର୍ମଚାରୀଙ୍କ ଲମ୍ବା ଛୁଟିକୁ ବାତିଲ କରାଯାଇଛି। ମହାରାଷ୍ଟ୍ରର ଚନ୍ଦ୍ରପୁର ଓ ମଧ୍ୟପ୍ରଦେଶର ଜବଲପୁରରେ ଥିବା ଅର୍ଡନାନ୍ସ ଫ୍ୟାକ୍ଟ୍ରି କର୍ମଚାରୀଙ୍କୁ ୨ ଦିନରୁ ଅଧିକ ଛୁଟି ଦିଆଯାଉ ନାହିଁ। ଲମ୍ବା ଛୁଟି ନ ଦେବାକୁ ୧୨ ଅର୍ଡନାନ୍ସ ଫ୍ୟାକ୍ଟ୍ରିକୁ ନେଇ ଗଠିତ ମ୍ୟୁନିଶନ୍ସ ଇଣ୍ଡିଆ ଲିଃ (ଏମ୍‌ଆଇଏଲ୍) ପକ୍ଷରୁ ଅଧିକାଂଶ ପ୍ଲାଣ୍ଟକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷେ ଯୁଦ୍ଧ ଲାଗିରହିଲେ ପାକିସ୍ତାନ ନିକଟରେ ଥିବା ଗୁଳିଗୋଳା ଓ ଅସ୍ତ୍ରଶସ୍ତ୍ର ୪ ଦିନ ମଧ୍ୟରେ ଶେଷ ହୋଇଯିବ ବୋଲି ଏକ ରିପୋର୍ଟ ପ୍ରକାଶ ପାଇଛି। ପାକିସ୍ତାନ ନିକଟରେ ୟୁକ୍ରେନ୍‌କୁ ୧୫୫ଏମ୍‌ଏମ୍ ଆର୍ଟିଲିଏରି ଶେଲ୍ ରପ୍ତାନି କରିଥିବାରୁ ଏହାର ସେନା ପାଇଁ ଅସ୍ତ୍ର ନିଅଣ୍ଟ ହୋଇଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ଏହାସତ୍ତ୍ୱେ ପାକିସ୍ତାନ ଭାରତକୁ ବାରମ୍ବାର ଅଣୁଅସ୍ତ୍ର ଆକ୍ରମଣର ଧମକ ଦେବାରେ ଲାଗିଛି।

## ଉତ୍ତରାଖଣ୍ଡରେ ୩୦୦ କେ.ଜି. ଓଜନର ବାଘ

**ଏସିଆର ସର୍ବବୃହତ୍ ବୋଲି ବନ ବିଭାଗର ଅନୁମାନ**

ଡେରାଡୁନ୍, ୪।୫

ଉତ୍ତରାଖଣ୍ଡର ରାମନଗର ଅଞ୍ଚଳରେ ଥିବା ଜିମ୍ କର୍ବେଟ ଜାତୀୟ ଉଦ୍ୟାନ ଅନ୍ତର୍ଗତ ଫାଟୋ ଟୁରିଜମ ଜୋନ୍ ଏବେ ଚର୍ଚ୍ଚାରେ ରହିଛି। ଏଠାରେ ଥିବା ଏକ ବିଶାଳକାୟ ବାଘ ସମ୍ପ୍ରତି ପର୍ଯ୍ୟଟକ ତଥା ବନ୍ୟପ୍ରାଣୀପ୍ରେମୀଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ବିଶାଳକାୟ ଆକାର ହେତୁ ଏହି ବାଘର ନାମ ହରକ୍ୟୁଲେସ୍ ରଖାଯାଇଛି। ବନ ବିଭାଗ କର୍ମଚାରୀଙ୍କ ପ୍ରାରମ୍ଭିକ ଆକଳନ ଅନୁଯାୟୀ ଏହି ବାଘର ଓଜନ ପ୍ରାୟ ୩୦୦ କେ.ଜି. ହୋଇଥିବାବେଳେ ଏହାର ଲମ୍ବ ପ୍ରାୟ ୭ ଫୁଟ ରହିଛି। ଉକ୍ତ ଆକଳନ ଅନୁଯାୟୀ, ହରକ୍ୟୁଲେସକୁ ଏସିଆର ସବୁଠାରୁ ବଡ଼ ବାଘ ଭାବେ ମାନ୍ୟତା ମିଳିବା ନେଇ ସମ୍ଭାବନା ଥିବା ବନ କର୍ମଚାରୀ ତଥା ବନ୍ୟପ୍ରାଣୀପ୍ରେମୀମାନେ ଅନୁମାନ କରୁଛନ୍ତି। ହରକ୍ୟୁଲେସକୁ ନେଇ ତେରେଇ ପଶ୍ଚିମ ବନ ଡିଭିଜନର ବିଭାଗୀୟ ବନ ଅଧିକାରୀ (ଡିଏଫ୍‌ଓ) ପ୍ରକାଶ ଆର୍ଯ୍ୟା କହିଛନ୍ତି, ସେ ତାଙ୍କ ପୂରା କ୍ୟାରିୟରରେ କେବେ ମଧ୍ୟ ଏତେ ବଡ଼ ଏବଂ ବିଶାଳକାୟ ବାଘ ଦେଖିନାହାନ୍ତି। ଏହା ଫାଟୋ ଟୁରିଜମ ଜୋନ୍‌ର ସମୃଦ୍ଧ ଜୈବବିବିଧତା ଏବଂ ବନ ବିଭାଗର ସଫଳ ପରିଚାଳନାକୁ ଦର୍ଶାଉଥିବା ସେ କହିଛନ୍ତି। ତେବେ ହରକ୍ୟୁଲେସ ଏସିଆର ସବୁଠାରୁ ବଡ଼ ବାଘ ହୋଇଥିବା ନେଇ ବର୍ତ୍ତମାନ ସୁଦ୍ଧା ପ୍ରମାଣିତ ହୋଇ ନ ଥିବାରୁ ଏଥିନିମନ୍ତେ ଧୈର୍ଯ୍ୟ ରଖିବାକୁ ସେ ପର୍ଯ୍ୟଟକଙ୍କୁ ପରାମର୍ଶ ଦେଇଛନ୍ତି। ବନ ବିଭାଗ ପକ୍ଷରୁ ହରକ୍ୟୁଲେସର ଗତିବିଧି ଉପରେ କଡ଼ା ନଜର ରଖାଯାଉଛି। ଅଧିକାରୀମାନେ ହରକ୍ୟୁଲେସର ଗତିବଧିକୁ ଟ୍ରାକ୍ କରିବା ସହ ଏହା ବିଷୟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବା ପାଇଁ ସମଗ୍ର ଅଞ୍ଚଳରେ କ୍ୟାମେରା ଟ୍ରାପ୍ ବିଛାଇଛନ୍ତି। ଏସିଆର ସବୁଠାରୁ ବଡ଼ ବାଘ ଭାବେ ହରକ୍ୟୁଲେସକୁ ମାନ୍ୟତା ମିଳିଲେ ରାମନଗରସ୍ଥିତ ଫାଟୋ ଟୁରିଜମ ଜୋନ୍‌କୁ ଅନ୍ତର୍ଜାତୀୟ ସ୍ୱୀକୃତି ମିଳିବ ବୋଲି ସେ ଆଶା ପ୍ରକଟ କରିଛନ୍ତି।



# ବଡ଼ ଆକ୍ରମଣର ଧମକ ଦେଲେ ନେତାନ୍ୟାହୁ


ତେଲ୍ ଆଭିଭ୍‌ର ବେନ୍ ଗୁରିଅନ୍ ଏୟାରପୋର୍ଟ ନିକଟରେ ମିଶାଇଲ ମାଡ଼ ବେଳର ଦୃଶ୍ୟ।

## ତେଲ୍ ଆଭିଭ୍‌ରେ ହୁଟିର ମିଶାଇଲ୍ ମାଡ଼

ତେଲ୍ ଆଭିଭ୍,୪।୫

ଇରାନ ସମର୍ଥିତ ୟେମେନ୍‌ର ହୁଟି ଆତଙ୍କବାଦୀମାନେ ରବିବାର ଇସ୍ରାଏଲ୍‌ର ତେଲ୍ ଆଭିଭ୍‌ସ୍ଥିତ ଦେଶର ସର୍ବବୃହତ୍ ବିମାନବନ୍ଦରରେ ମିଶାଇଲ ମାଡ଼ କରିଛନ୍ତି। ଏହାର ଜବାବରେ ହୁଟି ବିରୋଧରେ ବଡ଼ ଆକ୍ରମଣ କରାଯିବ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ସଂକଳ୍ପ ନେଇଛନ୍ତି। ପୂର୍ବରୁ ଆମେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିଲୁ। ଏଥର ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି। ଗାଜାର ପାଲେଷ୍ଟିନୀୟମାନଙ୍କ ସମର୍ଥନରେ ହୁଟି ଆତଙ୍କବାଦୀମାନେ ଇସ୍ରାଏଲ୍ ଉପରେ ମିଶାଇଲ ଆକ୍ରମଣ କରୁଛନ୍ତି। ରବିବାର ସକାଳେ ତେଲ୍ ଆଭିଭ୍‌ର ବେନ୍ ଗୁରିଅନ୍ ଏୟାରପୋର୍ଟ ନିକଟରେ ହୋଇଥିବା ମିଶାଇଲ ମାଡ଼ରେ


ବେଞ୍ଜାମିନ୍ ନେତାନ୍ୟାହୁ

୨୫ ଫୁଟ୍ ଗଭୀର ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ମିଶାଇଲ ମାଡ଼ରେ କେତେଜଣ ଆହତ ହୋଇଥାଇପାରନ୍ତି ବୋଲି କୁହାଯାଉଛି। ଗାଜାରେ ୨ ମାସର ଅସ୍ତ୍ରବିରତି ପରେ ମାର୍ଚ୍ଚରୁ ପୁଣିଥରେ ଇସ୍ରାଏଲ୍ ଆକ୍ରମଣ ଜାରି ରଖିଛି। ସାମରିକ କାର୍ଯ୍ୟାନୁଷ୍ଠାନ ବଢ଼ାଇବା ପାଇଁ ଇସ୍ରାଏଲ୍‌ର ମନ୍ତ୍ରୀମାନେ ଏକ ଯୋଜନାକୁ ଅନୁମୋଦନ କରିବାକୁ ଯାଉଥିବାବେଳେ ହୁଟି ପକ୍ଷରୁ ମିଶାଇଲ ଆକ୍ରମଣ ହୋଇଛି।

## ତେଲ୍ ଆଭିଭ୍‌କୁ ବିମାନ ଚଳାଚଳ ସ୍ଥଗିତ ରଖିଲା ଏୟାର ଇଣ୍ଡିଆ

ନୂଆଦିଲ୍ଲୀ,୪।୫

ଇସ୍ରାଏଲ୍‌ର ବେନ୍ ଗୁରିଅନ୍ ବିମାନବନ୍ଦରରେ ରବିବାର ହୁଟି ଆତଙ୍କବାଦୀ ମିଶାଇଲ୍ ଆକ୍ରମଣ କରିବା ପରେ ଏୟାର ଇଣ୍ଡିଆ ଆଗାମୀ ୨ ଦିନ ପାଇଁ ତେଲ୍ ଆଭିଭ୍‌କୁ ବିମାନ ଚଳାଚଳ ସ୍ଥଗିତ ରଖିଛି। ଆକ୍ରମଣ ପରେ ରବିବାର ଦିଲ୍ଲୀରୁ ତେଲ୍ ଆଭିଭ୍ ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନକୁ ଆବୁଧାବୀକୁ ନିଆଯାଇଥିଲା। ଯାତ୍ରୀ ଓ କର୍ମଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ନିଷ୍ପତ୍ତି ନିଆଯାଇଛି। ଯେଉଁମାନେ ୬ ତାରିଖ ମଧ୍ୟରେ ଆବୁଧାବୀ ଯିବା ପାଇଁ ଟିକେଟ ବୁକ୍ କରିଛନ୍ତି, ସେମାନଙ୍କୁ ରିହାତି ମିଳିବ କିମ୍ବା ସେମାନେ ଯାତ୍ରା ସମୟ ବଦଳାଇପାରିବେ ବୋଲି ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ରବିବାର ଏୟାର ଇଣ୍ଡିଆର ଏଆଇ୧୩୯ ବିମାନ ତେଲ୍ ଆଭିଭ୍‌ରେ ଅବତରଣ କରିବାର ଘଣ୍ଟାଏରୁ କମ୍ ସମୟ ପୂର୍ବରୁ ହୁଟି ଆତଙ୍କବାଦୀ ମିଶାଇଲ ଆକ୍ରମଣ କରିଥିଲେ। ତେଲ୍ ଆଭିଭ୍ ନିକଟରେ ଥିବା ଇସ୍ରାଏଲ୍‌ର ସର୍ବବୃହତ୍ ଅନ୍ତର୍ଜାତୀୟ ବିମାନବନ୍ଦର ବେନ୍ ଗୁରିଅନ୍ ଏୟାରପୋର୍ଟର ୩ ନମ୍ବର ଟର୍ମିନାଲଠାରୁ ୭୫ ମିଟର ଦୂରରେ ମିଶାଇଲ୍ ମାଡ଼ କରିବାରୁ ୨୫ ମିଟର ଗଭୀର ଖାତ ସୃଷ୍ଟି ହୋଇଛି। ଏହା ୪ ସ୍ତରୀୟ ଏୟାର ଡିଫେନ୍ସ ସିଷ୍ଟମ୍‌କୁ ଅତିକ୍ରମ କରି ଲକ୍ଷ୍ୟଭେଦ କରିଥିବା କୁହାଯାଉଛି।

## କ୍ଷମତା ବଜାୟ ରଖିଲେ ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗ୍



ସିଙ୍ଗାପୁର,୪।୫(ପି.ଟି.)

ସିଙ୍ଗାପୁର ସାଧାରଣ ନିର୍ବାଚନରେ ଶାସକ ଦଳ ପିପୁଲ ଆକ୍ସନ ପାର୍ଟି (ପିଏପି) ଐତିହାସିକ ବିଜୟ ହାସଲ କରିବା ସହ ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗ୍ କ୍ଷମତା ବଜାୟ ରଖିଛନ୍ତି। ବୈଶ୍ୱିକ ଆର୍ଥିକ ଅନିଶ୍ଚିତତା ମଧ୍ୟରେ ଶନିବାର ସିଙ୍ଗାପୁର ପାର୍ଲାମେଣ୍ଟ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୯୭ ଆସନ ବିଶିଷ୍ଟ ପାର୍ଲାମେଣ୍ଟରେ ପିଏପି ୮୭ ଆସନ ଦଖଲ କରିଛି। ଶାସକ ଦଳକୁ ୬୫.୫ ପ୍ରତିଶତ ଭୋଟ ମିଳିଛି, ଯାହାକି ୨୦୨୦ ତୁଳନାରେ ଅଧିକ। ସିଙ୍ଗାପୁର ଜନସାଧାରଣଙ୍କ ସ୍ପଷ୍ଟ ଏବଂ ଦୃଢ଼ ଜନାଦେଶ ତାଙ୍କ ସରକାରରେ ସେମାନଙ୍କ ଆସ୍ଥା, ସ୍ଥିରତା ଓ ବିଶ୍ୱାସର ସ୍ପଷ୍ଟ ସଙ୍କେତ ବୋଲି ୱଙ୍ଗ୍ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

## ସଂକ୍ଷେପରେ

### କଂଗ୍ରେସର ସବୁ ଭୁଲ୍ ପାଇଁ ନିଜକୁ ଦାୟୀ କଲେ ରାହୁଲ

ନୂଆଦିଲ୍ଲୀ,୪।୫(ପି.ଟି.)

୧୯୮୪ ଶିଖ୍ ବିରୋଧୀ ଦଙ୍ଗା ଏବଂ ଏହି ସମ୍ପ୍ରଦାୟ ସହ କଂଗ୍ରେସର ସମ୍ପର୍କକୁ ନେଇ ଏକ ପ୍ରଶ୍ନର ଉତ୍ତରରେ ଦଳର ନେତା ରାହୁଲ ଗାନ୍ଧୀ କହିଛନ୍ତି, କଂଗ୍ରେସ ଅନେକ ଭୁଲ୍ କରିଛି, ଯାହା ଘଟିବା ସମୟରେ ସେ ସେଠାରେ ନ ଥିଲେ। ତେବେ ଦଳର ସବୁ ଭୁଲ୍ ପାଇଁ ସେ ନିଜକୁ ଦାୟୀ କରିବାକୁ ଅଧିକ ଖୁସି ହେବେ ବୋଲି କହିଛନ୍ତି। ଏପ୍ରିଲ ୨୧ରେ ଆମେରିକାର ବ୍ରାଉନ୍ ୟୁନିଭର୍ସିଟିରେ ଏକ ଆଲୋଚନାରେ ଉଦ୍‌ବୋଧନ ଦେଇ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଖୋଲାଖୋଲି କହିଥିଲେ, ୮୦ ଦଶକରେ ଯାହା ଘଟିଥିଲା, ତାହା ଭୁଲ୍ ଥିଲା। ଉକ୍ତ ଆଲୋଚନାର ଭିଡିଓ ଶନିବାର ୱାଟ୍‌ସନ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଇଣ୍ଟରନ୍ୟାଶନାଲ ଆଣ୍ଡ ପବ୍ଲିକ୍ ଆଫେୟାର୍ସର ୟୁଟ୍ୟୁବ୍ ଚ୍ୟାନେଲରେ ଅପ୍‌ଲୋଡ୍ ହେବା ପରେ ଜଣାପଡ଼ିଛି। ୧୯୮୪ ଦଙ୍ଗା ଘଟଣା ଉଠାଇ ଶିଖ୍ ସମ୍ପ୍ରଦାୟ ସହ ଏହାର ସମାଧାନ ଦିଗରେ କ'ଣ ଉଦ୍ୟମ କରିଛନ୍ତି ବୋଲି ଜଣେ ଶିଖ୍ ଛାତ୍ର ପ୍ରଶ୍ନ କରିବାରୁ ରାହୁଲ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ।

### ଖାତକୁ ଖସିଲା ସେନା ଟ୍ରକ୍, ୩ ଯବାନ ମୃତ

ଜମ୍ମୁ, ୪।୫

ଜମ୍ମୁ-କଶ୍ମୀରର ରାମବନ ଜିଲା ବ୍ୟାଟେରି ଚଷମା ଅଞ୍ଚଳ ନିକଟସ୍ଥ ଜମ୍ମୁ-ଶ୍ରୀନଗର ନ୍ୟାଶନାଲ ହାଇୱେ-୪୪ରେ ରବିବାର ସକାଳେ ଏକ ସେନା ଟ୍ରକ୍ ଯାଉଥିବା ବେଳେ ଏହା ନିୟନ୍ତ୍ରଣ ହରାଇ ୭୦୦ ଫୁଟ ଗଭୀର ଖାତରେ ଖସିପଡ଼ିଥିଲା। ଏହି ଦୁର୍ଘଟଣାରେ ଭାରତୀୟ ସେନାର ୩ ଯବାନଙ୍କର ମୃତ୍ୟୁ ଘଟିଛି। ସୂଚନା ମିଳିବାମାତ୍ରେ ସେନା, ପୋଲିସ, ରାଜ୍ୟ ବିପର୍ଯ୍ୟୟ ମୁକାବିଲା ବଳ (ଏସ୍‌ଡିଆର୍‌ଏଫ୍)ର ଟିମ୍ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ମୃତ ୩ ଯବାନ ହେଉଛନ୍ତି ସିପାହି ଅମିତ୍ କୁମାର, ସୁଜିତ୍ କୁମାର ଏବଂ ମାନ ବାହାଦୁର।

### ଏନ୍‌ଇଇଟି ପୂର୍ବରୁ କୋଟାରେ ଆଶାୟୀଙ୍କ ଆତ୍ମହତ୍ୟା

କୋଟା, ୪।୫

ମେଡିକାଲ ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି-ୟୁଜି) ଦେଶବ୍ୟାପୀ ରବିବାର ଅନୁଷ୍ଠିତ ହୋଇଥିବାବେଳେ ଏହାର କିଛି ଘଣ୍ଟା ପୂର୍ବରୁ ଶନିବାର ରାତିରେ କୋଟାରେ ଜଣେ ୧୭ ବର୍ଷୀୟା ଆଶାୟୀ ରଶିରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମୃତା ଛାତ୍ରୀ ମଧ୍ୟପ୍ରଦେଶର ଶେଓପୁରର ମୂଳନିବାସୀ ହୋଇଥିବା ବେଳେ ସେ ଗତ କିଛି ବର୍ଷ ଧରି କୋଟାରେ ନିଜ ଅଭିଭାବକଙ୍କ ସହ ରହୁଥିଲେ। ସେ କୋଟାର ଏକ ପ୍ରମୁଖ କୋଚିଂ ସେଣ୍ଟରକୁ ଯାଇ ଏନ୍‌ଇଇଟି-ୟୁଜି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ। ତାଙ୍କ ମୃତଦେହ ନିକଟରୁ କୌଣସି ସୁଇସାଇଡ୍ ନୋଟ ମିଳିନାହିଁ ବୋଲି ପୋଲିସ କହିଛି। ଏହାସହ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା କୋଟାରେ ୧୫ ଜଣ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ବାୟୁସେନା ମୁଖ୍ୟ

ନୂଆଦିଲ୍ଲୀ,୪।୫(ପି.ଟି.)

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ୁଥିବାବେଳେ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏ.ପି. ସିଂ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ସୁରକ୍ଷା ସ୍ଥିତି ସମ୍ପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି। ଶନିବାର ନୌସେନା ମୁଖ୍ୟ ଆଡମିରାଲ ଦିନେଶ କେ. ତ୍ରିପାଠୀ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଆରବ ସାଗରର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳର ମୋଟାମୋଟି ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ।

ଗତ ମାସ ୨୨ ତାରିଖରେ ସୀମାପାର ଆତଙ୍କବାଦୀ ଆକ୍ରମଣରେ ପହଲଗାମ୍‌ରେ ୨୬ ଜଣ ପର୍ଯ୍ୟଟକଙ୍କ ଜୀବନ ଯାଇଥିଲା। ଆକ୍ରମଣରେ ସମ୍ପୃକ୍ତ


ଏୟାର ଚିଫ୍ ମାର୍ଶାଲ ଏ.ପି. ସିଂ

ଆତଙ୍କବାଦୀ ଓ ସେମାନଙ୍କ ପରିଚାଳକଙ୍କୁ କଠୋର ଦଣ୍ଡ ଦେବା ପାଇଁ ଭାରତ ପ୍ରତିଶ୍ରୁତି ଦେଇଥିଲା। ଗତ ମଙ୍ଗଳବାର ପ୍ରତିରକ୍ଷା ମନ୍ତ୍ରୀ ଓ ୩ ସେନାର ମୁଖ୍ୟଙ୍କ ସହ ଉଚ୍ଚସ୍ତରୀୟ ବୈଠକରେ ସେନାକୁ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ନିଷ୍ପତ୍ତି ନେବା ଲାଗି ପ୍ରଧାନମନ୍ତ୍ରୀ ପୂର୍ଣ୍ଣ ସ୍ୱାଧୀନତା ଦେଇଥିଲେ। ପହଲଗାମ୍ ଆକ୍ରମଣର ଦିନକ ପରେ ଭାରତ ପାକିସ୍ତାନ ବିରୋଧରେ କେତେଗୁଡ଼ିଏ କଟକଣା ଲଗାଇଥିଲା। ସିନ୍ଧୁ ନଦୀଜଳ ବଣ୍ଟନ ଚୁକ୍ତିକୁ ସ୍ଥଗିତ ରଖାଯିବା ସହ ଅଟ୍ଟାରୀ ସୀମା ବନ୍ଦ କରାଯାଇଥିଲା। ଏଥିସହିତ କୂଟନୈତିକ ସମ୍ପର୍କ ହ୍ରାସ କରାଯାଇଥିଲା। ଏହାର ଜବାବରେ ପାକିସ୍ତାନ ଭାରତୀୟ ବିମାନ ପାଇଁ ଏହାର ଆକାଶସୀମାକୁ ବନ୍ଦ କରିବା ସହ ଭାରତ ସହ ବାଣିଜ୍ୟ ସମ୍ପର୍କ ଛିନ୍ନ କରିଥିଲା। ଗତ ଶନିବାର ଭାରତ ପାକିସ୍ତାନରୁ ଆମଦାନୀ ସମସ୍ତ ସାମଗ୍ରୀ ଉପରେ ବ୍ୟାନ୍ ଲଗାଇବା ସହ ସେଠାର ଜାହାଜଗୁଡ଼ିକ ପାଇଁ ଭାରତୀୟ ବନ୍ଦରକୁ ବନ୍ଦ କରିଦେଇଥିଲା।

## ପାକିସ୍ତାନ ପାଇଁ ଗୁପ୍ତଚରଗିରି: ଅମୃତସରରୁ ୨ ଗିରଫ

ଅମୃତସର,୪।୫

ପାକିସ୍ତାନ ପାଇଁ ଗୁପ୍ତଚରଗିରି କରୁଥିବା ଅଭିଯୋଗରେ ପଞ୍ଜାବର ଅମୃତସରରୁ ଶନିବାର ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ଉକ୍ତ ଅଞ୍ଚଳର ସେନା କ୍ୟାଣ୍ଟନମେଣ୍ଟ ଅଞ୍ଚଳ ଏବଂ ଏୟାରବେସ୍ ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ଓ ଫଟୋ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ସହ ଶେୟାର କରିଥିବା ଅଭିଯୋଗ ହୋଇଛି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ନେଇ ୨ ଦେଶ ମଧ୍ୟରେ ଉତ୍ତେଜନା ବଢ଼ୁଥିବାବେଳେ ଅମୃତସର ପୋଲିସ ପଲକ ଶେର୍ ମସିହ ଏବଂ ସୂରଜ ମସିହଙ୍କୁ ଗୁପ୍ତଚର ବୃତ୍ତିରେ ସମ୍ପୃକ୍ତି ଅଭିଯୋଗରେ ଗିରଫ କରିଛି। ସେମାନେ ପାକିସ୍ତାନୀ ଗୋଇନ୍ଦା ଅପରେଟିଭ୍‌ମାନଙ୍କ ସହ ଯୋଗାଯୋଗରେ ରହି ସମ୍ବେଦନଶୀଳ ସାମରିକ ଘାଟିଗୁଡ଼ିକର ତଥ୍ୟ ଦେଉଥିଲେ। ଅମୃତସର କେନ୍ଦ୍ରୀୟ ଜେଲରେ ଥିବା ହରପ୍ରୀତ୍ ସିଂ ଓରଫ ପିଟ୍ଟୁଙ୍କ ସୂଚନାକ୍ରମେ ସେମାନଙ୍କୁ ଠାବ କରାଯାଇଛି। ସେମାନଙ୍କଠାରୁ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ପିଟ୍ଟୁ ସେମାନଙ୍କୁ ଆଇଏସ୍‌ଆଇ ସହ ଯୋଗାଯୋଗ କରାଇଥିଲେ। ଅଧିକ ଜେରା ପାଇଁ ପୋଲିସ ପିଟ୍ଟୁଙ୍କୁ ପ୍ରଡକ୍ସନ ୱାରେଣ୍ଟରେ ଆଣିବାକୁ ଚାହୁଁଛି।

## ଭାରତୀୟ ଜାହାଜ ପାଇଁ ବନ୍ଦର ବନ୍ଦ କଲା ପାକିସ୍ତାନ

ଇସ୍‌ଲାମାବାଦ,୪।୫

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସରକାର ଶନିବାର ପାକିସ୍ତାନୀ ସାମଗ୍ରୀ ଆମଦାନୀ ନିଷିଦ୍ଧ କରିବା ସହ ଏହାର ଜାହାଜ ପାଇଁ ଦେଶର ବନ୍ଦରଗୁଡ଼ିକୁ ବନ୍ଦ କରିଥିଲା। ଏହାର ଦିନକ ପରେ ଇସ୍‌ଲାମାବାଦ ରବିବାର ଅନୁରୂପ ପଦକ୍ଷେପ ସ୍ୱରୂପ ଭାରତୀୟ ଜାହାଜ ପାଇଁ ନିଜ ବନ୍ଦରକୁ ବନ୍ଦ କରିଦେଇଛି। ଭାରତୀୟ ପତାକା ଥିବା କୌଣସି ଜାହାଜକୁ ପାକିସ୍ତାନର କୌଣସି ବନ୍ଦରରେ ପ୍ରବେଶ ଅନୁମତି ମିଳିବ ନାହିଁ। ସେହିପରି ପାକିସ୍ତାନୀ ଜାହାଜଗୁଡ଼ିକ କୌଣସି ଭାରତୀୟ ବନ୍ଦରରେ ଅବସ୍ଥାନ କରିବେ ନାହିଁ ବୋଲି ପାକ୍ ସରକାରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି।

## ଯାଞ୍ଚହେବ ଇଡି କ୍ଷମତା

ନୂଆଦିଲ୍ଲୀ,୪।୫

### ୨୦୨୨ ରାୟ ବିରୋଧରେ ଆବେଦନର ଶୁଣାଣି କରିବେ ୩ ଜଣିଆ ଖଣ୍ଡପୀଠ

୨୦୨୨ ଜୁଲାଇ ୨୭ରେ ସୁପ୍ରିମକୋର୍ଟ ଏକ ରାୟ ପ୍ରଦାନ କରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଗିରଫଦାରି, ମନି ଲଣ୍ଡରିଂ ମାମଲା ସହ ଜଡ଼ିତ ସମ୍ପତ୍ତି ବଜ୍ୟାପ୍ତି ଏବଂ ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ଅଧୀନରେ ତଲାସି ଓ ଜବତ କ୍ଷମତାକୁ ବଳବତ୍ତର ରଖିଥିଲେ। ଆସନ୍ତା ୭ରେ ଉକ୍ତ ରାୟର ସମୀକ୍ଷା କରିବାକୁ ସୁପ୍ରିମକୋର୍ଟ ସହମତି ପ୍ରକାଶ କରିଛନ୍ତି।

୨୦୨୨ ଜୁଲାଇ ୭ ରାୟର ପୁନର୍ବିଚାର ପାଇଁ ସୁପ୍ରିମକୋର୍ଟରେ ଦାଖଲ ଏକ ପିଟିଶନ୍‌ର ଶୁଣାଣି କରିବାକୁ ଅଗଷ୍ଟରେ ସୁପ୍ରିମକୋର୍ଟ ରାଜି ହୋଇଥିଲେ। ନିକଟରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଏନ୍. କୋଟିଶ୍ୱର ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠଙ୍କ ନିକଟରେ ଭୁଲ୍‌ବଶତଃ ଏହି ମାମଲା ତାଲିକାଭୁକ୍ତ ହୋଇଥିଲା। ତେବେ ଏକ ୩ ଜଣିଆ ଖଣ୍ଡପୀଠ ଆସନ୍ତା ବୁଧବାର ଏହା ଉପରେ ବିଚାର କରିବେ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଏକ ୩ ଜଣିଆ ଖଣ୍ଡପୀଠରେ ହିଁ ଏହାର ତ୍ୱରିତ ଶୁଣାଣି କରାଯାଉ ବୋଲି ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ କପିଲ ସିବଲ ଯୁକ୍ତି ବାଢ଼ିଛନ୍ତି। କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ମଧ୍ୟ ଖଣ୍ଡପୀଠଙ୍କ ଆଭିମୁଖ୍ୟରେ ସହମତି ପ୍ରକାଶ କରିଛନ୍ତି।

## କଠୋରପନ୍ଥୀକରଣ ପଶ୍ଚିମବଙ୍ଗ ପାଇଁ ଚ୍ୟାଲେଞ୍ଜ

କୋଲକାତା,୪।୫(ପି.ଟି.)

### ମୁର୍ଶିଦାବାଦ ଦଙ୍ଗା ନେଇ କେନ୍ଦ୍ରକୁ ରାଜ୍ୟପାଳଙ୍କ ରିପୋର୍ଟ

ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ମୁର୍ଶିଦାବାଦ ଦଙ୍ଗା ସମ୍ପର୍କିତ ରିପୋର୍ଟ ଦାଖଲ କରିଛନ୍ତି। କଠୋରପନ୍ଥୀକରଣ ରାଜ୍ୟ ପାଇଁ ଗମ୍ଭୀର ଚ୍ୟାଲେଞ୍ଜ ସୃଷ୍ଟି କରିଥିବା ସେ ରିପୋର୍ଟରେ ଦର୍ଶାଇଛନ୍ତି। ଦଙ୍ଗାର ତଦନ୍ତ ଲାଗି ଏକ ତଦନ୍ତ କମିଶନ ଗଠନ କରିବା ସହ ବାଂଲାଦେଶ ସୀମାକୁ ଲାଗିଥିବା ଉକ୍ତ ଜିଲାରେ କେନ୍ଦ୍ରୀୟ ବଳର ଆଉଟ୍‌ପୋଷ୍ଟ ଖୋଲିବା ପାଇଁ ରାଜ୍ୟପାଳ କେନ୍ଦ୍ରକୁ ପ୍ରସ୍ତାବ ଦେଇଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୩୫୬ ବଳରେ ରାଷ୍ଟ୍ରପତି ଶାସନ ଲାଗୁ କରିବା ପାଇଁ ରାଜ୍ୟପାଳ ପ୍ରସ୍ତାବ ଦେଇ ନ ଥିଲେ ମଧ୍ୟ


ସି.ଭି. ଆନନ୍ଦ ବୋଷ

ରାଜ୍ୟରେ ସ୍ଥିତି ଅଧିକ ବିଗିଡ଼ିଲେ କେନ୍ଦ୍ର ପାଇଁ ଏହି ବ୍ୟବସ୍ଥା ଖୋଲା ରଖିବାକୁ କହିଛନ୍ତି। ମୁର୍ଶିଦାବାଦ ଦଙ୍ଗା ରାଜ୍ୟର ଅନ୍ୟ ଜିଲାଗୁଡ଼ିକୁ ବ୍ୟାପିବା ଆଶଙ୍କା କରି କେନ୍ଦ୍ର ସରକାର ସ୍ଥିତି ନିୟନ୍ତ୍ରଣ ପାଇଁ ସାମ୍ବିଧାନିକ ବିକଳ୍ପ ସମ୍ପର୍କରେ ବିଚାର କରିବାକୁ ରାଜ୍ୟପାଳ ସୁପାରିସ କରିଛନ୍ତି।

ସୂଚନାଯୋଗ୍ୟ, ୱକ୍‌ଫ ସଂଶୋଧନ ଆଇନକୁ ବିରୋଧ କରି ଗତ ମାସରେ ମୁର୍ଶିଦାବାଦରେ ବିକ୍ଷୋଭ ବେଳେ ତାହା ହିଂସାତ୍ମକ ରୂପ ନେଇଥିଲା। ଉକ୍ତ ଦଙ୍ଗାରେ ବାପପୁଅଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଥିଲେ। ଜାତୀୟ ରାଜପଥ-୧୨ରେ ଗାଡ଼ିଗୁଡ଼ିକରେ ନିଆଁ ଲଗାଇ ଦିଆଯାଇଥିଲା। ଦଙ୍ଗାରେ ବହୁ ସମ୍ପତ୍ତି ଓ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିଲା। ୪୦୦ରୁ ଊର୍ଦ୍ଧ୍ୱ ହିନ୍ଦୁ ଘରଦ୍ୱାର ଛାଡ଼ି ପଡୋଶୀ ମାଲଦା ଜିଲାରେ ଆଶ୍ରୟ ନେଇଥିଲେ। ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ରାଜ୍ୟ ସରକାର ଇଣ୍ଟରନେଟ୍ ସେବା ବନ୍ଦ କରିବା ସହ ଦଙ୍ଗାଗ୍ରସ୍ତ ଅଞ୍ଚଳରେ ୧୪୪ ଧାରା ଲାଗୁ କରିଥିଲେ। ଘଟଣାର ତଦନ୍ତ ପାଇଁ ପଶ୍ଚିମବଙ୍ଗ ପୋଲିସ ଏକ ୯ ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରିଥିଲା। ସବୁ ସମ୍ପ୍ରଦାୟର ସୁରକ୍ଷା ସୁନିଶ୍ଚିତ କରିବାକୁ କୋଲ୍‌କାତା ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଫୁରସତ୍

# ସବୁଠୁ ଡେଙ୍ଗା, ଗେଡ଼ା କୁକୁରର ଭେଟ

ୱାଶିଂଟନ

ଆମେରିକାର ଇଡାହୋରେ ବିଶ୍ୱର ସବୁଠାରୁ ଡେଙ୍ଗା କୁକୁର ରେଗିନାଲ୍ଡ ଓ ସବୁଠାରୁ ଗେଡ଼ା କୁକୁର ପର୍ଲ ଶନିବାର ପରସ୍ପରକୁ ଭେଟିଛନ୍ତି। ରେଗିନାଲ୍ଡର ବୟସ ୭ ବର୍ଷ ହୋଇଥିବା ବେଳେ ଏହାର ଉଚ୍ଚତା ୩ ଫୁଟ ୪ ଇଞ୍ଚ ରହିଛି। ସେହିପରି ପର୍ଲର ବୟସ ୪ ବର୍ଷ ହୋଇଥିବା ବେଳେ ଏହାର ଉଚ୍ଚତା ମାତ୍ର ୩.୫୯ ଇଞ୍ଚ ରହିଛି। ସମ୍ପ୍ରତି ଉଭୟଙ୍କର ନାମ ବିଶ୍ୱର ସବୁଠାରୁ ଡେଙ୍ଗା ଏବଂ ଗେଡ଼ା କୁକୁର ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନିତ ରହିଛି। ରେଗିନାଲ୍ଡ ଗ୍ରେଟ୍ ଡେନ୍ ପ୍ରଜାତିର କୁକୁର ହୋଇଥିବା ବେଳେ ପର୍ଲ ହେଉଛି ଚିହୁଆହୁଆ ପ୍ରଜାତିର କୁକୁର।

ଇଡାହୋସ୍ଥିତ ରେଗିନାଲ୍ଡର ଘରେ ଯେତେବେଳେ ପର୍ଲ ଓ ତା'ର ମାଲିକାଣୀ ଭାନେସା ସେମଲର ପହଞ୍ଚିଥିଲେ, ସେତେବେଳେ ରେଗିନାଲ୍ଡ ନିଜ ଅତିଥିଙ୍କୁ



ଜୋର୍‌ସୋର୍‌ରେ ସ୍ୱାଗତ କରିଥିଲା। ଉଭୟ କୁକୁରଙ୍କ ଏହି ସାକ୍ଷାତ୍ ଖୁବ୍ ସ୍ୱତନ୍ତ୍ର ଥିଲା ଏବଂ ଏବେ ଏହି ସାକ୍ଷାତ୍‌ର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏଥିରେ ଉଭୟ କୁକୁର ଏକାଠି ଖେଳୁଥିବା ଏବଂ ମଜା କରୁଥିବାର ଦେଖିବାକୁ ମିଳୁଛି। ରେଗିନାଲ୍ଡର ମାଲିକ ସାମ୍ ଜନସନ କହିଛନ୍ତି, ଯେବେଠାରୁ ସେ ରେଗିନାଲ୍ଡକୁ ପାଳିଛନ୍ତି ସେବେଠାରୁ ପ୍ରାୟ ଦେଢ଼ ବର୍ଷ ପର୍ଯ୍ୟନ୍ତ ରେଗିନାଲ୍ଡ ଦ୍ରୁତ ଗତିରେ ବଢ଼ିଥିଲା ଏବଂ ଅତ୍ୟଧିକ ଡେଙ୍ଗା ହୋଇଯାଇଥିଲା। ତେବେ ଏତେ ଡେଙ୍ଗା ଏବଂ ଆକାରରେ ବଡ଼ ହୋଇଥିଲେ ମଧ୍ୟ ରେଗିନାଲ୍ଡ ହୃଦୟରୁ ଏବେ ବି ଏକ ଛୋଟ କୁକୁର ଛୁଆ ପରି ବ୍ୟବହାର କରେ ବୋଲି ସାମ୍ କହିଛନ୍ତି। ପର୍ଲର ମାଲିକାଣୀ ଭାନେସା କହିଛନ୍ତି, ଚିହୁଆହୁଆ ପ୍ରଜାତିର ଅନ୍ୟ କୁକୁରଙ୍କ ତୁଳନାରେ ପର୍ଲ ଅତ୍ୟନ୍ତ ଶାନ୍ତ ସ୍ୱଭାବର। ପର୍ଲକୁ ଛାଡ଼ି ତାଙ୍କର ୩ ଅନ୍ୟ କୁକୁର ମଧ୍ୟ ରହିଛନ୍ତି। ତେବେ ପର୍ଲ ତାଙ୍କର ସବୁଠାରୁ ଛୋଟ କୁକୁର ବୋଲି ଭାନେସା କହିଛନ୍ତି। ପର୍ଲ ଏବଂ ରେଗିନାଲ୍ଡ ପରସ୍ପରକୁ ଭେଟିବା ସମୟରେ ଉଭୟେ ପ୍ରଥମ ଥର ପାଇଁ ଭେଟୁଥିବା ପରି ମନେ ହେଉ ନ ଥିଲା। ତେଣୁ ଏହା ତାଙ୍କ ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ ଥିଲା ବୋଲି ଭାନେସା କହିଛନ୍ତି। ଉଭୟ ରେଗିନାଲ୍ଡ ଓ ପର୍ଲର ଅନନ୍ୟ ବନ୍ଧୁତାକୁ ସୋସିଆଲ ମିଡିଆରେ ୟୁଜର୍ସମାନେ ବେଶ୍ ପସନ୍ଦ କରିଛନ୍ତି।

## ୧୭ ବର୍ଷ ପରେ ସୈଫ୍, ଅକ୍ଷୟ୍ ଏକାଠି

ମୁମ୍ବାଇ

ବଲିଉଡ୍‌ର ୨ ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାର ଏବଂ ସୈଫ୍ ଅଲୀ ଖାନ୍ ୧୭ ବର୍ଷର ଲମ୍ବା ଅପେକ୍ଷା ପରେ ପୁଣିଥରେ ବଡ଼ ପରଦାରେ ଏକାଠି ନଜରକୁ ଆସିବେ। ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ୨୦୧୬ରେ ରିଲିଜ୍ ହୋଇଥିବା ଅଭିନେତା ମୋହନଲାଲଙ୍କ ସୁପରହିଟ ମାଲୟାଲମ ଫିଲ୍ମ 'ଓପ୍ପମ'ର ହିନ୍ଦୀ ରିମେକ୍‌ରେ ଉଭୟ ଅକ୍ଷୟ ଏବଂ ସୈଫ୍‌ଙ୍କୁ ଏକାଠି ଦେଖିବାକୁ ମିଳିବ। ଏହି ଫିଲ୍ମରେ ଅକ୍ଷୟ ଖଳନାୟକ ଭୂମିକାରେ ଏବଂ ସୈଫ୍ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ଏହା ଏକ ସସ୍‌ପେନ୍ସ ଥ୍ରୀଲର ଫିଲ୍ମ ହୋଇଥିବା ବେଳେ ଏଥିରେ ସୈଫ୍ ଏବଂ ଅକ୍ଷୟଙ୍କ ମଧ୍ୟରେ ଜବରଦସ୍ତ ମୁକାବିଲା ଦେଖିବାକୁ ମିଳିବ ବୋଲି ରିପୋର୍ଟରେ କୁହାଯାଇଛି। ପ୍ରସିଦ୍ଧ ନିର୍ଦ୍ଦେଶକ ପ୍ରିୟଦର୍ଶନଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଥିବା ଏହି ଫିଲ୍ମର ଶୁଟିଂ ଆସନ୍ତା ଅଗଷ୍ଟରୁ ଆରମ୍ଭ ହେବ। ୨୦୨୬ରେ ଏହି ଫିଲ୍ମକୁ ରିଲିଜ୍ କରାଯିବା ନେଇ ଯୋଜନା ରହିଛି। ପ୍ରକାଶ ଯେ, ୨୦୦୮ରେ ରିଲିଜ୍ ହୋଇଥିବା 'ଟଶନ' ଫିଲ୍ମରେ ଶେଷଥର ପାଇଁ ଉଭୟ ଅକ୍ଷୟ ଏବଂ ସୈଫ୍ ଏକାଠି ନଜରକୁ ଆସିଥିଲେ।


ସୈଫ୍ ଅଲୀ ଖାନ୍
ଅକ୍ଷୟ କୁମାର

# ଶୁଖିଲା ବୈତରଣୀକୁ ନେଇ ପ୍ରଶାସନିକ ତତ୍ପରତା



ଉନ୍ନୟନ କମିଶନର ଅନୁ ଗର୍ଗ ଓ ଅନ୍ୟମାନେ କାନପୁର ଡ୍ୟାମ୍ ପରିଦର୍ଶନ କରୁଛନ୍ତି।

## କାନପୁର ଡ୍ୟାମ୍ ପରିଦର୍ଶନ କଲା ଉଚ୍ଚସ୍ତରୀୟ ବୈଷୟିକ ଟିମ୍

ଯୋଡ଼ା,୪।୫(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅଞ୍ଚଳରେ ନିର୍ମାଣାଧୀନ ଓଡ଼ିଶାର ଦ୍ୱିତୀୟ ବୃହତମ ନଦୀବନ୍ଧ ଯୋଜନା କାନପୁର ଡ୍ୟାମରେ ବୈଷୟିକ ତ୍ରୁଟି ଯୋଗୁ ଚିରସ୍ରୋତା ବୈତରଣୀ ନଦୀର ତଳମୁଣ୍ଡ ଶୁଷ୍କ ହୋଇଗଲାଣି। ଏ ସମ୍ପର୍କରେ ଗତ ୨୭ ତାରିଖରେ ଧରିତ୍ରୀରେ ସବିଶେଷ ତଥ୍ୟଭିତ୍ତିକ ଏକ ଖବର 'କାନପୁରଠାରୁ ବୈତରଣୀରେ ଜଳ ପ୍ରବାହ ବନ୍ଦ' ପ୍ରକାଶ ପାଇବା ପରେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ରବିବାର ସକାଳ ୭ଟାରେ ଉନ୍ନୟନ କମିଶନର ତଥା ଓଡ଼ିଶା ସରକାରଙ୍କ ଜଳସମ୍ପଦ ଯୋଜନା ଏବଂ ଅଭିବୃଦ୍ଧି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ, ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ, କେନ୍ଦୁଝର ଜିଲାପାଳ ବିଶାଳ ସିଂ, ସହକାରୀ ଯନ୍ତ୍ରୀ କୈଳାସ ଚନ୍ଦ୍ର ବିନ୍ଧାଣି, ପ୍ରକଳ୍ପର ମୁଖ୍ୟ ନିର୍ମାଣଯନ୍ତ୍ରୀ ପ୍ରସାଦ ରଞ୍ଜନ ପଣ୍ଡା, ପୁନର୍ବସତି ଓ ଥଇଥାନ ଯନ୍ତ୍ରୀ ଅଜୟ କୁମାର ନାୟକ, ବନ୍ଧର ସହକାରୀ ଯନ୍ତ୍ରୀ ଅମୂଲ୍ୟ ରାଉତ, ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡ଼ା ପ୍ରମୁଖଙ୍କ ସମେତ ଏକ ଉଚ୍ଚସ୍ତରୀୟ ବୈଷୟିକ ଟିମ୍ ପ୍ରକଳ୍ପର ବିଭିନ୍ନ ସ୍ଥାନକୁ ଯାଇ ପରିଦର୍ଶନ କରିଥିଲା।

କାନପୁର ପ୍ରଦକ୍ଷିଣ ଗୃହରେ ପୂର୍ବାହ୍ନ ୧୦ଟାରେ ଏକ ସମୀକ୍ଷା ବୈଠକ ଆୟୋଜନ କରାଯାଇଥିଲା। ପ୍ରୋଜେକ୍ଟର ମାଧ୍ୟମରେ ଯନ୍ତ୍ରୀମାନେ ବନ୍ଧ ସମ୍ପର୍କରେ ଅବଗତ କରାଇଥିଲେ। କାନପୁର ପ୍ରକଳ୍ପର ଅସମ୍ପୂର୍ଣ୍ଣ ଥିବା କାମଗୁଡ଼ିକ ମଧ୍ୟରେ ଡିଫ୍ଲିସନ ସ୍ଲୁଇସ, ୧୨ଟି ରେଡିଆଲ ଗେଟ, ସ୍ପିଲ ୱେ କଂକ୍ରିଟ କାର୍ଯ୍ୟ ରହିଛି, ଯାହାକି ଏବେ ନିର୍ମାଣ କରାଯାଉଛି। ଡିଫ୍ଲିସନ ସ୍ଲୁଇସ କାର୍ଯ୍ୟ ଚାଲୁଥିବାରୁ ବୈତରଣୀ ନଦୀକୁ ଜଳ ନିଷ୍କାସନ କରାଯାଇପାରୁନାହିଁ। ନିର୍ମାଣ ପରେ ଏହା ଆରମ୍ଭ କରାଯିବ ବୋଲି ପ୍ରକଳ୍ପ ନିର୍ମାଣ ଯନ୍ତ୍ରୀ ପ୍ରସାଦ ରଞ୍ଜନ ପଣ୍ଡା କହିଛନ୍ତି। ଗସ୍ତରେ ଆସିଥିବା କମିଶନର କହିଛନ୍ତି ଯେ, କାନପୁର ଡ୍ୟାମ୍ ପ୍ରୋଜେକ୍ଟର ସମୀକ୍ଷା କରାଯାଇଛି। ଆସନ୍ତା ଜୁଲାଇ ମାସ ମଧ୍ୟରେ ବନ୍ଧ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ। ସମୁଦାୟ ୨୯ହଜାର ହେକ୍ଟର ଜଳସେଚିତ ଅଞ୍ଚଳ ଥିବା ବେଳେ ଚଳିତବର୍ଷ ୧୩ ହଜାର ହେକ୍ଟର ଜମିକୁ ଜଳସେଚିତ କରାଯିବାର ଲକ୍ଷ୍ୟ ରଖାଯାଇଛି। ଶିଳ୍ପ କମ୍ପାନୀ ଜଳଭଣ୍ଡାରରୁ ଜଳ ଶୋଷି ନେଉଥିବା ପ୍ରଶ୍ନର ଉତ୍ତରରେ କମିଶନର ଗର୍ଗ କହିଥିଲେ ଯେ, ପାନୀୟ ଜଳ ପ୍ରକଳ୍ପ, ଚାଷକୁ ପାଣି ଦିଆଯିବା ପରେ ଶିଳ୍ପ ପାଇଁ ପାଣି ବ୍ୟବସ୍ଥା କରାଯିବ। ଷଥଷ୍ଟ ବନ୍ଧର ତଳମୁଣ୍ଡକୁ ବୈତରଣୀ ଜଳ ଯାଉ ନ ଥିବାରୁ ପ୍ରାୟ ୧୦ଟି ଗ୍ରାମର ଲୋକେ କମିଶନର ଗର୍ଗଙ୍କୁ ଏହାର ଶୀଘ୍ର ସମାଧାନ ପାଇଁ ଅଭିଯୋଗପତ୍ର ଦେଇଥିଲେ। ବନ୍ଧ ଦାୟିତ୍ୱରେ ଥିବା କେତେଜଣ ଅଧିକାରୀ ଗ୍ରାମବାସୀଙ୍କୁ କମିଶନରଙ୍କୁ ଦେଖା କରିବାକୁ ବାରଣ କରିବାରୁ ଶତାଧିକ ଗ୍ରାମବାସୀ କମିଶନର ଗର୍ଗଙ୍କୁ ଘେରିଯାଇ ସେମାନଙ୍କର ଅସୁବିଧା ଜଣାଇବା ସହ ଅଭିଯୋଗପତ୍ର ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ବନ୍ଧର ସମୁଦାୟ କ୍ୟାଚମେଣ୍ଟ ଅଞ୍ଚଳ ୩୪୮ ସ୍କୋୟାର କିଲୋମିଟର ହୋଇଥିବା ବେଳେ ଜଳଭଣ୍ଡାର ଉପର ମୁଣ୍ଡରୁ ୨ଟି ଶିଳ୍ପସଂସ୍ଥା ପାଇପ୍ ଲାଇନ ଜରିଆରେ ଲୁହାପଥର ଗୁଣ୍ଡ ପରିବହନ ପାଇଁ ପମ୍ପ ହାଉସ ଓ ଇଣ୍ଟେକ ୱେଲ ନିର୍ମାଣ କରୁଛନ୍ତି। ଏହାଦ୍ୱାରା ବନ୍ଧର ଜଳଭଣ୍ଡାରରେ ଜଳ ହ୍ରାସ ପାଇବା ସହିତ ସରକାରୀ ଜଳ ଯୋଗାଣ, ଚାଷ ପ୍ରଭାବିତ ହେବ ବୋଲି ଚାଷୀ ରମାକାନ୍ତ ମହାନ୍ତ, ଧନେଶ୍ୱର ମହାନ୍ତ, ଶଶିଭୂଷଣ ମହାନ୍ତ, ଦିବାକର ମହାନ୍ତ ଏବଂ ବିସ୍ଥାପିତ ସୋନୁ ବାରିକ, ସୁଶୀଲ ବେହେରା, ଘନଶ୍ୟାମ ପଲେଇ ପ୍ରମୁଖ ପ୍ରତିକ୍ରିୟାରେ କହିଛନ୍ତି। ଏହି କମିଶନର ଓ ମୁଖ୍ୟ ଯନ୍ତ୍ରୀ ବନ୍ଧ ନିକଟରେ ନିର୍ମାଣାଧୀନ ଇଣ୍ଟେକ ୱେଲ ପରିଦର୍ଶନରେ ନ ଯିବାରୁ ଚାଷୀ ଏବଂ ବିସ୍ଥାପିତ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ଏମ୍‌କେସିଜିରେ ୭ ଡାକ୍ତରଙ୍କ ଅନୁପସ୍ଥିତି ପ୍ରସଙ୍ଗ
# ନୋଟିସରେ ସୀମିତ କାର୍ଯ୍ୟାନୁଷ୍ଠାନ

**ରାଜ୍ୟର ବିଭିନ୍ନ ସରକାରୀ ହସ୍ପିଟାଲରେ ନିଯୁକ୍ତି ପାଇଥିବା ଅନେକ ଡାକ୍ତର ନିଜ ଡ୍ୟୁଟି ନ କରି ବହୁ ବର୍ଷ ଧରି ଅନୁପସ୍ଥିତ ରହୁଛନ୍ତି। ସେମାନଙ୍କୁ ନୋଟିସ୍ ପରେ ମଧ୍ୟ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ରାଜ୍ୟରେ ଏଭଳି ପ୍ରାୟ ହଜାରରୁ ଉର୍ଦ୍ଧ୍ୱ ଡାକ୍ତର କାର୍ଯ୍ୟରେ ଦୀର୍ଘଦିନ ଧରି ଅନୁପସ୍ଥିତ ରହିବା କୁହାଯାଉଥିବାବେଳେ ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ହସ୍ପିଟାଲର ୭ ଡାକ୍ତର ରହିଥିବା ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ଏପରି କି ୨୦୧୬ ମସିହାରୁ ଏମ୍‌କେସିଜି ମେଡିକାଲ୍‌ରୁ କେତେଜଣ ଡାକ୍ତରଙ୍କ ପତ୍ତା ମଧ୍ୟ ମିଳୁନାହିଁ। ଏନେଇ ବିଭିନ୍ନ ସମୟରେ ଅଭିଯୋଗ ହେବା ସତ୍ତ୍ୱେ ସେହି ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା, ସେମାନଙ୍କୁ ଠାବ ମଧ୍ୟ କରାଯାଇପାରି ନାହିଁ। ଅପରପକ୍ଷରେ ସମ୍ପୃକ୍ତ ଡାକ୍ତରଙ୍କୁ ନୋଟିସ କରାଯିବା ସହ ସରକାରଙ୍କୁ ଏନେଇ ଅବଗତ କରାଯାଇଛି ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ କହୁଛନ୍ତି।**

ବ୍ରହ୍ମପୁର,୪।୫(ସୁବାସ ଚନ୍ଦ୍ର ପାଢ଼ୀ)



ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜ ଓ ହସ୍‌ପିଟାଲରେ ଦୀର୍ଘଦିନ ଧରି ୭ ଡାକ୍ତରଙ୍କ ଅନୁପସ୍ଥିତି ପ୍ରସଙ୍ଗ ଏବେ ଜଟିଳ ହେବାରେ ଲାଗିଛି। ଡା. ଲକ୍ଷ୍ମୀକାନ୍ତ ସୟ, ଡା. ସୁନିତା ସାହୁ, ଡା.ବିମରଜିତ ପ୍ରଧାନ, ଡା. ଏଲ. ରବିକୁମାର, ଡା.ଚଇତାଳି ବୋଷ, ଡା.ସୁଶ୍ରୀସଙ୍ଗୀତା କର ଓ ଡା.ରାମଚରଣ ଦେଓ ଅନୁପସ୍ଥିତ ଅଛନ୍ତି। ଏହି ଡାକ୍ତରଙ୍କ ମଧ୍ୟରୁ କେତେ ଜଣ ୨୦୧୬ରୁ ଅନୁପସ୍ଥିତ ଥିବା ବେଳେ ଆଉ କେତେ ଜଣ ୨୦୨୨ ପରଠାରୁ କାର୍ଯ୍ୟରେ ଅନୁପସ୍ଥିତ ରହିଛନ୍ତି। ଡା. ଲକ୍ଷ୍ମୀକାନ୍ତ ସୟ ୨୦୨୨ ଜାନୁଆରୀରୁ, ଡା.ସୁନିତା ସାହୁ ୨୦୧୮ ନଭେମ୍ବରରୁ, ଡା.ବିମରଜିତ ପ୍ରଧାନ ୨୦୧୬ ସେପ୍ଟେମ୍ବରରୁ, ଡା.ରବିକୁମାର ୨୦୨୦ ଅକ୍ଟୋବରରୁ, ଡା.ଚଇତାଳି ବୋଷ ୨୦୨୧ ଜୁଲାଇରୁ, ଡା.ସୁଶ୍ରୀ ସଙ୍ଗୀତା କର ୨୦୨୩ ଜୁଲାଇରୁ ଓ ଡା.ରାମଚରଣ ଦେଓ ୨୦୧୬ ଅକ୍ଟୋବରରୁ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି ବୋଲି ଭୁବନେଶ୍ୱରର ପ୍ରଦୀପ କୁମାର ପ୍ରଧାନ ନାମକ ବ୍ୟକ୍ତି ମାଗିଥିବା ଆର୍‌ଟିଆଇ ତଥ୍ୟରୁ ଜଣାପଡ଼ିଛି। ଏହି ଡାକ୍ତରମାନେ ସରକାର ଏବଂ ଏମ୍‌କେସିଜି କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ଦୀର୍ଘ ଦିନ ଧରି ଛୁଟିରେ ରହିଛନ୍ତି। ଗତବର୍ଷ ସ୍ୱାସ୍ଥ୍ୟମନ୍ତ୍ରୀ ବ୍ରହ୍ମପୁର ଏମ୍‌କେସିଜିକୁ ଆସିଥିବାବେଳେ ଏନେଇ ଅବଗତ କରାଯାଇଥିଲା। ଏମ୍‌କେସିଜି କଲେଜ ଓ ହସପିଟାଲ ପକ୍ଷରୁ ସେମାନଙ୍କୁ ନୋଟିସ ପଠାଯାଇଥିଲା। ମାତ୍ର ଏଯାଏ ସମ୍ପୃକ୍ତ ଡାକ୍ତରମାନେ ନୋଟିସର ଉତ୍ତର ରଖି ନ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ତେବେ ବିନା ଅନୁମତିରେ କାର୍ଯ୍ୟରେ ଅନୁପସ୍ଥିତ ଥିବାରୁ ସେମାନଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ପ୍ରିନ୍ସିପାଲ ଡିନ୍ ସୁଚିତ୍ରା ଦାସ କହିଛନ୍ତି। ଏନେଇ ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର କହିଛନ୍ତି, ଦୀର୍ଘଦିନ ଧରି ଡାକ୍ତର ଅନୁପସ୍ଥିତ ରହିବା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଚିଠି କରାଯାଇ ଦୃଷ୍ଟି ଆକର୍ଷଣ କରାଯାଇଛି। ସେ ଘଟଣାର ତଦନ୍ତ କରି ବିଚାର କରିବେ ବୋଲି କହିଛନ୍ତି।

ଭାଜପା ଗଞ୍ଜାମ ଜିଲା ଉପସଭାପତି ରାମ କୁମାର ପାତ୍ର କହିଛନ୍ତି, ଡାକ୍ତର ଅନୁପସ୍ଥିତ ଯୋଗୁ ସ୍ୱାସ୍ଥ୍ୟସେବାରେ ଅସୁବିଧା ହେଉଛି। ଲୋକଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେଉଥିବାରୁ ବୈଦ୍ୟନାଥପୁର ଥାନାରେ ଏନେଇ ଅଭିଯୋଗ କରାଯାଇଛି ବୋଲି ସେ କହିଛନ୍ତି। ଏନେଇ ଆଇଆଇସି ସୁଚିତ୍ରା ପରିଡ଼ା କହିଛନ୍ତି ଯେ, କେବଳ ଅଭିଯୋଗ ପାଇଛୁ। ଡାକ୍ତରମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ଆମର କର୍ତ୍ତବ୍ୟ ନାହିଁ। ଜିଲାପାଳ କିମ୍ବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯଦି ନିର୍ଦ୍ଦେଶ ଆସେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନଙ୍କ କହିବାନୁସାରେ, ରାଜ୍ୟର ପ୍ରାୟ ହଜାରରୁ ଉର୍ଦ୍ଧ୍ୱ ଡାକ୍ତର ଏଭଳି ନିଜ କାର୍ଯ୍ୟରେ ଦୀର୍ଘଦିନ ଧରି ଅନୁପସ୍ଥିତ ରହିଛନ୍ତି। ସେମାନଙ୍କୁ କେବଳ ନୋଟିସ୍ ଦିଆଯାଉଥିବା କୁହାଯାଉଛି। ଏପରି କି ଇନ୍‌କ୍ୱାରୀ ଚାଲିଛି ଏବଂ ସରକାରଙ୍କୁ ଲେଖି ଜଣାଇଛୁ ବୋଲି ମେଡିକାଲ କର୍ତ୍ତୃପକ୍ଷ କହୁଛନ୍ତି। ସରକାର ତୁରନ୍ତ ଏନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ବୋଲି ପ୍ରଧାନ କହିଛନ୍ତି।

# 'ଦୀଘା' କେବେ ଜଗନ୍ନାଥଧାମ ହୋଇପାରିବ ନାହିଁ: ଆଇନମନ୍ତ୍ରୀ

ଭୁବନେଶ୍ୱର,୪।୫
(ରବିନାରାୟଣ ଜେନା)

ପଶ୍ଚିମବଙ୍ଗର ପୂର୍ବ ମେଦିନାପୁର ଜିଲାର ଉପକୂଳବର୍ତ୍ତୀ ସହର 'ଦୀଘା' କେବେ ହେଲେ ଜଗନ୍ନାଥ ଧାମ ହୋଇପାରିବ ନାହିଁ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା ପରେ ଖୁବ୍‌ଶୀଘ୍ର ପଶ୍ଚିମବଙ୍ଗ ସରକାରଙ୍କୁ ପତ୍ର ଲେଖାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ରବିବାର ପୃଥ୍ୱୀରାଜ ଖବରଦାତାଙ୍କୁ କହିଛନ୍ତି, ଶ୍ରୀମନ୍ଦିରର ସଂସ୍କୃତି, ସୁରକ୍ଷା ଓ ବ୍ୟବସ୍ଥାକୁ କୌଣସି ପରିପ୍ରେକ୍ଷୀରେ ସାଲିସ କରାଯିବ ନାହିଁ, ଯାହା ଆମର ଦାୟିତ୍ୱ ଆମେ ତୁଲାଇବୁ। ଆମ ସରକାରରେ ଏଭଳି କୌଣସି କଥା ଗ୍ରହଣୀୟ ନୁହେଁ। ଯଦି ରାଜନୈତିକ ଦୃଷ୍ଟିକୋଣରୁ ଏହାକୁ କିଏ କେଉଁ ଢଙ୍ଗରେ କହୁଥିବେ ତାହା ଅନ୍ୟ କଥା।

ପୃଥ୍ୱୀରାଜ କହିଛନ୍ତି, ସେଠାରେ ଜଗନ୍ନାଥ ଧାମ କରିବାର କୌଣସି କାରଣ ନାହିଁ। ସେମାନେ ମଧ୍ୟ ଜଗନ୍ନାଥ ଧାମ ବୋଲି କହିବାର କିଛି ଅଧିକାର ନାହିଁ। ଜୀବନ ସାରା ଯିଏ କିଛି କରି ନାହାନ୍ତି ସେମାନେ ବଡ଼ବଡ଼ କଥା କହୁଛନ୍ତି, ସେ କଥା ଅପ୍ରାସଙ୍ଗିକ। ବ୍ରହ୍ମ ବିଭ୍ରାଟରୁ ଆରମ୍ଭ କରି କ'ଣ କ'ଣ ସବୁ କରୁଥିଲେ ସମସ୍ତେ ଜାଣିଛନ୍ତି। ଆମେ ଏ ଦିଗରେ ଯାହା ପଦକ୍ଷେପ ନେବା କଥା ତାହା ନେଇଛୁ। ଆଜିର ଦିନରେ ପଶ୍ଚିମବଙ୍ଗ ବିରୋଧୀ ଦଳ, ସାଧାରଣ ଜନତା ମଧ୍ୟ ମମତା ବାନାର୍ଜୀଙ୍କ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ଏଥିସହିତ ସମସ୍ତେ ଓଡ଼ିଶା ସରକାରଙ୍କ ନିଷ୍ପତ୍ତିକୁ ପ୍ରଶଂସା କରିଛନ୍ତି।

ଏନେଇ ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଗୋଟିଏ ନିର୍ଯ୍ୟାସରେ ସରକାର ପହଞ୍ଚିବେ। ଆଗାମୀ ଦିନରେ ଠାକୁରଙ୍କ ରୀତିନୀତି ହେଉ କି ସେବା ଯୋଗାଇବା କଥା ହେଉ ସବୁ ଦିଗକୁ ସରକାର ଧ୍ୟାନ ରଖିଛନ୍ତି। ବିଶୃଙ୍ଖଳା ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେଉଁ ସେବାୟତମାନେ ସେଠାକୁ ଯାଇଥିଲେ ସେମାନଙ୍କୁ ଡାକି ପଚରାଉଚରା କରାଯାଉଛି। ସେବାୟତମାନେ ଅତିଥି ଭାବେ ଯାଇପାରିବେ। କିନ୍ତୁ ଅନ୍ୟ କେଉଁଠି ସେବା ପୂଜା କରିବା ଭୁଲ୍ କଥା ବୋଲି ଆଇନମନ୍ତ୍ରୀ କହିଛନ୍ତି।

# ଟ୍ରାକ୍ଟର ଓଲଟି ଗୋଟିଏ ପରିବାରର ୩ ମୃତ

ଚଣ୍ଡିଖୋଲ,୪।୫(ପ୍ରଦୀପ୍ତ କୁମାର ପୃଷ୍ଟି)

- **ବର୍ଷା ଯୋଗୁ ଜମିରୁ ରାତିରେ ଘରକୁ ଫେରୁଥିଲେ**
- **ଗାଁ ଶ୍ମଶାନରେ ଏକ ସଙ୍ଗେ ହେଲା ଶବଦାହ**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଚାରିନଙ୍ଗଳ ପଞ୍ଚାୟତ ବାହାଦୁର ନଗର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ଟ୍ରାକ୍ଟର ଓଲଟି ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବାହାଦୁର ନଗର ଗ୍ରାମର ଉଚ୍ଛବ ଦଲେଇ (୭୦), ତାଙ୍କ ସ୍ତ୍ରୀ ବେଙ୍ଗ ଦଲେଇ (୬୫) ଓ ନାତି ତଥା ସାଉଁଟି ଦଲେଇଙ୍କ ପୁଅ ଶୁକଦେବ ଦଲେଇ (୧୪)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣାକୁ ନେଇ ବାଲିଚନ୍ଦ୍ରପୁର ଥାନା ପୋଲିସ ଏକ ମାମଲା(ନଂ.୧୨୩/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପରେ ବାହାଦୁର ନଗର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଶନିବାର ଉଚ୍ଛବ ନିଜ ଘର ପାଖ କେନାଲ ସେପାଖରେ ଥିବା ଜମିକୁ ହଳ କରିବା ପାଇଁ ଟ୍ରାକ୍ଟର ନେଇ ପରିବାର ସହ ଯାଇଥିଲେ। ଜମିରେ ହଳ କରିବା ସମୟରେ ବର୍ଷା ହେବାରୁ ସମସ୍ତେ ସେଠାରେ ଥିବା ଗଛତଳେ ଅଟକି ଯାଇଥିଲେ। ବର୍ଷା ଛାଡ଼ିବା ପରେ ରାତି ୧୨ଟା ସମୟରେ ଟ୍ରାକ୍ଟରରେ ସମସ୍ତେ ବସି ଘରକୁ ଫେରୁଥିଲେ। ହେଲେ ସତେ ଯେମିତି ବାଟରେ ମୃତ୍ୟୁ ସମସ୍ତଙ୍କୁ ଅପେକ୍ଷା କରିଥିଲା। ଆମ୍ବସୌରି-ଖଡ଼ଗପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାର ବାହାଦୁର ନଗର ଗାଁମୁଣ୍ଡରେ ଟ୍ରାକ୍ଟରଟି କୌଣସି କାରଣରୁ ହଠାତ୍ ଓଲଟି ପଡିଥିଲା। ଫଳରେ ସମସ୍ତେ ଟ୍ରାକ୍ଟର ତଳେ ଚାପି ହୋଇଯାଇଥିଲେ। ସ୍ଥାନୀୟ ଗ୍ରାମବାସୀ ସମସ୍ତଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ।

ରବିବାର ବ୍ୟବଚ୍ଛେଦ ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଏକ ଶୋଭାଯାତ୍ରାରେ ଶବାଧାରକୁ ତାଙ୍କ ଗ୍ରାମକୁ ଅଣାଯାଇଥିଲା। ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିରଞ୍ଜନ ସାହୁ, ବିକ୍ରମ ରାଉତ, ଇକ୍‌ବାଲ ହୁସେନ, ଚାରିନଙ୍ଗଳ ବଜାର କମିଟି ସଭାପତି ସଞ୍ଜୟ ସାମଲ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ଏକ ସଙ୍ଗେ ସମସ୍ତଙ୍କ ମୃତଦେହ ଦାହ କରାଯାଇଥିଲା।

DADLS-21



ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କ ଜୟନ୍ତୀ

୫ ମଇ, ୨୦୨୫

ସକାଳ - ଘ.୮.୩୦ ମିନିଟ ସମୟରେ ଇ.ଏସ.ଆଇ ହସ୍ପିଟାଲ ଛକ, ଭୁବନେଶ୍ୱରସ୍ଥିତ ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

-ମୁଖ୍ୟ ଅତିଥି -
ଶ୍ରୀ ରବି ନାରାୟଣ ନାଏକ
ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଓଡ଼ିଶା
-ମୁଖ୍ୟବକ୍ତା -
ଡଃ ଅଖିଳ ବିହାରୀ ଓତା
ବିଶିଷ୍ଟ ଜନଜାତି ସଂସ୍କୃତି ଗବେଷକ ଏବଂ ଲେଖକ
-ପ୍ରାରମ୍ଭିକ ବକ୍ତବ୍ୟ-
ପ୍ରଫେସର ଡ. ହାଡ଼ିବନ୍ଧୁ ପଟ୍ଟନାୟକ
ସଭାପତି, କେନ୍ଦୁଝର ନାଗରିକ ପରିଷଦ, ଭୁବନେଶ୍ୱର
-ଧନ୍ୟବାଦ ଅର୍ପଣ-
ଶ୍ରୀ ଧ୍ରୁବ କାଲୋ
ସଭାପତି, ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତି, ଭୁବନେଶ୍ୱର

ବିଶିଷ୍ଟ କଣ୍ଠ ଶିଳ୍ପୀମାନଙ୍କ ଦ୍ୱାରା ସମ୍ବଲପୁରୀ ଲୋକ ସଙ୍ଗୀତ ଓ ଜନଜାତି ସଙ୍ଗୀତ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ, କେନ୍ଦୁଝର ନାଗରିକ ବିକାଶ ପରିଷଦ ଏବଂ ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତି, ଭୁବନେଶ୍ୱରଙ୍କ ମିଳିତ ସହଯୋଗରେ ଆୟୋଜିତ

ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0636/2526

# ୮ରେ ପୁରୁଷୋତ୍ତମପୁର ଆସିବେ ମୁଖ୍ୟମନ୍ତ୍ରୀ

ପୁରୁଷୋତ୍ତମପୁର,୪।୫
(ସୀମାଞ୍ଚଳ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୮ ତାରିଖରେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଗସ୍ତ କରିବେ। ଏହି ଅବସରରେ ସେ ଗାଙ୍ଗଦହଣୀ ବିଦ୍ୟାଳୟ ଶତବାର୍ଷିକୀ ଉତ୍ସବରେ ଯୋଗ ଦେବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଜିଲାର ସମସ୍ତ ବିଧାୟକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଆସି ଭିତ୍ତିଭୂମି ଓ ପାରିପାର୍ଶ୍ୱିକ ସ୍ଥିତି ସମୀକ୍ଷା କରିଛନ୍ତି। ଏହି ସମୟରେ ଜିଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁମିତା, ତହସିଲଦାର ବିନୋଦ ବେହେରା, ବିଡିଓ ଶରତ ପାତ୍ର,ଏବିଡିଓ ନିରାକାର ଜେନା, ଜିଲା ଶିକ୍ଷା ଅଧିକାରୀ ଅଜୟ ପାତ୍ର, ବ୍ଲକ ଶିକ୍ଷା ଅଧିକାରୀ କିଶୋର ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ଅନୁକମ୍ପା କାନୁନଗୋ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ବିଦ୍ୟାଳୟଟି ପ୍ରାକ୍ ସ୍ୱାଧୀନତା (୨୮।୧୦।୧୯୨୫) କାଳରେ ପ୍ରତିଷ୍ଠା ହୋଇଥିଲା। ଏବେ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ୪୬୮ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ନୃତ୍ୟଶ୍ରୀର ୯ମ ଜାତୀୟ ସେମିନାର ଓ ନୃତ୍ୟ ମହୋତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ସର୍ବନିମ୍ନ ମଜୁରୀ ସୁନିଶ୍ଚିତ ଦାବିରେ ଏଆଇଟିୟୁସି ପକ୍ଷରୁ ଘେରାଉ, ସ୍ଥାନ: ଶ୍ରମ କମିଶନର ଅଫିସ, ଶ୍ରୀୟା ଟକିଜ୍ ଛକ, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ସକାଳ ୭ଟା।
- ଓଷ୍ଟା ପକ୍ଷରୁ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ଶିବଦୁର୍ଗା ହାଇସ୍କୁଲ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ସମ୍ମିଳନୀ ଆଲୋଚନାଚକ୍ର, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ଜଗବନ୍ଧୁ ମେମୋରିଆଲ ଆନ୍ତଃରାଜ୍ୟ ଦିବାରାତ୍ର ଫୁଟ୍‌ବଲ୍ ମ୍ୟାଚ୍, ସ୍ଥାନ: ଅଟଳ ବିହାରୀ ହାଇସ୍କୁଲ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ ବାରିପଦା,ସମୟ: ସକାଳ ୭ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।

## ବ୍ରହ୍ମପୁର
- ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ରନ୍ଧା ଖାଦ୍ୟ ବଣ୍ଟନ, ସ୍ଥାନ: ଏମ୍‌କେସିଜି, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର
- ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ୨୫୩୨ତମ ଜୟନ୍ତୀ ଉପଲକ୍ଷେ ସେବା କାର୍ଯ୍ୟକ୍ରମ, ସ୍ଥାନ: ଦୁର୍ଗା ମନ୍ଦିର ପରିସର, ବଡ଼ପଡ଼ିଆ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଟାଉନ ହଲ, କେନ୍ଦ୍ରପଡ଼ା ସହର, ସମୟ: ସକାଳ ସାଢ଼େ ୮ଟା।
- ଧରଣୀଧର ନାୟକ ସ୍ମୃତି ସମାରୋହ, ସ୍ଥାନ: ଦୁର୍ଗାମଣ୍ଡପ ସମ୍ମୁଖ, ରାଜନଗର, ସମୟ: ଅପରାହ୍ନ ୪ଟା।

## ଯାଜପୁର
- ଜିଲାସ୍ତରୀୟ ମିଳିତ ଜନଶୁଣାଣି ଅଭିଯୋଗ ଶିବିର, ସ୍ଥାନ: ଯାଜପୁର ଡିଆରଡିଏ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞର ପଞ୍ଚମ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ଗୋବିନ୍ଦପୁର ବିଜେ ସୋମନାଥ ଦେବଙ୍କ ପୀଠ, ସମୟ: ଭୋର ୫ଟା।
- ଶୁଳିଆ ଠାକୁରାଣୀଙ୍କ ବାର୍ଷିକ ଉତ୍ସବର ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଗୋପୀନାଥପୁର ଶୁଳିଆ ଠାକୁରାଣୀ ପୀଠ, ସମୟ: ସକାଳ ୭ଟା।
- ଜଗନ୍ନାଥଙ୍କ ଚନ୍ଦନ ଯାତ୍ରା ୬ଷ୍ଠ ଦିବସ, ସ୍ଥାନ:ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା
- ଲଡୁବାବାଙ୍କ ଚନ୍ଦନଯାତ୍ରା ଷଷ୍ଠ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା, ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନ ଯାତ୍ରା ଷଷ୍ଠ ଦିବସ, ସ୍ଥାନ:ନୟାଗଡ଼ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା
- ରଘୁନାଥଙ୍କ ଚନ୍ଦନଯାତ୍ରାର ଷଷ୍ଠ ଦିବସ, ସ୍ଥାନ:ଓଡଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା
- ୪ର୍ଥରେ ଚନ୍ଦନଯାତ୍ରା ଷଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ଷଷ୍ଠ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ଖଣ୍ଡପଡା ପଞ୍ଚାୟତ ସମିତିର ୧୦ମ ଅଧିବେଶନ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ପରିସର, ସମୟ: ଅପରାହ୍ନ ୩ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ ମହୋତ୍ସବର ଷଷ୍ଠ ଦିବସ, ସ୍ଥାନ: ଓଡଗାଁ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ସାଢ଼େ ୭ଟା।

## ରାୟଗଡ଼ା
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରାୟଗଡା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା।
- ଗ୍ରାମଦେବୀ ମା' ମୁତ୍ୟାଲାମାଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଅବସରରେ ଭାରତଲୀଳା କାର୍ଯ୍ୟକ୍ରମ, ସ୍ଥାନ: କୋଲନରା, ସମୟ: ରାତି ୯ଟା।

## ନବରଙ୍ଗପୁର
- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ନବରଙ୍ଗପୁର ପୌର ସଂସ୍ଥା କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ପଞ୍ଚାୟତ ସମିତି ବୈଠକ, ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟ ଖସଡ଼ା ପ୍ରସ୍ତୁତି, ସ୍ଥାନ: ତେନ୍ତୁଲିଖୁଣ୍ଟି, ସମୟ: ସକାଳ ୭ଟା।
- ପଞ୍ଚାୟତ ସମିତି ସାଧାରଣ ବୈଠକ, ସ୍ଥାନ: ଡାବୁଗାଁ ବ୍ଲକ୍ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ଗୋଟିଏ ଦେଶ ଗୋଟିଏ ନିର୍ବାଚନ, ସ୍ଥାନ: ନବରଙ୍ଗପୁର ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଗୋଟିଏ ଦେଶ ଗୋଟିଏ ନିର୍ବାଚନ ନେଇ ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: ଉମରକୋଟ ସାଇ ଇଣ୍ଟରନ୍ୟାସନାଲ ହୋଟେଲ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ଜନଶୁଣାଣି ଶିବିର, ସ୍ଥାନ: ନନ୍ଦକା ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: କୁନ୍ଦୁରା ବ୍ଲକ୍ କାର୍ଯ୍ୟାଳୟ, କୁନ୍ଦୁରା, ସମୟ:ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଡୁମୁରିପଦର ପଞ୍ଚାୟତ କାର୍ଯ୍ୟାଳୟ, କୋରାପୁଟ ବ୍ଲକ୍, ସମୟ: ୧୦ଟା ୩୦।

## ସମ୍ବଲପୁର
- ଜିଲା ପ୍ରଶାସନ ଆୟୋଜନରେ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଧନକଉଡା ବ୍ଲକ କାର୍ଯ୍ୟାଳୟ ସ୍ଥିତ ସଭାକକ୍ଷ, ସମୟ : ସକାଳ ୭ଟା।
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ସମ୍ବଲପୁରୀ ଦର୍ପଣର ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା।
- ଆଚାର୍ଯ୍ୟ ପ୍ରବୋଧ ନନ୍ଦ ଯୋଗେଶ୍ୱର ସଂସ୍ଥା ପକ୍ଷରୁ ଗୀତା ଅଭିଯାନ, ସ୍ଥାନ : ଗଙ୍ଗାଧର ମେହେର ମହାବିଦ୍ୟାଳୟ ଛକ, ସମୟ ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ଜିଲାସ୍ତରୀୟ ଅସୀ ଚାଳନା ର୍‍ୟାଙ୍କିଙ୍ଗ୍ ପ୍ରତିଯୋଗିତା ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା।
- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପାଟଣାଗଡ, ସମୟ: ସକାଳ ୮ଟା।
- ସଙ୍ଗୀତ ମହାବିଦ୍ୟାଳୟ ପଞ୍ଚମର ବାର୍ଷିକ ଉତ୍ସବ, ସ୍ଥାନ: ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା
- ଓଡ଼ିଶା ଭାଷା ବିକାଶ ମଞ୍ଚ ପକ୍ଷରୁ କାର୍ଲ ମାର୍କ୍ସଙ୍କ ଜୟନ୍ତୀ ପାଳନ, ସ୍ଥାନ: କଲଚରାଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା ୩୦।
- ଡିଜ୍‌ନିଲ୍ୟାଣ୍ଡ ମେଳା ଉଦ୍‌ଘାଟନୀ ସମାରୋହ, ସ୍ଥାନ: ସେକ୍ଟର-୧୩, ମେଳଣ ପଡିଆ, ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼
- ଜିଲା ପ୍ରଶାସନ ପକ୍ଷରୁ ଜନଶୁଣାଣୀ ଶିବିର, ସ୍ଥାନ: ହେମଗିର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା।

## ବରଗଡ଼
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି ସଭାକକ୍ଷ, ବରଗଡ଼, ସମୟ: ସକାଳ ୭ଟା।
- ଶିବ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ଲୋହରସିଂହ, ଝାରବନ୍ଧ,ସମୟ:ସକାଳ ୭ଟା।
- ଷୋହଳ ପ୍ରହରୀ ନାମଯଜ୍ଞ, ସ୍ଥାନ: ଗୋଠୁଗୁଡ଼ା, ଝାରବନ୍ଧ, ସମୟ:ମଧ୍ୟାହ୍ନ ୧୨ଟା।

## କଳାହାଣ୍ଡି
- ଜିଲାପାଳଙ୍କ ଅଫିସ ସମ୍ମୁଖରେ ଟ୍ରେଡ଼ ୟୁନିଅନର ବିକ୍ଷୋଭ, ସ୍ଥାନ: ଭବାନୀପାଟଣା ସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ,ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୌଦ୍ଧ, ସମୟ: ସକାଳ ୭ଟା।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ପଦଯାତ୍ରା, ସ୍ଥାନ: ଜେଲ ଛକରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି,ସ୍ଥାନ: ମଠସାହି, ମା' କନକଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଡୁଙ୍ଗୁରିପାଲି ବ୍ଲକ ରାମପୁରରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ରାମପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୭ଟା ୩୦।
- ଉଲୁଣ୍ଡା ବ୍ଲକ ଯାଲୋଏରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଯାଲୋଏ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୭ଟା ୩୦।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ପିତାମହୁଲ ପଞ୍ଚାୟତ କାର୍ଯ୍ୟାଳୟ, ବୀରମହାରାଜପୁର, ସମୟ: ସକାଳ ୭ଟା ୩୦।
- ପ୍ରାଥମିକ ବିଦ୍ୟାଳୟରେ ଖାଲିପଡ଼ିଥିବା ପଦବୀ ପୂରଣ ଓ ୟୁନିଫାଏଡ ଅଟୋମେସନ ସିଷ୍ଟମ ସମ୍ପର୍କରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ମିଳିତ ଶିକ୍ଷକ ସଂଘର ଦାବିପତ୍ର ପ୍ରଦାନ, ସ୍ଥାନ: ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ମାନସିକ ଅସ୍ଥିରତା ରହିଲେ ମଧ୍ୟ ସ୍ୱାସ୍ଥ୍ୟ ଓ ପାରିବାରିକ ପରିସ୍ଥିତି ପୂର୍ବପରି ରହିବ। ଆଶା କରୁଥିବା ଦିଗରୁ ଅର୍ଥଲାଭ ସାଙ୍ଗକୁ ସାମାଜିକ ସ୍ତରରେ ସମ୍ମାନ ଅବ୍ୟାହତ ରହିବ। ପରିବାରରେ ଯୁକ୍ତିତର୍କ କରିବା ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ କୃତ୍ତିକା ନକ୍ଷତ୍ର ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।

**ବୃଷ** ମାନସିକ ଧୈର୍ଯ୍ୟ ରହିଥିବା ହେତୁ କୌଣସି ସମସ୍ୟା କାମକୁ ଅଟକାଇପାରିବ ନାହିଁ। ଅର୍ଥନୈତିକ ପ୍ରଗତି ଓ ପାରିବାରିକ ସ୍ଥିରତା ସାମୂହିକ ଜୀବନଯାତ୍ରାକୁ ସୁଖମୟ କରିବ। କର୍ମକ୍ଷେତ୍ରରେ ସହକର୍ମୀମାନେ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ମୃଗଶିରା ନକ୍ଷତ୍ରର ଅତ୍ୟଧିକ କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ।

**ମିଥୁନ** ପୂର୍ବରୁ ରହିଆସିଥିବା ସମସ୍ୟା ସମାଧାନ ହେବା କାରଣରୁ ମାନସିକ ଶାନ୍ତି ପାଇବେ। ସାମାଜିକ ସ୍ତରରେ ଆନୁଷ୍ଠାନିକ କିମ୍ବା ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଆର୍ଦ୍ରା ନକ୍ଷତ୍ର ସକାଶେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡିବ। ଆଜିର ଯାତ୍ରା, ବାଣିଜ୍ୟ ଏବଂ ବନ୍ଧୁଙ୍କ ସହ ଆଲୋଚନା ନିଷ୍ଫଳ ହେବନାହିଁ।

**କର୍କଟ** ସାମାଜିକ ସ୍ତରରେ ଆଦର, ଅଭ୍ୟର୍ଥନା ପାଇବା ସାଙ୍ଗକୁ ସମ୍ମାନଜନକ ସ୍ଥିତିରୁ ବହୁତ ଖୁସି ରହିବେ। କର୍ମକ୍ଷେତ୍ରରେ ପରିଶ୍ରମ ତୁଳନାରେ ପାରିଶ୍ରମିକ କମ୍ ହେବ। ପୁନର୍ବସୁ ନକ୍ଷତ୍ର ପାଇଁ ଆତ୍ମୀୟମାନେ ପ୍ରତ୍ୟେକ କ୍ଷେତ୍ର ସକାଶେ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି। କାମର ଚାପ ବୃଦ୍ଧି ଯୋଗୁ ପରିବାରର କେତେକ କାମ ଅଟକି ରହିଯିବ।

**ସିଂହ** ଆଜିର କର୍ମକ୍ଷେତ୍ରରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ କାର୍ଯ୍ୟ ସାଧିତ ହେବ। ବନ୍ଧୁଙ୍କ ସହ ଆଲୋଚନାରେ ଦ୍ୱନ୍ଦ୍ୱରେ ପଡି ସହକର୍ମୀଙ୍କ ପରାମର୍ଶକୁ ଗୁରୁତ୍ୱ ଦେଇ ନ ପାରନ୍ତି। ପାରିବାରିକ କଳହଜନିତ କାମ ଉତ୍ସାହପ୍ରଦ ହେବ ନାହିଁ। ଉତ୍ତରାଫାଲଗୁନୀ ନକ୍ଷତ୍ର ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିବ।

**କନ୍ୟା** ପ୍ରତ୍ୟେକ କ୍ଷେତ୍ରରେ ବୁଝିବିଚାରି କାମ କରିବା ଦ୍ୱାରା ଆଜିର କାର୍ଯ୍ୟଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। ସାଧାରଣ ଯୁକ୍ତିତର୍କରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ବ୍ୟବସାୟ ଓ ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, କଚେରି ମାମଲା ବିଷୟରେ ଚିନ୍ତା କରିପାରନ୍ତି। ହସ୍ତା ନକ୍ଷତ୍ର ସକାଶେ ପାରିବାରିକ ସ୍ଥିତି ବିଶେଷ ଭଲ ରହିବ।

**ତୁଳା** ଆଜି ସକାଳୁ ଶୁଭ ଖବର ପାଇ ଖୁସି ହୋଇଯିବେ। ଆନୁଷ୍ଠାନିକ କ୍ଷେତ୍ରରୁ ଅର୍ଥ ଓ ସମ୍ମାନ ପାଇବେ ଏବଂ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ଆଜି ଆପଣଙ୍କୁ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। ସ୍ୱାତୀ ନକ୍ଷତ୍ର ବିଶିଷ୍ଟ ବ୍ୟକ୍ତିଙ୍କ ସୌଜନ୍ୟରୁ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି।

**ବିଛା** ନିଜର କାମ ହାସଲ ସକାଶେ ସମ୍ପର୍କୀୟମାନଙ୍କୁ ନିଜ ସପକ୍ଷରେ ଆଣିବାରେ ସମର୍ଥ ହେବେ। ଭୁଲ୍ ବୁଝାମଣା ଜନିତ ମତାନ୍ତର ସୃଷ୍ଟି ହେବା କାରଣରୁ ପାରିବାରିକ କଳହର ଆଶଙ୍କା ରହିଛି। ସାମାଜିକ କ୍ଷେତ୍ରରେ ଗଠନମୂଳକ ପ୍ରସ୍ତାବ ଦେଇ ପ୍ରଶଂସିତ ହେବେ। ଅନୁରାଧା ନକ୍ଷତ୍ର ବାଣିଜ୍ୟ ଓ ପରିବହନରେ ଲାଭବାନ୍ ହେବେ।

**ଧନୁ** ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ ସବୁ କାମ ଠିକ୍ ହୋଇଯିବ। ମୂଳା ନକ୍ଷତ୍ର ପାଇଁ ନିଜ ଲୋକମାନେ ବିଶ୍ୱାସଘାତକତା କରିବାର ସୂଚନା ରହିଛି। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ଯିବାରେ ଅସୁବିଧା ହେବ ନାହିଁ। ସଭାସମିତିରେ ଯୋଗ ଦେଇପାରନ୍ତି କିମ୍ବା ଜମିଜମା କାରବାରରେ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବ।

**ମକର** ଧନିଷ୍ଠା ନକ୍ଷତ୍ର ସକାଶେ ଆଜିର ଯାତ୍ରା, ବାଣିଜ୍ୟ, ତଥା ପାରିବାରିକ ଜୀବନକୁ ପ୍ରଭାବିତ କରିପାରେ। ପରୋକ୍ଷ ଶତ୍ରୁତା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ନିଜ ଲୋକଙ୍କ ଦ୍ୱାରା ସମସ୍ୟାଗ୍ରସ୍ତ ହେବେ। ବନ୍ଧୁଙ୍କ ସହ ଆଲୋଚନା କରି ମାଙ୍ଗଳିକ କାର୍ଯ୍ୟ ସକାଶେ ଯୋଜନା କରିବେ। ଦୂରଦର୍ଶିତା ହେତୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**କୁମ୍ଭ** ଅଟକି ରହିଥିବା କାମ ଆଜି ସୁବିଧାରେ ସମ୍ପନ୍ନ ହୋଇଯିବ। ପୂର୍ବଭାଦ୍ରପଦ ନକ୍ଷତ୍ରର ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପୂର୍ବ ଶତ୍ରୁତାକୁ ନେଇ ଆତ୍ମୀୟମାନଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ।

**ମୀନ** ରେବତୀ ନକ୍ଷତ୍ରର ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ଏକ ପ୍ରକାର ନିୟନ୍ତ୍ରଣାଧୀନ ରହିବ। ପରିବାର ପାଇଁ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ବନ୍ଧୁଙ୍କ ଜରିଆରେ ଆଜିର ଅର୍ଥ ସଂଗ୍ରହର ପ୍ରଚେଷ୍ଟା ନିଷ୍ଫଳ ହେବ ନାହିଁ। ସାହିତ୍ୟ, ସାମ୍ବାଦିକତା, ଆଲୋଚନା, ସତ୍‌ସଙ୍ଗ, ଆନୁଷ୍ଠାନିକ କ୍ଷେତ୍ରରୁ ସୁଫଳ ମିଳିବ।

ଆଜି ମେ ୫ ତାରିଖ, ବିଶ୍ୱ ଆଥ୍‌ଲେଟିକ୍ସ ଦିବସ, ବିପ୍ଳବୀ ଧରଣୀଧର ନାୟକ(ଭୂୟାଁ)ଙ୍କ ଜନ୍ମ ଦିବସ, ନୀଳାଦ୍ରି ମହୋଦୟାଷ୍ଟମୀ, ବୈଶାଖ ଶୁକ୍ଳ ଅଷ୍ଟମୀ ଯୁକ୍ତ ନବମୀ ସୋମବାର। ରାଶି ନକ୍ଷତ୍ର ଦିବା ଘ.୦୨.୦୨ ମି. ପର୍ଯ୍ୟନ୍ତ ଅଶ୍ଳେଷା/କର୍କଟ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୧୯ ଗତେ ଘ.୦୬.୫୫ ମଧ୍ୟେ, ଘ.୧୦.୨୬ ଗତେ ଘ. ୦୧.୦୦ ମଧ୍ୟେ ଶୁଦ୍ଧ ଶୁଭବେଳା । ସକାଳ ଘ.୦୬.୫୫ ଗତେ ଘ.୦୮.୩୧ ମଧ୍ୟେ ରାହୁକାଳ।

# ଗଛରେ ପିଟି ହେଲା ବାଇକ୍: ୨ ମୃତ, ଜଣେ ଗୁରୁତର

**ଉଦଳା,୪।୫ (ସନ୍ତୋଷ କୁମାର ବାଞ୍ଛିନୀ)**

ମୟୂରଭଞ୍ଜ ଜିଲା ଶରତ ଥାନା ଅଧୀନ ଭଣ୍ଡାର ଛକ ନିକଟରେ ରବିବାର ଅପରାହ୍ନ ସାଢ଼େ ୫ଟାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଶାଳ ଗଛରେ ବାଇକ୍ ପିଟି ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ଦ୍ୱୟ ହେଲେ ରାଣୀପୋଖରୀ ଗ୍ରାମର ଡିବାର ତିରିଆ ଏବଂ ବିର୍ସା ପୂର୍ତ୍ତି। ଗୁରୁତର ଅଶ୍ୱକୁଟି ଗ୍ରାମର ଗୋରା ପୂର୍ତ୍ତିଙ୍କୁ ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବରପାଇ ଶରତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଶରତ ଅଞ୍ଚଳରୁ ବାଇକ୍ ଯୋଗେ ୩ ଯୁବକ କଳମଗଡ଼ିଆ ଅଞ୍ଚଳକୁ ଆସୁଥିବା ବେଳେ ପ୍ରଧାନ ଦେହୁରୀ ସାହି ଛକ ନିକଟରେ ଭାରସାମ୍ୟ ହରାଇ ଏକ ଶାଳ ଗଛରେ ପିଟି ହୋଇ ଯାଇଥିଲେ। ଫଳରେ ଘଟଣାସ୍ଥଳରେ ୨ ଜଣଙ୍କର ମୃତ୍ୟୁ ଘଟିଥିଲା। ଗୁରୁତରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ।

# ଖୋଲିଲା ରାଜ୍ୟର ପ୍ରଥମ ସରକାରୀ ୱାଟର ପାର୍କ



ୱାଟରପାର୍କକୁ ବିଧାୟକ ପ୍ରଦ୍ୟୁମ୍ନ ନାୟକ ଉଦ୍‌ଘାଟନ କରୁଛନ୍ତି।

**ଭଞ୍ଜନଗର,୪।୫(ବାବୁଲା ପ୍ରଧାନ)**

ଗଞ୍ଜାମ ଜିଲା ଭଞ୍ଜନଗର ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ପରିସରରେ ହୋଇଥିବା ରାଜ୍ୟର ପ୍ରଥମ ସରକାରୀ ସମ୍ପ୍ରସାରିତ ୱାଟର ପାର୍କ ରବିବାର ଉଦ୍‌ଘାଟିତ ହୋଇଛି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ୱାଟର ପାର୍କକୁ ଉଦ୍‌ଘାଟନ କରିଥିଲେ। ଏଥିସହ ନବ ନିର୍ମିତ ଫୁଡ କୋର୍ଟକୁ ମଧ୍ୟ ବିଧାୟକ ଉଦଘାଟନ କରିଛନ୍ତି। ଏହି ଅବସରରେ ବିଧାୟକ ନାୟକ କହିଥିଲେ, ଉକ୍ତ ପାର୍କକୁ ରାଜ୍ୟର ଏକ ନମ୍ବର ପାର୍କ କରାଯିବ। ୱାଟର ପାର୍କ ଖୋଲିବା ପରେ ରାଜ୍ୟର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନେ ଆସି ଏହାର ମଜା ନେବେ। ଆଗାମୀ ଦିନରେ ଭଞ୍ଜନଗର ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ହେବ । ଏଥିସହ ଆମ ଅଞ୍ଚଳର ଅନେକ ପରିବାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ବିଧାୟକ ନାୟକ କହିଥିଲେ। ଏହି ଅବସରରେ ଉପ ଜିଲାପାଳ ଉମା ଶଙ୍କର ବେହେରା, ଏନଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର, ବ୍ଲକ ଅଧକ୍ଷ ନରି ସଭା ନାୟକ, ଭାଜପା ଘୁମୁସର ସାଂଗଠନିକ ଜିଲା ସଭାପତି ନୀଳ ମାଧବ ପାତ୍ର,ଏମପି ପ୍ରତିନିଧି ଶିବ ଶଙ୍କର ପ୍ରଧାନ, ସନ୍ତୋଷ ତିଆଡି, ରବିନ୍ଦ୍ର ଗୌଡ, ଧୋବା ଗୌଡ, ଶିବ ଶଙ୍କର ମହାପାତ୍ର, ମାନସ ଜେନା, ସୁବାଷ ବରାଡ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜଳସମ୍ପଦ ବିଭାଗ ଯନ୍ତ୍ରୀ, କର୍ମଚାରୀ ପରିଚାଳନା କରିଥିଲେ। ସୂଚନା ଯୋଗ୍ୟ ଯେ, ୨୦୨୪ ଜାନୁୟାରୀ ୨୬ରେ ଏହି ୱାଟର ପାର୍କ ଖୋଲିଥିଲା। ଏହା ୬ ମାସ ଚାଲିବା ପରେ ପରିଚାଳନାଗତ ତ୍ରୁଟି ଯୋଗୁ ବନ୍ଦ ହୋଇଯାଇଥିଲା। କିଛି ମାସ ତଳେ ବିଧାୟକ ନାୟକ ଏନେଇ ଜାଣିବା ପରେ ତାହା ପୁଣି କିଭଳି ଚାଲିବ ସେଥିପାଇଁ ବ୍ୟବସ୍ଥା କରିଥିଲେ। କାର୍ଯ୍ୟ ପରେ ପାର୍କ ଆଜିଠୁ ଖୋଲିଛି।

# ୧୦୦ ଚାରା ଲଗାଇ ୨ବର୍ଷ ଯାଏ ରକ୍ଷଣାବେକ୍ଷଣ ନିର୍ଦ୍ଦେଶ

## ଜାମିନ ପ୍ରଦାନବେଳେ ଆବେଦନକାରୀଙ୍କୁ ହାଇକୋର୍ଟଙ୍କ ସଂସ୍କାରଧର୍ମୀ ସର୍ତ୍ତ

**କଟକ,୪।୫(କାର୍ତ୍ତିକ ସାହୁ)**

ଆଗାମୀ ବର୍ଷାଋତୁରେ ୧୦୦ ଚାରା ଲଗାଇବା ପାଇଁ ହାଇକୋର୍ଟ ଜଣେ ଆବେଦନକାରୀଙ୍କୁ ଜାମିନ ପ୍ରଦାନ ବେଳେ ସଂସ୍କାରଧର୍ମୀ ସର୍ତ୍ତ ଆରୋପ କରିଛନ୍ତି। ଚାରା ରୋପଣ କରିବା ପରେ ୨ବର୍ଷ ଯାଏ ସେଗୁଡ଼ିକର ରକ୍ଷଣାବେକ୍ଷଣ କରିବାକୁ ଶୁକ୍ରବାର ହାଇକୋର୍ଟ ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ ଆଦେଶ ଦେଇଛନ୍ତି। ଆବେଦନକାରୀ ଜଣକ ହେଲେ କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅଞ୍ଚଳର ଅରୁଣ କୁମାର ନାୟକ। ଏକ ମାମଲାରେ ଗିରଫ ହୋଇ ସେ ୨୦୨୧ ଏପ୍ରିଲ ୪ରୁ ଜେଲରେ ରହିଛନ୍ତି।

ହାଇକୋର୍ଟଙ୍କ ଜାମିନ ସର୍ତ୍ତ ଅନୁଯାୟୀ, ଆବେଦନକାରୀ ଚଳିତ ବର୍ଷାଋତୁରେ ଆମ୍ବ, ନିମ୍ବ, ତେନ୍ତୁଳି ଭଳି ସ୍ଥାନୀୟ କିସମର ୧୦୦ଟି ଚାରା ତାଙ୍କ ଗ୍ରାମର ଚତୁଃପାର୍ଶ୍ୱରେ ଥିବା ସରକାରୀ ଜମି, ଗୋଷ୍ଠୀଗତ ଜମି କିମ୍ବା ତାଙ୍କ ନିଜର ତଥା ପରିବାର ସଦସ୍ୟଙ୍କ ଜମିରେ ରୋପଣ କରିବେ। ଚାରା ଲଗାଇବା ନିମନ୍ତେ ଉପଯୁକ୍ତ ଜମି ନ ମିଳିଲେ ରାଜସ୍ୱ ଅଧିକାରୀ ତାଙ୍କୁ ଜମି ଚିହ୍ନଟରେ ସହଯୋଗ କରିବେ। ଏଥିସହ ସେ ସ୍ଥାନୀୟ ଥାନାରେ ପ୍ରତି ସୋମବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ମଧ୍ୟରେ ହାଜର ହେବେ। ଜାମିନରେ ଥିବା ପର୍ଯ୍ୟନ୍ତ କୌଣସି



ପ୍ରକାର ଅପରାଧରେ ସାମିଲ ହେବେ ନାହିଁ। ମୂଳ ମାମଲାର ସାକ୍ଷୀମାନଙ୍କୁ କୌଣସି ପ୍ରକାର ପ୍ରଭାବିତ କରିବେ ନାହିଁ। ଉପରୋକ୍ତ ସର୍ତ୍ତରେ କୌଣସି ଖିଲାପ ହେଲେ ଜାମିନ ଖାରଜ ହେବ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ଏଥିସହ ସମ୍ପୃକ୍ତ ଥାନାର ଆଇଆଇସି ସ୍ଥାନୀୟ ବନ ଅଧିକାରୀଙ୍କ ସହଯୋଗରେ ଆବେଦନକାରୀ ଚାରା ରୋପଣ କରିଛନ୍ତି କି ନାହିଁ ତଦାରଖ କରିବାକୁ ଆଦେଶ ଦେଇଛନ୍ତି। କେବଳ ସେତିକି ନୁହେଁ, ଆବେଦନକାରୀ ସ୍ଥାନୀୟ ଥାନାରେ ସତ୍ୟପାଠ ଦାଖଲ କରି ସେ ଚାରା ଲଗାଇ ସାରିଛନ୍ତି ଓ ସେଗୁଡ଼ିକୁ ୨ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରିବେ ବୋଲି ଉଲ୍ଲେଖକରି ନିଶ୍ଚିତ କରାଇବେ। ଜିଲା ନର୍ସରି ଅଥବା ଜିଲା ବନ ଅଧିକାରୀ ଆବେଦନକାରୀଙ୍କୁ ଚାରାଗୁଡ଼ିକ ଯୋଗାଇଦେବେ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ଉଲ୍ଲେଖ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ପାଟକୁରା ଥାନାର ମାମଲା ଅନୁସାରେ ଆବେଦନକାରୀ ଓ ଅପରପକ୍ଷରେ ଥିବା ମହିଳାଙ୍କ ପରିବାର ମଧ୍ୟରେ ହିଂସାତ୍ମକ ମନୋଭାବ ରହିଥିଲା। ୨୦୨୧ ମାର୍ଚ୍ଚ ୨୪ରେ ଆବେଦନକାରୀ ଓ ଅନ୍ୟମାନେ ଅପରପକ୍ଷ ମହିଳାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ଘରେ ପଶି ଅଶ୍ଳୀଳ ଗାଳିଗୁଲଜ କରିଥିଲେ। ଏହାକୁ ମହିଳାଙ୍କ ଅଙ୍କଲ ରମାକାନ୍ତ ନାୟକ ବିରୋଧ କରିଥିଲେ। ମାତ୍ର ଆବେଦନକାରୀ ଓ ଅନ୍ୟମାନେ ତାଙ୍କ ମୁଣ୍ଡକୁ ଏକ ଠେଙ୍ଗାରେ ପ୍ରହାର କରିଥିଲେ। ସେ ଭୁବନେଶ୍ୱରର ଏକ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ମହିଳାଙ୍କ ଏତଲାକ୍ରମେ ପାଟକୁରା ଥାନାରେ ମାମଲା ରୁଜୁ ହୋଇଥିଲା। କେନ୍ଦ୍ରାପଡ଼ା ସେସନ୍ସ ଜଜ୍ କୋର୍ଟରେ ମାମଲାର ବିଚାର ଚାଲିଛି। ପୂର୍ବରୁ ଆବେଦନକାରୀ ଜାମିନ ଆବେଦନ କରିଥିଲେ। ଟ୍ରାଏଲ କୋର୍ଟ ୪ ମାସ ମଧ୍ୟରେ ବିଚାର ସାରିବାକୁ ହାଇକୋର୍ଟ ୨୦୨୪ ଅଗଷ୍ଟ ୧୨ରେ ଆଦେଶ ଦେଇଥିଲେ। ମାତ୍ର ନିର୍ଦ୍ଧାରିତ ସମୟରେ ମାମଲାର ବିଚାର ନ ସରିବାରୁ ଜାମିନ ପ୍ରଦାନ ପାଇଁ ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଯୁକ୍ତି ଦର୍ଶାଯାଇଥିଲା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଧାନଟାଏ
ଧାନ ଭିତରେ ଚାଉଳଟାଏ।**

ଧାନ ଭିତରେ ଚାଉଳ ରହିଥିବା କଥା ସମସ୍ତେ ଜାଣିଥାନ୍ତି। ତେଣୁ ଯେଉଁ କଥା ସମସ୍ତେ ଜାଣନ୍ତି, ତାହାକୁ ଗୋପନୀୟ ଭାବରେ ବଖାଣିବା ନିଷ୍ପ୍ରୟୋଜନ। ସାମାନ୍ୟ କଥା ପାଇଁ ବିଶେଷ ଆନ୍ଦୋଳନ ଲାଗିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧରମର ଗୋରୁ
କରମକୁ ଆସେ।**

ନିରାଶ୍ରୟ ବ୍ୟକ୍ତିର ଗାଈ ବାଛୁରୀ ଚରିବାକୁ ଯାଇ ଆପେ ଫେରିଆସୁଥିବାର ଲୋକବିଶ୍ୱାସ ରହିଛି। ସତ୍ ଧର୍ମ ନ୍ୟାୟ ପଥରେ ଚାଲୁଥିବା ବ୍ୟକ୍ତିଙ୍କୁ ଈଶ୍ୱରଙ୍କ କୃପା ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ସାପ କାମୁଡ଼ାରେ ଝିଅ ମୃତ, ମା' ଓ ପୁଅ ଗୁରୁତର

କେନ୍ଦୁଝର,୪।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ତେଲକୋଇ ବ୍ଲକ କୃଷ୍ଣପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ବିଷଧର ସାପ କାମୁଡ଼ାରେ ଝିଅର ମୃତ୍ୟୁ ଘଟିଥିବା ବେଳେ ମା' ଓ ପୁଅ ଗୁରୁତର ହୋଇଛନ୍ତି। ମୃତା ନାବାଳିକା ହେଲେ ଶମ୍ଭୁନାଥ ଜୁଆଙ୍ଗଙ୍କ ଝିଅ ସୋମବାରୀ(୧୦)। ଗୁରୁତର ଶମ୍ଭୁନାଥଙ୍କ ସ୍ତ୍ରୀ କଇଁତା (୩୨) ଓ ପୁଅ ପରମେଶ୍ୱର (୨) ଚିକିତ୍ସା ପାଇଁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି।

ସୂଚନା ଅନୁଯାୟୀ, ଶନିବାର ରାତିରେ ସମସ୍ତେ ଘରେ ଖାଇପିଇ ତଳେ ଶୋଇଥିଲେ। ରବିବାର ସକାଳୁ ଶମ୍ଭୁନାଥ ସ୍ତ୍ରୀ କଇଁତାଙ୍କୁ ଉଠାଇବାକୁ ଯାଇଥିବା ବେଳେ ଘରେ ଏକ ପାହାଡ଼ିଆ ଚିତି ସାପ ଦେଖିଥିଲେ। କଇଁତାଙ୍କ ସହିତ ଝିଅ ଓ ପୁଅ ଅଚେତ ଅବସ୍ଥାରେ ପଡ଼ିଥିଲେ। ପରେ ଗ୍ରାମବାସୀଙ୍କ ସହାୟତାରେ ସେମାନଙ୍କୁ ପୂର୍ବାହ୍ନ ୧୦ଟାରେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ବେଳେ ସେଠାରେ ଝିଅ ସୋମବାରୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ୨ ବର୍ଷର ପୁଅଟି ମା' କ୍ଷୀର ଖାଇଥିବାରୁ ଗୁରୁତର ହୋଇ ପଡ଼ିଥିବା ସନ୍ଦେହ କରାଯାଉଛି। ତାକୁ ଅବଜରଭେଶନରେ ରଖାଯାଇଛି ବୋଲି ଡାକ୍ତର ସୂଚନା ଦେଇଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୪/୨୫) ରୁଜୁ ହୋଇଥିବା ଥାନା ଅଧିକାରୀ ଅଞ୍ଜନ କୁମାର ପାତ୍ର କହିଛନ୍ତି।

# ଭାଷାଭିତ୍ତିକ ସାମ୍ବାଦିକତାର ଗୁରୁତ୍ୱ ଓ ସୁଯୋଗ



ଡ. ବିରଞ୍ଚି ନାରାୟଣ ସେଠ୍

(ଆଇଆଇଏମ୍‌ସି ଓ ଓଡ଼ିଆ ସାମ୍ବାଦିକତା ବିଭାଗର ୨୫ ବର୍ଷ ଅବସରରେ)

ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସ୍ୱାଧୀନତା ସମୟରୁ ଗଣମାଧ୍ୟମର ଭୂମିକା ସମସ୍ତଙ୍କୁ ଜଣା। ଗଣତନ୍ତ୍ରରେ ଗଣମାଧ୍ୟମକୁ ଅଣଦେଖା କରି ଶାସନ କରିବା କଷ୍ଟକର। ଏଥିରେ ଶାସିତ ହେଉଥିବା ଲୋକର କ୍ଷତି ହୁଏ ଏବଂ ଗଣମାଧ୍ୟମକୁ ଦମନ କରି ଲୋକଙ୍କ ପାଇଁ ଉନ୍ନୟନ ଓ କଲ୍ୟାଣମୂଳକ କାର୍ଯ୍ୟ କରିବାଟା ସଫଳ ହୁଏ ନାହିଁ। ସମ୍ବିଧାନର ଧାରା-୧୯ରେ ନାଗରିକ ବାକ୍ ସ୍ୱାଧୀନତା ରହିଛି। ତେଣୁ ଶାସନରେ କିମ୍ବା ସମାଜରେ ହେଉଥିବା ତ୍ରୁଟି ବିଚ୍ୟୁତିକୁ ସମାଲୋଚନା କରି ମତବ୍ୟକ୍ତ କରିବାର ଅଧିକାର ରହିଛି। ବିନା ଭୟ ଓ ସଙ୍କୋଚରେ ଗଣମାଧ୍ୟମ ମତବ୍ୟକ୍ତ କରିପାରିବ। ସବୁଠାରୁ ବଡ଼ କଥା ହେଉଛି ନିଜ ଭାଷାରେ ମତବ୍ୟକ୍ତ କରିବା। ତାହା କରିପାରିଲେ ପ୍ରକୃତ ଭାବ ତଥା ଚିନ୍ତାଧାରା ଅନେକ ଲୋକଙ୍କ ପାଖରେ ପହଞ୍ଚି ପାରିବ। ସେଥିପାଇଁ ଭାଷାଭିତ୍ତିକ ସାମ୍ବାଦିକତାର ଗୁରୁତ୍ୱ ଓ ଆବଶ୍ୟକତା ରହିଛି। ଦେଶର ବିଭିନ୍ନ ରାଜ୍ୟରେ ଥିବା ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ସାମ୍ବାଦିକତା ଓ ଗଣ ଯୋଗାଯୋଗର ପାଠ୍ୟକ୍ରମ ଚାଲିଛି। କେଉଁଠି ପିଜି ଡିପ୍ଲୋମା ତ କେଉଁଠାରେ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଦୁଇ ବର୍ଷିଆ ପାଠ୍ୟକ୍ରମ।

ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଥିବା ଭାରତୀୟ ଜନ ସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ଦେଶର ୬ଟି ସ୍ଥାନରେ ଦିଲ୍ଲୀକୁ ମିଶାଇ ପିଜି ଡିପ୍ଲୋମା, ଡିଗ୍ରୀ ସାମ୍ବାଦିକତାର ବହୁ ଛାତ୍ରୀଛାତ୍ର ଅଧ୍ୟୟନ କରି ବିଭିନ୍ନ ମିଡିଆ ହାଉସ ଓ ଶିକ୍ଷା ବ୍ୟବସ୍ଥାରେ ଦେଶ ବିଦେଶରେ କାର୍ଯ୍ୟରତ। ବହୁ ଛାତ୍ରୀଛାତ୍ର ମଧ୍ୟ ଅଧ୍ୟାପନା କରୁଛନ୍ତି। ବିଭିନ୍ନ ଭାଷାରେ ସାମ୍ବାଦିକତା ପଢ଼ିବାର ସୁଯୋଗ ରହିଛି। ପ୍ରଶ୍ନ ଉଠେ ଯେ, ଭାଷାଭିତ୍ତିକ ସାମ୍ବାଦିକତା ଶିକ୍ଷା ପରେ ଛାତ୍ରୀଛାତ୍ରମାନେ କରିବେ କ'ଣ ? କେବଳ ଇଂଲିଶ ଭାଷାରେ ପଢୁଥିବା ଛାତ୍ରୀଛାତ୍ରମାନେ ସାମ୍ବାଦିକତା ଓ ଗଣ ଯୋଗାଯୋଗ ପଢ଼ିପାରିବେ ଏବଂ ସାମ୍ବାଦିକତାକୁ ବୃତ୍ତି କରିପାରିବେ ; ତାହା ନୁହେଁ। ସାମ୍ବାଦିକତା ପାଠ୍ୟକ୍ରମ ପଢ଼ିଥିବା ଶିକ୍ଷାର୍ଥୀଟିଏ ପାଇଁ ମଧ୍ୟ ଏହା ସହଜ ହୋଇଥାଏ। ଏହା ସଙ୍ଗେ ସଙ୍ଗେ ଟେକ୍ନୋଲୋଜି ଓ ବିଜ୍ଞାନର ଆଧୁନିକୀକରଣ ଯୋଗୁ ଓଡ଼ିଆ ଭାଷାରେ ମଧ୍ୟ ସାମ୍ବାଦିକତା ପଛରେ ନାହିଁ। ଇଂଲିଶ ଖବରକାଗଜ ହେଉ କିମ୍ବା ଟିଭି ଚାନେଲ ମାଧ୍ୟମରେ ଜାତୀୟ ଗଣମାଧ୍ୟମ ତୁଳନାରେ ଓଡ଼ିଆ ଭାଷାର ଗଣମାଧ୍ୟମ ଆଗେଇ ଚାଲିଛି।

ଡିଜିଟାଲ ଟେକ୍ନୋଲୋଜିର ଦ୍ରୁତ ଗତି ଦେଖି ଓଡ଼ିଆ ଭାଷାରେ ସାମ୍ବାଦିକତାର ଗୁରୁତ୍ୱ ଓ ଆବଶ୍ୟକତା ରହିବା ସଙ୍ଗେସଙ୍ଗେ ଅପୂର୍ବ ସୁଯୋଗ ସୃଷ୍ଟି କରିଛି। ଓଡ଼ିଆ ଭାଷାରେ ସାମ୍ବାଦିକତା ଶିକ୍ଷା ଲାଭ କରି ଯେକୌଣସି ଛାତ୍ରୀଛାତ୍ର ଇଂଲିଶରେ ପଢ଼ିଥିବା ଛାତ୍ରୀଛାତ୍ରଙ୍କ ସହ ସମକକ୍ଷ ହୋଇପାରୁଛନ୍ତି। ଓଡ଼ିଆ ଭାଷାରେ ସାମ୍ବାଦିକତା ଶିକ୍ଷା ଲାଭ କରି ଆଇଆଇଏମ୍‌ସିର ଛାତ୍ରୀଛାତ୍ରମାନେ ମଧ୍ୟ ଇଂଲିଶ ଜାତୀୟ ଖବରକାଗଜ ଓ ନ୍ୟୁଜ ଏଜେନ୍ସିରେ ସଫଳତାର ସହ ବହୁବର୍ଷ ଧରି କାର୍ଯ୍ୟ କରୁଛନ୍ତି। ଇଂଲିଶ ଭାଷା ସହ ମାତୃଭାଷାରେ ଦକ୍ଷତା ରହିଲେ ସାମ୍ବାଦିକତା କ୍ଷେତ୍ରରେ ସଫଳତା ଶୀଘ୍ର ଆସେ। ଓଡ଼ିଆ ଭାଷାରେ ସାମ୍ବାଦିକତା ଶିକ୍ଷା ଲାଭ କରି ଛାତ୍ରୀଛାତ୍ରମାନଙ୍କ ପାଇଁ ବିଭିନ୍ନ କ୍ଷେତ୍ରରେ ଚାକିରିର ସୁଯୋଗ ରହିଛି ; ଯଥା ଟିଭି ଦୂରଦର୍ଶନ ସହ ଅନ୍ୟାନ୍ୟ ଚାନେଲ, ଛାପା ଗଣମାଧ୍ୟମ, ଅଲ୍ ଇଣ୍ଡିଆ ରେଡିଓ, ଘରୋଇ ରେଡିଓ ସେଣ୍ଟର, କମ୍ୟୁନିଟି ରେଡିଓ, ଜନସମ୍ପର୍କ, ବିଜ୍ଞାପନ ସଂସ୍ଥା, ଶିଳ୍ପ କାରଖାନାରେ କର୍ପୋରେଟ କମ୍ୟୁନିକେଶନ, ନ୍ୟୁଜ ଏଜେନ୍ସି, ଡିଜିଟାଲ ମିଡିଆ, ୟୁଟ୍ୟୁବ ଚାନେଲରେ ସ୍ୱାବଲମ୍ବୀ ହେବା, ସାମାଜିକ ଗଣମାଧ୍ୟମ, ନ୍ୟୁଜ ପୋର୍ଟାଲ, ସରକାରୀ ସଂସ୍ଥାରେ ଓପିଏସ୍‌ସି ମାଧ୍ୟମରେ(ଓଡ଼ିଆ ସୂଚନା ସେବା) କୃତିତ୍ୱ ଅର୍ଜନ କରିବା ପରେ ଜିଲାସ୍ତରରେ ଓ ଉପଖଣ୍ଡସ୍ତରରେ ଜନସମ୍ପର୍କ ଅଧିକାରୀ, କେନ୍ଦ୍ରୀୟ ସ୍ତରରେ ଆଇଆଇଏସ୍ (ଭାରତୀୟ ସୂଚନା ସେବା) ଅଧିକାରୀ ହୋଇ କେନ୍ଦ୍ର ସରକାର ଅଧୀନରେ କାମ କରିପାରିବେ। ଏହି ପାଠ ଆଧାରରେ ସାମ୍ବାଦିକତାରେ ଉଚ୍ଚଶିକ୍ଷା ଲାଭ କରି ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟାପନା ପାଇଁ ଯେଉଁମାନେ ଆଗ୍ରହୀ ସେମାନେ ମଧ୍ୟ ଶିକ୍ଷକତା କ୍ଷେତ୍ରକୁ ଆସିପାରିବେ।

ଗଣତନ୍ତ୍ରକୁ ମଜଭୁତ କରିବା ପାଇଁ ଜନସାଧାରଣଙ୍କୁ ଠିକ୍ ଖବର ଦେବାକୁ ହୁଏ। ସବୁବେଳେ କିପରି ବିଶ୍ୱସ୍ତ ସୂତ୍ରରୁ ଖବର ସଂଗ୍ରହ କରିହେବ ଏବଂ ତା'ର ଉପଯୁକ୍ତ ପ୍ରସାର କରିବା ପାଇଁ ତାଲିମ ଓ ଶିକ୍ଷାର ଆବଶ୍ୟକତା ରହିଛି। ଦକ୍ଷ ତାଲିମ ଦେବା ଓ ଠିକ୍ ଭାବେ ଶିକ୍ଷାଦାନ କରାଇବା ପାଇଁ ଶିକ୍ଷାନୁଷ୍ଠାନଗୁଡିକରେ ଦକ୍ଷ ଶିକ୍ଷକଙ୍କ ସଂଖ୍ୟା, ଭିତ୍ତିଭୂମି, ଟେକ୍ନୋଲୋଜିର ସୁବିଧା ଆଦି ଆନୁଷଙ୍ଗିକ ସୁବିଧା ରହିବା ଆବଶ୍ୟକ। ଭାଷାଭିତ୍ତିକ ସାମ୍ବାଦିକତା ପଢ଼ିବା ପାଇଁ ସିଲାବସ୍ ଚାହିଦା ଅନୁଯାୟୀ ଶିକ୍ଷାଦାନ ଓ ତାଲିମ ନେବା ଆବଶ୍ୟକ। ଆମ ରାଜ୍ୟରେ ବିଭିନ୍ନ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟରେ ଟେକ୍ନୋଲୋଜି ଥିଲେ ମଧ୍ୟ ଅନୁଭବୀ ଶିକ୍ଷକ, ତାଲିମଦାତାଙ୍କ ସଂଖ୍ୟା କମ୍। ପୁଣି ଅନୁଭବୀ ଓ ଦକ୍ଷ ଶିକ୍ଷୟିତ୍ରୀଶିକ୍ଷକ ଥିଲେ ହେଁ ଭିତ୍ତିଭୂମିର ଅଭାବ ରହିଛି। ସାମ୍ବାଦିକତାରେ ସ୍ନାତକୋତ୍ତର ଡିଗ୍ରୀ କୋର୍ସରେ ପିଲାମାନଙ୍କୁ ପ୍ରାକ୍ଟିକାଲ ଦେବାରେ ଊଣା ରହୁଥିବା ଦେଖାଯାଉଛି। ତେବେ ଭାଷାଭିତ୍ତିକ ସାମ୍ବାଦିକତା ଶିକ୍ଷା ପାଇଁ ଆଇଆଇଏମ୍‌ସି ଓଡ଼ିଆ, ମରାଠୀ, ମାଲୟାଲମ, ଉର୍ଦ୍ଦୁ ଭାଷାରେ ଶିକ୍ଷା ଓ ତାଲିମ ଦେବା ସହ ଡିପ୍ଲୋମା ପ୍ରମାଣପତ୍ର ପ୍ରଦାନ କରୁଛି। ଏହା ମଧ୍ୟ ଦେଖାଦେଇଛି ବିଭିନ୍ନ ମାତୃଭାଷାରେ ବିଭିନ୍ନ ରାଜ୍ୟରେ ଟିଭି ଚାନେଲ ଓ ଖବରକାଗଜର ଆଦୃତି ବଢ଼ିବଢ଼ି ଚାଲିଛି।

ଭାଷାଭିତ୍ତିକ ସାମ୍ବାଦିକତା ଶିକ୍ଷାରେ ଅଧ୍ୟୟନ ଓ ତାଲିମ ନେଲେ ମଧ୍ୟ ଇଂଲିଶ ଭାଷାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜ୍ଞାନର ପରିପକ୍ୱତା ରହିବା ଆବଶ୍ୟକ। ଓଡ଼ିଶାର ଢେଙ୍କାନାଳ ଜିଲାରେ ଥିବା ଭାରତୀୟ ଜନ ସଞ୍ଚାର ସଂସ୍ଥାନରେ ବହୁ ଛାତ୍ରୀଛାତ୍ର ଓଡ଼ିଆ ଭାଷାରେ ସାମ୍ବାଦିକତା ପିଜି ଡିପ୍ଲୋମା ଶିକ୍ଷା ଲାଭ କରି ବିଭିନ୍ନ ସରକାରୀ ଓ ବେସରକାରୀ ମିଡିଆ ହାଉସ ଓ ଜନ ସମ୍ପର୍କ ବିଭାଗରେ କାର୍ଯ୍ୟରତ। ସେହିପରି ଭାରତ ସରକାର, ଡିଜିଟାଲ ମିଡିଆ ୟୁନିଟ, ଜନ ସମ୍ପର୍କ ସଂସ୍ଥାନରେ ସମ୍ମାନଜନକ ପଦବୀରେ ରହି ଦେଶର ଉନ୍ନତିରେ କାର୍ଯ୍ୟ କରୁଛନ୍ତି। ଭାରତୀୟ ଜନ ସଞ୍ଚାର ସଂସ୍ଥାନ ଢେଙ୍କାନାଳରେ ୨୦୦୧ ମସିହାରୁ ଓଡ଼ିଆ ଭାଷାରେ ପିଜି ଡିପ୍ଲୋମା କୋର୍ସ ସଫଳତାର ସହ ଚାଲିଛି। ତେଣୁ ଓଡ଼ିଆ ଭାଷାରେ ସାମ୍ବାଦିକତା କରି ଅନ୍ୟ ପାଠ ଭଳି ନିଯୁକ୍ତିର ସୁଯୋଗ ପାଇପାରିବେ। ଟେକ୍ନୋଲୋଜି ଓ ପରିବର୍ତ୍ତିତ ପରିସ୍ଥିତିରେ ନିଜକୁ ଦକ୍ଷ ଓ ଶିକ୍ଷିତ କରିପାରିଲେ କର୍ମନିଯୁକ୍ତି ପାଇବା କିଛି ଅସମ୍ଭବ ନୁହେଁ।


-ସହକାରୀ ପ୍ରଫେସର,
ଆଇଆଇଏମ୍‌ସି, ଢେଙ୍କାନାଳ

## ଅପରାଧ ଖବର

## ୧୭ ପିସ୍ତଲ, ୬୬ ଗୁଳି ଜବତ, ୧୮ ଗିରଫ



ଦକ୍ଷିଣାଞ୍ଚଳ ଆଇଜି ସୂଚନା ଦେଉଛନ୍ତି।



ଜବତ ହୋଇଥିବା ପିସ୍ତଲ ଓ ଗୁଳି।

### ବାହାର ରାଜ୍ୟକୁ ସପ୍ଲାଇ କରୁଥିଲେ

ଛତ୍ରପୁର,୪।୫
(ସନ୍ତୋଷ ପାଢ଼ୀ/ଦିଲ୍ଲୀପ ସାମଲ)

ବେଆଇନ ଭାବେ ପିସ୍ତଲ, ଗୁଳି ଆଦି ରଖି ବିଭିନ୍ନ ଆପରାଧିକ କାର୍ଯ୍ୟରେ ଲିପ୍ତ ରହିବା ଅଭିଯୋଗରେ ୧୮ ଜଣଙ୍କୁ ଗଞ୍ଜାମ ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ପୋଲିସ ଗିରଫ କରିଛି। ଏମାନଙ୍କଠାରୁ ୧୭ଟି ପିସ୍ତଲ, ୬୬ଟି ଗୁଳି, ୧୬ଟି ମୋବାଇଲ ଫୋନ୍ ଓ ୪ଟି ଖୋକା ଜବତ କରାଯାଇଛି। ରବିବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଛତ୍ରପୁରସ୍ଥିତ ଗଞ୍ଜାମ ଏସ୍‌ପିଙ୍କ କାର୍ଯ୍ୟାଳୟରେ ହୋଇଥିବା ଖବରଦାତା ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ଏହି ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ଉକ୍ତ ପିସ୍ତଲ ଓ ଗୁଳି ବାହାର ରାଜ୍ୟକୁ ସପ୍ଲାଇ କରୁଥିଲେ। ବାହାର ରାଜ୍ୟର ରାକେଟ୍‌କୁ ଧରିବାକୁ ପୋଲିସର ଏକ ସ୍ୱେଶାଲ ଟିମ୍ ଗଠନ ହୋଇଥିବା ଦକ୍ଷିଣାଞ୍ଚଳ ଆଇଜି କହିଛନ୍ତି। ଗଞ୍ଜାମ ପୋଲିସ ଜିଲାରେ ପ୍ରଥମ କରି ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ନାଁରେ ଭାରତୀୟ ନ୍ୟାୟ ସଂହିତାର ସେକ୍ସନ ୧୧୧ ଓ ଏହି ଆଇନର ଅନ୍ୟାନ୍ୟ ଧାରା, ଆର୍ମ ଆକ୍ଟ ଲଗାଇ ମାମଲା ରୁଜୁ ହୋଇଛି। ଆସିକା, କୋଦିନଡ଼ା, ପୋଲସରା, ଶେରଗଡ଼, ଚମାଖଣ୍ଡି ଓ ଭଞ୍ଜନଗର ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏହି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ଏସବୁ ଜବତ କରିଛି।

ସୂଚନା ଅନୁସାରେ ଶେରଗଡ଼ ଥାନା ପୋଲିସ ପକ୍ଷରୁ ବଡ଼ଗଡ଼ ଗାଁର ରିଣ୍ଟୁ ଓରଫ ପ୍ରଶାନ୍ତ ପ୍ରଧାନ, କବିସୂର୍ଯ୍ୟନଗର ଥାନା ସୁନାପଲ୍ଲୀ ଗାଁର ମାଣିଆ ଓରଫ କୁନା ନାହାକ, ଛତ୍ରପୁର ଥାନା ସୁନ୍ଦରପୁର ଗାଁର ପିଙ୍କୁ ସାହୁ, ଶେରଗଡ଼ ଥାନା ସଡ଼ଙ୍ଗିପଲ୍ଲୀ ଗାଁର ଅଜିତ ଗୌଡ଼, ସୋରଡ଼ା ଥାନା ଏସ.ଗୁଣ୍ଡୁରିବାଡ଼ି ଗାଁର ସୁରଜ ସୁପ୍ରିୟ ନାୟକ ଓ ଚମାଖଣ୍ଡି ଥାନା ଟାଙ୍ଗଣାପଲ୍ଲୀ ଗାଁର ଶିଶିର ପଣ୍ଡାଙ୍କୁ ଗିରଫ କରାଯାଇଛି। ଏମାନଙ୍କଠାରୁ ୫ ପିସ୍ତଲ, ୨୨ ଗୁଳି ଓ ୪ଟି ମୋବାଇଲ ଜବତ ହୋଇଛି। ସେହିପରି ଆସିକା ଥାନା ପୋଲିସ ତୁମ୍ପଠେଙ୍ଗାପଲ୍ଲୀ ଗାଁର ଏ.ଶ୍ରୀକାନ୍ତ, ମାମୁଡିଅ ଗାଁର ଶଙ୍କର ଗୌଡ଼, ଗାଙ୍ଗପୁର ଥାନା ବଡସଦର ଗାଁର ପବନା ଓରଫ ଶିବ ଗୌଡ଼ ଓ ଭଞ୍ଜନଗର ଥାନା କାଇଣ୍ଡି ଗାଁର ଶିବ ପ୍ରସାଦ ଜେନାଙ୍କୁ ଗିରଫ କରିଛି। ଏମାନଙ୍କଠାରୁ ୩ ପିସ୍ତଲ, ୧୨ ଗୁଳି ଓ ୪ଟି ମୋବାଇଲ ଜବତ ହୋଇଛି। କୋଦିନଡ଼ା ପୋଲିସ କବିସୂର୍ଯ୍ୟନଗର ଥାନା ବାଲିଆପଲ୍ଲୀ ଗାଁର କମଳ ଲୋଚନ ଗୌଡ଼, କୋଦିନଡ଼ା ଥାନା ହୁମୁକି ଗାଁର ଧର୍ମରାଜ ଜେନା, ପୋଲସରା ଥାନା ତୋଟାସାହି ଗାଁର ଶୁଭମ ଭୂୟାଁ, ଭଞ୍ଜନଗର ଥାନା ଜିଲୁଣ୍ଡି ଗାଁର ଜଗନ୍ନାଥ ପ୍ରଧାନ ଓ ପବିତ୍ର ପ୍ରଧାନଙ୍କୁ ଗିରଫ କରିଛି। ଏମାନଙ୍କଠାରୁ ୪ ପିସ୍ତଲ,୧୬ ଗୁଳି ଜବତ ହୋଇଛି। ପୋଲସରା ପୋଲିସ କବିସୂର୍ଯ୍ୟନଗର ଥାନା ପାଇକ ଜମୁନା ଗାଁର ରାକେଶ ଦାଶଙ୍କୁ ଗିରଫ କରିଛି। ତାଙ୍କଠାରୁ ଗୋଟିଏ ପିସ୍ତଲ, ବାଇକ୍ ଓ ମୋବାଇଲ ଜବତ ହୋଇଛି। ଚମାଖଣ୍ଡି ପୋଲିସ ନଗରଢିଅ ଟାଙ୍ଗଣାପଲ୍ଲୀ ଗାଁର ପିଣ୍ଟୁ ଓରଫ ବାଳକୃଷ୍ଣ ଶତପଥୀଙ୍କୁ ଗିରଫ କରିବା ସହ ଗୋଟିଏ ପିସ୍ତଲ, ୯ ଗୁଳି ଜବତ କରିଛି। ଭଞ୍ଜନଗର ପୋଲିସ ଚାକୁଣ୍ଡାପଲ୍ଲୀ ଗାଁର କାହ୍ନୁ ଗୌଡ଼ଙ୍କୁ ଗିରଫ କରିଛି। ତାଙ୍କଠାରୁ ପିସ୍ତଲ, ମାଗାଜିନ, ଗୁଳି ଜବତ ହୋଇଛି। ତାଙ୍କ ନାଁରେ ୧୧ଟି ମାମଲା ରହିଥିବା ଖବରଦାତା ସମ୍ମିଳନୀରେ ଆଇଜି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର, ଅତିରିକ୍ତ ଏସ୍‌ପି (ଡିଆଇଜି) ରବିକାନ୍ତ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

## ଟଙ୍କା ଚୋରି: ଶାଶୁ ଦେହରେ ନିଆଁ ଲଗାଇଲେ ବୋହୂ



ବୋହୂ ଜୟା



ଶାଶୁ ରେଣୁକା ବୈଦ୍ୟ

### ଗୁରୁତର ଅବସ୍ଥାରେ ଶାଶୁ ରାୟପୁର ସ୍ଥାନାନ୍ତର

ମାଲକାନଗିରି,୪।୫(ଦୁର୍ଯ୍ୟୋଧନ ପାତ୍ର)

ବୋହୂ ଟଙ୍କା ଚୋରି କରୁଥିବା ଶାଶୁ ଜାଣିପାରିଥିଲେ। ତେଣୁ ବୋହୂ ଶାଶୁଙ୍କ ଦେହରେ ନିଆଁ ଲଗାଇ ଦେଇଛନ୍ତି। ଫଳରେ ଶାଶୁ ଗୁରୁତର ହୋଇପଡ଼ିଛନ୍ତି। ଏପରି ଘଟଣା ମାଲକାନଗିରି ଥାନା ଅନ୍ତର୍ଗତ ଏମ୍‌ଭି ୧୮ ଗ୍ରାମରେ ଗତ ୨୭ ତାରିଖରେ ଘଟିଛି। ଏ ସମ୍ପର୍କରେ ରେଣୁକା ବୈଦ୍ୟଙ୍କ ପୁଅ ଅବିନାଶ ମାଲକାନଗିରି ଥାନାରେ ସ୍ତ୍ରୀ ଜୟାଙ୍କ ନାମରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୨୨୫/୨୫ରେ ମାମଲା ରୁଜୁ ହୋଇଛି।

ଏମ୍‌ଭି ୧୮ ଗ୍ରାମର ଅବିନାଶ ବୈଦ୍ୟ ଛତିଶଗଡ଼ କୋଣ୍ଟା ଗ୍ରାମର ଜୟାଙ୍କୁ ୨ ବର୍ଷ ପୂର୍ବେ ବିବାହ କରିଥିଲେ। ଅବିନାଶ ବାହାର ରାଜ୍ୟରେ କାମ କରୁଥିବା ବେଳେ ତାଙ୍କ ମା'ରେଣୁକା ବୈଦ୍ୟ ଓ ବୋହୂ ଜୟା ଦୁହେଁ ଘରେ ରହୁଥିଲେ। ଏମ୍‌ଭି ୧୮ ଗ୍ରାମରେ ଅବିନାଶଙ୍କ ଏକ ଛୋଟ ତେଜରାତି ଦୋକାନ ରହିଛି। ତେବେ ବୋହୂ ଜୟା ପ୍ରାୟ ସମୟରେ ଘରୁ ଟଙ୍କା ଓ ସୁନା ଆଦି ଚୋରି କରୁଥିବା ବେଳେ ଏ ବିଷୟରେ ଶାଶୁ ରେଣୁକା ଜାଣିପାରି ପୁଅ ଅବିନାଶଙ୍କୁ କହିବା ସହ ଘରେ ସିସି କ୍ୟାମେରା ଲଗାଇବା ପାଇଁ କହିଥିଲେ। ଟଙ୍କା ଚୋରି କରୁଥିବା ବିଷୟରେ ଶାଶୁ ରେଣୁକା ଜାଣିବା ପରେ ବୋହୂ ତାଙ୍କୁ ଜୀବନରେ ମାରିଦେବା ପାଇଁ ଉଦ୍ୟମ କରିଥିଲେ। ରେଣୁକା ଘରେ ଶୋଇଥିବା ବେଳେ ବୋହୂ ଜୟା ତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଘର କବାଟ ବନ୍ଦକରି ୪ ମାସର ପୁଅ ସହ ନିଜ ଗ୍ରାମ ଛତିଶଗଡ଼ କୋଣ୍ଟାକୁ ଚାଲି ଯାଇଥିଲେ। ଏହା ଦେଖି ଗ୍ରାମବାସୀ ରେଣୁକାଙ୍କୁ ଗୁରୁତର ଅବସ୍ଥାରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ରେଣୁକାଙ୍କ ଶରୀରର ପ୍ରାୟ ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ପୋଡ଼ି ଯାଇଥିବାରୁ ତାଙ୍କୁ ରାୟପୁରର ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଖୁବ୍‌ଶୀଘ୍ର ଜୟାଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି। ପେଟ୍ରୋଲ ପକାଇ ନିଆଁ ଲଗାଇବା ବେଳେ ବୋହୂ ଜୟାଙ୍କ ଦୁଇ ହାତ ପୋଡ଼ିଯାଇଥିବା ଜଣାପଡ଼ିଛି।




## ଡେରାବିଶରେ ଦିନଦ୍ୱିପ୍ରହରରେ ଗୁଳିମାଡ଼: ଯୁବକ ଗୁରୁତର

ଡେରାବିଶ, ୪।୫ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ଇନ୍ଦାଳ ପଞ୍ଚାୟତର ବାଲିସାହି ଗ୍ରାମରେ ରବିବାର ଅପରାହ୍ନ ପ୍ରାୟ ସାଢ଼େ ଗୋଟାଏରେ ଦୁର୍ବୃତ୍ତମାନଙ୍କ ଗୁଳିମାଡ଼ରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। କରାଣ୍ଡିଆ ନଦୀବନ୍ଧରେ କୁଦାନଗରୀ ଥାନା ଅନ୍ତର୍ଗତ ବଡ଼ବେତରା ପଞ୍ଚାୟତ ବିନ୍ଧାଳୋ ଗ୍ରାମର ଗୌତମ ମଲ୍ଲିକ ଓରଫ ବାବୁ (୨୨) ସ୍କୁଟି ଯୋଗେ ଯାଉଥିଲେ। ତାଙ୍କୁ ପିଛା କରିଥିବା ୨ଟି ବାଇକ୍‌ରେ ୪ ଦୁର୍ବୃତ୍ତ ହଠାତ୍ ଗୌତମଙ୍କ ଉପରକୁ ଗୁଳିଚାଳନା କରି ଫେରାର ହୋଇଯାଇଥିଲେ। ଗୌତମଙ୍କ ବାମପଟ ଜଙ୍ଘରେ ଗୁଳି ବାଜିଛି। ଗ୍ରାମବାସୀଙ୍କ ସହାୟତାରେ ଗୌତମଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଗ୍ରାମବାସୀଙ୍କଠାରୁ ଖବରପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଗୁଳିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ପୂର୍ବ ଶତ୍ରୁତା କିମ୍ବା ବାଲିଘାଟକୁ କେନ୍ଦ୍ରକରି ଏହି ଘଟଣା ଘଟି ଥାଇପାରେ ବୋଲି ଚର୍ଚ୍ଚା ହେଉଛି। ଖବର ଲେଖାହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

## ଆନ୍ତଃରାଜ୍ୟ ର୍ୟାକେଟର ଗୁମର ଖୋଲୁଛି

### ମେଡିକାଲ ସିଟ୍ ଡିଲ୍ ମାମଲା

### ଏନ୍‌ଇଇଟି ପରୀକ୍ଷା କେନ୍ଦ୍ରରେ ପୋଲିସର ତଦାରଖ

ଭୁବନେଶ୍ୱର,୪।୫ (ସତ୍ୟଜିତ୍ ରାଉତ)

ମେଡିକାଲ କଲେଜରେ ନାମଲେଖା ପାଇଁ ହେଉଥିବା ପ୍ରବେଶିକା ପରୀକ୍ଷା 'ଏନ୍‌ଇଇଟି'ରେ ଚଞ୍ଚକତା କରି ଉତ୍ତୀର୍ଣ୍ଣ କରାଇବା ଆଳରେ ଠକୁଥିବା ଆନ୍ତଃରାଜ୍ୟ ର୍ୟାକେଟର ୪ଜଣଙ୍କୁ କମିଶନରେଟ ପୋଲିସର ସ୍ୱେଶାଲ କ୍ରାଇମ ୟୁନିଟ୍(ଏସ୍‌ସିୟୁ) ଶନିବାର ଗିରଫ କରିଥିବା ବେଳେ ସେମାନେ ଏବେ ଜେଲରେ ଅଛନ୍ତି। ପୋଲିସ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ଓ ଜବତ ହୋଇଥିବା ବିଭିନ୍ନ ପରୀକ୍ଷାର୍ଥୀଙ୍କ କାଗଜପତ୍ରକୁ ଯାଞ୍ଚ କରୁଛି। ଅଭିଯୁକ୍ତମାନେ ଠକେଇ ଟଙ୍କାରେ ସୌଖୀନ ଜୀବନ ବିତାଉଥିଲେ। ବାର୍‌ରେ ମଉଜ କରିବା ସହ ରାଜଧାନୀର ବିଭିନ୍ନ ଆପାର୍ଟମେଣ୍ଟରେ ଫ୍ଲାଟ୍ ଓ ଉପକଣ୍ଠରେ ଜମି କିଣିଥିବା ପୋଲିସ ଜାଣିବାକୁ ପାଇଛି। ର୍ୟାକେଟର ଯେଉଁ ସଦସ୍ୟ ଭଲ କାମ କରି ଅଧିକ ଟଙ୍କା ଡିଲ୍ କରିବେ, ସେମାନଙ୍କୁ ବିଦେଶ ଯାତ୍ରା ଅଫର୍ ଦିଆଯାଉଥିଲା। ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ଅଧିକ ତଥ୍ୟ ହାସଲ କରିବାକୁ ପୋଲିସ ଯୋଜନା କରୁଛି।

ଅନ୍ୟପକ୍ଷରେ ସର୍ବଭାରତୀୟ ସ୍ତରରେ ରବିବାର ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ଇଇଟି-ୟୁଜି) ଅନୁଷ୍ଠିତ ହୋଇଥିବା ବେଳେ ଭୁବନେଶ୍ୱରର ୩୨ଟି କେନ୍ଦ୍ରରେ ପୋଲିସ ପକ୍ଷରୁ କଡ଼ାକଡ଼ି ଯାଞ୍ଚ କରାଯାଇଛି। ୟୁନିଟ-୩ କ୍ୟାପିଟାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ରକୁ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଓ ଡିସିପି ପ୍ରତୀକ ସିଂ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ। ପୋଲିସ କମିଶନର କହିଛନ୍ତି, ସବୁ ପରୀକ୍ଷା କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା କଡାକଡି ହୋଇଥିବା ବେଳେ ପରୀକ୍ଷାର୍ଥୀଙ୍କ ବାୟୋମେଟ୍ରିକ ଯାଞ୍ଚ ହୋଇଛି। ସବୁ ଠିକ୍ ଥିବା ବେଳେ ନକଲି ପରୀକ୍ଷାର୍ଥୀ ଆସିବା ସମ୍ଭାବନା ନାହିଁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଅଭିଯୁକ୍ତମାନେ ମେଡିକାଲ ଆଶାୟୀମାନଙ୍କୁ ଦୁଇ ଉପାୟରେ ଠକୁଥିଲେ। ଏନ୍‌ଇଇଟିରେ ଉତ୍ତୀର୍ଣ୍ଣ କରାଇଦେବେ ବୋଲି ପ୍ରତିଶ୍ରୁତି ଦେଉଥିଲେ। ଟଙ୍କା ଦେଲେ ଅନ୍ୟଜଣେ ପରୀକ୍ଷାର୍ଥୀ ତାଙ୍କ ସ୍ଥାନରେ ପରୀକ୍ଷା ଦେବେ ବୋଲି କହୁଥିଲେ। ସେହିପରି ମେଡିକାଲ କଲେଜଗୁଡ଼ିକରେ ଏନ୍‌ଆର୍‌ଆଇଙ୍କ ପାଇଁ ସିଟ୍ ସଂରକ୍ଷଣ ଥିବାବେଳେ ଏହି କ୍ଷେତ୍ରରେ ବ୍ୟାପକ ଜାଲିଆତି କରି ଠକେଇ କରୁଥିଲେ। ଓସିଆଇ କୋଟାରେ ମଧ୍ୟ ନାମ ଲେଖାଇବା ପାଇଁ କହି ଠକୁଥିଲେ।



ଜଣେ ଯାହା କିଛି କାର୍ଯ୍ୟ କରୁ- ସବୁଥିରୁ ଆନନ୍ଦ ପାଇବା ଉଚିତ। ଏପରି କି ଯେଉଁ କାର୍ଯ୍ୟ ତୁଚ୍ଛ ମନେ ହୁଏ, ତା'ପଛରେ ମଧ୍ୟ ଗଭୀର ରହସ୍ୟ ନିହିତ ଥାଏ। -ଶ୍ରୀମା

-ନୀଳାଦ୍ରି ମହୋଦୟଷ୍ଟମୀ, ସୀତା ନବମୀ



# ଫାଟ କରିବ ଜାତିଗଣନା

ଓଡ଼ିଆରେ ଲୋକେ କହିଥାଆନ୍ତି- 'ବାର ଜାତି ତେର ଗୋଲା, ବୈଷ୍ଣବ ହେଲେ ସବୁ ଗୋଲା'। ଏଠାରେ କେଉଁ ନିର୍ଦ୍ଦିଷ୍ଟ ଜାତିକୁ ଉପଲକ୍ଷ୍ୟ କରି କଟାକ୍ଷ କରିବା ଉଦ୍ଦେଶ୍ୟ ନୁହେଁ। ପ୍ରସଙ୍ଗ ହେଲା ଏପ୍ରିଲ ୩୦ରେ ରାଜନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି (ସିସିପିଏ) ୨୦୨୬ରେ ହେବାକୁ ଥିବା ଜନଗଣନା ସହ ଜାତିଗଣନାକୁ ଅନ୍ତର୍ଭୁକ୍ତ କରିବା ନେଇ ନିଷ୍ପତ୍ତି ନେଇଛନ୍ତି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଯୋଗୁ ସମଗ୍ର ଦେଶରେ ନିରାପତ୍ତାକୁ ନେଇ ଗୁଞ୍ଜରଣ ଚାଲିଥିବା ବେଳେ କେନ୍ଦ୍ର ଭାଜପା ସରକାର ହଠାତ୍ ଏଭଳି କାହିଁକି ପଦକ୍ଷେପ ନେଲେ ତାହା ବୁଝିବା କଷ୍ଟକର ନୁହେଁ। କାରଣ ୨୦୨୪ ନିର୍ବାଚନରେ ଦଳ ଆଶାନୁରୂପ ସଫଳତା ନ ପାଇବା ଓ ଆଗକୁ ବିହାର ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ଝଟକା ଦେବା ଲାଗି ଏଭଳି ନିଷ୍ପତ୍ତି ନେଇଥିବା ସ୍ପଷ୍ଟ ଦେଖାଯାଉଛି। ସାମାଜିକ ନ୍ୟାୟ ପାଇଁ ଲଢ଼େଇ କରୁଥିବା ଦଳଗୁଡ଼ିକ ଢେର ସମୟ ଧରି ଜାତିଭିତ୍ତିକ ଜନଗଣନା ନେଇ ଦାବି କରୁ ଆସୁଥିଲେ। ପରେ କଂଗ୍ରେସ ସେହି ସ୍ରୋତରେ ଭାସିଗଲା। ହିନ୍ଦୁଙ୍କୁ ଏକତ୍ର କରିବାରେ ବିଶ୍ୱାସ କରୁଥିବା ଭାଜପା ଜାତିକୁ ନେଇ ରାଜନୀତି ଅପେକ୍ଷା ଧର୍ମ ଏକ ବ୍ୟାପକ ପରିସର ହୋଇଥିବାରୁ ସେଥିରୁ ସଫଳତା ନେବାକୁ ସର୍ବଦା ଚାହିଁ ଆସିଛି ଏବଂ ଦୀର୍ଘମିଆଦୀ ଫଳ ମଧ୍ୟ ପାଇଛି। ପରିବର୍ତ୍ତିତ ସ୍ଥିତିରେ ଯେତେବେଳେ ଅଲଗା ପରୀକ୍ଷଣ ସଫଳ ହେଉ ନ ଥିବା ଅନୁଭବ ହେଲା, ସେତେବେଳେ ଭାଜପା ବିରୋଧୀଙ୍କୁ ଜାତିଭିତ୍ତିକ ଜନଗଣନା ଅସ୍ତ୍ରରେ ପାଲଟା ଜବାବ ଦେବାକୁ ଆଗେଇ ଆସିଥିବା ଭଳି ଦିଶୁଛି। ୨୦୨୦ କୋଭିଡ୍ ମହାମାରୀ ଯୋଗୁ ୨୦୨୧ରେ ହେବାକୁ ଥିବା ଜନଗଣନାକୁ ସ୍ଥଗିତ ରଖାଯାଇଥିଲା। ଆଗାମୀ ଜନଗଣନାରେ ଗଣନାକାରୀମାନେ ଘରକୁ ଘର ଯାଇ ଲୋକଙ୍କ ଜାତି ପଚାରିବେ। ଏଠାରେ ସୂଚାଇ ଦିଆଯାଇପାରେ ଯେ, ୧୯୩୧ରେ ଉପନିବେଶୀୟ ସରକାର ଜାତିଭିତ୍ତିକ ଜନଗଣନା କରିଥିଲେ। ହେଲେ ସ୍ୱାଧୀନତା ପରେ ୧୯୫୧ରେ ଜବାହର ଲାଲ ନେହେରୁ ସରକାର ଜନଗଣନାରେ ଜାତିଗଣନାକୁ ବାଦ୍ ଦେବାକୁ ନିଷ୍ପତ୍ତି ନେଇଥିଲେ। ଦେଶରେ ଏକତା ବଜାୟ ରଖିବା ଓ ଜାତିବିହୀନ ସମାଜ ଗଠନ ଥିଲା ମୂଳ ଲକ୍ଷ୍ୟ। ସେବେଠାରୁ ୨୦୧୧ ଯାଏ କେବଳ ତଫସିଲଭୁକ୍ତ ଜାତି ଓ ଉପଜାତିଙ୍କ ଗଣନା କରାଯାଉଥିଲା ବେଳେ ଜାତିଭିତ୍ତିକ ହିସାବ କରାଯାଇ ନ ଥିଲା। ୨୦୧୧ ଜନଗଣନାରେ ଉପା-୨ର ମନମୋହନ ସିଂଙ୍କ ସରକାର ସମୟରେ ସାମାଜିକ ଓ ଅର୍ଥନୈତିକ ଜନଗଣନା କରାଯାଇଥିଲେ ମଧ୍ୟ ଜାତି ବିଷୟକୁ ଇଚ୍ଛାକୃତ ରଖାଯାଇଥିଲା। ସେତେବେଳେ ତଥ୍ୟରେ ତାଳମେଳ ନ ରହିବାରୁ ଏ ସଂକ୍ରାନ୍ତରେ ସବିଶେଷ ସୂଚନା ଆସିପାରି ନ ଥିଲା। ଆଗାମୀ ଜନଗଣନାରେ ଜାତିଭିତ୍ତିକ ଗଣନା ଆସିଲେ ତାହା ସମାଜରେ ନୂଆ ବିତର୍କ ସୃଷ୍ଟି କରିବାର ଆଶଙ୍କା ଦେଖାଦେଲାଣି। ତଥାପି ରାଜନୈତିକ ଦଳଗୁଡ଼ିକ ସେଥିପ୍ରତି ଆଗ୍ରହ ଦେଖାଉଛନ୍ତି। ମୁଖ୍ୟ ଲକ୍ଷ୍ୟ ରହୁଛି ରାଜନୈତିକ ଫାଇଦା ଓ ତାହା ତୁଳନାରେ ଦେଶ ମଙ୍ଗଳ ଏମାନଙ୍କ ପାଇଁ ସର୍ବଦା ଗୌଣ ରହିଆସିଛି। ଭାଜପା ଏହି ଚରିତ୍ରଠାରୁ ଯଥେଷ୍ଟ ଦୂରରେ ରହିଆସିଥିଲା। ଏପରିକି ଜନଗଣନାରେ ଜାତିଭିତ୍ତିକ ଗଣନାକୁ ଏହା ପସନ୍ଦ କରୁ ନ ଥିଲା। ସମ୍ଭବତଃ ତା' ପାଇଁ ଏଭଳି ଚିନ୍ତାଧାରା ଆଦର୍ଶ ଭାବେ ବିବେଚିତ ହୋଇଥାଆନ୍ତା। କିନ୍ତୁ ନିର୍ବାଚନୀ ସଫଳତା ପାଇଁ ଏହା ସବୁକିଛି ଜଳାଞ୍ଜଳି ଦେବାକୁ ଚାହିଁଲା ଓ ଶେଷ ନିଷ୍ପତ୍ତି ଶୁଣାଇ ଦେଲା। ଏଭଳି ସ୍ଥଳେ ବିରୋଧୀ ଦଳଗୁଡ଼ିକ ଭାଜପାକୁ ସମାଲୋଚନା କରି ଘୋଷଣାର ସମୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ତଥାପି ସେମାନଙ୍କ ଦାବିକୁ ସରକାର ଡେରିରେ ଗ୍ରହଣ କରିଥିବାରୁ ଆଶ୍ୱସ୍ତ ହୋଇଛନ୍ତି।

ସବୁ ମଣିଷ ଜନ୍ମରୁ ସମାନ ହୋଇଥାଆନ୍ତି। ସଭ୍ୟତା ଅସମାନତା ସୃଷ୍ଟି କରିଛି। ସିନ୍ଧୁ ସଭ୍ୟତା ଜାତିବିହୀନ ଥିଲେ ମଧ୍ୟ ଶ୍ରେଣୀବିହୀନ ନ ଥିଲା। ସେତେବେଳେ ଉଚ୍ଚ ବର୍ଗ ଓ ଶ୍ରମିକ ଶ୍ରେଣୀ ଦେଖାଦେଇଥିଲା। ବୈଦିକ ଯୁଗକୁ ଦେଖିଲେ କାର୍ଯ୍ୟ ଅନୁଯାୟୀ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୁଦ୍ର ଆଦି ବର୍ଣ୍ଣ ସୃଷ୍ଟି ହୋଇଥିଲେ। ପରବର୍ତ୍ତୀ ସମୟରେ ଅନେକ ଜାତି ଓ ଉପଜାତି ହୋଇଛନ୍ତି। ସବୁ ଜାତି ନିର୍ଣ୍ଣୟ ଦ୍ୱାରା ସୃଷ୍ଟି କରାଯାଇଛି। ବିଭିନ୍ନ ଜାତି ମଧ୍ୟରେ ଦ୍ୱନ୍ଦ୍ୱ ଓ ସଂଘାତ ଦେଖାଦେଉଛି। ଜାତିକୁ ନେଇ ସଂରକ୍ଷଣ କେଉଁ ସ୍ତରରେ ପହଞ୍ଚିଛି ତାହା ବିତର୍କର ବିଷୟ ହୋଇ ରହିଛି। କୁହାଯାଉଛି ଜାତିଭିତ୍ତିକ ଜନଗଣନା କରାଗଲେ ତାହା ସାମାଜିକ ନ୍ୟାୟ ଦିଗକୁ ପରିପୁଷ୍ଟ କରିବ। କିନ୍ତୁ ବାସ୍ତବତାକୁ ଦେଖିଲେ ଏହାକୁ ନେଇ ରାଜନୀତି ସର୍ବାଗ୍ରେ ରହୁଥିବାରୁ ଏହାର ଉଦ୍ଦେଶ୍ୟ କେତେ ମାତ୍ରାରେ ସାଧିତ ହେଉଛି ତାହା ଭବିଷ୍ୟତ କହିବ।

> ବିଭିନ୍ନ ଜାତି ମଧ୍ୟରେ ଦ୍ୱନ୍ଦ୍ୱ ଓ ସଂଘାତ ଦେଖାଦେଉଛି। ଜାତିକୁ ନେଇ ସଂରକ୍ଷଣ କେଉଁ ସ୍ତରରେ ପହଞ୍ଚିଛି ତାହା ବିତର୍କର ବିଷୟ ହୋଇ ରହିଛି। କୁହାଯାଉଛି, ଜାତିଭିତ୍ତିକ ଜନଗଣନା କରାଗଲେ ତାହା ସାମାଜିକ ନ୍ୟାୟ ଦିଗକୁ ପରିପୁଷ୍ଟ କରିବା କିନ୍ତୁ ବାସ୍ତବତାକୁ ଦେଖିଲେ ଏହାକୁ ନେଇ ରାଜନୀତି ସର୍ବାଗ୍ରେ ରହୁଥିବାରୁ ଏହାର ଉଦ୍ଦେଶ୍ୟ କେତେ ମାତ୍ରାରେ ସାଧିତ ହେଉଛି ତାହା ଭବିଷ୍ୟତ କହିବ।

## ସୁ-ଡୋ-କୁ

sudoku Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | 3 | | 5 | | 2 |
| | | | | | 2 | | 9 | 6 |
| | | | 5 | | | | 3 | |
| | | | | | | 1 | 2 | 5 |
| | | | 3 | | | | | |
| 8 | | | | | 7 | 4 | | |
| 2 | 9 | | 6 | | | | | |
| | 5 | 7 | 4 | 8 | | | | |
| | | | | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 1 | 8 | 6 | 9 | 7 | 4 | 2 |
| 9 | 8 | 4 | 1 | 2 | 7 | 6 | 3 | 5 |
| 7 | 6 | 2 | 4 | 5 | 3 | 9 | 8 | 1 |
| 2 | 7 | 5 | 9 | 8 | 6 | 4 | 1 | 3 |
| 8 | 3 | 9 | 2 | 4 | 1 | 5 | 7 | 6 |
| 4 | 1 | 6 | 3 | 7 | 5 | 2 | 9 | 8 |
| 5 | 9 | 8 | 6 | 1 | 4 | 3 | 2 | 7 |
| 6 | 2 | 3 | 7 | 9 | 8 | 1 | 5 | 4 |
| 1 | 4 | 7 | 5 | 3 | 2 | 8 | 6 | 9 |

ଗତକାଲିର ଉତ୍ତର

# ସମବାୟରେ ନିର୍ବାଚିତ ପ୍ରତିନିଧି ପଦର ମହତ୍ତ୍ୱ



ପ୍ରତାପ ଚନ୍ଦ୍ର ସାମଲ

ଯେତେବେଳେ ଜଣେ ବ୍ୟକ୍ତି ପ୍ରତିନିଧି ପଦରେ ନିର୍ବାଚିତ ହୁଅନ୍ତି, ସେତେବେଳେ ସେ ତାଙ୍କର ଇଚ୍ଛାକୁ ପ୍ରତିନିଧିତ୍ୱ କରନ୍ତି ନାହିଁ। ସେ ପ୍ରକୃତରେ ନିଜକୁ ନିର୍ବାଚିତ କରିଥିବା ଜନତାଙ୍କର ଆଶା, ଆକାଂକ୍ଷା, ଅଭାବ ଅସୁବିଧା ଓ ଅଧିକାରକୁ ହିଁ ପ୍ରତିନିଧିତ୍ୱ କରିଥାନ୍ତି। ଯେଉଁ ସମୟରେ ଜଣେ ସ୍ୱୟଂଶାସିତ ଗଣତାନ୍ତ୍ରିକ ସଂସ୍ଥା କିମ୍ବା ଅନ୍ୟ ସମସ୍ତ ସ୍ଥାନୀୟ ଗଣତାନ୍ତ୍ରିକ ସଂସ୍ଥା ଏପରିକି ବିଧାନ ପରିଷଦ ପ୍ରତିନିଧି ପଦରେ ନିର୍ବାଚିତ ହୁଅନ୍ତି, ସେହି ସମୟଠାରୁ ସେ ନିଜର ଅହଂ ବା ସ୍ୱୟଂର ଚାହିଦାକୁ ସମ୍ପୂର୍ଣ୍ଣ ରୂପେ ବିଲୀନ କରିବା ଆବଶ୍ୟକ। ଏହି ପ୍ରତିନିଧିମାନଙ୍କର ଅଧିକାର ପ୍ରାପ୍ତି ଲାଗି ନିରବଚ୍ଛିନ୍ନ ଭାବେ ସଂଗ୍ରାମ କରିବାର ଆବଶ୍ୟକ ରହିଛି। ଏହିଠାରୁ ହିଁ ସ୍ୱୟଂଶାସନ ସଂସ୍ଥାରେ ଆତ୍ମଶାସନ ପ୍ରକ୍ରିୟାର ଆରମ୍ଭ ହୁଏ। ଯେତେବେଳେ ଜଣେ ବ୍ୟକ୍ତି ପ୍ରତିନିଧି ପଦରେ ନିର୍ବାଚିତ ହୁଅନ୍ତି, ସେତେବେଳେ ସେ ନିଜକୁ ନିୟନ୍ତ୍ରିଣ କରିବା ଦରକାର। ସେ ନିଜେ ପ୍ରକାଶ କରିବା ଉଚିତ୍ ଯେ ତାଙ୍କର ଇଚ୍ଛା ବା ଅଭିଳାଷ ବୋଲି କିଛି ନାହିଁ। ତାଙ୍କ ପାଇଁ ଯାହା ନିହାତି ଆବଶ୍ୟକ ତାକୁ ସ୍ଥଗିତ ରଖାଯାଇ ତାଙ୍କୁ ନିର୍ବାଚିତ କରିଥିବା ବ୍ୟକ୍ତିଙ୍କୁ ପ୍ରାପ୍ତ ହେଉ ବୋଲି ସ୍ୱୀକାର କରିବା ଆବଶ୍ୟକ। ନିର୍ବାଚିତ ପ୍ରତିନିଧିଙ୍କ ଅଧିକାର ତାଙ୍କୁ ନିର୍ବାଚିତ କରିଥିବା ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ବିନିଯୁକ୍ତ ହୋଇ ସେହିମାନଙ୍କ ଅଧିକାରକୁ ସାବ୍ୟସ୍ତ କରିବା ଉଚିତ୍।

ପ୍ରତିନିଧି ପଦରେ ନିହିତ ଥିବା ଏହି ସମସ୍ତ ଅବଧାରିତ ତାତ୍ପର୍ଯ୍ୟ ଓ ମହତ୍ତ୍ୱର ମୂଲ୍ୟବୋଧକୁ ଉପଲବ୍ଧି କରିବା ଏକାନ୍ତ ପ୍ରୟୋଜନ। ମାତ୍ର ଏହା ନ କରିବା ଯୋଗୁ, ଆମେମାନେ ବହୁ ସମୟରେ ଦେଖୁ ଯେ, ଅନେକ ବ୍ୟକ୍ତି ପ୍ରଭାବଶାଳୀ ସ୍ଥାନରେ ଅବସ୍ଥାପିତ ରହି ଅଥବା ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ପଦ ପଦବୀରେ ଅବସ୍ଥାପିତ ହୋଇ ସେମାନଙ୍କର ଅଭିଳାଷକୁ ପ୍ରୟୋଗ କରନ୍ତି କିମ୍ବା ସମାଜ ବା ସଂସ୍ଥା ଉପରେ ଲଦି ଦିଅନ୍ତି। ଆଉ ମଧ୍ୟ ଭାବନ୍ତି ଯେ, ସେମାନେ ଯାହାକୁ ଠିକ୍‌ରୂପେ ନିର୍ଦ୍ଧାରଣ କରିଛନ୍ତି, ତାହାହିଁ ଯଥାର୍ଥ କରଣୀୟ। ଏହି ଭ୍ରାନ୍ତ ଧାରଣାରୁ ସେମାନେ ମୁକ୍ତ ହୋଇ ପ୍ରତିନିଧି ପଦର ତାତ୍ପର୍ଯ୍ୟକୁ ଅବଧାରଣା କରିବା ଉଚିତ୍। ପ୍ରକୃତରେ ଏହିସବୁ କ୍ଷେତ୍ରରେ ଯେତେବେଳେ ଏହି ପଦବୀରେ ଅଧିଷ୍ଠିତ ପ୍ରତିନିଧି ଅହଂର ଅଧିକାରକୁ ପ୍ରୟୋଗ କରିଥାନ୍ତି ସେତେବେଳେ କେବଳ ଏହା ସମାପ୍ତ ହୋଇ ନଥାଏ, ବରଂ ସେହି ମସୟରେ ଜନମତର ଆଶା ଆକାଂକ୍ଷା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ପରିପ୍ରକାଶ ଲାଭ କରି ନିଜକୁ ବଳିଷ୍ଠ ଭାବେ ଉପସ୍ଥାପିତ ବା ସାବ୍ୟସ୍ତ କରିପାରେ।




ମନେରଖିବା ଉଚିତ୍, ସମସ୍ତ ଗଣତାନ୍ତ୍ରିକ ସଂସ୍ଥା ଓ ସ୍ୱୟଂଶାସିତ ଅନୁଷ୍ଠାନ ପ୍ରକୃତରେ ବିଧାନ ବା ଆଇନରୁ ହିଁ ସୃଷ୍ଟି ହୋଇଛନ୍ତି। ଏହି ପ୍ରତିଷ୍ଠାନଗୁଡ଼ିକ ବିଧାନରୁ ଉତ୍ପତ୍ତି ଲାଭ କରିଥିବାରୁ ସେଗୁଡ଼ିକର ପରିଚାଳନା ଦାୟିତ୍ୱରେ ଅଧିଷ୍ଠିତ ପଦବୀଧାରୀଙ୍କର କର୍ତ୍ତବ୍ୟ, ଦାୟିତ୍ୱ ଓ ଅଧିକାର ସମ୍ପର୍କରେ ବିଶଦଭାବେ ଆଇନରେ ରହିଛି। ଏଣୁ ସେମାନେ ଯଦି ଏହି ଅଧିକାର ପ୍ରୟୋଗ କ୍ଷେତ୍ରରେ ଆଇନର ଉଲ୍ଲଂଘନ କରନ୍ତି, ତେବେ ନକାରାତ୍ମକ ପରିଣାମ ସମ୍ମୁଖକୁ ଆସିଥାଏ। ମାତ୍ର ସେମାନଙ୍କର କାର୍ଯ୍ୟର ଏହି ପରିସୀମା ମଧ୍ୟରେ ସେମାନେ ଯେପରି ଆଇନର ଉଲ୍ଲଂଘନ ନ କରନ୍ତି ସେଥିପାଇଁ ଯତ୍ନବାନ୍ ହେବା ଦରକାର। ମୁଁ ବିଶ୍ୱାସ କରେ ଯେ, ଆଇନର ସଂରକ୍ଷଣ ନ ହେଲେ ପ୍ରକୃତ ମୁକ୍ତି ପ୍ରଦାନ କରେନାହିଁ। ଏହି କ୍ଷେତ୍ରରେ ପ୍ରଖ୍ୟାତ ଇଂଲିଶ୍ କବି 'ମିଲ୍‌ଟନ୍'ଙ୍କର ଗଣିତ ଆସ୍ଥା ବଚନିକାରୁ ଗୋଟିଏ ପଦ ଉଦ୍ଧୃତ ହେଲା 'ଯେତେବେଳେ ସେମାନେ ମୁକ୍ତିକୁ ଅସ୍ୱୀକାର ସହ ଅବ୍ୟାହତ କରନ୍ତି, ସେତେବେଳେ ସେମାନେ ନିଜକୁ ନିୟନ୍ତ୍ରିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥାନ୍ତି।'

ଉତ୍କଳ ଗୌରବ ମଧୁସୂଦନ ଦାସ ସମଗ୍ର ଭାରତରେ ମଣ୍ଟଫୋର୍ଡ ସାମ୍ବିଧାନିକ ସଂସ୍କାରର ବ୍ୟବସ୍ଥା ଅନୁସାରେ ୧୯୨୧ରେ ଏହାର ପ୍ରାରମ୍ଭିକ ପ୍ରୟୋଗ ହେବା ଅବସ୍ଥାରେ ବିହାର ଓ ଓଡ଼ିଶା ପ୍ରଦେଶର ସ୍ୱାୟତ୍ତ ଶାସନ, ପୂର୍ତ୍ତ ଓ ସ୍ୱାସ୍ଥ୍ୟ ବିଭାଗରେ ମନ୍ତ୍ରୀ ପଦରେ ଅଧିଷ୍ଠିତ ରହି ବିହାର ଓ ଓଡ଼ିଶାର ବିଧାନ ପରିଷଦରେ ତା୨୯.୦୭.୧୯୨୧ ସାଲରେ ଗଣତାନ୍ତ୍ରିକ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ସମ୍ପର୍କରେ ଯେଉଁ ବକ୍ତବ୍ୟ ରଖିଥିଲେ, ତହା ସମସ୍ତ ଗଣତାନ୍ତ୍ରିକ ସଂସ୍ଥା, ସମବାୟ ସଂସ୍ଥା ସହିତ ସ୍ୱାୟତ୍ତ ଶାସନ ସଂସ୍ଥାମାନଙ୍କ ପ୍ରତି ପ୍ରଯୁଜ୍ୟ। ଯାହା ମଧୁସୂଦନ ଦାସଙ୍କ ମୂଳଲକ୍ଷ୍ୟ ଥିଲା ତାହା ହେଲା କୃଷି, କୃଷକ ଓ ସମବାୟ ସମିତି (ସମବାୟ ଋଣ ଆଇନ ୧୯୦୪) ପ୍ରଣୟନ ପରିପ୍ରେକ୍ଷୀରେ।

କୃଷିର ଉନ୍ନତି ବିଷୟରେ ଆମ୍ଭମାନଙ୍କୁ ଅନେକ କଥା ଚିନ୍ତା କରିବାକୁ ପଡ଼ିବ। ବର୍ତ୍ତମାନ କୃଷିଜାତ ଦ୍ରବ୍ୟର ଉତ୍ପାଦନ ବିଷୟରେ ଆମ୍ଭମାନଙ୍କ ଦ୍ୱାରା ଏପରି ଚେଷ୍ଟା କରିବା ଆବଶ୍ୟକ, ଯାହା ଦ୍ୱାରା ଆମ ଦେଶର ଆଭ୍ୟନ୍ତରୀଣ ଅଭାବ ପୂର୍ଣ୍ଣ ହେବ ଓ ଦେଶଜାତ ଦ୍ରବ୍ୟ ବିଦେଶକୁ ପ୍ରେରିତ ହେବ। ଏ ବିଷୟରେ ବିହିତ ଉପାୟମାନ ଅବଲମ୍ବନ କରିବାକୁ ପଡ଼ିବ। ସର୍ବପ୍ରଥମେ ଓଡ଼ିଶାର ବିଭିନ୍ନ ସ୍ଥାନର ମୃତ୍ତିକାର ବିଭିନ୍ନ ଶସ୍ୟ ଉତ୍ପାଦିକା ଶକ୍ତି ଜାଣି କେଉଁ ଅଞ୍ଚଳ ମୃତ୍ତିକା କେଉଁ ଫସଲ ପାଇଁ ଅନୁକୂଳ ତାହା ରାସାୟନିକ ଓ ବାସ୍ତବ କଣିକା ଦ୍ୱାରା ସ୍ଥିର କରିବାକୁ ପଡ଼ିବ। କେଉଁ ଖତ ପ୍ରୟୋଗ କଲେ ମୃତ୍ତିକାର ଉର୍ବରତା ବଢ଼ିବ, କି ପ୍ରଣାଳୀରେ ଚାଷକଲେ ପ୍ରଚୁର ଖାଦ୍ୟଶସ୍ୟ ଉତ୍ପନ୍ନ ହେବ, ଏଗୁଡ଼ିକ ସ୍ଥିର କରି କାର୍ଯ୍ୟରେ ପରିଣତ କରିବାକୁ ହେବ। କୃଷି କାର୍ଯ୍ୟରେ ମଧ୍ୟ ସମ୍ମିଳିତ ଚେଷ୍ଟା ଆବଶ୍ୟକ। ସମ୍ମିଳିତ ଚେଷ୍ଟା ଦ୍ୱାରା କୃଷିଜୀବୀମାନଙ୍କର କି ପ୍ରକାର ଉନ୍ନତି ସାଧିତ ହେବ ତହିଁର ଉଦାହରଣ ଭାରତବର୍ଷର ଚା', କୃଷି ଇତ୍ୟାଦି ବ୍ୟବସାୟ ଉପରୋକ୍ତ କୃଷି ଦ୍ୱାରା ଇଉରୋପୀୟ ରାଷ୍ଟ୍ରର ଅନେକ କୃଷିଜୀବୀ ଲାଭବାନ୍ ହେଉଛନ୍ତି। ସମ୍ମିଳିତ ଚେଷ୍ଟା, ମୂଳଧନ, ଉପଯୁକ୍ତ ପରିଚାଳନା ଓ ଉତ୍କୃଷ୍ଟ ଯନ୍ତ୍ର ସାହାଯ୍ୟରେ ଆମ ଦେଶରେ କୃଷିର ଉନ୍ନତି ସାଧିତ ହୋଇପାରେ ଏହା ଆମର ବିଶ୍ୱାସ। ଭାରତବର୍ଷ ତଥା ଓଡ଼ିଶାର କୃଷକମାନେ କୃଷି ଉପରେ ନିର୍ଭର କରନ୍ତି। ଏଥିପାଇଁ ଗୋ ମହିଷାଦିଙ୍କ ସଂଖ୍ୟା ଯେପରି ବୃଦ୍ଧି ହେବ ଓ ଗରିବ କୃଷକମାନେ ଯେପରି ସାହୁକାରମାନଙ୍କର ହସ୍ତଗତ ନ ହୋଇ ସ୍ୱ ସ୍ୱ କୃଷିକାର୍ଯ୍ୟ କରିପାରିବେ ତାହା ବନ୍ଦୋବସ୍ତ କରିବା ଉଚିତ୍। ବର୍ତ୍ତମାନ ଭାରତ ସରକାରଙ୍କର ପ୍ରଚଳିତ ବ୍ୟବସ୍ଥା ଅନୁସାରେ କେତେକ ସମବାୟ ଭଣ୍ଡାର ସଂସ୍ଥାପନା କରାଇବା ନିମନ୍ତେ ପ୍ରାଦେଶିକ ସରକାରମାନେ ଯତ୍ନବାନ ଅଛନ୍ତି। ଗରିବ କୃଷକମାନେ ନିତାନ୍ତ ଲୋଭୀ ସାହୁକାରଙ୍କ ଶୋଷଣରୁ ଯେପରି ମୁକ୍ତ ହେବେ, ସେଥିପାଇଁ ଚେଷ୍ଟା କରିବା ଉଚିତ୍। କୃଷକମାନଙ୍କୁ ଓ କୃଷି ସେବା ସମବାୟ ସମିତିମାନଙ୍କର ପରିଚାଳନା ପରିଷଦର ସଦସ୍ୟଙ୍କୁ କୃଷି ଶିକ୍ଷା ପ୍ରଦାନ କରିବା ସର୍ବମତରେ ବାଞ୍ଛନୀୟ ଏବଂ ନାନା ବିଧି କୃଷିକାର୍ଯ୍ୟ ସେମାନଙ୍କ ଦ୍ୱାରା ଯେପରି ସାଧିତ ହୋଇପାରିବ ସେ ବିଷୟରେ ଅବଲମ୍ବନ ବିଧେୟ। ମଧୁସୂଦନ ଦାସଙ୍କର ଏହା ଥିଲା ମୂଳଲକ୍ଷ୍ୟ ଓ ଯେହେତୁ ସେ ଥିଲେ ନିର୍ବାଚିତ ପ୍ରତିନିଧି ବିହାର-ଓଡ଼ିଶା ମିଳିତ ସରକାରରେ। ମଧୁସୂଦନ ଦାସଙ୍କ ଦ୍ୱାରା ଉତ୍କଳ ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ତା୨୮.୧୨.୧୯୦୪ରିଖରେ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ସମବାୟ ଋଣ ଆଇନ ପ୍ରଣୟନକୁ ସ୍ୱାଗତ କରି କଟକଠାରେ ପ୍ରଜାମାନଙ୍କ ଗହଣରେ ଭାଷଣର ଏହାଥିଲା କିଛି ଅଂଶ। ଏସବୁକୁ ତର୍ଜମା କଲେ ପ୍ରକୃତ ନିର୍ବାଚିତ ପ୍ରତିନିଧି ପଦର ତାତ୍ପର୍ଯ୍ୟ ଓ ମହତ୍ତ୍ୱ ସହଜରେ ଜନସାଧାରଣଙ୍କ ଦ୍ୱାରା ଆଦୃତ ହେବା ଜଣାପଡ଼େ।

**ବରିଷ୍ଠ ସମବାୟବିତ୍**
**ମୋ: ୯୦୯୦୩୨୫୮୦୨**

# ଶିକ୍ଷାନୁଷ୍ଠାନରେ ବନ୍ଧୁମିଳନ



ଭଗବାନ ଦାଶ

ଏବେ ପ୍ରାୟ ଶିକ୍ଷାନୁଷ୍ଠାନରେ ପୁରୁଣା ସହପାଠୀମାନେ ଏକତ୍ରିତ ହେବାକୁ ଆଗ୍ରହୀ। ସେମାନେ ସମସ୍ତେ ବର୍ତ୍ତମାନର ବରିଷ୍ଠ ନାଗରିକ। କାରଣ ଏ ପ୍ରକାର ବନ୍ଧୁ ମିଳନର ଆୟୋଜନ ସାଧାରଣତଃ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ କିମ୍ବା ହୀରକ ଜୟନ୍ତୀରେ କରାଯାଇଥାଏ। ଉପସ୍ଥିତ ବନ୍ଧୁମାନେ ଦୀର୍ଘାୟୁ ନତୁବା ଅବସରପ୍ରାପ୍ତ। ଏକାଠିହେଲେ ବୟସ ଭୁଲିଯାଇ ପିଲାଦିନ ଦିଶିଯାଏ। ଅନୁଷ୍ଠାନକୁ ଦେଖି ସ୍ମୃତି ରୋମନ୍ଥନର ଅବକାଶ ମିଳେ। ଆମ ଶିକ୍ଷାୟତନ, ଯାହା ଏବେ ଦେଖୁଛେ ତାକୁ ତୁଳନା କରିହୁଏନି। ପ୍ରାୟ ସବୁ ଶିକ୍ଷାନୁଷ୍ଠାନ ଘର କୋଠା, ଚଟାଣ ମାର୍ବଲ ବା ଟାଇଲ। ପରିବେଶ ଚକାଚକ। କିନ୍ତୁ ଆମ ସମୟର ଗଛ ଛାଇ ଭରା ସ୍କୁଲ ପରିସର ବିରଳ। ପିଲାମାନଙ୍କରି ଆଗଭଳି ବ୍ୟାଗ ବସ୍ତାନି ନାହିଁ। ଶିକ୍ଷକ ହେଉ କି ଶିକ୍ଷାର୍ଥୀ ହୁଅନ୍ତୁ ସମସ୍ତଙ୍କର ହାବଭାବ ସମ୍ପୂର୍ଣ୍ଣ ଭିନ୍ନ ଓ ସ୍ୱତନ୍ତ୍ର। ସେତେବେଳର ଛାଟ ଆଉ ନାହିଁ। ମୋଟାମୋଟି କହିବାକୁ ଗଲେ ଶିକ୍ଷାନୁଷ୍ଠାନଗୁଡିକ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା ପରଠାରୁ ପିଲାମାନେ ସ୍ୱାଧୀନ। ଆମ ସମୟର ପାଠର ଆଲୋଚନା ଅପେକ୍ଷା ଏବକାର ପାଠର ଆଲୋଚନା ସମ୍ପୂର୍ଣ୍ଣ ଭିନ୍ନ ଓ ବିଦ୍ୟାଳୟ ବହୁମୁଖୀ ଶିକ୍ଷା ବ୍ୟବସ୍ଥାର ଚଳଣିରେ ବନ୍ଧା। ସେତେବେଳର ଖେଳ ବି ବଦଳିଗଲାଣି। ଛାତ୍ରୀଛାତ୍ର ପଢନ୍ତୁ ବା ନ ପଢନ୍ତୁ ମାଡ଼ ଧମକ ଦେବାର ତ ନାହିଁ। ପରୀକ୍ଷାରେ ଆଉ ଫେଲ୍ କେହି ହେବେନି। ପଢ଼ିବେ ଶ୍ରେଣୀ ଡେଇଁବେ। ପଢ଼ା ପିଲା ତ ପଢ଼ିବେ, ନ ପଢ଼ା ପିଲା ଆଉ ପଢ଼ିବାରେ ମନ ଦେବେ ବା କାହିଁକି!

ଉପସ୍ଥିତ ପୂର୍ବତନ ଛାତ୍ରମାନେ ବହୁ ବୟସ୍କ ହେତୁ ବିଦ୍ୟାଳୟର ଶିକ୍ଷକଙ୍କଠାରୁ ମଧ୍ୟ ବହୁତ ବଡ଼ ଏପରିକି ସେମାନଙ୍କର ପିତୃତୁଲ୍ୟ। କେତେକ କ୍ଷେତ୍ରରେ ଛାତ୍ରଟିଏ ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ ହୋଇଥିଲେ, ତାହା ପୁଣି ଯଦି ଶିକ୍ଷା ବିଭାଗରେ ହୋଇଥାଏ, ସେତେବେଳେ ସେ ଛାତ୍ରଟି ଶିକ୍ଷକଙ୍କଠାରୁ ବେଶ୍ କିଛି ଅଧିକ ସମ୍ମାନ ପାଇଥାଏ। ଉପସ୍ଥିତ ବନ୍ଧୁଙ୍କ ଭିତରେ ଥାଇପାରନ୍ତି ବହୁ ଉଚ୍ଚ ପଦ ପଦବୀଧାରୀ ଅବସରପ୍ରାପ୍ତ ସରକାରୀ ଓ ବେସରକାରୀ କର୍ମଚାରୀ। ଥାଆନ୍ତି ଡାକ୍ତର, ଇଞ୍ଜିନିୟର, ଆଡଭୋକେଟ, ବିଭିନ୍ନ ନାମୀଦାମୀ କମ୍ପାନୀର ମ୍ୟାନେଜର, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, ଏବଂ ବଡ଼ ବଡ଼ ଶିକ୍ଷାବିତ୍, ରାଜନେତା ଓ ପ୍ରଶାସନିକ ଅଧିକାରୀ। ମିଳନ, କଥୋପକଥନରୁ ମିଳେ ସେ ସବୁର ପରିଚୟ।

ସମସ୍ତଙ୍କର ପିଲାଙ୍କୁ ଚେତାବନି, ଆମେ କାଲି ତୁମପରି ଛୋଟ ପିଲା ଥିଲୁ। ଆଜି କିଏ କ'ଣ ? ଆଗକୁ ତୁମେ ସବୁ ଏପରି ହେବ। ତୁମ ହାତରେ ତୁମ ଭବିଷ୍ୟତ। ଏଣିକି ଦେଖିବାକୁ ରହୁଛି ଆମ ସ୍କୁଲ ପିଲାମାନେ ତହୁଁ ବଡା ତହୁଁ ବଡା ହୋଇ ଆମ୍ଭଠାରୁ ବଡ଼ ବଡ଼ ଚାକିରି କରିବେ। କିଏ ପ୍ରଶାସକ, କିଏ ରାଜନେତା, କିଏ ଶିଳ୍ପପତି ଇତ୍ୟାଦି ବହୁତ କିଛି। ଆମେ ଆଜି ଯେପରି ଏଠି ଆମ ନାତି ନାତୁଣୀଙ୍କୁ ଦେଖୁଛୁ, ତୁମେ ସେପରି ସୁଯୋଗ ମିଳିଲେ ଏଠି ଆସି ତୁମ୍ଭ ଦାୟାଦଙ୍କୁ ଦେଖିପାରିବ। ବିଦ୍ୟାଳୟର ସୁଖ୍ୟାତି ବ୍ୟାପିବ।

ଆମ ବିଦ୍ୟାଳୟକୁ ଗୋଟିଏ ପରିବାର ଭାବିଲେ, ଜାଣିପାରିବା ଯେ ସମସ୍ତେ ସମସ୍ତଙ୍କର ନିଜର। ବାହାରେ କେହି ଦେଖାହୋଇ ଯେବେ ଜଣାଯାଏ ସେ ଆମ ସ୍କୁଲର ସେତେବେଳେ ଛାତି କିପରି ଫୁଲି ଉଠେ, ତାହା କେବଳ ଅନୁଭବୀ ହିଁ କେବଳ ଜାଣି ପାରିବେ। ଜଣେ ବ୍ୟକ୍ତି ତାଙ୍କ ଭାଷଣରେ କହୁଥାନ୍ତି ସେହିପରି ଏକ କଥା। ସେ ଜେଏନ୍‌ୟୁ, ଦିଲ୍ଲୀରେ ପ୍ରଫେସର ଥାଆନ୍ତି। ହଠାତ ଜଣେ ଓଡ଼ିଆ ଦେଖାହେଲେ। ଖୁସି ଲାଗିଲା। କଥାବାର୍ତ୍ତାରୁ ସେ ଯେତେବେଳେ ଜାଣିଲେ ପିଲାଟି ଆମ ଏଇ ସ୍କୁଲର ଛାତ୍ର ସେତେବେଳେ ଆଉ ବ୍ୟବଧାନ ରହିଲା ନାହିଁ। ଦ୍ୱିଧା ନ ରଖି କୁଣ୍ଢାଇ ପକାଇଲେ ଆଉ ଘରକୁ ଯିବାକୁ ବାଧ କଲେ। ଏଇ ତ ଆତ୍ମୀୟତା। କହିଲେ ପିଲେ ତୁମେ ଆମେ ଆଉ ଯିଏ ବି ଏ ସ୍କୁଲର ଛାତ୍ର ସମସ୍ତେ ଆମେ ଭାଇ ଭାଇ ପରି। ଏହାଠୁ ଆନନ୍ଦ ଆଉ କ'ଣ ଥାଇପାରେ।




ଏହିପରି ବହୁ ଅନୁଭୂତିସମ୍ପନ୍ନ ଭାଷଣ ଶୁଣି ଶୁଣି ବିଦ୍ୟାଳୟର ଉତ୍ସବ ସରି ସରି ଆସେ। ପ୍ରାୟ ସମସ୍ତଙ୍କ ହାତରେ ବାଡ଼ି। ଅନ୍ଧର ଲଉଡ଼ି ଚାଲିବାର ସାହାରା ସେ। ପରେ ବହୁ ଆଲୋଚନା। ପିଲାମାନେ କାହାର କିଏ କେଉଁଠି ଅଛନ୍ତି, କିପରି ଜୀବନ ଚାଲିଛି, କାହାର ଜୀବନସାଥୀ ଲୁଚିଗଲେଣି ତ କାହାର ଶଯ୍ୟାଶାୟୀ। ଏସବୁ ଆଲୋଚନା ମଧ୍ୟରେ ଥାଏ, ଅମୁକ କାହିଁକି ଆସିଲାନି। ସେ ଭଲ ଅଛି ତ ? ସେ କ'ଣ ଅଛି, ଚାରି ପାଞ୍ଚ ବର୍ଷ ଆଗରୁ ପରା ଚାଲିଗଲାଣି ଇତ୍ୟାଦିର ମନ ଖୋଲା କଥୋପକଥନ, ଆଲୋଚନା ଶିଥିଳ ପ୍ରାଣରେ କାତରତା ଭରିଦିଏ। ସେ ସ୍କୁଲ ଜୀବନରେ କେତେ ଆମୋଦ ପ୍ରମୋଦ ଦେଇପାରୁଥିଲା ତାହା ସ୍ମୃତିରେ ଆସେ। ଏସବୁ ସତ୍ତ୍ୱେ, ଯେତେବେଳେ ସଭା ସରି ସରି ଆସେ, ଝିଅ ବିଦାୟ ସମୟ ପରି ଲାଗେ। ସତେଯେପରି ଆଖି ସେ ସବୁର ସାକ୍ଷୀ। କେହି ଲୁହ ଗଡାନ୍ତିନି ସତ ହେଲେ ଚାହାଣି କଥା କହେ। ଆଉ ଦେଖା ହବ କି ନାହିଁ ତା' ଭଗବାନଙ୍କୁ ଜଣା। ବିଦାୟକୁ ସ୍ୱାଗତ ନ ଜଣାଇ କୋଳେଇ ନେଉଥିବା ବା ଯିବାକୁ ବାଧ ହେଉଥିବାର ଉପଲବ୍ଧି ଆସେ। ଘରକୁ ଗଲେ ମଧ୍ୟ ସେ ଦିନର ଅନୁଭୂତି, ଆଲୋଚନା ମନରେ ବେଶ୍ କିଛିଦିନ ଗୁଞ୍ଜରିତ ହୁଏ। ଆରେ ସେ ତ ଭଲ ପଢୁଥିଲା, କାହିଁକି ଗାଁରେ ଶିକ୍ଷକ ଚାକିରିଟିଏ କଲା। ପଢ଼ିବା ପଢ଼େଇବାରେ ଯାହାର ଆନନ୍ଦ ସେ ବା ଅନ୍ୟ ଚାକିରି କରନ୍ତା କାହିଁକି? ଅର୍ଥ ପଛରେ ନ ଧାଇଁ ନିଜ ମନର ଶାନ୍ତି ପାଇଁ ସେ ଧାଇଁଛି। ସବୁବେଳେ ପଢୁଥାଏ, ଆଉ ପିଲାଙ୍କ ଗହଣରେ ଦିନ କାଟିଦିଏ। ଅବଶ୍ୟ ଯେତେବେଳେ ପିଲାଟିଏ ଆସି ତା'ର ପାଦଧୂଳି ନେଲା, ତା'ର କି ଆନନ୍ଦ। ପିଲାଟିପରା ଜିଲାପାଳ। ଛାତି ତା'ର କୁଣ୍ଢେମୋଟ ହୋଇଯାଉଥାଏ। ସତରେ ଭଲ ଶିକ୍ଷକର ଆଦର କାହିଁ କେତେ ଉପରେ।

ଭଲ ଶିକ୍ଷକର ଆନନ୍ଦ ଛାତ୍ରର ପ୍ରଗତିରେ। ମୋ ଛାତ୍ର ଜଣେ ଜିଲାପାଳ କହିଲା ବେଳକୁ ନିଜେ ରାଜ୍ୟବିହୀନ ରାଜା ସାଜିଯାଏ। ଶିକ୍ଷା ବିକାଶର ବାଟ ଦେଖାଏ। ଭବିଷ୍ୟତ ଗଢ଼ିଦିଏ। ଏ ସବୁର ଆସ୍ଥାନ ହେଉଛି ଏହି ବିଦ୍ୟାଳୟ। ଅନ୍ୟ ଅନୁଷ୍ଠାନଠାରୁ ଏହା ସ୍ୱତନ୍ତ୍ର, ଭିନ୍ନ। କାରଣ ପୃଥିବୀରେ ଯେତେ ଅନୁଷ୍ଠାନ ଅଛି ସେ ସବୁର ପରିଚାଳକଙ୍କର ପ୍ରଥମ ଶିକ୍ଷାଦାତା ହେଉଛି ଏହିପରି ଗୋଟିଏ ଗୋଟିଏ ସ୍କୁଲ। ସର୍ବଶେଷରେ ପୁରୁଣା ସ୍ମୃତି କିଛିଦିନ ପ୍ରତ୍ୟେକଙ୍କର ମନକୁ ଆନ୍ଦୋଳିତ କରେ। ଅତୀତ ଓ ବର୍ତ୍ତମାନକୁ ମନ ଆପେ ଆପେ ଆଗକୁ ଆଣେ। ସମୟ ଯେହେତୁ ସବୁଠାରୁ ବଳବାନ୍, ପ୍ରତ୍ୟେକ ମନୁଷ୍ୟ ତା'ର ସାମାଜିକ ଓ ସାଂସାରିକ ଚଳଣି ଭିତରେ ମନକୁ ମନ ନିଜକୁ ହଜାଇଦିଏ ଓ ବୁଝିଯାଏ।

**ଗୁଣ୍ଡିଚା ବିହାର, ପୁରୀ,**
**ମୋ: ୮୨୪୯୦୮୨୪୦୦**

## ଏଇ ଭାରତରେ

କିଛି ଲୋକ ଥାଆନ୍ତି, ଯେଉଁମାନେ ନିଜ ସ୍ୱପ୍ନକୁ ପୂରା କରିବାର ସୁଯୋଗ ପାଆନ୍ତି ନାହିଁ। ହେଲେ ଅନ୍ୟମାନଙ୍କ ସ୍ୱପ୍ନ ସାକାର କରିବା ପାଇଁ ପୂରା ଦମ୍‌ରେ ଲାଗିପଡ଼ନ୍ତି। ଆଉ ଏହି ମାଧ୍ୟମରେ ସେମାନେ ପାଆନ୍ତି କେବଳ ଆତ୍ମସନ୍ତୋଷ। ଠିକ୍ ଏମିତି ଜଣେ ଭିନ୍ନ ବ୍ୟକ୍ତିତ୍ୱ ହେଉଛନ୍ତି ଉତ୍ତରପ୍ରଦେଶ ମେରଟର ଅବସରପ୍ରାପ୍ତ ଜଜ୍ ଡକ୍ଟର ଜ୍ଞାନେନ୍ଦ୍ର କୁମାର ଶର୍ମା। ଅବସର ପରେ ଏବେ ସେ ଏକ ଟ୍ରେନିଂ ସେଣ୍ଟର ଖୋଲି ଗରିବ ପିଲାଙ୍କୁ ମାଗଣାରେ ଶିକ୍ଷାଦାନ ସହିତ ଅନ୍ୟାନ୍ୟ ସୁବିଧାସୁଯୋଗ ଯୋଗାଇ ଦେଉଛନ୍ତି। ଏହି ମାଧ୍ୟମରେ ସେ ଗରିବ ଶ୍ରେଣୀର ଯୁବପିଢ଼ିଙ୍କୁ ସେମାନଙ୍କ ମନ ମୁତାବକ ଶୀର୍ଘ ସ୍ଥାନରେ ପହଞ୍ଚାଇବା ପାଇଁ ଉଦ୍ୟମ ଚଳାଇଛନ୍ତି। ଟ୍ରେନିଂ ସେଣ୍ଟରର ନାଁ ରଖିଛନ୍ତି ପ୍ରଣବ ଜୁଡିସିଆଲ ଏକାଡେମୀ। ତେବେ ଏଭଳି ଏକ ମହତ୍ କାମ କରିବା ପଛରେ ତାଙ୍କର ପ୍ରେରଣା ହେଉଛି ତାଙ୍କର ଏକମାତ୍ର ପୁତ୍ର ପ୍ରଣବ, ଯିଏ କି ୨୦୨୨ରୁ ଏକ ଦୁର୍ଘଟଣାରେ ପ୍ରାଣ ହରାଇ ସାରିଛନ୍ତି। ପ୍ରଣବ ଜଣେ ନାଁକରା ଓକିଲ ଥିଲେ ଓ ସେ ସୁପ୍ରିମକୋର୍ଟରେ ଜଜ୍ ହେବାର ଲକ୍ଷ୍ୟ ରଖିଥିଲେ। କିନ୍ତୁ ମୃତ୍ୟୁ ପରେ ତାଙ୍କର ସବୁ ସ୍ୱପ୍ନ ଅଧା ରହି ଯାଇଥିଲା। ଫଳରେ ଏକ ବିରାଟ ମାନସିକ ଆଘାତ ପାଇ ଜ୍ଞାନେନ୍ଦ୍ର ଜୀବନର ସବୁ ଆଶା ହରାଇ ଦେଇଥିଲେ। କିନ୍ତୁ ପୁଅର ସ୍ୱପ୍ନକୁ ନେଇ ସେ ବଞ୍ଚିବାର ଏକ ନୂଆ ସାହାରା ପାଇଥିଲେ। ତେଣୁ ଗରିବ ପିଲାଙ୍କୁ ପାଠ ପଢ଼ାଇବା ଆରମ୍ଭ କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୫ ମେ ୧୯୭୬

- ହୀରାକୁଦ, ସାଳନ୍ଦୀ ଓ ମହାନଦୀର ତ୍ରିକୋଣଭୂମି ଜଳସେଚିତ ଅଞ୍ଚଳର ବିକାଶ ପାଇଁ ତିନୋଟି ଜଳସେଚିତ ଅଞ୍ଚଳ ଉନ୍ନୟନ ସଂସ୍ଥା ଗଠନ କରାଯିବା ନେଇ ରାଜ୍ୟ ମନ୍ତ୍ରିମଣ୍ଡଳ ବୈଠକରେ ନିଷ୍ପତ୍ତି ଗ୍ରହଣ।
- ହେବିୟସ୍ କର୍ପସ ଆବେଦନ ସମ୍ପର୍କରେ ସୁପ୍ରିମ୍‌କୋର୍ଟ ରାୟ ଦେବା ପରେ ଦିଲ୍ଲୀ ହାଇକୋର୍ଟରେ ଥିବା ଏ ସଂକ୍ରାନ୍ତ ସମସ୍ତ ଆବେଦନ ଖାରଜ କରିଦିଆଯାଇଛି।

## ଚିରନ୍ତନୀ

ଜୀବନ-ବେଳା ପରେ ଖେଳିଲା
କେତେ ବୀଚି
ଲାଗିଲା ନବ ନବ ଆଘାତ
ପାରିବି ନାହିଁ କହି ସକଳ ଆଜି ଫେଇ
ଗୋପନ କଥା ଆରେ ସଙ୍ଗାତ!
-(ବ୍ୟାଖ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## କିଛି କାର୍ଯ୍ୟାନୁଷ୍ଠାନ ହେଉନାହିଁ

ମହାଶୟ,
ଖବରରୁ ଜାଣିଲୁ ଯେ, ଶ୍ରୀମନ୍ଦିର ଭିତରୁ ନବକଳେବର ବେଳର ବଳକା ଦାରୁ ଯାଇ ଦୀଘା ମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣ ହୋଇଛି। ଏହା ଏକ ସ୍ପର୍ଶକାତର ପ୍ରଶ୍ନ। ଶ୍ରୀମନ୍ଦିରର କେହି ବରିଷ୍ଠ ସେବାୟତ ଏ କାର୍ଯ୍ୟ ସହ ସଂଶ୍ଳିଷ୍ଟ। ସରକାର ଓ ଶ୍ରୀମନ୍ଦିର ପ୍ରଶାସନକୁ ଏହା ଅଡୁଆରେ ପକାଇବା ସ୍ୱାଭାବିକ। ତେଣୁ ସରକାର ଅବିଳମ୍ବେ ଏକ ତଦନ୍ତ ଘୋଷଣା କରିଦେଲେ। ତଦନ୍ତ ହେବ, ଫଳାଫଳ ଆସିବ, ଦୋଷୀଙ୍କୁ ଦଣ୍ଡ ଦିଆଯିବ। ସେଇ ପୁରୁଣା କଥା, କାଳକ୍ଷେପଣ ନୀତି, ଜନମତକୁ ବିଭ୍ରାନ୍ତ କରିବାର ଉପାୟ। ଆଗରୁ ବହୁ ସ୍ପର୍ଶକାତର ପ୍ରସଙ୍ଗରେ ତଦନ୍ତ କମିଶନ ବସିଛି ଓ ରିପୋର୍ଟ ଆସିଛି, କିନ୍ତୁ କିଛି କାର୍ଯ୍ୟାନୁଷ୍ଠାନ ହୋଇଛି କି? କ'ଣ ରିପୋର୍ଟ ଆସିଛି ତାହା ଲୋକ ଲୋଚନକୁ ଆସୁଛି କି? ? କେବଳ ଲୋକ ଭୁଲିଯିବା ପର୍ଯ୍ୟନ୍ତ ଖବର ଗଡେଇ ଦିଆଯାଇଛି, କିଛି ଅର୍ଥ ଶ୍ରାଦ୍ଧ ହୋଇଛି। କିଛି ଉଚ୍ଚ ମାନର ଲୋକଙ୍କୁ ପୋଷା ଯାଇଛି। ଏଥର ବି ଅନୁରୂପ ନ ହେବ ସେକଥା କିଏ କହିବ? କେତେଥର ତଦନ୍ତ ସମୟ ବଢ଼ିବ ସେକଥା କେହି ଜାଣନ୍ତି ନାହିଁ। ସରକାରଙ୍କ ପାଇଁ ଜଗନ୍ନାଥ ଧର୍ମ, ଜଗନ୍ନାଥ ସଂସ୍କୃତି, ଜଗନ୍ନାଥଙ୍କ ଐତିହ୍ୟ ବଡ଼ ନୁହେଁ, କ୍ଷମତାର ସିଂହାସନ ତାଙ୍କ ପାଇଁ ବଡ଼। ସେମାନଙ୍କ ଭିତରେ ଗଜପତି କପିଳେନ୍ଦ୍ର ଦେବଙ୍କ ମନ ନାହିଁ କି ସାହସ ନାହିଁ। ତେଣୁ ସେମାନେ କିଛି ବି କରିବେ ନାହିଁ। ଯଦି ରାଜ୍ୟବାସୀ ଜଗନ୍ନାଥ ଧର୍ମ ସଂସ୍କୃତିକୁ ରକ୍ଷା କରିବାକୁ ଚାହାନ୍ତି ତେବେ ସେମାନଙ୍କୁ କିଛି କରିବାକୁ ହେବ।

**-ପ୍ରଭାତ କୁମାର ଦାସ, ସ୍ୱର୍ଣ୍ଣ ପୁରୀ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଶନିଦେବଙ୍କ ପୂଜା

ଭଦ୍ରକ,୪।୫ (ସନାତନ ରାଉତ)

ଗ୍ରହରାଜ ଶନିଦେବଙ୍କ ଜନ୍ମୋତ୍ସବ ଅବସରରେ ବନ୍ତ ବ୍ଲକର ସରମରା ଗ୍ରାମରେ ଶନିଦେବଙ୍କ ପୂଜା ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଗ୍ରାମର ୮୦ଜଣ ମହିଳା ବଡ଼ପୋଖରୀରୁ ଘଟୋତ୍ତଳନ କରିଥିଲେ। ମହିଳାମାନେ ଶନିଦେବଙ୍କ ମସ୍ତକରେ ଜଳଲାଗି କରିଥିଲେ। ପରେ ବିଧି ଅନୁସାରେ ପୂଜକ କୃଷ୍ଣଚନ୍ଦ୍ର ପାଢ଼ୀ ଓ ନାରାୟଣ ଚନ୍ଦ୍ର ପାଢ଼ୀଙ୍କ ଦ୍ୱାରା ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂର୍ବାହ୍ନରୁ ଅପରାହ୍ନ ପର୍ଯ୍ୟନ୍ତ ଆଖପାଖ ଗ୍ରାମରୁ ବହୁ ଶ୍ରଦ୍ଧାଳୁ ଗ୍ରହରାଜଙ୍କୁ ଦର୍ଶନ କରି ଆଶିଷ ଲାଭ କରିଥିଲେ। କର୍ତ୍ତା ଭାବେ ଗ୍ରାମର ଶିକ୍ଷାବିତ୍ ଆନନ୍ଦ ଚନ୍ଦ୍ର ରାଉତ ଓ ତାଙ୍କ ସ୍ତ୍ରୀ ସାବିତ୍ରୀ ରାଉତ ପୂଜା କାର୍ଯ୍ୟ ତୁଲାଇଥିବାବେଳେ ଗ୍ରାମବାସୀ ସହଯୋଗ କରିଥିଲେ।


ସରମରା ଗ୍ରାମରେ ଥିବା ଶନି ମନ୍ଦିର।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ଧାମରାର କୁନିଝିଅ

ଚାନ୍ଦବାଲି,୪।୫(କିଷାନ ପାତ୍ର)

ମାତ୍ର ୩ ବର୍ଷ ୭ମାସ ବୟସରେ ନିଜର ପ୍ରତିଭା ବଳରେ ଇଣ୍ଡିଆ ବୁକ ଅଫ୍ ରେକର୍ଡସରେ ସ୍ଥାନ ପାଇଛନ୍ତି ଧାମରାର କୁନି ଝିଅ ଭାଗ୍ୟଶ୍ରୀ ମହାଲିକ। ନିର୍ଭୁଲ ଭାବେ ବିଭିନ୍ନ ପନିପରିବା, ଫଳ, ପକ୍ଷୀ, ମଣିଷ ଶରୀରର ଅଙ୍ଗ, ଓଡ଼ିଶାର ୩୦ ଜିଲାର ନାଁ ଆଦି ସେ କହିପାରୁଛନ୍ତି। ଧାମରା ନିକଟସ୍ଥ ଗୁଆଁଳ ଗ୍ରାମର ସୁବାସ ମହାଲିକଙ୍କ ଝିଅ ଭାଗ୍ୟଶ୍ରୀ। ସେ ୨୦ ପ୍ରକାର ପନିପରିବା ଚିହ୍ନଟ କରିପାରୁଥିବା ବେଳେ ୧୦ଟି ପକ୍ଷୀ, ୧୮ଟି ଯାନବାହନ, ୨୪ ପ୍ରାଣୀ, ଶରୀରର ୨୪ ଅଙ୍ଗ,୧୨ପ୍ରକାର ଫଳ, ୬ ପ୍ରକାର ଆକୃତି, ୬ଟି ରଙ୍ଗ, ଜାତୀୟ ସଙ୍ଗୀତ, ୧୨ଟି ଜାତୀୟ ପ୍ରତୀକ, ଓଡ଼ିଶାର ସବୁ ଜିଲାର ନାଁ ମନେ ରଖିବା ସହ ପ୍ରାଞ୍ଜଳ ଭାବେ କହିପାରୁଛନ୍ତି। ସେହିପରି ୧ରୁ ୫୦ପର୍ଯ୍ୟନ୍ତ ଗଣନା କରିବା, ନିର୍ଭୁଲ ଭାବେ ବନାନ କରିବା, ଇଂଲିଶରେ ୨୬ଟି ଅକ୍ଷର, ୬ ଋତୁ, ୧୨ମାସର ନାମ କହିବା ସହ ବିଭିନ୍ନ ରାଇମ୍ ଭାବଭଙ୍ଗୀରେ ପ୍ରକାଶ କରିପାରୁଛନ୍ତି। ଏପରିକି ଏତେ କମ୍ ବୟସରେ ସେ ଆଗାମୀ ଦିନରେ ଡାକ୍ତର ହେବାର ଲକ୍ଷ୍ୟ ରଖି ସାଧାରଣ ଲୋକଙ୍କୁ ସେବା ଯୋଗାଇ ଦେବାକୁ ସଂକଳ୍ପବଦ୍ଧ ବୋଲି କହିଛନ୍ତି। ନିକଟରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସର ଏକ ଟିମ୍ ଆସି ଭାଗ୍ୟଶ୍ରୀଙ୍କ ଏହି ଦକ୍ଷତାକୁ ପ୍ରମାଣ କରିବା ପରେ ତାଙ୍କୁ ପ୍ରମାଣପତ୍ର ପ୍ରଦାନ କରିବା ସହ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସର ଏକ ବହି, କଲମ ଏବଂ ମେଡାଲ ଦେଇ ସମ୍ମାନିତ କରିଛନ୍ତି।



ଭାଗ୍ୟଶ୍ରୀ ମହାଲିକ

# ୨୪ ଘଣ୍ଟା ଅନ୍ଧାରରେ ୬ ପଞ୍ଚାୟତ

ବାସୁଦେବପୁର,୪।୫ (କାଳିପଦ ରାୟ)

ବାସୁଦେବପୁର ବ୍ଲକ ଅଧୀନ ବ୍ରାହ୍ମଣଗାଁ, ଲୁଙ୍ଗା, ଏଡ଼ତାଳ, ସୁଗୋ, ପଦ୍ମପୁର ଓ ଜଗନ୍ନାଥପ୍ରସାଦ ୬ ପଞ୍ଚାୟତ ଶନିବାରଠାରୁ ୨୪ଘଣ୍ଟା ଅନ୍ଧାରରେ ରହିଥିଲା। ଶନିବାର ଅପରାହ୍ନରେ କାଳବୈଶାଖୀ ଯୋଗୁ ବିଜୁଳି, ଘଡ଼ଘଡ଼ି ଓ ପବନ ହୋଇଥିଲା। ଫଳରେ ଏଡ଼ତାଳ, ମେଙ୍କିଛକ, ସୁଗୋ, ଲୁଙ୍ଗାର ବଡ଼କିଆରି ଅଞ୍ଚଳରେ ୨ଟି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡ଼ିବା ସହ ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ତାର ଛିଣ୍ଡିଯାଇଥିଲା। ଏଣୁ ଶନିବାର ଅପରାହ୍ନ ୫ଟାରୁ ୨୪ ଘଣ୍ଟା ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ରବିବାର ଖୁଣ୍ଟ ପୋତାଯାଇ ବିଦ୍ୟୁତ୍ ତାର ଟଣାଯିବା ପରେ ଅପରାହ୍ନରେ ପୁନଃ ବିଦ୍ୟୁତ୍ ସଂଯୋଗ ହୋଇଥିଲା। କିନ୍ତୁ ଅଧଘଣ୍ଟାଏ ଭିତରେ ପୁଣି ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ପରେ ସନ୍ଧ୍ୟାରେ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା।

# ୨ ବାଇକ୍ ଧକ୍କା: ଯୁବକ ମୃତ, ୨ ଗୁରୁତର

ଚାନ୍ଦବାଲି,୪।୫(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକର ଉଗ୍ରତରା ବିଶ୍ୱୋଳିଛକ ନିକଟରେ ରବିବାର ସନ୍ଧ୍ୟା ସାଢ଼େ ୬ଟା ବେଳେ ୨ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗଦି, ଅମୃତପୁର ନୂଆସାହି ଅଞ୍ଚଳର ତୁଷାରକାନ୍ତି ମଲ୍ଲିକ(୩୨)। ଗୁରୁତର ଦୁଇଜଣ ଭାଟପଡ଼ା ଅଞ୍ଚଳର ସହଦେବ ଦାସପାଟଣା ଗ୍ରାମର କାର୍ତ୍ତିକ ଲେଙ୍କା(୫୫) ଏବଂ ଭଉଁରୀ ଗ୍ରାମର ରମେଶ ଦାସ(୪୫)। ସୂଚନା ଅନୁଯାୟୀ, ଗୋଟିଏ ବାଇକ୍‌ରେ କାର୍ତ୍ତିକ ଏବଂ ରମେଶ ଯାଉଥିବା ବେଳେ ଅନ୍ୟ ବାଇକ୍‌ରେ ତୁଷାରକାନ୍ତି ଯାଉଥିଲେ। ଉଭୟ ବାଇକ୍ ଆରୋହୀ ସମାନ ଦିଗକୁ ଯାଉଥିବା ବେଳେ ପଛପଟୁ ଧକ୍କା ହୋଇଥିଲା। ୩ଜଣଙ୍କୁ ଉଦ୍ଧାର କରାଯାଇ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତୁଷାରକାନ୍ତିଙ୍କୁ ମୃତ ଘୋଷଣା କରିଥିଲେ। ୨ ଗୁରୁତରଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଓଷ୍ଟାର ପୂର୍ବତନ ଜିଲା ସମ୍ପାଦକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧନା ସଭାରେ ଅତିଥିଙ୍କ ସହ ବିଦାୟୀ ଶିକ୍ଷକ ପ୍ରଦୀପ୍ତ ଦାସ।

ଭଦ୍ରକ,୪।୫ (ସନାତନ ରାଉତ/ରବିନାରାୟଣ ଖ୍ୱଲାର)

ଓଷ୍ଟାର ପୂର୍ବତନ ଜିଲା ସମ୍ପାଦକ ଶିକ୍ଷକ ପ୍ରଦୀପ୍ତ କୁମାର ଦାସ ଶିକ୍ଷକତା କରିବା ସହ ସାମାଜିକ କାର୍ଯ୍ୟରେ ସବୁବେଳେ ନିୟୋଜିତ ରହୁଥିଲେ। ପରୋପକାର ଓ ସେବା ଭାବ ପାଇଁ ସେ ଅନ୍ୟ ଶିକ୍ଷକମାନଙ୍କର ପ୍ରେରଣା ବୋଲି ରବିବାର ପୂର୍ବାହ୍ନ ୧୧ଟାରେ ଭଦ୍ରକ ଟାଉନହଲ୍‌ରେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମିଳିତ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି, ଓଷ୍ଟା, ଅଲ୍ ଓଷ୍ଟା, ନିଖିଳ ପ୍ରାଥମିକ ଶିକ୍ଷକ ଫେଡେରେଶନ, ମଦ୍ରାସା ଶିକ୍ଷକ ସଂଘର ମିଳିତ ଆନୁକୂଲ୍ୟରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଶିକ୍ଷା ବିଭାଗର ପୂର୍ବତନ କମିଶନର ସନ୍ତୋଷ ପଟ୍ଟନାୟକ, ଦିଗମ୍ବର ମହାନ୍ତି, ଜିଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ପୂର୍ବତନ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ, ରଞ୍ଜନ ଗିରି, କପିଳେନ୍ଦ୍ର ମିଶ୍ର, ରାମଚନ୍ଦ୍ର ବେହେରା, ଭଦ୍ରକ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ଅଜୟ ନାୟକ, ଗଣେଶ୍ୱର ମଲ୍ଲିକ, ଓଷ୍ଟା ରାଜ୍ୟ ସଭାପତି ଅକ୍ଷୟ ମିଶ୍ର, ଶିକ୍ଷକ ସଂଘର ସର୍ବଭାରତୀୟ କୋଷାଧ୍ୟକ୍ଷ ପ୍ରକାଶ ମହାନ୍ତି, ସାଧାରଣ ସମ୍ପାଦକ ସୁକାନ୍ତ ବେହେରା ପ୍ରମୁଖ ଯୋଗ ଦେଇ ବିଦାୟୀ ଶିକ୍ଷକ ଦାସଙ୍କ ବହୁମୁଖୀ ପ୍ରତିଭା ବିଷୟରେ ଆଲୋକପାତ କରିଥିଲେ। ଅତିଥିମାନେ ତାଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଅକ୍ଷୟ ହୋତା ସଭାପତିତ୍ୱ କରିଥିବାବେଳେ ଚାରୁଲତା ମହାପାତ୍ର, ସୁରଜିତା ନାୟକଙ୍କ ସମେତ ବିଭିନ୍ନ ଜିଲାରୁ ଶିକ୍ଷୟିତ୍ରୀ ଶିକ୍ଷକ ଓ ସଂଘର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ଶନିମନ୍ଦିରରେ ପୂଜାର୍ଚ୍ଚନା

ଧାମନଗର, ୪।୫ (ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ବ୍ଲକ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତର ଜଗନ୍ନାଥ ହାଟ ପରିସରରେ ଥିବା ଶନି ମନ୍ଦିରରେ ଶନିଦେବଙ୍କ ଜନ୍ମୋତ୍ସବ ଅବସରରେ ଶନିବାର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଶନିଦେବଙ୍କ ମହାସ୍ନାନ, ଷୋଡ଼ଶ ଉପଚାର, ଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। ମହିଳା ଓ ପୁରୁଷ ଶ୍ରଦ୍ଧାଳୁମାନେ ସ୍ଥାନୀୟ ବୈତରଣୀ ନଦୀରୁ କଳସ ଶୋଭାଯାତ୍ରାରେ ଘଟ ଉତ୍ତୋଳନ କରି ଯଜ୍ଞ ମଣ୍ଡପରେ ସ୍ଥାପନା କରିଥିଲେ। ପଣ୍ଡିତ ନିରଞ୍ଜନ ପାଣିଗ୍ରାହୀ, ଅନାମ ଚରଣ ଦୀକ୍ଷିତ, ଦିଗମ୍ବର ଦୀକ୍ଷିତ, ପ୍ରକାଶ ଦୀକ୍ଷିତ ଓ ମହାପ୍ରସାଦ ଦୀକ୍ଷିତ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ସଂକଳ୍ପ କର୍ତ୍ତା ଭାବେ ସଞ୍ଜୀବ ରାଉଳ, କଳ୍ପନା ରାଉଳ, ଦୟାନିଧି ଚନ୍ଦ, ନିରୂପମା ଚନ୍ଦ, ଦେବଦତ୍ତ ମଥାନ ଓ ଝରାରାଣୀ ମଥାନ ଦାୟିତ୍ୱ ତୁଲାଇଥିଲେ। ଶେଷରେ ଶ୍ରଦ୍ଧାଳୁ ଓ ଅନ୍ୟମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

# ଚୋରା କୋଇଲା ବୋଝେଇ ଗାଡ଼ି ଜବତ, ଡ୍ରାଇଭର ଗିରଫ

ବାସୁଦେବପୁର,୪।୫ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତର ମିଶ୍ରପୁର-ଓଗାଳପୁର ରାସ୍ତାରେ ଏକ ଚୋରା କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ନାୟକାଣିଡିହୀ ପୋଲିସ ଶନିବାର ବିଳମ୍ବିତ ରାତିରେ ଜବତ କରିଛି। ଏଥିସହ ଗାଡ଼ି ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଛି। ଗିରଫ ଡ୍ରାଇଭର ହେଲେ ବାସୁଦେବପୁର ଗୁଆଗଡ଼ିଆ ଗ୍ରାମର ରଶ୍ମିରଞ୍ଜନ ମଲ୍ଲିକ(୨୬)। ସୂଚନା ଅନୁଯାୟୀ, ତିହିଡ଼ି ଥାନା ଅଧୀନ ଦୋହରାସାହି ଘାଟ ଦେଇ କୋଇଲା ବୋଝେଇ ଗାଡ଼ିଟି ମିଶ୍ରପୁର ଆଡ଼କୁ ଆସୁଥିବା ପୋଲିସ ଖବର ପାଇଥିଲା। ନାୟକାଣିଡିହୀ ଥାନାଧିକାରୀ ରାଜଲକ୍ଷ୍ମୀ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ସ୍ଥାନରେ ପୂର୍ବରୁ ଜଗି ରହିଥିଲା। କୋଇଲା ବୋଝେଇ ପିକ୍‌ଅପ୍ (ଓଡି ୨୨ ଏଏ ୫୨୮୪) ସେଠାରେ ପହଞ୍ଚିବା ମାତ୍ରେ ପୋଲିସ ଅଟକାଇ ଗାଡ଼ିକୁ ଜବତ କରିଥିଲା। ଗାଡ଼ିରେ ପ୍ରାୟ ୨ ଟନ୍ କୋଇଲା ଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୯୨/୨୫) ରୁଜୁ ହୋଇଛି।

# ପ୍ରତିଭା ସମ୍ମାନ ଉତ୍ସବ



ଉତ୍ସବରେ ଅଧ୍ୟାପକଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

ଭଣ୍ଡାରିପୋଖରୀ, ୪।୫(ରାଜେନ୍ଦ୍ର ଶତପଥୀ)

ବାରିକପୁର ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ରବିବାର ଅପରାହ୍ନରେ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିଭାବାନ ପୁରାତନ ଛାତ୍ରୀଛାତ୍ର ଓ ଆଦର୍ଶ ଅଧ୍ୟାପକଙ୍କୁ ସମ୍ମାନିତ କରାଯାଇଛି। କଲେଜ ପରିସରରେ ଅଧ୍ୟାପକ ମନୋଜ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଜିଲାପାଳ ଦିଲୀପ ରାଉତରାଏ ମୁଖ୍ୟଅତିଥି, ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା ମୁଖ୍ୟବକ୍ତା, ଅଧକ୍ଷ ରମେଶ ଚନ୍ଦ୍ର ବେଉରିଆ, ୬୬୨ କଲେଜ ସଂଘ ସଭାପତି ଗୋଲକ ନାୟକ ଓ ଅଧ୍ୟାପକ ଆଦିତ୍ୟ କୁମାର ଜେନା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁସନ୍ଧିତ୍ସୁ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୁଣାତ୍ମକ ଶିକ୍ଷାର ବିକାଶ ସମ୍ଭବ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ୨୦୨୪ରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ସହ ଇଂଲିଶ ଅଧ୍ୟାପକ ଗୌରାଙ୍ଗ ଚରଣ ନାଥଙ୍କୁ ଉତ୍କର୍ଷ ଶିକ୍ଷାଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଉମାକାନ୍ତ ମହାଲିକ ଅତିଥି ପରିଚୟ ଦେଇଥିବା ବେଳେ ଶିକ୍ଷା ଡେମନଷ୍ଟ୍ରେଟର ବିଜୟ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା


ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥି।

ଆଗରପଡ଼ା,୪।୫(ସୁଶାନ୍ତ ଦାଶ)

ଆଗରପଡ଼ା ଥାନା ଅଧୀନ ଆଡ଼ିଆ ପଞ୍ଚାୟତ ପଦୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ରାଉତଙ୍କୁ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପୂର୍ବାହ୍ନ ୧୦ଟାରେ ବିଦ୍ୟାଳୟ ପରିସରରେ ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଏବିଇଓ ହରେକୃଷ୍ଣ ଆପଟ୍ଟ, ଭାଗୀରଥି ପାତ୍ର, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ପାଢ଼ୀ, ସରପଞ୍ଚ ମୀନା କୁମାରୀ ଜେନା, ରବୀନ୍ଦ୍ର ମହାପାତ୍ର, କାଳନ୍ଦୀ ଖୁଣ୍ଟିଆ, କୃଷ୍ଣଚନ୍ଦ୍ର ଜେନା, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଏମ୍.ଡି. ଧର୍ମେନ୍ଦ୍ର ନାରାୟଣ ଜେନା, ପୂର୍ବତନ ସଭାପତି ରାମଚନ୍ଦ୍ର ଜେନା, ସିଆର୍‌ସିସି ଗୌତମ ଭୂୟାଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନରହରି ଜେନା, ଗୌରାଙ୍ଗ ଚରଣ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଗୟାଧର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ସୁଧାକର ବଳ, ମହିମା ରାଉତ, ପୂର୍ଣ୍ଣଚନ୍ଦ୍ର କର, ରବୀନ୍ଦ୍ର ନନ୍ଦ, ପୂର୍ବତନ ସରପଞ୍ଚ ବିଜୟ ଜେନା, ପୂର୍ବତନ ପରିଚାଳନା କମିଟି ସଭାପତି ଜୟକୃଷ୍ଣ ଜେନା, ଭାସ୍କର ଜେନା, ବାଇଧର ଜେନା, ରମେଶ ଜେନାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ବିଜୟ ସଭାପତି, ଧୀରେନ ସମ୍ପାଦକ

## ଜିଲା କ୍ରିକେଟ ଆସୋସିଏଶନ କର୍ମକର୍ତ୍ତା ନିର୍ବାଚନ

ଭଦ୍ରକ,୪।୫ (ସନାତନ ରାଉତ/ରବିନାରାୟଣ ଖ୍ୱଲାର)

ଭଦ୍ରକ ଜିଲା କ୍ରିକେଟ ଆସୋସିଏଶନର କର୍ମକର୍ତ୍ତା ନିର୍ବାଚନ ରବିବାର ପୂର୍ବାହ୍ନରେ ଚରମ୍ପା ହାପିହୋମ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ବିଜୟ କୁମାର ଜେନା ଓ ସମ୍ପାଦକ ଭାବେ ଧୀରେନ ପଲାଇ ନିର୍ବାଚିତ ହୋଇଛନ୍ତି। ୧୫ଟି ପଦବୀ ନିମନ୍ତେ ଗୋଟିଏ ଲେଖାଏ ନାମାଙ୍କନପତ୍ର ନିର୍ଦ୍ଧାରିତ ସମୟ ସୁଦ୍ଧା ଦାଖଲ ହୋଇଥିବାରୁ ସମସ୍ତେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିଲେ। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ଦିବ୍ୟସିଂହ ନାୟକ ପରିଚାଳନା କରିଥିବା ବେଳେ ସାଧାରଣ ସଭାର ଅନୁମୋଦନକ୍ରମେ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ଦୁଇ ଉପସଭାପତି ଭାବେ ଆଇନଜୀବୀ ଯତିକାନ୍ତ ନାୟକ ଓ ବ୍ରଜନାରାୟଣ ଜେନା, ଯୁଗ୍ମ ସମ୍ପାଦକ ବିଜୟ କୁମାର ଲଖାନୀ, ସୁଦାମ କୁମାର ନାୟକ ଏବଂ କୋଷାଧ୍ୟକ୍ଷ ଭାବେ ବ୍ୟୋମକେଶ ସେନାପତି ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରିଣୀ ସଦସ୍ୟ ଭାବେ ୮ ଜଣଙ୍କ ନାମ ଘୋଷଣା କରାଯାଇଥିଲା। ପର୍ଯ୍ୟବେକ୍ଷକ ଭାବେ ଓଡ଼ିଶା କ୍ରିକେଟ୍ ଆସୋସିଏଶନର ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ ଯୋଗ ଦେଇଥିଲେ। ଓଡ଼ିଶାର କ୍ରିକେଟ ମାନଚିତ୍ରରେ ଭଦ୍ରକ ଏକ ସ୍ୱତନ୍ତ୍ର ପରିଚୟ ଓ ପ୍ରତିଷ୍ଠା ସୃଷ୍ଟି କରିଛି ବୋଲି ପର୍ଯ୍ୟବେକ୍ଷକ କହିଥିଲେ। ଏହି ଅବସରରେ ପର୍ଯ୍ୟବେକ୍ଷକ ଓ ନିର୍ବାଚନ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହାପିହୋମ୍ ସ୍କୁଲର ନିର୍ଦ୍ଦେଶିକା ପ୍ରଜ୍ଞା ପରିମିତା ସଂଯୋଜନା କରିଥିବାବେଳେ କ୍ରୀଡ଼ା ଅଧ୍ୟାପକ ରବିନାରାୟଣ ଓଝା ଓ ଅଧୀକ୍ଷକ ରୁଦ୍ର ନାରାୟଣ ବାରିକ ସହଯୋଗ କରିଥିଲେ। ଶେଷରେ ଆଇନଜୀବୀ ଅତିଶ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ପର୍ଯ୍ୟବେକ୍ଷକ ଓଡ଼ିଶା କ୍ରିକେଟ୍ ଆସୋସିଏଶନର ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# 'ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିବାରେ ପ୍ରଧାନଶିକ୍ଷକଙ୍କ ଅବଦାନ ଅତୁଳନୀୟ'

ବନ୍ତ,୪।୫(ହରି ନାରାୟଣ ମହାନ୍ତି)

ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିବା ସହ ବିଦ୍ୟାଳୟର ବହୁବିଧ ଉନ୍ନତି କ୍ଷେତ୍ରରେ ପ୍ରଧାନଶିକ୍ଷକ ସେକ୍ ୟାକତ୍ ଅଲ୍ଲୀଙ୍କ ଅବଦାନ ଅତୁଳନୀୟ। ରବିବାର ପୂର୍ବାହ୍ନ ୧୧ଟା ବେଳେ ବନ୍ତ ବ୍ଲକ ପଧାନପଡ଼ାସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସେକ୍ ୟାକତ୍‌ଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିମାନେ କହିଛନ୍ତି। ବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ସେକ୍ ଜଲାଲଉଦ୍ଦୀନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଉଦ୍‌ଘାଟକ ଭାବେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ମୁଖ୍ୟଅତିଥି ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବିଶିଷ୍ଟ ଅତିଥି ଜିଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଓ ମୁଖ୍ୟବକ୍ତା ଭାଜପା ନେତା ସୁଧାଂଶୁ ଶେଖର ନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସାମାଜିକ କର୍ମୀ ଏସ୍.ଏମ୍ ଫାରୁକ୍, ଓଷ୍ଟାର ପୂର୍ବତନ ରାଜ୍ୟ ସମ୍ପାଦକ ରଘୁନାଥ ସାହୁ, ଜିଲା ସଭାପତି ଶଶୀଶେଖର କରଶର୍ମା, ଦାନଗଦି ବିଡିଓ ପ୍ରଦୀପ କୁମାର ସେଠୀ, ଅବସରପ୍ରାପ୍ତ ବିଇଓ ମଞ୍ଜୁଳାବାଳା ନାୟକ, ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ବାରିକ, ଗୀତା ଇଞ୍ଜିନିୟରିଂ କଲେଜ ଅଧକ୍ଷ ଡ.ମନ୍ମଥ କୁମାର ରାଉଳ, ବନ୍ତ କଲେଜର ପ୍ରାକ୍ତନ ଅଧକ୍ଷ ଶୁଭେନ୍ଦ୍ର କୁମାର ମିଶ୍ର, ହାଟଡିହୀ କଲେଜ ଅଧକ୍ଷ ଚିତ୍ତ ରଞ୍ଜନ ରାଉତ, ପ୍ରଧାନଶିକ୍ଷକ ଅଜୟ ପୃଷ୍ଟି, ଅଧ୍ୟାପକ ପ୍ରଶାନ୍ତ ବେହେରା, ଅବସରପ୍ରାପ୍ତ ଅଧ୍ୟାପକ ସେକ୍ ନାସୀର ବକ୍ସ, ସରପଞ୍ଚ ଗଜେନ୍ଦ୍ର ସେଠୀ, ଓଷ୍ଟା ବ୍ଲକ ସଭାପତି ନାରାୟଣ ଚନ୍ଦ୍ର ସାମଲ, ସମ୍ପାଦକ ସନ୍ତୋଷ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଶାଳବଣି ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ନରହରି ଜେନା ଅତିଥି ପରିଚୟ ପ୍ରଦାନ ଓ ବରିଷ୍ଠ ଶିକ୍ଷକ ଶୁଭେନ୍ଦୁ ଶେଖର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ଜିଲା ଶିକ୍ଷାଧିକାରୀ ଏବଂ ପୂର୍ବତନ ପିସିସି ସଭାପତି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

ଏହି ଅବସରରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ୫୩୮ ନମ୍ବର ରଖିଥିବା ବିଦ୍ୟାଳୟର ଛାତ୍ରୀ ଦୀପସ୍ମିତା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ଉଦ୍ଦେଶ୍ୟରେ 'ନାୟକ ନୁହେଁ ମହାନାୟକ' ପତ୍ରିକା ବିଧାୟକ ମଲ୍ଲିକଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଶିକ୍ଷକ ହେମନ୍ତ ପରିଡ଼ା, ଜଗନ୍ନାଥ ଦ୍ୱିବେଦୀ, ଅରୁଣ ବାରିକ, ପ୍ରଫୁଲ୍ଲ ଜେନା, ରମାକାନ୍ତ ଜେନା, ସେକ୍‌ସାବୀର, ଜାହାରୁଦ୍ଦୀନ ସାହାଜୀ, ସେକ୍ ରିହାଜ ଅଲ୍ଲୀ ପ୍ରମୁଖ ସହଯୋଗ କରିଥିଲେ।


ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସେକ୍ ୟାକତ୍ ଅଲ୍ଲୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ସାଇକେଲ ଶୋଭାଯାତ୍ରାରେ ଜଙ୍ଗଲ ସୁରକ୍ଷା ସଚେତନତା

କେନ୍ଦୁଝର,୪।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ରୋଟାରୀ କ୍ଲବ୍ ପକ୍ଷରୁ ରବିବାର ସକାଳ ୮ ଟାରେ ଜଙ୍ଗଲ ସୁରକ୍ଷା ସଚେତନତା ନେଇ ସାଇକେଲ ଶୋଭାଯାତ୍ରା କରାଯାଇଛି। କେନ୍ଦୁଝର ସହର ରୋଟାରୀ ପିସ୍ ଟାୱାର ନିକଟରୁ ଶୋଭାଯାତ୍ରା ଆରମ୍ଭ ହୋଇ ସହର ପରିକ୍ରମା କରିବା ପରେ ବାଁପାର ସାଇ ମନ୍ଦିର ନିକଟରେ ଶେଷ ହୋଇଥିଲା। ରୋଟାରୀ ଜିଲା ସଭାପତି ରାଜଲକ୍ଷ୍ମୀ ସ୍ୱାଇଁ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସଞ୍ଜୟ ମହାପାତ୍ର, ସୁରେଶ ଖଟୋଇ, ସଞ୍ଜୀବ ଓତା, ବିଜୟ ବେହେରା, ବିଜୟ କପୁର, ଦେବବ୍ରତ ସ୍ୱାଇଁ, ଅର୍ପିତ ପଟ୍ଟନାୟକ, ସତ୍ୟବ୍ରତ ପଣ୍ଡା, ପ୍ରିୟଦର୍ଶିନୀ ପଟ୍ଟନାୟକ, ବୁଲୁ ବେହେରା, ସନ୍ଦୀପ ପଟ୍ଟନାୟକ, ବିଭୂତି ସାହୁ, ରୀତା କପୁର ଓ ଉମେଶ ଚନ୍ଦ୍ର ଦେହୁରୀ ନେତୃତ୍ୱ ନେଇଥିଲେ। ଶତାଧିକ ସାଇକ୍ଲିଷ୍ଟଙ୍କ ସହ ପୋଲିସ ହାଇସ୍କୁଲର ଛାତ୍ରୀଛାତ୍ର ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ।



ସାଇକେଲ ଶୋଭାଯାତ୍ରାରେ ଜଙ୍ଗଲ ସୁରକ୍ଷା ନେଇ ସଚେତନ କରାଯାଉଛି।

OFFICE OF THE PRINCIPAL
P.I. DEGREE COLLEGE, JUNAGARH, DIST.: KALAHANDI
Adv. No. 566/PIM(J)/KLD/2025 Date: 02.05.2025
TENDER CALL NOTICE
Tenders are invited for procurement of Desktop Computers, UPS, Multifunction Printer, LED TV (65-Inch), Wireless Mic & Camera for Virtual Meeting under upgrading of IT Infrastructure Fund, Higher Education Department, Government of Odisha. The firms having GST/PAN/TAN registration can send their tenders for supply of items. The tender documents will be opened according to schedule of RFP. The undersigned reserve the right to accept or reject any or all the tenders without assigning any reason thereof.
For details of the RFP visit: www.pidcjunagarh.co.in.
Sd./- Principal
P.I. Degree College, Junagarh

ODISHA HYDRO POWER CORPORATION LTD.
O/o. Sr. GENERAL MANAGER
HIRAKUD HYDRO ELECTRIC PROJECT
POST BOX NO. 5, BURLA - 768017, DISTRICT: SAMBALPUR (ODISHA), INDIA
Phone: 0663-2950721(O), 2950765, E-Mail: srgmhps_burla@yahoo.co.in
CIN: U40101OR1995SGC003963
No. HHEP/WK-52/7, Vol-II/2516 Date: 03.05.2025
NOTICE INVITING TENDER No. HHEP-22/2025
No. CAD-283: Sealed tenders are invited in single part in sealed envelopes from Govt. registered Contractors/Agencies having similar type of work experience during the last three years for the following works as mentioned below.

| Description of Work | Cost of tender Paper (Non-refundable) in Rs. | EMD in shape of DD/BC only (Refundable) in Rs. | Period of sale/ download of tender document | Last date & time of receipt of tender | Date & time of Opening of Techno Commercial Bid |
|---|---|---|---|---|---|
| Replacement of seals of Intake Gate Servo Cylinder of Unit # 4 of HHEP, Burla | 4,720/- (Rs.4000/- + GST @ 18%) | 7,500/- | From 06.05.2025 (09.00A.M.) to 20.05.2025 upto 11.00 A.M. | 20.05.2025 upto 11.30 A.M. | 20.05.2025 at 12.00 Noon |

For details of the tender documents, terms and conditions please visit our website www.ohpcltd.com. If any of the above dates fall on holiday(s), or the office is closed due to any other reason the next working day will be treated as the effective date.
OIPR-04007/11/0042/2526 Sd./- C&P Head, HHEP, Burla

## ସଂକ୍ଷେପରେ

### ଘର ଭିତରେ ପଶିଗଲା ସିମେଣ୍ଟ ବୋଝେଇ ଟ୍ରକ୍



ପାଟଣା,୪ା୫(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା-ଢେଙ୍କିକୋଟ ୨୨୦ ନଂ. ଜାତୀୟ ରାଜପଥ କୁଆପଶି ନିକଟରେ ରବିବାର ଭୋର ସମୟରେ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଜଣଙ୍କ ଘର ଭିତରେ ପଶି ଯାଇଥିବା ଜଣାପଡ଼ିଛି। ଘରର କିଛି ଅଂଶ ଓ ପାଚେରୀ ଭାଙ୍ଗି ଯାଇଥିବା ବେଳେ କାହାର କିଛି କ୍ଷତି ଘଟିନି। ସୂଚନା ଅନୁଯାୟୀ, ଓଡି୦୫ଏୟୁ ୨୮୧୪ ନମ୍ବର ବିଶିଷ୍ଟ ଟ୍ରକଟି କଟକରୁ ରାଇରଙ୍ଗପୁର ଅଭିମୁଖେ ଯାଉଥିବା ବେଳେ କୁଆପଶି ନିକଟରେ ରାସ୍ତା ତଳକୁ ଡାକ୍ତର ନିର୍ମଳ ମହାନ୍ତଙ୍କ ଘର ଭିତରକୁ ପଶି ଯାଇଥିଲା। ଟ୍ରକ୍ ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ଦୁର୍ଘଟଣା ଘଟିଥିବା କୁହଯାଉଛି। ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ପୋଲିସ ଟ୍ରକ୍‌କୁ ଜବତ କରିଛି।

# ଆଜି ବିପ୍ଳବୀ ଧରଣୀଧରଙ୍କ ଜୟନ୍ତୀ, ଯୋଗଦେବେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର,୪ା୫
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ଅନ୍ୟତମ ପୁରାତନ ଜନଜାତି ଭୂୟାଁ ଆଦିବାସୀ ସମ୍ପ୍ରଦାୟର ମହାନାୟକ ବିପ୍ଳବୀ ଧରଣୀଧର ନାଏକଙ୍କ ଜନ୍ମବାର୍ଷିକୀ ଉତ୍ସବ ପ୍ରତିବର୍ଷ ମେ ୫ରେ ପାଳିତ ହୋଇଥାଏ। ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଏହି ଦିନଟିକୁ ଧରଣୀ ଜୟନ୍ତୀ ଭାବେ ପାଳନ କରିଥାନ୍ତି। ଚଳିତବର୍ଷ ବିପ୍ଳବୀଙ୍କ ଜନ୍ମଦିବସ ମହାସମାରୋହରେ ଅନୁଷ୍ଠିତ ହେବ। ସୋମବାର ମହାନାୟକଙ୍କ ଜନ୍ମସ୍ଥାନ ସଦର ବ୍ଲକ ଅଧୀନ କୁସୁମିତା ଗ୍ରାମରେ ଅନୁଷ୍ଠିତ ହେବ ରାଜ୍ୟସ୍ତରୀୟ ଧରଣୀ ଜୟନ୍ତୀ ଉତ୍ସବ। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବା କାର୍ଯ୍ୟକ୍ରମ ରହିଥିବାରୁ ଏହାର ଗୁରୁତ୍ୱ ବଢ଼ିଯାଇଛି। ପ୍ରଥମଥର ଏଠାରେ ରାଜ୍ୟସ୍ତରୀୟ ସମାରୋହ ହେବାକୁ ଯାଉଥିବାରୁ ସ୍ଥାନୀୟ ଲୋକଙ୍କ ସମେତ ଜିଲାବାସୀ ଉତ୍ସାହିତ ଅଛନ୍ତି।

ତତ୍କାଳୀନ ରାଜତନ୍ତ୍ର ଓ ଅମଲାତନ୍ତ୍ର ବିରୋଧରେ ଲଢ଼େଇ କରି ନିର୍ଯାତିତ ଜାତି, ଭୂମିକୁ ମୁକ୍ତ କରିବାକୁ ଭୂୟାଁ ଜାତିର ମହାନାୟକ ଧରଣୀ ଲଢ଼ି ଅନ୍ୟମାନଙ୍କ



ପାଇଁ ତଥା ସେମାନଙ୍କ ଦାୟଦଙ୍କ ଲାଗି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। କିନ୍ତୁ ଆଜି ମଧ୍ୟ ଭୂୟାଁ ଜାତି ଅବହେଳିତ ହୋଇରହିଥିବାବେଳେ ସେମାନଙ୍କ ବିକାଶ ପ୍ରତି କେହି ଦୃଷ୍ଟି ଦେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଭୂମିପୁତ୍ର ଭାବେ ନିଜକୁ ପରିଗଣିତ କରୁଥିବା ଏହି ସ୍ୱାଭିମାନୀ ଭୂୟାଁ ଜାତି ଏକ ପକ୍ଷରେ ସୁଶାସନ ପାଇଁ ରାଜତନ୍ତ୍ର ପ୍ରତିଷ୍ଠା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ବେଳେ ପରେ ଅତ୍ୟାଚାରିତା ରାଜତନ୍ତ୍ର, ଅମଲାତନ୍ତ୍ରର

### ଅବହେଳିତ ଦାୟାଦ, ଅଞ୍ଚଳ

କୁଶାସନ ବିରୋଧରେ ବିଦ୍ରୋହ କରି ଏକ ଇତିହାସ ସୃଷ୍ଟି କରିଥିଲେ। ଯାହାର ନେତୃତ୍ୱ ନେଇଥିଲେ ଧରଣୀଧର। ଉପଯୁକ୍ତ ଗବେଷଣା ଅଭାବରୁ ବହୁ ଘଟଣା ଲୋକଲୋଚନକୁ ଆସିପାରୁ ନାହିଁ। ପରବର୍ତ୍ତୀ ସମୟରେ ବିଭିନ୍ନ ଲୋକକଥା ଓ କିମ୍ବଦନ୍ତୀକୁ ଆଧାର କରି ଭୂୟାଁ ସମ୍ପ୍ରଦାୟ ସହ ରାଜ ପରିବାରର ସମ୍ପର୍କ ଓ ରାଜତନ୍ତ୍ର ବିରୋଧରେ ବିଦ୍ରୋହର ଗାଥା ପ୍ରକାଶ ପାଇଛି। ତେବେ ବିପ୍ଳବୀ ଧରଣୀଧରଙ୍କୁ ମନେ ରଖିବା ପାଇଁ ତାଙ୍କ ନାମରେ କଲେଜ, ବିଶ୍ୱବିଦ୍ୟାଳୟ, ମେଡିକାଲ କଲେଜ, ସ୍ପୋର୍ଟ୍ସ କମ୍ପଲେକ୍ସ ଆଦି ନାମକରଣ କରାଯାଇଛି।

ଭୂମିରୁ ଜାତ ଭୂୟାଁ ବୋଲି ସର୍ବଦା ଗର୍ବ କରୁଥିବା ଏହି ଜାତି ଆଦିମ କାଳରୁ ଜଙ୍ଗଲ ଓ ପାହାଡ଼ ଘେରା ଅଞ୍ଚଳରେ ରହିଆସୁଥିଲେ ହେଁ ସେମାନଙ୍କ ବିକାଶ ପାଇଁ ଭୂୟାଁ ଉନ୍ନୟନ ଏଜେନ୍ସି ଭଳି ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହୋଇପାରୁ ନ ଥିବାରୁ ସେମାନେ ଅବହେଳିତ ହୋଇ ରହିଛନ୍ତି। ଏପରିକି ସେମାନଙ୍କ ସଂଖ୍ୟା କେତେ, ତାହାର ଠିକ୍ ହିସାବ କାହା ପାଖରେ ନାହିଁ। ରାଜତନ୍ତ୍ର, ଇଂରେଜ ଶାସନ ଓ ଅମଲାତନ୍ତ୍ର ବିରୋଧରେ ଧରଣୀଧର ଆରମ୍ଭ କରିଥିଲେ ପ୍ରଜାମେଳି। ଆଦିବାସୀମାନଙ୍କୁ ଏକଜୁଟ କରି ଏକ ବିରାଟ ବିଦ୍ରୋହର ଡାକରା ଦେଇଥିଲେ, ଯାହାକୁ ଅନେକ ଧରଣୀମେଳି ବୋଲି ବର୍ଣ୍ଣନା କରନ୍ତି। ରାଜପ୍ରସାଦର ସୁଖ ସ୍ୱାଚ୍ଛନ୍ଦ ଛାଡ଼ି ନିଜର ଜାତି ଭାଇମାନଙ୍କ ଲାଗି ବିଶାଳ ରାଜତନ୍ତ୍ର ଓ ଇଂରେଜ ଶାସନ ବିରୋଧରେ କରିଥିବା ଧରଣୀ ମେଳି ଭୂୟାଁ ଜାତିକୁ ସ୍ୱାଧୀନତା ସଂଗ୍ରାମ ପାଇଁ ପ୍ରେରଣା ଯୋଗାଇଥିଲା ବୋଲି ଗବେଷକ ଡ. ବିଦ୍ୟାଧର ବେହେରା କହନ୍ତି। ଆଜି ସମଗ୍ର ଜିଲା ଓ ରାଜ୍ୟରେ ଧରଣୀଧରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଉତ୍ସବ ଆୟୋଜନ ହେଉଛି। ତେବେ ସେ ଯେଉଁ ଜାତି ପାଇଁ ଲଢ଼େଇ କରିଥିଲେ, ସେହି ଜାତି ଆଜି ଅବହେଳିତ ହୋଇରହିଛି। ଏଣୁ ସରକାର ଭୂୟାଁ ସମ୍ପ୍ରଦାୟର ବିକାଶ ପ୍ରତି ଗୁରୁତ୍ୱ ଦେଇ ସେମାନଙ୍କୁ ସେମାନଙ୍କ ଅଧିକାର ଦିଆଗଲେ ଧରଣୀ ଜୟନ୍ତୀ ପାଳନ ସାର୍ଥକ ହୋଇପାରିବ ବୋଲି ବରିଷ୍ଠ ଅଧ୍ୟାପକ ତଥା ଗବେଷକ ଡ. ସୁମନ୍ତ୍ର ନାୟକ କହିଛନ୍ତି।

# ମଶିଣାଯୋଡ଼ି ଜଳ ପ୍ରକଳ୍ପ ବନ୍ଦ



ପାଣି ପାଇଁ ହନ୍ତସନ୍ତ ହେଉଥିବା ଗ୍ରାମର ମହିଳାମାନେ।

### ୨୦ ଦିନ ହେଲା ଲୋକେ ଡହଳବିକଳ

କେନ୍ଦୁଝର,୪ା୫
(ନରେଶ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟରେ ଚଳିତ ବର୍ଷ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସରକାର ପକ୍ଷରୁ ଜଳ ଉତ୍ସଗୁଡ଼ିକ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର କେତେକ ସ୍ଥାନରେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଜନ ସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଅଧୀନ ବିନିଦା ପଞ୍ଚାୟତ ମଶିଣାଯୋଡ଼ି ହାଟ ପଡ଼ିଆ ଛକ ନିକଟରେ ଥିବା ଆରଡବ୍ଲୁଏସ୍ଏସ୍ ଜଳ ପ୍ରକଳ୍ପ କ୍ଷେତ୍ରରେ। ୨୦ ଦିନ ହେଲା ଏହି ଜଳ ପ୍ରକଳ୍ପ ବନ୍ଦ ହୋଇଯାଇଥିବା ଯୋଗୁ ଏହା ଉପରେ ନିର୍ଭର କରୁଥିବା ସ୍ଥାନୀୟ ମହାନ୍ତ ସାହି, ଜୁଆଙ୍ଗ ସାହି, ମୁଣ୍ଡା ସାହି, ଗୋପାଳ ସାହିର ଶତାଧିକ ପରିବାର ପିଇବା ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ପ୍ରଚଣ୍ଡ ଖରା ହେଉଥିଲେ ମଧ୍ୟ ବାଧ୍ୟ ହୋଇ ଦୂରଦୂରାନ୍ତରୁ ଆଣି ଆଣୁଛନ୍ତି। ଖରା ଦିନେ ପ୍ରକଳ୍ପଟି ୨୦ ଦିନ ଧରି ବନ୍ଦ ହେବା ସତ୍ତ୍ୱେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ନ ପଡ଼ିବା ଦୁର୍ଭାଗ୍ୟ ଜନକ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପ୍ରକଳ୍ପ ଚାଲୁକରିବା ପାଇଁ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବି କରାଯିବ ବୋଲି ଗ୍ରାମର ୱାର୍ଡ ମେମ୍ବର କ୍ଷେତ୍ରବାସୀ ବାରିକଙ୍କ ସମେତ ମଧୁ ମୁଣ୍ଡା, ଚନ୍ଦ୍ର ମୁଣ୍ଡା, ଖଟୁଆ ଜୁଆଙ୍ଗ, ଚନ୍ଦ୍ର ଜୁଆଙ୍ଗ, ମଦନା ଜୁଆଙ୍ଗ, କୁନା ଜୁଆଙ୍ଗ, ଅର୍ଜୁନା ଜୁଆଙ୍ଗ, ଈଶ୍ୱର ଜୁଆଙ୍ଗ, କ୍ଷେତ୍ର ମହାନ୍ତ, ଗିରିଧାରୀ ମହାନ୍ତ, ସୁନି ମହାନ୍ତ, ପ୍ରତାପ ମହାନ୍ତ, ଜାଗା ବାରିକ, ଦିପୁ ବାରିକ, ଶୁଭବ୍ରତ ବାରିକ, କରୁଣାକର ବାରିକ, ଭାଗବତ ପରିଡ଼ା, ଶରତ ବାରିକ,ସୁନ୍ଦର ମୁଣ୍ଡା ପ୍ରମୁଖ କହିଛନ୍ତି।

# ଆଜିଠୁ 'ରଙ୍ଗବତୀ' ମହୋତ୍ସବ

କେନ୍ଦୁଝର,୪ା୫
(ନରେଶ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସୋମବାରଠାରୁ କେନ୍ଦୁଝର ସହର କାଳିପଡ଼ିଆରେ ଆରମ୍ଭ ହେବ ପଶ୍ଚିମ ଓଡ଼ିଶା ନୃତ୍ୟ, ସଂଗୀତ ମହୋତ୍ସବ 'ରଙ୍ଗବତୀ'। କେନ୍ଦୁଝର ଜିଲା ପ୍ରଶାସନ, ସଂଗୀତ ନାଟକ ଏକାଡେମୀ, ଜିଲା ସଂସ୍କୃତି ପରିଷଦ ଏବଂ ଆଦିମ-ସଂସ୍କୃତି ମିଳିତ ସହଯୋଗରେ ଆୟୋଜନ କରାଯାଇଛି। ୭ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ। ରବିବାର ମଧ୍ୟାହ୍ନରେ କେନ୍ଦୁଝର ଦରବାର ହଲ୍‌ଠାରେ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମିର୍ଦ୍ଧା ଟପ୍ପୋଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ମହୋତ୍ସବକୁ ଉଦ୍‌ଘାଟନ କରିବେ। ମନ୍ତ୍ରୀ, କେନ୍ଦୁଝର ଏମ୍‌ପି, ବିଧାୟକ, ବହୁ ବିଶିଷ୍ଟ କଳାକାର ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପଶ୍ଚିମ ଓଡ଼ିଶାର ବହୁ ବିଶିଷ୍ଟ ଲୋକ କଳାକାର, ନୃତ୍ୟଶିଳ୍ପୀ ଏବଂ କଣ୍ଠଶିଳ୍ପୀମାନେ ଯୋଗଦେଇ ନୃତ୍ୟ, ସଂଗୀତ ପରିବେଷଣ କରିବେ। ରସରକେଳିଠାରୁ ନେଇ ହୋମୁଣ୍ଡା, ଛଉ, ଚାଙ୍ଗୁ, ଝୁମର ନୃତ୍ୟ, ଢୋଲ, ତବଲା, ମୃଦଙ୍ଗ ଆଦି ବିଭିନ୍ନ ପାରମ୍ପରିକ ବାଦ୍ୟରେ ପଶ୍ଚିମ ଓଡ଼ିଶାର ଲୋକସଂଗୀତ ପରିବେଷଣ କରାଯିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଏବଂ ଓଡ଼ିଆ ସାହିତ୍ୟ ଏକାଡେମୀର ସଚିବ ଚନ୍ଦ୍ରଶେଖର ହୋତା, ଜିଲା ସଂସ୍କୃତି ଅଧିକାରୀ ତଥା ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ରମେଶ କୁମାର ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ମହୋତ୍ସବର କାର୍ଯ୍ୟସୂଚୀ ଉନ୍ମୋଚନ କରାଯାଉଛି।

# ସାଇକେଲ ଶୋଭାଯାତ୍ରାରେ ଜଙ୍ଗଲ ସୁରକ୍ଷା ସଚେତନତା




କେନ୍ଦୁଝର ସହରରେ ବାହାରିଥିବା ଶୋଭାଯାତ୍ରା।

କେନ୍ଦୁଝର,୪ା୫
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ରୋଟାରୀ କ୍ଲବ୍ ପକ୍ଷରୁ ରବିବାର ସକାଳ ୮ ଟାରେ ଜଙ୍ଗଲ ସୁରକ୍ଷା ସଚେତନତା ନେଇ ସାଇକେଲ ଶୋଭାଯାତ୍ରା କରାଯାଇଛି। କେନ୍ଦୁଝର ସହର ରୋଟାରୀ ପିସ୍ ଟାୱାର ନିକଟରୁ ଶୋଭାଯାତ୍ରା ଆରମ୍ଭ ହୋଇ ସହର ପରିକ୍ରମା କରିବା ପରେ ବାଁପାର ସାଇ ମନ୍ଦିର ନିକଟରେ ଶେଷ ହୋଇଥିଲା। ରୋଟାରୀ ଜିଲା ସଭାପତି ରାଜଲକ୍ଷ୍ମୀ ସ୍ୱାଇଁ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସଞ୍ଜୟ ମହାପାତ୍ର, ସୁରେଶ ଖଟୋଇ, ସଞ୍ଜୀବ ଓତା, ବିଜୟ ବେହେରା, ବିଜୟ କପୁର, ଦେବବ୍ରତ ସ୍ୱାଇଁ, ଅର୍ପିତ ପଟ୍ଟନାୟକ, ସତ୍ୟବ୍ରତ ପଣ୍ଡା, ପ୍ରିୟଦର୍ଶିନୀ ପଟ୍ଟନାୟକ, ବୁଲୁ ବେହେରା, ସନ୍ଦୀପ ପଟ୍ଟନାୟକ, ବିଭୂତି ସାହୁ, ରୀତା କପୁର ଓ ଉମେଶ ଚନ୍ଦ୍ର ଦେହୁରୀ ନେତୃତ୍ୱ ନେଇଥିଲେ। ଶତାଧିକ ସାଇକ୍ଲିଷ୍ଟଙ୍କ ସହ ପୋଲିସ ହାଇସ୍କୁଲର ଛାତ୍ରୀଛାତ୍ର ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ।

# ଧୋଇଗଲା ଡାଇଭର୍ସନ ପୋଲ



ବର୍ଷାରେ ଧୋଇ ଯାଇଥିବା ପୋଲ।

### କାଳ ବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା

■ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡକୁ ଯୋଗାଯୋଗ ବିଚ୍ଛିନ୍ନ

ପାଟଣା,୪ା୫(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ ଅଞ୍ଚଳରେ କାଳ ବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ଯୋଗୁ ମଙ୍ଗଳପୁର ଭୀମକୁଣ୍ଡ ରାସ୍ତାର ଘାଟବାଲିଯୋଡ଼ି ନିକଟରେ ରବିବାର ସକାଳୁ ଡାଇଭର୍ଶନ ପୋଲ ଧୋଇଯାଇଛି। ଫଳରେ ଭୀମକୁଣ୍ଡ ସହ ମୟୂରଭଞ୍ଜ ଜିଲାର ଠାକୁରମୁଣ୍ଡା ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ମୋଟର ଅଟକି ରହିଛି। ପୂର୍ତ୍ତ ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ ଚାଲିଥିବା ବେଳେ ହ୍ୟୁମ୍ ପାଇପ ନ ଥିବାରୁ ଡାଇଭର୍ସନ ପୋଲଟି ପ୍ରବଳ ବର୍ଷାରେ ଧୋଇ ହୋଇଯାଇଛି। ଠିକା ସଂସ୍ଥା ଯୁଦ୍ଧକାଳୀନ ଭିତ୍ତିରେ ପୁନର୍ବାର ଡାଇଭର୍ଶନ ନିର୍ମାଣ କରିବାରୁ ଯାତାୟାତ ସ୍ୱାଭାବିକ ହୋଇଥିଲା।

# 'ଅନ୍ତିମ ଭରସା' ଲୋକାର୍ପିତ

ବାରିପଦା,୪ା୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ସାହିତ୍ୟ ପରିଷଦ ବାରିପଦା ଓ ନନ୍ଦିଘୋଷ ସାହିତ୍ୟ ସମାଜ ସାରସକଣାର ମିଳିତ ଆୟୋଜନରେ ସ୍ଥାନୀୟ ରୋଟାରୀ କ୍ଲବ ସଭାଗୃହରେ ରବିବାର ପୂର୍ବାହ୍ନ ୧୧ଟାରେ ଆଧ୍ୟାତ୍ମିକ ପ୍ରବନ୍ଧ ସଙ୍କଳନ 'ଅନ୍ତିମ ଭରସା'ର ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି। ସେବାନିବୃତ୍ତ ପ୍ରଶାସନିକ ଅଧିକାରୀ ତଥା ବର୍ଷିୟାନ ସାହିତ୍ୟ ସାଧକ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଦ୍ୱାରା ରଚିତ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବିଶିଷ୍ଟ ସାହିତ୍ୟିକ ତଥା ବାରିପଦା ସଦର ଉପଜିଲାପାଳ ଡ.ଦୟାସିନ୍ଧୁ ପରିଡ଼ା, ବରିଷ୍ଠ ଖବରଦାତା ଡ.ବିଜୟ କୁମାର ଅଗ୍ରୱାଲ, ବର୍ଷିୟାନ ସାହିତ୍ୟିକ ଅନିକେତ ବୃନ୍ଦାବନ ଦାଶ, ପୂର୍ବତନ ଓଡ଼ିଆ ବିଭାଗ ମୁଖ୍ୟ ଡ.ଅବନୀ କୁମାର କୁଣ୍ଡୁ ଓ ପ୍ରତିଶ୍ରୁତି ପ୍ରତିଷ୍ଠାନର ସମ୍ପାଦକ ପଣ୍ଡିତ ଭାଗବତ ପ୍ରସାଦ ପଣ୍ଡା ଅତିଥି ଭାବେ ଯୋଗଦାନ କରି ପ୍ରାବନ୍ଧିକଙ୍କ ପୁସ୍ତକର ଅନ୍ତର୍ନିହିତ ବାର୍ତ୍ତା, ସୁଖୀ ମାନବ ଜୀବନ ଯାପନ ତଥା ଭବସାଗରରୁ ପାରିହେବା ଲାଗି ଶ୍ରୀ ଶଚିଦାନନ୍ଦଘନଙ୍କ ପ୍ରତି ମଣିଷର ଅନାବିଳ ଭକ୍ତି ଓ ସମର୍ପଣ ଭାବର କେତେ ପ୍ରୟୋଜନ ତାହାକୁ ନିଖୁଣ ଭାବେ କିପରି ଚିତ୍ରଣ ହୋଇଛି ତା ଉପରେ ଆଲୋକପାତ କରିଥିଲେ। ପୂର୍ବତନ ପ୍ରଶାସନିକ ଅଧିକାରୀ କାର୍ତ୍ତିକେଶ୍ୱର ମହାନ୍ତି ଓ ମୟୂରଭଞ୍ଜ ସାହିତ୍ୟ ପରିଷଦର ଇଂ.ମନୋଜ କୁମାର ଦଳବେହେରା ଯୋଗ ଦେଇଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ମୋରଡ଼ା,୪ା୫(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଦାନ୍ତିଆମୁହାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ପୂର୍ବାହ୍ନ ୧୧ଟାରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦାନ୍ତିଆମୁହାଁ କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦ୍ୱାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାନ୍ତ ସଭାରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସିଆର୍‌ସିସି କୌଶିକ କୁମାର ଦାସ ଓ ସମ୍ମାନୀତ ଅତିଥିଭାବେ କରମଶୋଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜନ୍ମେଞ୍ଜୟ ମହାନ୍ତ ଯୋଗ ଦେଇଥିଲେ।



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥିମାନେ।

ବିଦାୟୀ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉଷାରାଣୀ ମହାନ୍ତ,ପ୍ରଭାତୀ ବିଶ୍ୱାଳ, ରାଜକିଶୋର ଗିରି, ଦିବାକର ମହାନ୍ତଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ଭଗବତ ଗୀତା ପୁସ୍ତକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଶିକ୍ଷକ ରାଜକିଶୋର ଗିରି ଚାକିରି ସମୟର ଘଟଣାବଳୀ ବର୍ଣ୍ଣନା କରିବା ସହିତ ଅନ୍ୟମାନଙ୍କୁ ଆଦର୍ଶ ଶିକ୍ଷକ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ରଜନୀମଣି ଦାସ, ଲିଜା ରାଣୀ ସାହୁ, ମନ୍ଦାକିନୀ ମହାନ୍ତ, ସୁଜାତା ଗିରି, କଳ୍ପନା ବେହେରା, ତିଳୋତ୍ତମା ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜୁନ୍ ୧୧ରେ ଠାକୁରମୁଣ୍ଡା ସରପଞ୍ଚ ଉପ ନିର୍ବାଚନ

ଠାକୁରମୁଣ୍ଡା,୪ା୫
(ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା ଗ୍ରାମ ପଞ୍ଚାୟତ ସରପଞ୍ଚ ପଦବୀ ନିମନ୍ତେ ଉପ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇଛି। ଆସନ୍ତା ଜୁନ ୧୧ ତାରିଖରେ ଭୋଟ ଗ୍ରହଣ କରାଯିବ। ମେ ୧୪ରୁ ୧୭ ତାରିଖ ମଧ୍ୟରେ ପ୍ରାର୍ଥୀପତ୍ର ଦାଖଲ କରାଯିବ। ୧୯ ତାରିଖରେ ଯାଞ୍ଚ ହୋଇ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଜୁନ ୧୧ ତାରିଖ ସକାଳ ୭ରୁ ଦିନ ୧ଟା ମଧ୍ୟରେ ଭୋଟ ଦାନ କରାଯିବ । ୧୨ ତାରିଖ ଦିନ ଭୋଟ ଗଣତି ଓ ଫଳାଫଳ ଘୋଷଣା କରାଯିବ । ଗତ ୨୦୨୩ ଡିସେମ୍ବରରୁ ଠାକୁରମୁଣ୍ଡା ଗ୍ରାମପଞ୍ଚାୟତ ସରପଞ୍ଚ ପଦବୀ ଶୂନ୍ୟ ପଡ଼ିଥିବା ବେଳେ ଏପ୍ରିଲ ୩୦ ତାରିଖରେ ନିର୍ବାଚନ କମିଶନ ବିଜ୍ଞପ୍ତି ଜାରି କରିଥିଲେ। ବିଜ୍ଞପ୍ତି ପ୍ରକାଶ ପାଇବା ସହ ଆଚରଣ ବିଧି ଲାଗୁ ହୋଇଛି। ପୂର୍ବରୁ ସରପଞ୍ଚ ଥିବା ଆଲୋକ ଦଙ୍ଗ ଶିକ୍ଷକ ଭାବେ ନିଯୁକ୍ତି ପାଇବାରୁ ୨୦୨୩ ଡିସେମ୍ବର ୨୦ ତାରିଖରେ ନିଜ ପଦରୁ ଇସ୍ତଫା ଦେଇଥିଲେ। ଉପଜିଲାପାଳଙ୍କ ଚିଠି ନଂ. ୯୧୫ ତା୯।୨।୨୦୨୪ ବଳରେ ନାଏବ ସରପଞ୍ଚ ପ୍ରମିଳା ଲୁଗୁନ ସରପଞ୍ଚ ଦାୟିତ୍ୱ ନିର୍ବାହ କରି ଆସୁଥିଲେ।

# ହାତୀ ଉପଦ୍ରବ,ଲୋକେ ହନ୍ତସନ୍ତ



ହାତୀପଲ ନଷ୍ଟ କରିଥିବା କୌଶିକ ଜେନାଙ୍କ ଆସବାବପତ୍ର।

ମୋରଡ଼ା,୪ା୫(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ଜାରି ରହିଥିବା ବେଳେ ଲୋକେ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି। ଶନିବାର ବିଳମ୍ବିତ ରାତିରେ ଉକ୍ତ ରେଞ୍ଜ ଅଧୀନ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମରେ ୧୧ଟି ହାତୀ ପଶି ବ୍ୟାପକ କ୍ଷତି କରିଛନ୍ତି। ଗ୍ରାମର କୌଶିକ ଜେନାଙ୍କ ଘରେ ଥିବା ଆସବାବ ପତ୍ର ନଷ୍ଟ କରିବା ସହିତ ୧୦ କୁଇଣ୍ଟାଲରୁ ଅଧିକ ଧାନ ଖାଇ ଦେଇଛନ୍ତି। ହାତୀ ଘଉଡ଼ାଇବାରେ ବନ ବିଭାଗ ବିଫଳ ହୋଇଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି। ଧନ,ଜୀବନ ସୁରକ୍ଷା ପାଇଁ ବନ ବିଭାଗ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

OFFICE OF THE PRINCIPAL
P.I. DEGREE COLLEGE, JUNAGARH, DIST.: KALAHANDI
Adv. No. 566/PIM(J)/KLD/2025 Date: 02.05.2025
TENDER CALL NOTICE
Tenders are invited for procurement of Desktop Computers, UPS, Multifunction Printer, LED TV (65-Inch), Wireless Mic & Camera for Virtual Meeting under upgrading of IT Infrastructure Fund, Higher Education Department, Government of Odisha. The firms having GST/PAN/TAN registration can send their tenders for supply of items. The tender documents will be opened according to schedule of RFP. The undersigned reserve the right to accept or reject any or all the tenders without assigning any reason thereof.
For details of the RFP visit: www.pidcjunagarh.co.in.
Sd./- Principal
P.I. Degree College, Junagarh

ODISHA HYDRO POWER CORPORATION LTD.
OHPC
ISO 9001-14001 18001 Certified
O/o. Sr. GENERAL MANAGER
HIRAKUD HYDRO ELECTRIC PROJECT
POST BOX NO. 5, BURLA - 768017, DISTRICT: SAMBALPUR (ODISHA), INDIA
Phone: 0663-2950721(O), 2950765, E-Mail: srgmhps_burla@yahoo.co.in
CIN: U40101OR1995SGC003963
No. HHEP/WK-52/7, Vol-II/2516 Date: 03.05.2025
NOTICE INVITING TENDER No. HHEP-22/2025
No. CAD-283: Sealed tenders are invited in single part in sealed envelopes from Govt. registered Contractors/Agencies having similar type of work experience during the last three years for the following works as mentioned below.

| Description of Work | Cost of tender Paper (Non-refundable) in Rs. | EMD in shape of DD/BC only (Refundable) in Rs. | Period of sale/ download of tender document | Last date & time of receipt of tender | Date & time of Opening of Techno Commercial Bid |
|---|---|---|---|---|---|
| Replacement of seals of Intake Gate Servo Cylinder of Unit # 4 of HHEP, Burla | 4,720/- (Rs.4000/- + GST @ 18%) | 7,500/- | From 06.05.2025 (09.00A.M.) to 20.05.2025 upto 11.00 A.M. | 20.05.2025 upto 11.30 A.M. | 20.05.2025 at 12.00 Noon |

For details of the tender documents, terms and conditions please visit our website www.ohpcltd.com. If any of the above dates fall on holiday(s), or the office is closed due to any other reason the next working day will be treated as the effective date.
OIPR-04007/11/0042/2526 Sd./- C&P Head, HHEP, Burla

## ସଂକ୍ଷେପରେ

### ଝାଡ଼ାବାନ୍ତିରେ ୩୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

ଉଦଳା,୪ା୫(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଧୀନ ମଝିଗଡ଼ିଆ ପଞ୍ଚାୟତ ମଣ୍ଡିଗୁଡା ଗାହିରାସାହିରେ ଝାଡ଼ାବାନ୍ତି ଆତଙ୍କ ଦେଖାଦେଇଛି। ଗାଁର ୩୦ରୁ ଅଧିକ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ, ଏହି ଗ୍ରାମରେ ବସବାସ କରୁଥିବା ୨୫ ପରିବାରଙ୍କ ପାଇଁ ଗୋଟିଏ ନଳକୂପ ରହିଛି। ସେହି ନଳକୂପରୁ ଅଳ୍ପ ପାଣି ବାହାରୁଥିବାରୁ ଲୋକେ ଗ୍ରାମ ନିକଟରେ ଥିବା ପୋଖରୀ କୂଳରେ ଗୁଆ ଖୋଳି ସେଥିରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି। ଏହି ପାଣି ପିଇ ଗ୍ରାମର କେତେଜଣଙ୍କ ପ୍ରଥମେ ବାନ୍ତି ହେବା ସହିତ ମୁଣ୍ଡ ବୁଲାଇଥିଲା। ଏହା ପରେ ଝାଡ଼ା ଲାଗି ରହିଲା। ୩ ଦିନ ମଧ୍ୟରେ କପ୍ତିପଦା ମେଡିକାଲରେ ୧୦ରୁ ଅଧିକ ଆକ୍ରାନ୍ତ ଚିକିତ୍ସିତ ହୋଇଛନ୍ତି। ଶନିବାର ଅପରାହ୍ନରେ ୭ ଜଣ ଆକ୍ରାନ୍ତ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଛନ୍ତି। ଏହା ସହିତ ଗ୍ରାମର ସନାତନ ମୁର୍ମୁ, ସନ୍ଧ୍ୟାରାଣୀ ବେଶ୍ରା, ଜାତରି ମୁର୍ମୁ, ସୁନୀଲ ପ୍ରସାଦ ଗୁଡ୍ଡୁ, ପାର୍ବତୀ ମାରାଣ୍ଡି, ଶାକର ମାରାଣ୍ଡି, ସୁନାରାମ ଗୁଡୁଙ୍କ ସମେତ କେତେଜଣ ଛୋଟପିଲା ଏବଂ ବୃଦ୍ଧା ବୃଦ୍ଧ ମଧ୍ୟ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଗ୍ରାମରେ ରହିଛନ୍ତି । ଗ୍ରାମରେ ୧୫ରୁ ଅଧିକ ଆକ୍ରାନ୍ତ ରହିଥିବା ବେଳେ ଦିନକୁ ଦିନ ଏହି ସଂଖ୍ୟା ବଢିବାରେ ଲାଗିଛି। ଆଶା କର୍ମୀ ସମିତା ବେଶ୍ରାଙ୍କଠାରୁ ଖବରପାଇ ଗାଁରେ ମେଡିକାଲ ଟିମ୍ ପହଞ୍ଚି ଆକ୍ରାନ୍ତଙ୍କ ଚିକିତ୍ସା କରିଥିବା ସୂଚନା ମିଳିଛି।

### ଗୋରୁ ବୋଝେଇ ଗାଡ଼ି ଜବତ, ୨ ଗିରଫ

ମୋରଡ଼ା,୪ା୫(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ପୋଲିସ ରବିବାର ସକାଳ ୫ଟା ସମୟରେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରିବା ସହିତ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଡ୍ରାଇଭର ଗୁଲଟୁ ସିଂ ଏବଂ ହେଲପର ମନୋରଞ୍ଜନ ଘୋଷ। ଏନେଇ ଥାନାରେ ଏକ ମାମଲା(ନଂ. ୭୭/୨୫) ରୁଜୁ ହୋଇଛି। ଥାନା ଅଧିକାରୀ ସତ୍ୟନାରାୟଣ ବଳ ପାଟ୍ରୋଲିଂ କରୁଥିବା ବେଳେ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ଏହି ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରିଥିଲେ।

# ଏନ୍‌ଇଟି ଦେଲେ ୨୧୯୦ ପରୀକ୍ଷାର୍ଥୀ

ବାରିପଦା,୪ା୫ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ପ୍ରଥମ ଥର ବାରିପଦା ଓ ରାଇରଙ୍ଗପୁରଠାରେ ସର୍ବଭାରତୀୟ ମେଡିକାଲ ପ୍ରବେଶିକା (ଏନ୍‌ଇଇଟି) ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୧୯୦ ପରୀକ୍ଷାର୍ଥୀ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଥିଲା। ଏଥି ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ରବିବାର ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ପରୀକ୍ଷା ହୋଇଥିବା ବେଳେ ଛାତ୍ରଛାତ୍ରୀମାନେ ଦୁଇ ଘଣ୍ଟା ପୂର୍ବରୁ କେନ୍ଦ୍ର ନିକଟରେ ପହଞ୍ଚିଥିଲେ । ଶାନ୍ତିଶୃଙ୍ଖଳା ସହିତ ସୁରୁଖୁରୁରେ ପରୀକ୍ଷା ନିମନ୍ତେ ଜିଲାପାଳ ହେମକାନ୍ତ ସୟ ଓ ଏସ୍‌ପି ବରୁଣ ଗୁଣ୍ଟୁପାଲି ନୀରିକ୍ଷଣ କରି ସମସ୍ତ ପରୀକ୍ଷା କେନ୍ଦ୍ର ଗୁଡ଼ିକରେ କଡାକଡି ବ୍ୟବସ୍ଥା କରିଥିଲେ। ପରୀକ୍ଷା କେନ୍ଦ୍ରରେ ପୋଲିସ ମୃତୟନ କରାଯାଇଥିବା ବେଳେ ହଲ୍‌ରେ ସିସିଟିଭି, ଜାମୋର, ବାଇଓ-ମ୍ୟାଟ୍ରିକ୍, ଭିଡିଓଗ୍ରାଫିର ବ୍ୟବସ୍ଥା କରାଯାଇଛି । ପରୀକ୍ଷାର୍ଥୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପାନୀୟ ଜଳ, ଓଆରଏସ୍, ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଥିଲା। ବାରିପଦା ସହରର ଏମ୍‌ପିସି କ୍ଲୁଷିର କଲେଜରେ ୭୨୦ଜଣ, ସରକାରୀ ମହିଳା ମହାବିଦ୍ୟାଳୟରେ ୪୮୦, ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ୪୮୦ ଓ ଲକ୍ଷ୍ମୀପୋଷିସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୧ରେ ୧୭୨ଜଣ ଏବଂ ରାଇରଙ୍ଗପୁର ମହୁଲଡିହାସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ୩୩୮ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେହିପରି ବାରିପଦାସ୍ଥିତ ଚାରୋଟି କେନ୍ଦ୍ର ପାଇଁ ନୋଡାଲ ଅଧିକାରୀ ଭାବେ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ ଓ ରାଇରଙ୍ଗପୁରରେ ରାଇରଙ୍ଗପୁର ଉପଜିଲାପାଳ ଦାୟିତ୍ୱରେ ରହିଥିଲେ। ସମସ୍ତ କେନ୍ଦ୍ର ଗୁଡ଼ିକରେ ମାଜିଷ୍ଟ୍ରେଟ ଭାବେ ଉପଜିଲାପାଳମାନେ ଦାୟିତ୍ୱରେ ରହିଥିଲେ।



ଯାଞ୍ଚ ପରେ କେନ୍ଦ୍ରକୁ ପ୍ରବେଶ କରୁଛନ୍ତି ପରୀକ୍ଷାର୍ଥୀ।

# ଦୋଷୀଙ୍କୁ ୨୦ ବର୍ଷ ଜେଲ

ବାରିପଦା,୪ା୫ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

**ନାବାଳକଙ୍କୁ ଅପ୍ରାକୃତିକ ଯୌନ ନିର୍ଯାତନା ମାମଲା**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରା ଜଜ ତଥା ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟରେ ଶନିବାର ଏକ ନାବାଳକ ଅପ୍ରାକୃତିକ ଯୌନ ନିର୍ଯାତନା ମାମଲାର ରାୟ ପ୍ରକାଶ ପାଇଛି। ଜଜ ସନ୍ତୋଷ କୁମାର ନାୟକ ଏହାର ବିଚାର କରି ଦୋଷୀଙ୍କୁ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୫୫ ହଜାର ଟଙ୍କା ଜରିମାନା ଓ ଅନାଦାୟରେ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତଙ୍କ ଥଇଥାନ ବାବଦରେ ୧ ଲକ୍ଷ ଟଙ୍କା ସହାୟତା ଦେବାକୁ ଜିଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ଜାମଦା ଥାନା ଅନ୍ତର୍ଗତ ଲିପୁଘୁଟୁ ଗ୍ରାମର ରଘୁନାଥ ମୁର୍ମୁ(୨୫)। ମାମଲାର ବିବରଣୀ ଅନୁଯାୟୀ, ୨୦୨୫ ଜାନୁଆରୀ ୧୨ ତାରିଖରେ ଅଭିଯୁକ୍ତ ରଘୁନାଥ ଘରେ ଏକୁଟିଆ ଥିବା ଜଣେ ନାବାଳକଙ୍କୁ ନିକଟସ୍ଥ ଜଙ୍ଗଲକୁ ନେଇ ଅପ୍ରାକୃତିକ ଭାବେ ଯୌନ ନିର୍ଯାତନା ଦେଇଥିଲା। ଏ ବାବଦରେ କାହାକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ପରିବାର ଲୋକେ ଘରକୁ ଫେରିବା ପରେ ନିକଟସ୍ଥ ଜଙ୍ଗଲରୁ ନାବାଳକଙ୍କୁ ଉଦ୍ଧାର କରିଥିଲେ। ଏହି ପରଦିନ ଘଟଣା ବାବଦରେ ପରିବାର ଲୋକେ ଜାମଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୧୩/୨୫) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା।

# ଜମୁଛି ତାଲସଜ ବେପାର

ବୈଶିଙ୍ଗା,୪ା୫(ରତନ ଦାଶ)

ମୟୂରଭଞ୍ଜ ଜିଲା ବେତନଟୀ ଓ ବୈଶିଙ୍ଗା ଅଞ୍ଚଳରେ ଏବେ ତାଲସଜ ବେପାର ଜମୁଛି। ଗ୍ରୀଷ୍ମ ପ୍ରକୋପ ବଢ଼ିବା ସାଙ୍ଗକୁ ତାଲସଜର ଚାହିଦା ମଧ୍ୟ ବଢୁଛି। ଅନେକ ଗରିବ ଲୋକ ରାସ୍ତା ପାର୍ଶ୍ୱରେ ତାଲସଜ ବେପାର କରି ପରିବାର ପ୍ରତିପୋଷଣ କରୁଥିବା ଜଣାପଡ଼ିଛି।

ବେତନଟୀ ବ୍ଲକ ଅଧୀନ ହାତିଝୁରୀ ଗାଁର ବୁଧିଆ ଦେହୁରୀ ଆଖପାଖ ଗାଁରେ ଥିବା ତାଲଗଛରୁ ତାଲସଜ ଆଣି ବୈଶିଙ୍ଗା କିମ୍ବା ବେତନଟୀ ବଜାର ଅଞ୍ଚଳର ରାସ୍ତା କଡ଼ରେ ବସି ବିକ୍ରି କରୁଛନ୍ତି। ତାଲ ଗୋଟାକୁ ୧୦ ଟଙ୍କାରେ ବିକ୍ରି କରୁଛନ୍ତି। ଦିନକୁ ୧୦୦୦ ରୁ ୧୫୦୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର ହେଉଛି ବୋଲି ସେ କହିଛନ୍ତି। ସେହିପରି କଦଳିଆ ଗ୍ରାମର ରବି ଦେହୁରୀ ଓ ସନିଆ ଦେହୁରୀଙ୍କ ଭଳି ଅନେକ ଲୋକ ତାଲଗଛ ଉପରେ ନିର୍ଭର କରି ଜୀବିକା ନିର୍ବାହ କରିଆସୁଛନ୍ତି। ତେବେ ଦ୍ରୁତ ଗତିରେ ଜନସଂଖ୍ୟା ବୃଦ୍ଧି ପାଉଥିବା ବେଳେ ବିଲ ବାଡ଼ିରେ ଥିବା ତାଲଗଛଗୁଡ଼ିକୁ କାଟି ଗୃହ ନିର୍ମାଣ କରାଯାଉଥିବା ଯୋଗୁ ପୂର୍ବଭଳି ଆଉ ଏହା ବିଶେଷ ମାତ୍ରାରେ ଉପଲବ୍ଧ ହେଉନାହିଁ ବୋଲି ବୁଧିଆ ଦୁଃଖ ପ୍ରକାଶ କରିଛନ୍ତି।



ତାଲସଜ ବିକ୍ରି କରୁଥିବା ବୁଧିଆ ଦେହୁରୀ।

# ମହିଳାଙ୍କୁ ହତ୍ୟାକରି ଜଙ୍ଗଲରେ ଫିଙ୍ଗିଦେଲେ

ଉଦଳା,୪ା୫(ସନ୍ତୋଷ କୁମାର ବାଛିନୀ)

କପ୍ତିପଦା ଥାନା ବିଦ୍ୟାଧରନଗର ଗ୍ରାମ ଜଙ୍ଗଲକୁ ରବିବାର ଜଣେ ମହିଳାଙ୍କ କ୍ଷତବିକ୍ଷତ ମୃତଦେହ ଜବତ ହୋଇଛି। ତାଙ୍କୁ ହତ୍ୟା ପରେ ସେଠାରେ ଫିଙ୍ଗି ଦିଆଯାଇଥିବା ଅନୁମାନ କରାଯାଉଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ଛୋଟ ପିଲାମାନେ ଜଙ୍ଗଲକୁ ଯାଇଥିବା ବେଳେ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ମୃତା ମହିଳା ହେଲେ ଉକ୍ତ ଗ୍ରାମର ମାଦେ ବାଣ୍ଡରା(୩୫)। ସ୍ୱାମୀ ପରିତ୍ୟକ୍ତା ମାଦେ ଘରେ ଏକୁଟିଆ ରହୁଥିବା ବେଳେ ତାଙ୍କର ଦୁଇ ପୁଅ ଏବଂ ଝିଅ ବାହାରେ ରୁହନ୍ତି। ମୃତଦେହରେ ଅନେକ କ୍ଷତ ଚିହ୍ନ ରହିଛି । ତାଙ୍କର ହାତ, ଦେହ ଏବଂ ଶରୀରର ବିଭିନ୍ନ ଅଙ୍ଗରେ ଗଭୀର ଆଘାତ, ହଣା ଯାଇଥିବା ଚିହ୍ନ ରହିଛି । ଏହା ସହିତ କିଛି ଦୂରରେ ତାଙ୍କର ଚପଲ, ରକ୍ତଭିଜା ଚୁଡି ମଧ୍ୟ ପଡିଥିବା ଦେଖିବାକୁ ମିଳିଛି। ପୋଲିସ ସନ୍ଦେହରେ ଗ୍ରାମର ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

# ନିଖୋଜ କିଟ୍ ଛାତ୍ରଙ୍କ ପତ୍ତା ମିଳୁନି

ମୋରଡ଼ା,୪ା୫(ସ୍ମାରକ ମାଜୀ)

ଭୁବନେଶ୍ୱରସ୍ଥିତ କିଟ୍ କଲେଜରେ ପଢୁଥିବା ଜଣେ ଛାତ୍ର ନିଖୋଜ ଥିବା ନେଇ ତାଙ୍କ ମା' ମୟୂରଭଞ୍ଜ ଜିଲା ମୋରଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ମୋରଡ଼ା ଥାନା ଅଧୀନ ପ୍ରତାପଚନ୍ଦ୍ରପୁର ଗ୍ରାମର ପୁନତା ମାର୍ଣ୍ଡିଙ୍କ ପଞ୍ଚମ ସନ୍ତାନ ବୁଦ୍ଧିଆ କିଟ୍ କଲେଜରେ +୨ ବାଣିଜ୍ୟ ବିଭାଗର ପ୍ରଥମ ବର୍ଷରେ ପଢୁଛନ୍ତି। କଲେଜ ଛୁଟି ଥିବାରୁ ସେ ଘରକୁ ଆସିଥିଲେ। ତେବେ କଲେଜରେ ପରୀକ୍ଷା ଥିବାରୁ ଅନିଚ୍ଛା ସତ୍ତ୍ୱେ ଗତ ଏପ୍ରିଲ ୨୦ ତାରିଖରେ ତାଙ୍କ ବଡ଼ ଭାଇ ଏକ ବାଇକ୍ ଯୋଗେ ବୁଦ୍ଧିଆଙ୍କୁ ଭୁବନେଶ୍ୱର ଯିବା ପାଇଁ ବାରିପଦା ବସ୍‌ଷ୍ଟାଣ୍ଡରେ ଛାଡ଼ି ଆସିଥିଲେ। ସେହି ଦିନଠାରୁ ବୁଦ୍ଧିଆ କଲେଜ ହଷ୍ଟେଲରେ ପହଞ୍ଚି ନାହାନ୍ତି କିମ୍ବା ପରିବାର ଲୋକେ ତାଙ୍କ ପତ୍ତା ପାଇ ପାରୁନାହାନ୍ତି। ଏପ୍ରିଲ ୨୬ ତାରିଖରେ ମୋରଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ ଅଦ୍ୟାବଧି ବୁଦ୍ଧିଆଙ୍କ କୌଣସି ଖୋଜ ଖବର ମିଳୁନାହିଁ। ଏ ସଂକ୍ରାନ୍ତରେ ଥାନା ଅଧିକାରୀ ସୁମିତ ସୋରେନଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।



ନିଖୋଜ ଛାତ୍ର ବୁଦ୍ଧିଆ ମାର୍ଣ୍ଡି।


## ପଞ୍ଚାୟତ ସମିତି କାର୍ଯ୍ୟାଳୟ, କାଳିମେଳା

### ସାମାଜିକ ସମୀକ୍ଷା

ବିଜ୍ଞପ୍ତି ସଂଖ୍ୟା 2297 | ତାରିଖ 30.04.25

No.i-62: ଏତଦ୍ୱାରା କାଳିମେଳା ପଞ୍ଚାୟତ ସମିତି ଅନ୍ତର୍ଗତ 23 ଗୋଟି ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ୨୦୨୫-୨୬ ଆର୍ଥିକ ବର୍ଷରେ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩) ର କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକର ଶତ ପ୍ରତିଶତ ବ୍ୟବହୃତ ହୋଇଥିବା ମଷ୍ଟର ରୋଲ ଯାଞ୍ଚ ତଥା ସାମାଜିକ ସମୀକ୍ଷା କରିବା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ମତେ ସମ୍ପୃକ୍ତ ଗ୍ରାମପଞ୍ଚାୟତଠାରେ ଗ୍ରାମସଭା ଅନୁଷ୍ଠିତ ହେବ । ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ/ସଦସ୍ୟା, ଗ୍ରାମପଞ୍ଚାୟତର ସମସ୍ତ ଜବ୍‌କାର୍ଡଧାରୀ ଶ୍ରମିକମାନେ ଏବଂ ସମସ୍ତ ଗ୍ରାମବାସୀମାନେ ନିଜ ନିଜର ଜବ୍‌କାର୍ଡ ଧରି ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ମଷ୍ଟର ରୋଲର ସଠିକତା ଯାଞ୍ଚ କରିବେ । ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ, କନିଷ୍ଠଯନ୍ତ୍ରୀ, ଜିରାଓ, ପିଇଓ, ଯୋଗାଣ ସହାୟକ ଏବଂ ଅଙ୍ଗନୱାଡ଼ି କର୍ମୀ, ଓଡ଼ିଶା ଜୀବିକା ମିଶନର ସମସ୍ତ SHG ମହିଳାମାନେ ଉପସ୍ଥିତ ରହିବେ । ସରପଞ୍ଚମାନେ ଗ୍ରାମସଭାର କାର୍ଯ୍ୟସୂଚୀ ସାଧାରଣ ନୋଟିସ, ଢେଙ୍ଗୁରା, ଡାକବାଜି ଯନ୍ତ୍ର ମାଧ୍ୟମରେ ଉପଯୁକ୍ତ ବିଷୟରେ ବହୁଳ ଭାବରେ ପ୍ରଚାର ନିମନ୍ତେ ଅନୁରୋଧ କରାଗଲା ।

### ସାମାଜିକ ସମୀକ୍ଷାର କାର୍ଯ୍ୟସୂଚୀ

| କ୍ର.ନଂ. | ଗ୍ରାମପଞ୍ଚାୟତର ନାମ | ସାମାଜିକ ସମୀକ୍ଷା ତାରିଖ | | ପଞ୍ଚାୟତସ୍ତରୀୟ ଗ୍ରାମସଭା ତାରିଖ | ବ୍ଲକସ୍ତରୀୟ ଜନଶୁଣାଣି | ଉପସ୍ଥିତ ଅଧିକାରୀ |
|---|---|---|---|---|---|---|
| 1 | Badili | 01.05.2025 | 15.05.2025 | 16.05.2025 | 20.08.2025 | AEE |
| 2 | Chitrangpali | 01.05.2025 | 15.05.2025 | 16.05.2025 | | GPDO |
| 3 | Kalimela | 01.05.2025 | 15.05.2025 | 16.05.2025 | | AEE |
| 4 | Mandapalli | 01.05.2025 | 15.05.2025 | 16.05.2025 | | APO |
| 5 | Kangurkonda | 01.05.2025 | 15.05.2025 | 16.05.2025 | | APO |
| 6 | Venkatapalam | 17.05.2025 | 31.05.2025 | 02.06.2025 | | GPDO |
| 7 | Bejangiwada | 17.05.2025 | 31.05.2025 | 02.06.2025 | | APO |
| 8 | Chintalwada | 17.05.2025 | 31.05.2025 | 02.06.2025 | | APO |
| 9 | Gampakonda | 17.05.2025 | 31.05.2025 | 02.06.2025 | | AEE |
| 10 | Koimetla | 17.05.2025 | 31.05.2025 | 02.06.2025 | | GPDO |
| 11 | Gumka | 03.06.2025 | 17.06.2025 | 18.06.2025 | | AEE |
| 12 | Badigeta | 03.06.2025 | 17.06.2025 | 18.06.2025 | | APO |
| 13 | Telerai | 03.06.2025 | 17.06.2025 | 18.06.2025 | | APO |
| 14 | Nalagunthi | 03.06.2025 | 17.06.2025 | 18.06.2025 | | GPDO |
| 15 | Tigal | 03.06.2025 | 17.06.2025 | 18.06.2025 | | APO |
| 16 | Bhubanpalli | 09.06.2025 | 03.07.2025 | 04.07.2025 | | AEE |
| 17 | Manamkonda | 09.06.2025 | 03.07.2025 | 04.07.2025 | | GPDO |
| 18 | Tandabai | 09.06.2025 | 03.07.2025 | 04.07.2025 | | AEE |
| 19 | Maharajpalli | 09.06.2025 | 03.07.2025 | 04.07.2025 | | APO |
| 20 | Motu | 09.06.2025 | 03.07.2025 | 04.07.2025 | | APO |
| 21 | Pusuguda | 05.07.2025 | 18.07.2025 | 19.07.2025 | | GPDO |
| 22 | Malavaram | 05.07.2025 | 18.07.2025 | 19.07.2025 | | AEE |
| 23 | Lugel | 05.07.2025 | 18.07.2025 | 19.07.2025 | | APO |

ଯାଞ୍ଚ ହେବାକୁ ଥିବା : (୧) ବ୍ୟବହୃତ ମଷ୍ଟର ରୋଲର କ୍ରମିକ ସଂଖ୍ୟା ଓ କାର୍ଯ୍ୟକ୍ରମ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ କ୍ରମିକ ସଂଖ୍ୟା ସମାନ କି ନାହିଁ ? (୨) ମଷ୍ଟରରୋଲରେ ଶ୍ରମିକମାନଙ୍କ କାର୍ଯ୍ୟ ପତ୍ର ସଂଖ୍ୟା ଉଲ୍ଲେଖ ହୋଇଛି କି ନାହିଁ ? (୩) ମଷ୍ଟର ରୋଲରେ ସମ୍ପାଦିତ କାର୍ଯ୍ୟର ପରିମାଣ ଓ ଦିଆଯାଇଥିବା ମଜୁରି ପରିମାଣ ସମାନ ହୋଇଛି କି ନାହିଁ ? (୪) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ କାର୍ଯ୍ୟପତ୍ର ବିବରଣୀ ସହ ସମାନ ଅଛି କି ନାହିଁ ? (୫) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ ସହ ମାପ ବହିର ଦର୍ଶିତ ମାପ ମେଳ ଖାଉଛି କି ନାହିଁ ? (୬) ମଷ୍ଟର ରୋଲରେ ଉଲ୍ଲେଖିତ ଶ୍ରମିକ ଓ ସମ୍ପାଦିତ କାର୍ଯ୍ୟପରିମାଣ ଠିକ୍ ଅଛି କି ନାହିଁ ?

OIPR-19252/11/0006/2526 | ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ, କାଳିମେଳା



## ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

ବିଜ୍ଞପ୍ତି ନଂ ୬୪୧ / (Exam. Conf.-I)/ ତା ୩।୫।୨୫ ରିଖ

No. N-39

ଏତଦ୍ଦ୍ୱାରା ସମ୍ପୃକ୍ତ ସମସ୍ତ ବ୍ୟକ୍ତି ବିଶେଷଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା, ୨୦୨୫ ପାଇଁ SUBJECTIVE ଏବଂ OBJECTIVE ବିଷୟର ପୁନଃ ଯାଂଚ (Checking of Addition of Marks) ଏବଂ ସେହି ଖାତା ଗୁଡ଼ିକର ଅବିକଳ ନକଲ (Scanned copy of answer books) ପାଇଁ ଦରଖାସ୍ତ ଓ ଫିସ୍ ଦାଖଲ ପ୍ରକ୍ରିୟା ତା05/05/2025ରିଖ ଠାରୁ ଆରମ୍ଭ ହୋଇ ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ଶେଷ ହେବ ।

୧. ON-LINEରେ ଆବେଦନ କରିବାର ନିୟମାବଳୀ www.bseodisha.ac.in ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ।
୨. ଉଭୟ ଫିସ୍ ଓ ଫର୍ମ କେବଳ ON-LINE ମାଧ୍ୟମରେ ତା16/05/2025ରିଖ ମଧ୍ୟରାତ୍ର ସୁଦ୍ଧା ଦାଖଲ କରିବାକୁ ହେବ । ଏହି ON-LINE ଆବେଦନ ପ୍ରକ୍ରିୟା ଅନବରତ (24 × 7) ଚାଲୁ ରହିବ ।
୩. ବୋର୍ଡ କର୍ତ୍ତୃପକ୍ଷ ଏହି ପ୍ରକ୍ରିୟାକୁ ସମାପ୍ତ କରି ସଂଶୋଧିତ Marks Statement ପ୍ରଦାନ କରିବେ ଏବଂ ଖାତାର ଅବିକଳ ନକଲ, ଆବେଦନକାରୀମାନେ ବୋର୍ଡର ଉପରୋକ୍ତ website ରୁ download କରି ନେଇପାରିବେ । ଏହି ସମ୍ବନ୍ଧୀୟ ତଥ୍ୟ ପରବର୍ତ୍ତୀ ସମୟରେ ବିଜ୍ଞପ୍ତି ଜରିଆରେ ଜଣାଇ ଦିଆଯିବ ।
୪. ମଧ୍ୟମା ସଂସ୍କୃତ ପରୀକ୍ଷା, ୨୦୨୫ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ (SOSC Examination), 2025 (1st)ରେ ଦେଇଥିବା ପରୀକ୍ଷାର୍ଥୀ ତା05/05/2025ରିଖ ଠାରୁ ତା16/05/2025ରିଖ ମଧ୍ୟରେ Off-Line ଜରିଆରେ ମାଧ୍ୟମିକ ଶିକ୍ଷା ପରିଷଦର ମୁଖ୍ୟ ଏବଂ ଶାଖା କାର୍ଯ୍ୟାଳୟରେ କେବଳ କାର୍ଯ୍ୟ ଦିବସ ମାନଙ୍କରେ ଆବେଦନ କରିପାରିବେ ।
୬. ଅନ୍ୟକୌଣସି ପ୍ରକାରେ ଆବେଦନ ନିର୍ଦ୍ଦିଷ୍ଟ ଦିବସ ଓ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଅତୁବା ପରେ ଗ୍ରହଣ କରାଯିବ ନାହିଁ ।

ସ୍ୱା./- ସମ୍ପାଦକ

OIPR-27004/11/0078/2526



No.O-114

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE, RAYAGADA

Email ID : ccerwcrayagada@gmail.com

Letter No. 809/W.E./ | Date : 01.05.2025

### NATIONAL COMPETITIVE BIDDING
### E-Procurement Notice for PM-JANMAN Batch-II PMGSY works

1. Name of the work : Construction & Maintenance of road works for the year 2024-25. (1 No.)
2. Class of contractor : "B" & "A" (Odisha PWD) or relevant class of other licensing authority
3. Estimated Cost : Varies from Rs.129.35 Lakhs (Approximately)
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Rayagada | NCB-10/ RWCRGDA/ /2025-26 | Dt.08.05.2025 at 11.00 A.M. | Dt.06.06.2025 Up to 5.00 P.M. | Dt.05.06.2025 Up to 5.00 P.M. | Dt.09.06.2025 at 11.00 A.M. | Will be intimated later |

5. The details of works can be seen from the website www.pmgsytenders.gov.in
6. Any Corrigendum/Addendum will be displayed in the above e-tender website.

Sd./- Chief Construction Engineer, Rural Works Circle, Rayagada

OIPR-25196/11/0011/2526



## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖଣ୍ଡପଡ଼ା

ବିଜ୍ଞାପନ ସଂଖ୍ୟା-୧୫୩୬, ତାରିଖ-୨୫.୦୪.୨୦୨୫

No.i-57:ଏତଦ୍ୱାରା ପଞ୍ଚାୟତ ସମିତି, ଖଣ୍ଡପଡା ଅନ୍ତର୍ଗତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ୨୦୨୫-୨୬ ଆର୍ଥିକ ବର୍ଷର ୧୯.୦୫.୨୦୨୫ରୁ ୧୨.୦୯.୨୦୨୫ ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ସାମାଜିକ ସମୀକ୍ଷା ସଭା ନିମ୍ନ କାର୍ଯ୍ୟସୂଚୀ ମତେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତରେ OSSAAT ଦ୍ୱାରା ଅନୁଷ୍ଠିତ ହେବ । ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଗ୍ରାମ ପଞ୍ଚାୟତର ଜବ୍‌କାର୍ଡଧାରୀ ଶ୍ରମିକ, ରେସନ କାର୍ଡଧାରୀ ଓ ଅନ୍ୟାନ୍ୟ ସମ୍ପୃକ୍ତ ବ୍ୟକ୍ତି ବିଶେଷ ନିର୍ଦ୍ଦିଷ୍ଟ ତାରିଖ, ସମୟ ଓ ସ୍ଥାନରେ ଯୋଗଦାନକରି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ । ଏହି ବୈଠକରେ ଗ୍ରାମପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ସହ ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ/ ଏ.ଡି.ଇ.ଓ, ମେଟ, ବ୍ଲକ ସାମାଜିକ ସମୀକ୍ଷକ, ଗ୍ରାମ୍ୟ ସମ୍ବଳ କର୍ମୀ ଇତ୍ୟାଦି ଉପସ୍ଥିତ ରହିବେ ।

| କ୍ର. ନଂ. | ଗ୍ରାମପଞ୍ଚାୟତ ନାମ | ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ | | ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା | | ସାମାଜିକ ସମୀକ୍ଷା ଗ୍ରାମସଭା ତାରିଖ | ବ୍ଲକସ୍ତରୀୟ ଜନଶୁଣାଣୀ ତାରିଖ |
|---|---|---|---|---|---|---|---|
| | | ସାମାଜିକ ସମୀକ୍ଷା ଆରମ୍ଭ ତାରିଖ | ସାମାଜିକ ସମୀକ୍ଷା ଶେଷ ତାରିଖ | ସାମାଜିକ ସମୀକ୍ଷା ଆରମ୍ଭ ତାରିଖ | ସାମାଜିକ ସମୀକ୍ଷା ଶେଷ ତାରିଖ | | |
| ୧ | ବନମାଳୀପୁର,ବେଣାଗାଡିଆ,ବଳଭଦ୍ରପ୍ରସାଦ | ୧୯.୦୫.୨୦୨୫ | ୨୨.୦୫.୨୦୨୫ | ୨୩.୦୫.୨୦୨୫ | ୩୦.୦୫.୨୦୨୫ | ୩୧.୦୫.୨୦୨୫ | ୦୮.୧୦.୨୦୨୫ |
| ୨ | କିଆଝର,ବୋଦସା,ଯୋଗିଆପଲ୍ଲୀ | ୦୨.୦୬.୨୦୨୫ | ୦୫.୦୬.୨୦୨୫ | ୦୬.୦୬.୨୦୨୫ | ୧୬.୦୬.୨୦୨୫ | ୧୭.୦୬.୨୦୨୫ | |
| ୩ | ମର୍ଦ୍ଦରାଜପୁର,କୋସ୍କା,ରାଣୀଛେଲୀ | ୧୮.୦୬.୨୦୨୫ | ୨୧.୦୬.୨୦୨୫ | ୨୩.୦୬.୨୦୨୫ | ୦୨.୦୭.୨୦୨୫ | ୦୩.୦୭.୨୦୨୫ | |
| ୪ | ର.ତୋଳମରା,ଗଡିଆସାହି,କଣ୍ଟିଲୋ | ୦୪.୦୭.୨୦୨୫ | ୦୮.୦୭.୨୦୨୫ | ୦୯.୦୭.୨୦୨୫ | ୧୭.୦୭.୨୦୨୫ | ୧୮.୦୭.୨୦୨୫ | |
| ୫ | ଶାଳଝରିଆ, ସିଂଘାପଡା, ଖଳିସାହି | ୨୧.୦୭.୨୦୨୫ | ୨୪.୦୭.୨୦୨୫ | ୨୮.୦୭.୨୦୨୫ | ୦୪.୦୮.୨୦୨୫ | ୦୫.୦୮.୨୦୨୫ | |
| ୬ | କୁୟାରପଡା,ଜଗନ୍ନାଥପ୍ରସାଦ,ବଡବାଣପୁର,ରାଣୀପଡା | ୦୬.୦୮.୨୦୨୫ | ୧୧.୦୮.୨୦୨୫ | ୧୨.୦୮.୨୦୨୫ | ୨୦.୦୮.୨୦୨୫ | ୨୧.୦୮.୨୦୨୫ | |
| ୭ | ସିଧାମୁଳା,ଗୁଂଠୁଣୀ, ଶିଖରପୁର | ୨୯.୦୮.୨୦୨୫ | ୦୨.୦୯.୨୦୨୫ | ୦୩.୦୯.୨୦୨୫ | ୧୧.୦୯.୨୦୨୫ | ୧୨.୦୯.୨୦୨୫ | |

OIPR-19151/11/0005/2526 | ସ୍ୱା./-ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଖଣ୍ଡପଡ଼ା



## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ନୟାଗଡ଼

ବିଜ୍ଞାପନ ସଂଖ୍ୟା-୧୩୬୩, ତାରିଖ-୦୧.୦୫.୨୦୨୫

No.i-59:ଏତଦ୍ୱାରା ପଞ୍ଚାୟତ ସମିତି, ନୟାଗଡ ଅନ୍ତର୍ଗତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ୨୦୨୫-୨୬ ଆର୍ଥିକ ବର୍ଷର ୦୧ ଅକ୍ଟୋବର ୨୦୨୪ ରୁ ୩୧ ମାର୍ଚ୍ଚ ୨୦୨୫ ମସିହା ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଏବଂ ୦୧ ଏପ୍ରିଲ ୨୦୨୪ ରୁ ୩୧ ମାର୍ଚ୍ଚ ୨୦୨୫ ଆର୍ଥିକ ବର୍ଷର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ସଭା ନିମ୍ନ କାର୍ଯ୍ୟସୂଚୀ ମତେ ସମ୍ପୃକ୍ତ ଗ୍ରାମପଞ୍ଚାୟତରେ OSSAAT ଦ୍ୱାରା ଅନୁଷ୍ଠିତ ହେବ । ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଗ୍ରାମ ପଞ୍ଚାୟତର ଜବକାର୍ଡଧାରୀ ଶ୍ରମିକ, ଅନ୍ୟାନ୍ୟ ସମ୍ପୃକ୍ତ ବ୍ୟକ୍ତି ବିଶେଷ ନିର୍ଦ୍ଦିଷ୍ଟ ତାରିଖ, ସମୟ ଓ ସ୍ଥାନରେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ । ଏହି ବୈଠକରେ ଗ୍ରାମପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ସହ ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ମେଟ, ବ୍ଲକ ସାମାଜିକ ସମୀକ୍ଷକ, ଗ୍ରାମ୍ୟ ସମ୍ବଳ କର୍ମୀ ଇତ୍ୟାଦି ଉପସ୍ଥିତ ରହିବେ ।

| କ୍ର. ନଂ. | ଗ୍ରାମପଞ୍ଚାୟତ ନାମ | ଜାତୀୟ ଖାଦ୍ୟ ସୁରକ୍ଷା ଆଇନ | | ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା | | ସା.ସ ଗ୍ରାମ ସଭା ତାରିଖ | ବ୍ଲକସ୍ତରୀୟ ଜନଶୁଣାଣି ତାରିଖ |
|---|---|---|---|---|---|---|---|
| | | ସା.ସ. ଆରମ୍ଭ ତାରିଖ | ସା.ସ. ଶେଷ ତାରିଖ | ସା.ସ. ଆରମ୍ଭ ତାରିଖ | ସା.ସ. ଶେଷ ତାରିଖ | | |
| ୧ | ବଡପଣ୍ଡୁସର, ବାଲୁଗାଁ, ବାଉଁସିଆପଡା,ଭାଟସାହି | ୧୯.୦୫.୨୦୨୫ | ୨୨.୦୫.୨୦୨୫ | ୨୩.୦୫.୨୦୨୫ | ୩୦.୦୫.୨୦୨୫ | ୩୧.୦୫.୨୦୨୫ | ୧୦.୧୦.୨୦୨୫ |
| ୨ | ବିରୁଡା, ଚମ୍ପତିପୁର, ଚଣ୍ଡିବସ୍ତ, ଗଦାଧର ପ୍ରସାଦ | ୦୨.୦୬.୨୦୨୫ | ୦୫.୦୬.୨୦୨୫ | ୦୬.୦୬.୨୦୨୫ | ୧୬.୦୬.୨୦୨୫ | ୧୭.୦୬.୨୦୨୫ | |
| ୩ | ଗମ୍ଭାରିଡିହି, ଘଟୁଆଳ, ଇଟିରି, ଇଟାମାଟି | ୧୮.୦୬.୨୦୨୫ | ୨୧.୦୬.୨୦୨୫ | ୨୩.୦୬.୨୦୨୫ | ୦୨.୦୭.୨୦୨୫ | ୦୩.୦୭.୨୦୨୫ | |
| ୪ | ଜେମାଦେଇପୁରପାଟଣା, କଳିକାପ୍ରସାଦ, କେନ୍ଦୁଡିପି, ଖୁଣ୍ଟୁବନ୍ଧ | ୦୪.୦୭.୨୦୨୫ | ୦୮.୦୭.୨୦୨୫ | ୦୯.୦୭.୨୦୨୫ | ୧୭.୦୭.୨୦୨୫ | ୧୮.୦୭.୨୦୨୫ | |
| ୫ | କ୍ରୀଦାସପୁର,ଲାଠିପଡା, ଲକ୍ଷ୍ମୀପ୍ରସାଦ, ଲେଙ୍କୁଡିପଡା, ମାଛିପଡା | ୨୧.୦୭.୨୦୨୫ | ୨୪.୦୭.୨୦୨୫ | ୨୮.୦୭.୨୦୨୫ | ୦୪.୦୮.୨୦୨୫ | ୦୫.୦୮.୨୦୨୫ | |
| ୬ | ମୁଥାଗାଡିଆ, ନବଘନପୁର, ନଡିଆଳି, ନାଟୁଗାଁ | ୦୬.୦୮.୨୦୨୫ | ୧୧.୦୮.୨୦୨୫ | ୧୨.୦୮.୨୦୨୫ | ୨୦.୦୮.୨୦୨୫ | ୨୧.୦୮.୨୦୨୫ | |
| ୭ | ନୋଡର, ଶରଧାପୁର, ଶରଣକୁଳ, ସିନ୍ଦୁରିଆ | ୨୯.୦୮.୨୦୨୫ | ୦୨.୦୯.୨୦୨୫ | ୦୩.୦୯.୨୦୨୫ | ୧୧.୦୯.୨୦୨୫ | ୧୨.୦୯.୨୦୨୫ | |

OIPR-19297/11/0009/2526 | ସ୍ୱା./-ମଣ୍ଡଳ ଉନ୍ନୟନ ଅଧିକାରୀ, ନୟାଗଡ଼



## OFFICE OF THE EXECUTIVE OFFICER
## MUNICIPAL COUNCIL, DHENKANAL
### DHENKANAL (ODISHA), PIN-759001

E-mail: dhenkanalm.hud@gmail.com

No.1612 | Date:02.05.25

### QUOTATION CALL NOTICE

No.C-229:Sealed quotations in plain paper are invited from intending reputed Suppliers/Firms/Agency having valid GST in certificate, Aadhar Card & PAN Card for supply of Cooking Materials like table, AC, steel table, ect (copy enclosed) for MULTIPURPOSE COMMUNITY HALL at Caltax, Kantanali Chhak & Mahisapat of Dhenkanal Municipality. The quotationers should quote their rates for the following each items including cost, conveyance, delivery charges with all taxes etc. and the quotationer should mention on the envelop. The quotation must be submitted by Speed Post or through Regd. Post on before dtd 12.05.2025 at 9.00 AM and will be opened on same date at 12.30 PM in the office of the undersigned in presence of the quotationers or their authorised agent. In absence of both, the quotation can be opened.

The authority reserves the right to accept or reject any or all quotations without assigning any reason thereof and the Tender Committee may go for quality product over quoted price.

### MULTIPURPOSE COMMUNITY HALL

| କ୍ରମିକ ସଂଖ୍ୟା | ରୋଷେଇ ସାମଗ୍ରୀର ବିବରଣୀ | ପରିମାଣ | ମୂଲ୍ୟ ଟଙ୍କାରେ |
|---|---|---|---|
| ୧ | AC 1.5 ton | ୧ ଗୋଟି | |
| ୨ | ଷ୍ଟିଲ ବେଦୀ (ବାହାଘର/ବ୍ରତଘର ନିମନ୍ତେ) | ୧ ଗୋଟି | |
| ୩ | ଟେବୁଲ୍ (ଷ୍ଟିଲ) | ୧ ଗୋଟି | |
| ୪ | ଷ୍ଟିଲ ଗାଙ୍ଗୁଲା ବଡ଼ | ୧ ଗୋଟି | |
| ୫ | ବଫେ ସେଟ୍ | ୧ ଗୋଟି | |
| ୬ | ଦସ୍ତା ବଡ଼ ଟ୍ରେ | ୧ ଗୋଟି | |
| ୭ | ଦହିବରା ଟ୍ରେ | ୧ ଗୋଟି | |
| ୮ | ପନିକି ବଡ଼ | ୧ ଗୋଟି | |
| ୯ | ପରାତ | ୧ ଗୋଟି | |
| ୧୦ | ଜିଲାପି ତଇ | ୧ ଗୋଟି | |
| ୧୧ | ସିଲଭର ଚାଷିଣି ବଡ | ୧ ଗୋଟି | |
| ୧୨ | ବାଲଟି | ୧ ଗୋଟି | |
| ୧୩ | ଡାବ | ୧ ଗୋଟି | |
| ୧୪ | ଚାମଚ | ୧ ଗୋଟି | |
| ୧୫ | ପଞ୍ଝା | ୧ ଗୋଟି | |
| ୧୬ | ସିଲଭର ନା | ୧ ଗୋଟି | |
| ୧୭ | ଜାଲି ଟପ | ୧ ଗୋଟି | |
| ୧୮ | ଷ୍ଟିଲ ଚେୟାର | ୧ ଗୋଟି | |
| ୧୯ | ଗ୍ୟାସ ଚୁଲା (ଡବଲ ବଡ ସାଇଜ୍) | ୧ ଗୋଟି | |
| ୨୦ | ପାଇପ୍ ୧/୨ ଇଞ୍ଚ | ୧୦୦ ଫୁଟ (ଏକ କଏଲ) | |
| ୨୧ | ଡେକେଚି ୨୦ ଇଞ୍ଚ ଠାରୁ ୩୦ ଇଞ୍ଚ | ୧ ଗୋଟି | |
| ୨୨ | ଡେକେଚି ୫୮ ଇଞ୍ଚ ଠାରୁ ୬୦ ଇଞ୍ଚ | ୧ ଗୋଟି | |
| ୨୩ | ସିଲଭର କଡେଇ | ୧ ଗୋଟି | |
| ୨୪ | ଟୀପିନ | ୧ ଗୋଟି | |
| ୨୫ | କୋରୋଣ | ୧ ଗୋଟି | |
| ୨୬ | Salad Tray | ୧ ଗୋଟି | |
| ୨୭ | ହେମଦସ୍ତା | ୧ ଗୋଟି | |
| ୨୮ | ବେଲଣା ପଟା | ୧ ଗୋଟି | |
| ୨୯ | ସସପେନ୍ | ୧ ଗୋଟି | |
| ୩୦ | ଜଗ | ୧ ଗୋଟି | |
| ୩୧ | ତନ୍ଦୁରି ଭାଟି | ୧ ଗୋଟି | |
| ୩୨ | ଦୋସା/ଚକୁଳି ତାୱା | ୧ ଗୋଟି | |
| ୩୩ | Steel dustbin-୮୦ ଲିଟର | ୧ ଗୋଟି | |
| ୩୪ | ପାଲ ୧୪ ଫୁଟx୧୪ ଫୁଟ | ୧ ଗୋଟି | |

Sd./- Executive Officer, Dhenkanal Municipality

OIPR-13146/11/0030/2526

# ମିଳିତ ନିର୍ମାଣର ସଫଳ ସ୍ମୃତିଚିହ୍ନକୁ ଶହେଜଣ ସାଇତି ରଖିଥିଲେ


ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଗୁମୁଟରେ ଥିବା ନବଗ୍ରହ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

- ଏକ ସମୟରେ ୧୦୦ଟି ନଡ଼ିଆ ମଙ୍ଗଳ କାମନା ପାଇଁ ଭଙ୍ଗାଯାଇଥିଲା
- ପଦ୍ମଦଣ୍ଡ ଉପରେ ମାଣିକ୍ୟ ଖଞ୍ଜା ଯାଇଥିଲା

ଐତିହ୍ୟର ଓଡ଼ିଶା

ଡ. ସୁରେନ୍ଦ୍ର କୁମାର ମିଶ୍ର

କଳସ ସ୍ଥାପନ ପୂର୍ବରୁ ଶାସ୍ତ୍ରୀୟ ବିଧିରେ ଶାନ୍ତିହୋମ ହୋଇଥିଲା। ପଞ୍ଚାମୃତ ପ୍ରସ୍ତୁତ ହୋଇ ସଂସ୍କାର କରାଯାଇଥିଲା। କଳସ ସହିତ 'ପଦ୍ମଦଣ୍ଡ' ମଧ୍ୟ ସମାନ ଭାବରେ ଏକାଠି ସଂସ୍କାରିତ ହେବାପରେ ଶିଳ୍ପୀମାନେ ସବା ଉପରକୁ ଉଠାଇଥିଲେ। ଧ୍ୱଜପଦ୍ମ ନିର୍ମିତ ହୋଇଥିଲା ପଥରରେ। ଧ୍ୱଜପଦ୍ମ ସଂସ୍କାର ହେବାପରେ ରାଜଗୁରୁ ଆପଣେ ବସ୍ତ୍ର ଆଚ୍ଛାଦନ କରି ପ୍ରଣାମ ହୋଇଥିଲେ। ପୋଥିରେ ବର୍ଣ୍ଣନା ଅନୁସାରେ ଏହି କାର୍ଯ୍ୟ କରୁଥିଲେ ଭୋବନି ରାଜଗୁରୁ (ଭୁବନେଶ୍ୱର ରାଜଗୁରୁ)। ସେ ପଞ୍ଚାମୃତରେ ସ୍ନାନ କରିବା ପରେ ଯେତେବେଳେ ମନ୍ତ୍ର ଉଚ୍ଚାରଣ କଲେ, ସେତେବେଳେ ଏକ ଅଭିନବ ପରମ୍ପରା ସୃଷ୍ଟି ହୋଇଥିଲା। ଚାରିପଟେ ଶହେଜଣ କାରିଗର ୧୦୦ଟି ନଡ଼ିଆ ଧରି ଧାଡ଼ିକରି ଠିଆ ହୋଇଥିଲେ। ପ୍ରଥମେ ମନ୍ତ୍ର ଉଚ୍ଚାରଣର ଶେଷ ପାଦରେ ଶିଳ୍ପୀ ଗଙ୍ଗା ମହାପାତ୍ର ନଡ଼ିଆ ବାଡ଼େଇ ଶୁଭ କାମନା କରିଥିଲେ। ତା'ପରେ ପରେ ଶହେ କାରିଗର ଏକ ସମୟରେ ନଡ଼ିଆ ବାଡ଼େଇ ମୁଣ୍ଡିଆ ମାରିଥିଲେ। ସମସ୍ତେ କଳସ ଏବଂ ଧ୍ୱଜ ପଦ୍ମକୁ ପରିକ୍ରମା କରି ପ୍ରଣାମ ମୁଦ୍ରାରେ କିଛି ସମୟ ରହିବା ପରେ ମୁଖଶାଳାରେ ଲାଗିଥିବା ଫାସିକାଠରୁ ଖଣ୍ଡେ ଖଣ୍ଡେ 'ସାରକୀ' ସ୍ୱରୂପ ନେଇଥିଲେ।

ଅକ୍ଳାନ୍ତ ପରିଶ୍ରମ, ଅମାପ ନିଷ୍ଠା ଓ ଆତ୍ମିକ ଏକାଗ୍ରତାରେ ସେମାନେ ନିର୍ମାଣ କରିଥିବା ସ୍ମୃତିର ଚିହ୍ନ ସ୍ୱରୂପ ସେ କାଠ ଘରକୁ ନେଇଥିଲେ, ମିଳିତ ନିର୍ମାଣର ସଫଳ ସ୍ମୃତି। ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ ଆଗରେ ଚାଲୁ ରଖିଥିଲେ ଶିଳ୍ପୀମାନେ। ଗଦାଧର ମହାପାତ୍ର ସିଂହାସନ ନିର୍ମାଣର ଶେଷସଜ୍ଜା ଦେଉଥିବାବେଳେ, ରାମ ମହାପାତ୍ର ତିନିଜଣ ବରିଷ୍ଠ ଶିଳ୍ପୀଙ୍କୁ ନେଇ କଳାହାଟ ଦ୍ୱାରରେ ଦ୍ୱାରବନ୍ଧ ଖୋଦେଇରେ ବ୍ୟସ୍ତ ଥିଲେ। ସହଯୋଗ ପଥୁରିଆ ଥିଲେ ବାରଜଣ। ସପ୍ତଅଶ୍ୱ ନିର୍ମାଣ ପରିବାରୁ ନାରାୟଣ ମହାପାତ୍ର ଖଣ୍ଡିଆ କାମ ଆରମ୍ଭ କରିସାରିଥିଲେ।

ମୁଖଶାଳାର ଦକ୍ଷିଣ ପାର୍ଶ୍ୱରେ ନବଗ୍ରହ ବିଗ୍ରହ ଲାଗିବାର ନିଷ୍ପତ୍ତି ହୋଇଥିଲା। ଦେଢ଼ହାତ ଉଚ୍ଚତାର ନବଗ୍ରହ ବିଗ୍ରହ ହେବେ ଗୋଟିଏ ପଥରରେ। ଠିକ୍ ସେହି ମାପରେ ଉତ୍ତର ପାର୍ଶ୍ୱରେ ଲାଗିବା ପାଇଁ ଗଙ୍ଗା ମହାପାତ୍ର ବାରଜଣ ଶିଳ୍ପୀଙ୍କୁ ନେଇ କାର୍ଯ୍ୟ ଆରମ୍ଭ କରିଥାନ୍ତି। ଅନୁସନ୍ଧାନରୁ ଜଣାଯାଉଛି ପାଞ୍ଚଟି ନବଗ୍ରହ ଶିଳା କୋଣାର୍କଠାରେ ଲାଗିଥିଲା। ଗୋଟିଏ ମାତ୍ର ଖଣ୍ଡିତ ଶିଳା ଏବେ ଅଛି, ଯାହା ପୂଜା କରାଯାଉଛି। ଆଉ ଚାରୋଟି ଓଡ଼ିଶା ସ୍ଥାନାନ୍ତର କରାଯାଇଛି। ଗୋଟିଏ ଖଣ୍ଡ ଖଣ୍ଡ ହୋଇ ବ୍ରିଟିଶ ସଂଗ୍ରହାଳୟରେ ରହିଛି। ଗୋଟିଏ ପୁରୀକୁ ସ୍ଥାନାନ୍ତର ହୋଇ ଶ୍ରୀଗୁଣ୍ଡିଚା ମନ୍ଦିରର ପ୍ରବେଶ ଦ୍ୱାର ଉପରେ ରହିଛି। କୋଣାର୍କ ସଂଗ୍ରହାଳୟରେ ନବଗ୍ରହ ଶିଳାକୁ ଖଣ୍ଡିତ କରାଯିବା ପରେ କେବଳ 'ଶୁକ୍ର'ଙ୍କର ଏକକ ବିଗ୍ରହ ସ୍ଥାନ ପାଇଛି। ଅନ୍ୟ ଆଠ ଗ୍ରହଙ୍କ ବିଗ୍ରହ କେଉଁଠି କେଉଁଠି ରହିଛି ଆମକୁ ଠାବ କରିବାକୁ ହେବ।

ସେହିପରି 'ପଦ୍ମଦଣ୍ଡ'ର କୌଣସି ସନ୍ଧାନ ଆମେ ପାଇ ନାହୁଁ। ପୂର୍ବ ସଂଖ୍ୟାରେ ପଦ୍ମଦଣ୍ଡ ସମ୍ବନ୍ଧରେ ଆମେ ସୂଚନା ମାତ୍ର ଦେଇଥିଲୁ। ପଦ୍ମଦଣ୍ଡ ଥିଲା ଆଠହାତ ଉଚ୍ଚତାବିଶିଷ୍ଟ। ସୂତ୍ରଧର ଶିବେଇ ସାମନ୍ତରା ନିଜେ ଏହି ଦଣ୍ଡ ନିର୍ମାଣ କରିଥିଲେ। ଦଣ୍ଡ ଉପରେ ପଦ୍ମଫୁଲର ଚିହ୍ନ ରହିଛି, ଫୁଲ ମଝିରେ ଏକ ରନ୍ଧ୍ର ସୃଷ୍ଟି କରାଯାଇ 'ମାଣିକ୍ୟ' ଖଞ୍ଜାଯାଇଥିଲା।

ମୁଖଶାଳାର ଚଟାଣ ପଥର ପକାଇ ସଜେଇବା କାର୍ଯ୍ୟ ସୂତ୍ରଧର ଦାୟିତ୍ୱ ଦେଇଥିଲେ ବୀର ମହାପାତ୍ର ଓ କ୍ଷେତ୍ରବାସୀ ମହାରଣାଙ୍କୁ। ସେମାନେ ୪୦ଜଣ ପଥୁରିଆଙ୍କର ସହଯୋଗ ନେଇଥିଲେ। ରାଜଗୁରୁଙ୍କ ପରାମର୍ଶରେ ସୂତ୍ରଧର ସୂତା ପକେଇ ମାପ ଦେଉଥିଲେ। ସୂତ୍ରଧର ଶିବେଇ ସାମନ୍ତରା ପ୍ରତ୍ୟେକ କାମ ପ୍ରତି ନଜର ରଖୁଥିବା ତାଙ୍କର ନିର୍ମାଣ କାର୍ଯ୍ୟପ୍ରତି ସଚେତନ ଭାବାବେଗକୁ ଦର୍ଶାଇ ସହଯୋଗ କରେ। ବେଙ୍କଟେଶିଙ୍କ ନିର୍ମାଣ ଆଦେଶ ଦେଲା ବେଳକୁ ଦେଖିଥିଲେ କିଛି ରାଜକର୍ମଚାରୀ କେତେକ ଉପହାର ନେଇ ସୂତ୍ରଧରଙ୍କ ଶିବିର ପାଖରେ ପହଞ୍ଚିଲେ। ଜଣାପଡ଼ିଲା ମହାଶୂମଙ୍କ 'ଜେଜାମାନି'ଙ୍କ ଜନ୍ମଦିନ ଅବସରରେ ରାଜଭେଟି ଆସିଛି। ଅନେକ ଉପହାର ଶିବିରଗୁଡ଼ିକୁ ଯାଇ ଶିଳ୍ପୀଙ୍କୁ ବଣ୍ଟିବା ପାଇଁ ଆହୁରି ସୂତ୍ରଧର ଆଦେଶ ଦେଲେ। ଜନ୍ମଦିନ ଅବସରରେ ବିଭିନ୍ନ ଶିଳ୍ପୀ ଶିବିର ପାଇଁ ଭିନ୍ନ ଭିନ୍ନ ଦିନରେ ଭୋଜି କରିବାକୁ ସୂତ୍ରଧର ସମ୍ମତି ଦେଲେ। ଚାରି ଶିବିର ପାଇଁ ଚାରିଦିନ। ପଥୁରିଆ, ପାଇକମାନଙ୍କ ପାଇଁ ଗୋଟିଏ ଦିନ। ନାରୀ କାମିକା, ଗାଈଆଳ, ପାନ, ପାଣି, ଯୋଗାଉଥିବା ବ୍ୟକ୍ତି, ଘୋଡ଼ସବାର, ଭାରିଆଳ, ଶଗଡ଼ିଆ ଓ ସୁରକ୍ଷାକର୍ମୀଙ୍କ ପାଇଁ ଗୋଟିଏ ଦିନ। ଏହିପରି ଛଅଦିନ ଭୋଜି ହୋଇଥିଲା। ଦୁଇଜଣ ରୋଷେୟା ନାରୁ ପଣ୍ଡା ଓ ବିଶି ପଣ୍ଡାଙ୍କୁ ଦଶଜଣ ଯୋଗାଣିଆ ସହଯୋଗ କରିଥିଲେ। ନିର୍ମାଣ କାର୍ଯ୍ୟ ଚାଲିଥିଲା, ଭୋଜିଭାତ ବି। ଖୁସିବାସିରେ ସବୁକିଛି ସହଜ ଭାବରେ ହେଉଥିଲା। ଗଜପତି ନିର୍ଯାତନା ଦେଇ କାର୍ଯ୍ୟ କରାଉଥିଲେ ବୋଲି ଯେଉଁମାନେ ଲେଖିଲେ... ସେମାନଙ୍କୁ ଆମେ ଆଉ କ'ଣ କହିବା!

# ଚାହିଦାରେ ହାଲୁକା ଓଜନର ଗହଣା

ଭୁବନେଶ୍ୱର,୪।୫(ଅଭୟ ଦାଶ)

## ଦ ଗ୍ରାଣ୍ଡ ଅକ୍ଷୟ ତୃତୀୟା ସେଲ୍‌ର ଅବଧି ବୃଦ୍ଧି

### ସୁନା ଓ ହୀରା ଅଳଙ୍କାରର ଗଢ଼ା ମଜୁରି ଉପରେ ଫ୍ଲାଟ ୫୦% ରିହାତି

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଖିମଜୀ ଜୁଏଲର୍ସରେ ଅକ୍ଷୟ ତୃତୀୟା କାରବାର ବେଶ୍ ଉତ୍ସାହଜନକ ରହିଥିଲା। ଏପରିକି ଖିମଜୀର ଆକର୍ଷଣୀୟ ଅଫର ଓ ଚାହିଦା ମୁତାବକ କଲେକ୍ସନ ସବୁ ବର୍ଗର ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ସେହିଭଳି ଖିମଜୀର ଆକର୍ଷଣୀୟ କଲେକ୍ସନ ଓ ହାଲୁକା ଓଜନର ଗହଣା ଉଭୟ ପୁରୁଷ ଓ ମହିଳା ଗ୍ରାହକଙ୍କ ପସନ୍ଦର ଅଳଙ୍କାର ପାଲଟିଥିଲାବେଳେ ଚଳିତ ଅକ୍ଷୟ ତୃତୀୟା ଅଫରର ଏକ ଜବରଦସ୍ତ ପ୍ରତିକ୍ରିୟା ସବୁସ୍ତରରେ ଦେଖିବାକୁ ମିଳିଥିଲା। ଫଳରେ ଖିମଜୀର ବ୍ଲକ ବଷ୍ଟର ଦ ଗ୍ରାଣ୍ଡ ଅକ୍ଷୟ ତୃତୀୟା ସେଲ୍‌ର ଅବଧିକୁ ୨୦୨୫ ମେ ୧୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଅପରପକ୍ଷରେ ଗ୍ରାହକମାନେ ସୁନା ଓ ହୀରା ଅଳଙ୍କାରର ଗଢ଼ା ମଜୁରି ଉପରେ ଫ୍ଲାଟ ୫୦% ରିହାତି ସହିତ ମାଗଣା ହୀରା ବୀମା ଏବଂ ଆଜୀବନ ବାଏ ବ୍ୟାକ୍ ଗ୍ୟାରେଣ୍ଟି ପାଇପାରିବେ ବୋଲି ଖିମଜୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଖିମଜୀ ପକ୍ଷରୁ ରବିବାର ଏକ ସ୍ୱତନ୍ତ୍ର ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ଅବସରରେ ଖିମଜୀ ଜୁଏଲର୍ସର ସିଇଓ ରୁତେଶ ଶାହା କହିଛନ୍ତି, ଆମେ ଆମର ବ୍ଲକ ବଷ୍ଟର ଦ ଗ୍ରାଣ୍ଡ ଅକ୍ଷୟ ତୃତୀୟା ସେଲ୍'ର ଅବଧିକୁ ବୃଦ୍ଧି କରି ବେଶ୍ ଉତ୍ସାହିତ ଅଛୁ। ଓଡ଼ିଶା ବଜାରରେ ସବୁଠାରୁ ବଡ଼ ଏବଂ ସ୍ୱତନ୍ତ୍ର ଅଫର ସହିତ ଆମେ ଆକର୍ଷଣୀୟ ଡିଜାଇନ୍, କାରିଗରି ଏବଂ ଗୁଣବତ୍ତା ଦୃଷ୍ଟିରୁ ଉତ୍କୃଷ୍ଟ ପ୍ରିମିୟମ୍ ଗହଣାକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରାଇଛୁ। ଆମେ ପାରମ୍ପରିକ ଅଳଙ୍କାରକୁ ହାଲୁକା, ସହଜରେ ମାଲିକାନା ହାସଲ ଏବଂ ସୁନ୍ଦର ଭାବେ ଷ୍ଟାଇଲିସ୍ କରି ପୁନଃ ବ୍ୟାଖ୍ୟା କରୁଛୁ, ଯାହାଦ୍ୱାରା ଗ୍ରାହକ ବିଳାସପୂର୍ଣ୍ଣ ଲୁକ୍‌କୁ ଉପଭୋଗ କରିପାରିବେ ଏବଂ ଏହାକୁ ବଜେଟ ଅନୁକୂଳ ରଖିପାରିବେ। ସେହିପରି ଗ୍ରାହକଙ୍କ ଅବିଶ୍ୱସନୀୟ ଭଲପାଇବା ଏବଂ ପ୍ରତିକ୍ରିୟା ଅତୁଳନୀୟ ଏବଂ ଏହା ଆମକୁ ଉଭୟ ପରମ୍ପରା ଏବଂ ଆଧୁନିକ ସୌନ୍ଦର୍ଯ୍ୟକୁ ପାଳନ କରୁଥିବା ସୁନ୍ଦର ଅଳଙ୍କାର ତିଆରି କରିବାକୁ ପ୍ରେରଣା ଦେଉଛି।

ଉଲ୍ଲେଖଯୋଗ୍ୟ, ଖିମଜୀ ଜୁଏଲର୍ସର ସମସ୍ତ ୯ଟି (ଭୁବନେଶ୍ୱର, ବ୍ରହ୍ମପୁର, କଟକ, ପୁରୀ, ଝାରସୁଗୁଡ଼ା ଏବଂ ରାଉରକେଲା) ଷ୍ଟୋରରେ 'ଦ ଗ୍ରାଣ୍ଡ ଅକ୍ଷୟ ତୃତୀୟା ସେଲ୍' ର ଅବଧି ୨୦୨୫ ମେ ୧୧ ପର୍ଯ୍ୟନ୍ତ ଉପଲବ୍ଧ ରହିଛି।



ସେଲ୍‌ର ଅବଧି ବୃଦ୍ଧି ସମ୍ପର୍କରେ ଖିମଜୀ ଜୁଏଲର୍ସର ସିଇଓ ରୁତେଶ ଶାହା ଘୋଷଣା କରୁଛନ୍ତି।

---

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୭୬ — **ବିଜ୍ଞାପନ** — ତା:୨୫।୦୪।୨୫

No. CAD-292: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ନାମ: ୰ଲକ୍ଷ୍ମଣ କୁମାର କର<br>ପିତା: ୰ନାରାୟଣ କର<br>ସା: ସୁଆମ ଶାସନ<br>ପୋ.:ସୁଆମ ପାଟଣା<br>ଥାନା: ପାଟଣା<br>ଜିଲ୍ଲା: କେନ୍ଦୁଝର | ଘର ନଂ. ଏଚ.ଆଇ.ଜି. (ଡି)–୧୦୩, (HIG-D-103)<br>ଧର୍ମ ବିହାର, ଜାଗମରା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା | ୧. ବାସନ୍ତୀ ପ୍ରଧାନ (ସ୍ତ୍ରୀ)<br>୨. ମହେଶ୍ୱେତା କର (ବି. କନ୍ୟା) |

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0593/2526

---

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୬୦ — **ବିଜ୍ଞାପନ** — ତା:୧୭।୦୪।୨୦୨୫

No. CAD-288: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ (୧) ଗୀତାରାଣୀ ମିଶ୍ର, (୨) ବ୍ରହ୍ମତ୍ରୀ ମିଶ୍ର, (୩) ବିଭୂକଲ୍ୟାଣ ମିଶ୍ର, (୪) ବ୍ରତତୀ ମିଶ୍ରଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରାଯାଇଥିଲା। ବର୍ତ୍ତମାନ ଉକ୍ତ ରେକର୍ଡଭୁକ୍ତ ଆବଣ୍ଟନଗ୍ରହୀତାମାନଙ୍କ ମଧ୍ୟରୁ ଗୀତାରାଣୀ ମିଶ୍ର ଏବଂ ବ୍ରହ୍ମତ୍ରୀ ମିଶ୍ରଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀମାନେ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ଉକ୍ତ ସମ୍ପତ୍ତିରେ ଥିବା ତାଙ୍କ ସ୍ୱତ୍ୱ ଅଂଶରେ ନାମ ଦରଜ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ।

| ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ନାମ: ୰ବ୍ରହ୍ମତ୍ରୀ ମିଶ୍ର<br>ମାତା: ୰ଗୀତାରାଣୀ ମିଶ୍ର<br>ସ୍ୱାମୀ: ଶ୍ରୀ ନିତ୍ୟାନନ୍ଦ ମହାନ୍ତି<br>ସା: ଭୂଦାନ କଲୋନୀ<br>ପୋ: କୋରାପୁଟ ଟାଉନ<br>ଥାନା/ଜିଲ୍ଲା: କୋରାପୁଟ | ଏମ୍‌ଆଇଜି–୧–୪୨, (MIG-1-42)<br>କୁମ୍ଭା, ଫେଜ୍–୨<br>କୋରାପୁଟ | ୧. ଶ୍ରୀ ନିତ୍ୟାନନ୍ଦ ମହାନ୍ତି (ସ୍ୱାମୀ)<br>୨. ପ୍ରିୟଦର୍ଶିନୀ ମହାନ୍ତି (ଅ.ବି. କନ୍ୟା) |

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0601/2526

---

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER MARKONA CANAL DIVISION, MARKONA

DIST : BALASORE, ODISHA, PIN-756126
E-Mail : eemcdmarkona@gmail.com

**e-Procurement Notice No. SE-MCD-04 of 2025-26**

**No.A-112** : The Superintending Engineer, Markona Canal Division, Markona on behalf of the Governor of Odisha, invites Request for Proposal through online mode in single cover system from eligible bidder for the work as detailed below :

| Sl. No. | BID ID No | Form of contract | Name of the work |
|---|---|---|---|
| 01 | SE-MCD-01 of 2025-26 | Request for Proposal | Supply of site supervisors (semi-skilled) preferably ITI/Experienced for supervision of worksites of Salandi Left Main Canal (SLMC) from RD 30.547 Km to 45.570 Km & from RD 49.810 Km to 59.970 Km under Markona Canal Division, Markona for the period from 1st May 2025 to 31st March 2026 (11 month) |

a. Cost of Tender Paper (in online) : Rs.4000.00
b. Earnest Money Deposit (EMD) (in offline) : Rs.7500.00
c. Period of completion :
d. Period of availability of bid document in the portal : 05.05.2025 10.30 A.M. to 14.05.2025 up to 5.00 P.M.
e. Last Date / Time for receipt of Bid : 14.05.2025 up to 5.00 P.M.
f. Date and time of opening of technical Bid : 15.05.2025 at 11.00 A.M.
g. Name & address of the officer inviting Bid : Superintending Engineer, Markona Canal Division Markona
h. Further details can be seen from e-procurement portal https://www.tendersodisha.gov.in. Any addendum/cancellation/corrigendum will be hoisted in website only.

Sd./- Superintending Engineer
Markona Canal Division, Markona
OIPR-32397/11/0009/2526

---

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍‌ଡିଂ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: 8110/ଭୁ.ଉ.କ., ଭୁବନେଶ୍ୱର — ତା: 25.04.25ରିଖ
CPM-II-37/90 (Part)

### ସୂଚନା

No. CAD-280: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍–୧ ଆପାର୍ଟମେଣ୍ଟ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ. MIG-II-G-9/2କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୩୫୩୩୦ ତା୨୦।୧୨।୨୦୨୪ରିଖ ଅନୁଯାୟୀ ଉତ୍ତରାଧିକାରୀ ସୂତ୍ରେ ଶ୍ରୀ ରମାକାନ୍ତ ପଟ୍ଟନାୟକ, ପିତା: ସ୍ୱର୍ଗତ ଟି. ସୁରେଶ କୁମାର, ବାସସ୍ଥାନ: ଏମ୍.ଆଇ.ଜି.–୧୩୧, ବିଡିଏ, ଅନନ୍ତ ବିହାର ଫେଜ୍–୨, ପୋଖରୀପୁଟ, ଭୁବନେଶ୍ୱର – ୭୫୧୦୨୦, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶାଙ୍କ ନାମରେ ଆବଣ୍ଟନ ପରବର୍ତ୍ତନ କରାଯାଇଅଛି।
ବର୍ତ୍ତମାନ ଆବଣ୍ଟନ ଗ୍ରାହୀ ଶ୍ରୀ ରମାକାନ୍ତ ପଟ୍ଟନାୟକ ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ସବିତା ସାମନ୍ତରାୟ, ସ୍ୱାମୀ: କ୍ରିଷ୍ଣ ସାମନ୍ତରାୟ, ବାସସ୍ଥାନ: MIG-II-18/26, ବିଡିଏ କଲୋନୀ, ପୋଷ୍ଟ/ଥାନା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ–୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0286/2526

---

## OFFICE OF THE NOTIFIED AREA COUNCIL, KUCHINDA

**E-PROCUREMENT NOTICE**
**Bid Identification No. KCDA/NAC-1/2025-26**
**No. 1309/NAC Date.01.05.2025**

**No.C-230** : Bid Documents consisting of work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. Name of the work : Construction of Civil Works
2. No. of works : 11 (eleven) nos
3. Estimated Cost : As per work list
4. Period of Completion : 1 (one) Calendar Month
5. Date & time of availability of bid documents in the portal : From 10.00 hours of 06.05.2025
6. Last date/Time of received of Bids in portal : 17:30 Hours of 15.05.2025
7. Date & time of opening of Bid : 10.00 hours of 16.05.2025
8. Name & Address of the office Inviting bid : Executive Officer, NAC, Kuchinda

Further details can be seen from the e-procurement portal - www.tendersorissa.gov.in.

Sd./- Executive Officer
Notified Area Council, Kuchinda
OIPR-13121/11/0012/2526

---

## OFFICE OF THE CDM & PHO CUM DMD, NHM, NUAPADA

District Programme Management Unit, NHM
NUAPADA, ODISHA - 766105
E-mail : nhmnuapada@gmail.com

**TENDER CALL NOTICE**

**No. 1171/DPMU/NHM/2025** — **Date. 02.05.2025**

**No.E-65** : Sealed tenders are invited from the reputed supplier of stationery items or private individuals and reputed travel agencies/Tour Operators/Private individuals for supply of stationery items and Vehicle on hiring basis as per details below :

**Tender-A-Empanelment of vehicles on monthly hiring basis.**
**Tender-B-Empanelment for providing stationery items and computer consumables.**

The sealed quotation/tender documents should reach at O/o - CDM&PHO, Nuapada, DHH, Nuapada, Pin-766105 in any working day by **19.05.2025 till 1 P.M.** along with all required documents as mentioned in tender documents by **speed post/regd post/reputed courier** only. The tender will be opened on 20.05.2025 at 11.00 A.M. in the office of the undersigned in presence of the bidder/authorized representative of the bidder. Details regarding items and terms and conditions may be downloaded from www.nuapada.odisha.gov.in from 03.05.2025. The undersigned reserves the right to accept or reject any or all the quotations without assigning any reason thereof.

Sd./- CDM & PHO cum DMD
Nuapada
OIPR-10055/11/0017/2526

---

## idco | ODISHA NEW OPPORTUNITIES

No.CAD-286

## OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR

Tender Call Notice No. BBSR/ELECT/E-4402/2022-23/1127 — Dated : 25.04.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. **Name of the work : Construction of Street Light at Mantira, R&R colony, KNIC, Jajpur, Under IDCO division Jajpur**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| 1 | 2 | From | To |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID. No. BBSR/ Elect/e-139/2024-25 | 05.05.2025 at 17.00 Hrs. | 15.05.2025 at 17.00 Hrs. |

Further details can be seen from the e-procurement portal, www.tendersorissa.gov.in. Corrigendum or Addendum if any will not be published in newspapers and can be seen **in the e-procurement portal** as well as in **IDCO website**.

Sd./- Divisional Head (Elect)
IDCO, Bhubaneswar
OIPR-14003/11/0143/2526

---

## Office of the Principal
## Govt. College of Art and Crafts

Khallikote, Ganjam, Odisha - 761030, Ph. - 06810 291352
Department of Odia Language, Literature & Culture, Govt. of Odisha
Affiliated to Utkal University of Culture, Odisha
Mail : govtcollegeofartandcrafts@gmail.com
Web : http://gcacodisha.nic.in

**No. 439/GCAC, Khalikote** — **Date. 03.05.2025**

**ADVERTISEMENT FOR GUEST FACULTIES, 2025-26**

**No.RR-02** : Applications are invited from the eligible candidates for engagement of the Guest Faculties in the Govt. College of Art and Crafts, Khallikote for the academic year 2025-26 functioning under the Odia Language Literature and Culture Department, Govt of Odisha as mentioned below :

Guest Lecturer (Department Wise) :
**Commercial Art -1, Crafts & Ceramics -1, Indian Painting-1**
Guest Instructor( Department Wise) :
**Oil Painting -1, Modelling & Sculpture-1, Graphic Art -1, Indian Painting-1**

Interested Candidates are advised to apply in the plain paper application along with Complete Bio-Data, all photo copies of educational Certificate and Mark sheets, latest by **31st May 2025** positively to the office of the Principal, Govt College of Art and Crafts, Khallikote, Ganjam-761030. The applications received after due date shall not be taken into consideration.

The minimum qualification for the post of Guest Lecturer shall be Master's Degree (MVA/MFA) and for Guest Instructor is Bachelor's Degree (BVA / BFA) in the concerned subject and preference will be given to the candidates having any higher qualification. The remuneration shall be paid to the above Guest faculties as per the Govt. approved rate.

The undersigned have reserved every right to reject any or all applications without assigning any reason.

Sd./- (Sri Subrat Kumar Mullik)
Principal
Govt. College of Art and Crafts
OIPR-03012/11/0005/2526

---

Annexure-I

## TENDER NOTICE

(For award of contract for outsourcing of Light vehicle Driving Services of Drivers for Directorate of Economics and Statistics, Bhubaneswar)

**No.X-01** : Sealed tenders are invited from intending service providing agencies for the outsourcing of Light vehicle Driving Services of Drivers in the Directorate of Economics & Statistics, Odisha, Bhubaneswar.

The detail information for outsourcing the services of aforesaid work has been given in the tender document which may either be downloaded from the website of DE&S - www.desorissa.nic.in or can be obtained from office on any working day from 02.05.2025, 10.30 A.M. to 20.05.2025, 5.30 P.M. The downloaded Tender document from the website should be submitted along with a Bank Draft / Bankers Cheque of Rs. 500/- (Non-Refundable) in favour of Establishment Officer_cum_DDO, Directorate of Economics and Statistics, Odisha, Bhubaneswar.

The tender document will be received only through Speed Post / Registered Post during office hours only. The last date and time for receipt of filled-in Tender documents are 21.05.2025 by 5.00 P.M. The office shall not be responsible for any kind of postal delay. The authority reserves the right to cancel any or all the tender without assigning any reason thereof.

OIPR-21002/11/0009/2526 — Sd./- Director

---

## ODISHA PUBLIC SERVICE COMMISSION, CUTTACK

**NOTICE**

**No.2943/PSC, Dt.03.05.2025**
**(1R-27-2023/24) (DR-V)**

No.D-:It is for information of all concerned that, pursuant to the Advertisement No.32 of 2023-2024, 07 (Seven) candidates, bearing following PPSAN have been allowed to face the interview to determine their eligibility for recruitment to the post of Associate Professor in "Chemical Engineering". The interview in respect of the following candidates will be held in the office of the Commission at 19, Dr. P.K. Parija Road, Cuttack- 753001 on 16.05.2025 as per the programme mentioned below.

| DATE | Time of Interview | PPSAN |
|---|---|---|
| 16.05.2025 | 10.30 A.M. | P240306410, P240293984, P240301382, P240295600, P240302554, P240301649 & P240297093 = **7 Candidates** |

**The candidates are advised to produce following documents at the time of interview.**
1. **All original Research Publications/ Books.**
2. **Photocopy of front and back cover pages of published Books-08 sets**
3. **Photocopies of 10 best Research Publications- 08 sets**
4. **List of all publications mentioned at SL.No.1-08 sets**

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are further advised to report in the office of the Commission **half an hour before the commencement of interview** on the scheduled date & time as mentioned above.

**NOTE:- THE CANDIDATES ARE INFORMED THAT THE TEACHING ABILITY IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE REALTING TO CHEMICAL ENGINEERING WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD/ DIGITAL SCREEN (FOR PPT) SHALL BE PROVIDED BY THE COMMISSION FOR THE PURPOSE.**

OIPR-12002/11/0203/2526 — Sd./- Secretary

---

## ODISHA PUBLIC SERVICE COMMISSION, CUTTACK

**NOTICE**

**No.2948/PSC, Dt.03.05.2025**
**(1R-37-2023/24) (DR-V)**

No.D-:It is for information of all concerned that, pursuant to the Advertisement No.32 of 2023-2024, **04 (Four)** candidates, bearing following PPSAN have been allowed to face the interview to determine their eligibility for recruitment to the post of **Associate Professor** in **"Physics"**. The interview in respect of the following candidates will be held in the office of the Commission at 19, Dr. P.K. Parija Road, Cuttack- 753001 on **16.05.2025 at 3.00 P.M.** as per the programme mentioned below.

| DATE | Time of Interview | PPSAN |
|---|---|---|
| 16.05.2025 | 3.00 P.M. | P240309652, P240303135, P240304213, P240301012 = **4 Candidates** |

**The candidates are advised to produce following documents at the time of interview.**
1. **All original Research Publications/ Books.**
2. **Photocopy of front and back cover pages of published Books-08 sets**
3. **Photocopies of 10 best Research Publications- 08 sets**
4. **List of all publications mentioned at SL.No.1-08 sets**

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are further advised to report in the office of the Commission **half an hour before the commencement of interview** on the scheduled date & time as mentioned above.

**NOTE:- THE CANDIDATES ARE INFORMED THAT THE TEACHING ABILITY IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE REALTING TO PHYSICS WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD/ DIGITAL SCREEN (FOR PPT) SHALL BE PROVIDED BY THE COMMISSION FOR THE PURPOSE.**

OIPR-12002/11/0204/2526 — Sd./- Secretary

---

## Government of Odisha
## Office of the Chief Construction Engineer Rural Works Circle, Bhawanipatna

**NOTICE**

**PM-JANMAN UNDER PRADHAN MANTRI GRAM SADAK YOJANA (PMGSY)**

**Bid identification No. BPT/Online-02/2025-26**

**No.O-108 : The Chief Construction Engineer, R. W. Circle, Bhawanipatna on behalf of Odisha State Rural Road Agency invites the percentage rate** bids in electronic tendering system for construction of roads & bridges under PM-JANMAN in the districts of **Kalahandi for 10 (Ten)** number of package with estimated cost totaling to **Rs.21.93 Cr** including their maintenance for five years from the eligible contractors registered with **State PWD/ CPWD/MES / Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement.dtd. **08.05.2025.**

**Availability of Bid Documents and mode of submission :** The bid document is available online and should be submitted online in www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved format (c) original affidavit regarding correctness of information furnished with bid document as per provisions of Clause 4.4B(a)(ii) of ITB with **C.C.E., R. W. Circle, Bhawanipatna**/ Concerned Superintending Engineers / Executive Engineers, R.W.Division (as per Tender Call Notice) on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

**Last Date/Time for receipt of bids through e-procurement: 26.05.2025 upto 5.00 PM**

For further details please log on to www.pmgsytenders.gov.in

Sd./- CHIEF CONSTRUCTION ENGINEER
Rural Works Circle, Bhawanipatna
OIPR-25102/11/0016/2526

# ଆଉ କମିବନି ସୁନା ଦର

**ବିବାହ, ବ୍ରତଘର, ଜନ୍ମଦିନ ଭଳି ଉତ୍ସବରେ ସୁନା ଅଳଙ୍କାର ଉପହାର ଦେବା ଓଡ଼ିଶାବାସୀ ଉଚିତ୍ ମଣନ୍ତି। ମହିଳା ହୁଅନ୍ତୁ କି ପୁରୁଷ ସ୍ୱର୍ଣ୍ଣାଳଙ୍କାରରେ ସଜେଇହେବାକୁ ପସନ୍ଦ କରନ୍ତି। ସୁନା ପରିଧାନର ଉପକାରିତା ଉଭୟ ବିଜ୍ଞାନ ଓ ବାସ୍ତୁଶାସ୍ତ୍ରରେ ରହିଛି। ତେବେ ଦିନକୁ ଦିନ ବଢ଼ୁଥିବା ଦର ଗ୍ରାହକଙ୍କୁ ଚିନ୍ତାରେ ପକାଇଛି। ବିଶେଷଜ୍ଞ ଓ ବ୍ୟବସାୟୀଙ୍କ ଆକଳନ ଅନୁସାରେ ଆଗାମୀ ଦିନରେ ସୁନାଦରରେ ବଡ଼ ହ୍ରାସ ନ ହୋଇପାରେ।**



ଭାରତରେ ସୁନା ମୂଲ୍ୟ ଅନେକ କାରଣରୁ ପ୍ରଭାବିତ ହୋଇଥାଏ। ଅନ୍ତର୍ଜାତୀୟ ସୁନା ମୂଲ୍ୟ, ଭାରତୀୟ ଟଙ୍କା ଓ ଆମେରିକୀୟ ଡଲାର ମଧ୍ୟରେ ବିନିମୟ ହାର, ସ୍ଥାନୀୟ ଚାହିଦା, ଭୂରାଜନୈତିକ ଅସ୍ଥିରତା କାରଣରୁ ବିଶେଷକରି ଅକ୍ଷୟତୃତୀୟା, ଦୀପାବଳି ଓ ଧନ୍ତେରସ୍ ଭଳି ପ୍ରମୁଖ ପର୍ବ ସମୟରେ ସୁନା ଦର ସର୍ବାଧିକ କମ୍ ବେଶି ହୋଇଥାଏ। ଦେଶରେ ଏପର୍ଯ୍ୟନ୍ତ ସୁନାର ଏକକ ହାର ସ୍ଥିର ହୋଇ ନ ଥିବାରୁ ଦେଶର ବିଭିନ୍ନ ସହରରେ ସୁନାର ମୂଲ୍ୟ ଭିନ୍ନ ଭିନ୍ନ ହୋଇଥାଏ। ଓଡ଼ିଶା ଭଳି ଅନ୍ୟାନ୍ୟ ରାଜ୍ୟ ଓ ସହରଗୁଡ଼ିକରେ ସ୍ଥାନୀୟ ଟିକସ ଏବଂ ଅଳଙ୍କାର ତିଆରି ଚାର୍ଜ ବ୍ୟତୀତ ଅନ୍ୟ କେତେକ କାରଣ ମଧ୍ୟ ସୁନାର ମୂଲ୍ୟକୁ ପ୍ରଭାବିତ କରୁଛି। ଜାତୀୟସ୍ତରରେ ଲଗାତର ସୁନା ଦର ବୃଦ୍ଧି ପାଉଥିବାବେଳେ ଓଡ଼ିଶାରେ ମଧ୍ୟ ସୁନା ଦର ୧୦ ଗ୍ରାମ ପ୍ରତି ୧ଲକ୍ଷ ଟଙ୍କା ନିକଟବର୍ତ୍ତୀ ରହିଛି। ଟ୍ରମ୍ପଙ୍କ ଟାରିଫ୍ ରାଜ ଆରମ୍ଭ ହେବା ପରେ ବିଶ୍ୱ ବଜାରରେ ସବୁ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହୋଇଛି। ତେଣୁ ସୁନା ଦର କମିବା ଆଶା ମଧ୍ୟ କ୍ଷୀଣ ହୋଇଛି। ବିଶେଷଜ୍ଞଙ୍କ ଆକଳନ ଅନୁସାରେ, ସୋଭେରିନ୍ ଗୋଲ୍ଡ ବଣ୍ଡ ବନ୍ଦ ହେବା ପରେ ବାସ୍ତବ ସୁନାରେ ପୁଞ୍ଜିନିବେଶ ପାଇଁ ନିବେଶକମାନେ ଚାହିଁବସିଛନ୍ତି। କାରଣ ବାସ୍ତବ ସୁନା ସେମାନଙ୍କୁ ଅଧିକ ରିଟର୍ନ ଦେଉଛି। ଏଭଳିସ୍ଥଳେ କେନ୍ଦ୍ରୀୟ ବ୍ୟାଙ୍କ ଯଦି ଷ୍ଟକ୍ ବଜାରକୁ ଛାଡ଼ିବେ ତେବେ ସୁନାଦର କମିବ। ମାତ୍ର ସେଭଳି ସମ୍ଭାବନା ଆଗାମୀ ଦିନରେ ଦେଖାଯାଉନାହିଁ। ସେପଟେ ଅଳଙ୍କାର ବ୍ୟବସାୟୀଙ୍କ କାରବାର ମଧ୍ୟ ମାନ୍ଦା ପଡ଼ିଛି। ସୁନାର ବର୍ଦ୍ଧିତ ମୂଲ୍ୟ ନିବେଶକଙ୍କୁ ସୁହାଉଥିବାବେଳେ ସାଧାରଣ ଲୋକ ବିବାହ, ଜନ୍ମଦିନ ଆଦିରେ ସୁନା କିଣିବାକୁ ଡରିଲେଣି।

## ରାଜ୍ୟରେ ୪୮୬୨ ସ୍ୱୀକୃତିପ୍ରାପ୍ତ ସ୍ୱର୍ଣ୍ଣାଳଙ୍କାର ପ୍ରତିଷ୍ଠାନ

ଆଇଏସ୍ ୧୪୧୭ ଏବଂ ଆଇଏସ୍ ୨୧୧୨ ହେଉଛି ଭାରତ ସରକାରଙ୍କ ଖାଉଟି ବ୍ୟାପାର ମନ୍ତ୍ରଣାଳୟ, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ଅଧୀନ ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ଦ୍ୱାରା ସୁନା ଓ ରୁପା ଅଳଙ୍କାରର ହଲ୍‌ମାର୍କିଂ ପାଇଁ ଜାରି କରାଯାଇଥିବା ଭାରତୀୟ ମାନକ। ଆଇଏସ୍ ୧୪୧୭:୨୦୧୬ ସୁନା ଅଳଙ୍କାରର ଶୁଦ୍ଧତା ନିର୍ଦ୍ଧାରଣ କରିଥିବା ବେଳେ ଆଇଏସ୍ ୨୧୧୨:୨୦୧୪ ରୁପା ଅଳଙ୍କାରର ଶୁଦ୍ଧତା ନିର୍ଦ୍ଧାରଣ କରିଥାଏ। ତେବେ ରାଜ୍ୟରେ ବିଆଇଏସ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୪୮୬୨ଟି ସ୍ୱର୍ଣ୍ଣାଳଙ୍କାର ପ୍ରତିଷ୍ଠାନ ରହିଛି। କଟକ ଜିଲାରେ ସର୍ବାଧିକ ୮୦୯ ସ୍ୱୀକୃତିପ୍ରାପ୍ତ ସ୍ୱର୍ଣ୍ଣାଳଙ୍କାର ପ୍ରତିଷ୍ଠାନ ରହିଥିବାବେଳେ ବାଲେଶ୍ୱରରେ ୫୪୦, ଖୋର୍ଦ୍ଧା ୫୩୫, ଗଞ୍ଜାମ ୩୩୬, ଯାଜପୁର୨୪୪, ପୁରୀ ୨୧୦, କେନ୍ଦ୍ରାପଡ଼ା ୨୦୪, ସୁନ୍ଦରଗଡ଼ ୧୯୧, ମୟୂରଭଞ୍ଜରେ ୧୯୦ ପ୍ରତିଷ୍ଠାନ ରହିଛି।

### ସୁନା ଦରରେ ବଡ଼ ହ୍ରାସ ସମ୍ଭାବନା ନାହିଁ



“ଗତ ବର୍ଷ ତୁଳନାରେ ସୁନା ଦର ପ୍ରାୟ ୩୨% ବୃଦ୍ଧି ପାଇଛି । ବିକ୍ରି ହୋଇଥିବା ସୁନାର ପରିମାଣରୁ ଜଣାପଡ଼ୁଛି ଲୋକମାନେ ସୁନା ଦର ହ୍ରାସକୁ ଅପେକ୍ଷା କରିଛନ୍ତି। ଭାରତରେ ମୁଖ୍ୟତଃ ବିବାହ ଏବଂ ନିବେଶ ପାଇଁ ସୁନା କିଣାଯାଏ। ଯେଉଁ ପରିବାରଗୁଡ଼ିକରେ ବିବାହ ଏବଂ ଉତ୍ସବରେ ସୁନାକିଣା ବାଧ୍ୟତାମୂଳକ, ସେହି ଗ୍ରାହକମାନେ ସେମାନଙ୍କ ବଜେଟ ମୁତାବକ କମ୍ ଓଜନର ଅଳଙ୍କାର ବାଛୁଛନ୍ତି। ତେବେ କିଛି ଗଣମାଧ୍ୟମ ବା ପ୍ରତିଷ୍ଠାନ ପକ୍ଷରୁ ଆଗାମୀ ଦିନରେ ସୁନା ଦର ହ୍ରାସ ନେଇ ଆକଳନ କରାଯାଉଥିବାରୁ ଅନେକ ଗ୍ରାହକ ସୁନା ଦର କମିବ ବୋଲି ଆଶା ରଖିଛନ୍ତି। ବାସ୍ତବ କଥା ହେଉଛି, ସୁନା ଦରରେ ଆଗାମୀ ଦିନରେ ବଡ଼ ହ୍ରାସ ହେବାର ସମ୍ଭାବନା ନାହିଁ। ଯେହେତୁ ସୁନା ମୂଲ୍ୟକୁ ନିୟନ୍ତ୍ରଣ କରାଯାଇପାରିବ ନାହିଁ ବ୍ରାଣ୍ଡଗୁଡ଼ିକୁ ଅଧିକ ଗ୍ରାହକଙ୍କୁ ବାନ୍ଧି ରଖିବା ପାଇଁ ସ୍ମାର୍ଟ ରଣନୀତି ଆପଣେଇବାକୁ ପଡ଼ିବ। ମେକିଂ ଚାର୍ଜ ହ୍ରାସ କିମ୍ବା ଗ୍ରାହକମାନେ ଆମର ଅଫର ଏବଂ ଆମର ୫ ତାରକା ମୂଲ୍ୟଯୁକ୍ତ ଅନନ୍ୟ ସେବା ଯେପରିକି ଜୀବନବ୍ୟାପୀ ନିଃଶୁଳ୍କ ମରାମତି ସେବା, ପ୍ରତ୍ୟେକ ଅଳଙ୍କାର ସହିତ ବୀମା, ପୁରୁଣା ସୁନା ଉପରେ ଶୂନ୍ୟ ରିହାତି, ପ୍ରତ୍ୟେକ କ୍ରୟରେ ଉପହାର ଏବଂ ପୁରସ୍କାର, ଅନନ୍ୟ ଡିଜାଇନ୍ ଗ୍ରାହକଙ୍କୁ ଆକୃଷ୍ଟ କରୁଛନ୍ତି।

**–ବ୍ରହ୍ମାନନ୍ଦ ମେହେର, ପରିଚାଳନା ନିର୍ଦ୍ଦେଶକ, ଅରୁନ୍ଧତୀ ଗ୍ରୁପ**

## ଓଡ଼ିଶାରେ ସୁନାଖଣି



ରାଜ୍ୟର ସୁନ୍ଦରଗଡ଼, ନବରଙ୍ଗପୁର, କେନ୍ଦୁଝର ଏବଂ ଦେବଗଡ଼ ଜିଲାରେ ସୁନା ଖଣିର ସନ୍ଧାନ ମିଳିଛି। ସେହିପରି ମାଲକାନଗିରି, ସମ୍ବଲପୁର ଏବଂ ବୌଦ୍ଧ ଆଦି ଜିଲାରେ ଖଣିର ଅନୁସନ୍ଧାନ ଜାରି ରହିଛି। ମୟୂରଭଞ୍ଜର ଯଶିପୁର, ସୁରିଆଗୁଡ଼ା, ରୁଆଁଶି, ଇଡେଲକୁଚା, ମରେଡ଼ିହି, ସୁଲେଇପାଟ ଏବଂ ବାଦାମପାହାଡ଼ ଆଦି ଅଞ୍ଚଳରେ ମଧ୍ୟ ସୁନାଖଣି ଥିବା ଆଶା କରାଯାଉଛି। ଦେବଗଡ଼ ଜିଲାର ଅଡସ-ରାମପଲ୍ଲୀ ଅଞ୍ଚଳରେ ସୁନାଖଣିର ସନ୍ଧାନ ମିଳିଥିବାବେଳେ ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ (ଜିଏସ୍ଆଇ) ଜି-୨ ସ୍ତରୀୟ ଅନୁସନ୍ଧାନ ଜାରି ରଖିଛି। କେନ୍ଦୁଝର ଜିଲାର ଗୋପୁର-ଗାଜିପୁର, ମାଙ୍କଡ଼ଚୁଆଁ, ସଲେଇକଣା, ଡିମିରିମୁଣ୍ଡାରେ ମଧ୍ୟ ଖଣି ସମ୍ଭାବନା ରହିଛି। ଦେବଗଡ଼ର ଆର୍ଥିକ ବିକାଶ ପାଇଁ ଏହି ସାଧନଗୁଡ଼ିକର ବ୍ୟବହାର କରିବାରେ ପ୍ରତିବଦ୍ଧତା ଆଗାମୀ ଦିନରେ ସୁନାଖଣି ବ୍ଲକ୍ ନିଲାମରେ ଦେଖିବାକୁ ମିଳିବ। ଏହ ରାଜ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।

**ଇଣ୍ଡିଆ ବୁଲିଅନ୍ ତଥ୍ୟ ଅନୁସାରେ ୨୦୧୫ରୁ ୨୦୨୫ ମଧ୍ୟରେ କେବଳ ୨୦୧୭ ଏବଂ ୨୦୨୧କୁ ବାଦ୍‌ଦେଲେ କ୍ରମାଗତ ଭାବେ ସୁନା ଦର ବୃଦ୍ଧି ପାଇଛି। ପ୍ରତ୍ୟେକ ବର୍ଷ ରେକର୍ଡ ହୋଇଥିବା ସର୍ବାଧିକ ସୁନା ଦର ନିମ୍ନରେ ପ୍ରଦାନ କରାଯାଇଛି।**

| ବର୍ଷ | ସର୍ବାଧିକ ସୁନା ଦର (୧୦ ଗ୍ରାମ୍ ପ୍ରତି) |
|---|---|
| ୨୦୧୫ | ୨୬,୪୨୨ ଟଙ୍କା |
| ୨୦୧୬ | ୩୨,୮୩୪ ଟଙ୍କା |
| ୨୦୧୭ | ୩୧,୦୬୦ ଟଙ୍କା |
| ୨୦୧୮ | ୩୩,୨୬୨ ଟଙ୍କା |
| ୨୦୧୯ | ୪୦,୪୧୦ ଟଙ୍କା |
| ୨୦୨୦ | ୫୭,୫୨୦ ଟଙ୍କା |
| ୨୦୨୧ | ୫୨,୯୫୦ ଟଙ୍କା |
| ୨୦୨୨ | ୫୪,୧୧୦ ଟଙ୍କା |
| ୨୦୨୩ | ୬୩,୪୯୦ ଟଙ୍କା |
| ୨୦୨୪ | ୭୯,୮୪୦ ଟଙ୍କା |
| ୨୦୨୫ | ୯୭,୪୧୦(ଏପ୍ରିଲ ୨୧) ଟଙ୍କା |

## ନିବେଶକଙ୍କୁ ସୁହାଉଛି



ସୁନାରେ ନିବେଶ ମୁଦ୍ରାସ୍ଫୀତି ବିରୁଦ୍ଧରେ ଏକ ସୁରକ୍ଷା ଭାବରେ କାର୍ଯ୍ୟ କରେ, ମୁଦ୍ରା ଅବମୂଲ୍ୟାୟନ କିମ୍ବା ବଜାର ଅସ୍ଥିରତା ସମୟରେ କ୍ରୟ ଶକ୍ତି ସଂରକ୍ଷଣ କରେ। ଏହା ଏକ ନିବେଶ ପୋର୍ଟଫୋଲିଓ ମଧ୍ୟରେ ବିବିଧତା ପ୍ରଦାନ କରେ, ଷ୍ଟକ ପରି ପାରମ୍ପରିକ ସମ୍ପତ୍ତିର ବିକଳ୍ପ ପ୍ରଦାନ କରି ବିପଦ ହ୍ରାସ କରେ। ଇତିହାସ ଦେଖିଲେ ସମୟାନୁସାରେ ସୁନାଦର କ୍ରମାଗତ ଭାବେ ବଢ଼ିଚାଲିଛି। ତେଣୁ ଏହାକୁ ସମ୍ପତ୍ତିର ଏକ ନିର୍ଭରଯୋଗ୍ୟ ଭଣ୍ଡାର ଏବଂ ସମ୍ପତ୍ତି ସଂରକ୍ଷଣ ପାଇଁ ଏକ ବିଶ୍ୱସ୍ତ ସମ୍ପତ୍ତ ବୋଲି ବିଚାର କରାଯାଏ। ଷ୍ଟକ କିମ୍ବା ବଣ୍ଡ ପରି, ସୁନା ଡିଫଲ୍ଟ କିମ୍ବା ଦେବାଳିଆ ବିପଦର ସମ୍ମୁଖୀନ ହୁଏ ନାହିଁ, ଅନିଶ୍ଚିତ ଆର୍ଥିକ ସ୍ଥିତିରେ ଏହା ସୁରକ୍ଷାର ଏକ ସ୍ତର ପ୍ରଦାନ କରେ। ଗଚ୍ଛିତ ସୁନାର ସହଜରେ ବ୍ୟବସାୟୀକରଣ କରାଯାଇପାରିବ ଏବଂ ବିଶ୍ୱବ୍ୟାପୀ ନଗଦରେ ରୂପାନ୍ତରିତ କରାଯାଇପାରିବ, ଯାହା ନିବେଶକମାନଙ୍କୁ ପରିବର୍ତ୍ତିତ ବଜାର ପରିସ୍ଥିତି ସହିତ ଖାପ ଖୁଆଇବା ପାଇଁ ଲିକ୍ୟୁଡିଟି ପ୍ରଦାନ କରେ।

## ଇଲେକ୍ଟ୍ରୋନିକ୍ସ ଶିଳ୍ପ ବି ବଢ଼ାଉଛି ସୁନାଦର



ନିବେଶ ଓ ଅଳଙ୍କାର କ୍ଷେତ୍ରରେ ସୁନାର ପ୍ରୟୋଗ ସର୍ବାଧିକ ରହିଛି। ମାତ୍ର ଏହା ବ୍ୟତୀତ ବିଭିନ୍ନ ଶିଳ୍ପ ବିଶେଷକରି ଇଲେକ୍ଟ୍ରୋନିକ୍ସ ଏବଂ ଟେକ୍ନୋଲୋଜିରେ ସୁନାର ବ୍ୟବହାର କରାଯାଇଥାଏ। ଇଲେକ୍ଟ୍ରୋନିକ୍ସ ଶିଳ୍ପ ସୁନାର ଏକ ପ୍ରମୁଖ ଗ୍ରାହକ, ଏହାକୁ କନେକ୍ଟର, ଓ୍ୱାୟାରିଂ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଉତ୍ପାଦ ପାଇଁ ବ୍ୟବହାର କରେ। ସୁନା ମୂଲ୍ୟ ବୃଦ୍ଧି ଇଲେକ୍ଟ୍ରୋନିକ୍ସ ନିର୍ମାତାଙ୍କ ପାଇଁ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି କରିପାରେ। କମ୍ପାନୀଗୁଡ଼ିକ ସକ୍ରିୟ ଭାବରେ ସୁନାର ବିକଳ୍ପ ଖୋଜୁଛନ୍ତି, ଯେପରିକି ରୁପା, ତମ୍ବା ଏବଂ ପାଲାଡିୟମ-ଆବୃତ ତମ୍ବା ଏବଂ କିଛି ନିର୍ଦ୍ଦିଷ୍ଟ ପ୍ରୟୋଗରେ ସୁନା ବ୍ୟବହାରକୁ କମ କରିବା ପାଇଁ ସନ୍ତୁଳିତ ରଣନୀତି ମଧ୍ୟ କାର୍ଯ୍ୟକାରୀ କରୁଛନ୍ତି। ଯଦିଓ ଇଲେକ୍ଟ୍ରୋନିକ୍ସ ଶିଳ୍ପ ଏକ ପ୍ରମୁଖ ଗ୍ରାହକ ହୋଇଥିଲେ ମଧ୍ୟ ଏହାର ଚାହିଦା ସୁନା ମୂଲ୍ୟକୁ ପ୍ରଭାବିତ କରୁଥିବା ଏକମାତ୍ର କାରଣ ନୁହେଁ। ଅନ୍ୟାନ୍ୟ କାରଣଗୁଡ଼ିକ ମଧ୍ୟରେ କେନ୍ଦ୍ରୀୟ ବ୍ୟାଙ୍କ ରିଜର୍ଭ, ନିବେଶ ଚାହିଦା ଏବଂ ବିଶ୍ୱ ଆର୍ଥିକ ପରିସ୍ଥିତି ଅନ୍ତର୍ଭୁକ୍ତ।



## ସେମାନେ କୁହନ୍ତି...

### ଗତବର୍ଷର ଏକ ଚତୁର୍ଥାଂଶ ସୁନା ବିକ୍ରି ହୋଇଛି



“ସର୍ବଭାରତୀୟ ସ୍ତରରେ ସୁନା ବିକ୍ରି କମିଛି। ଗତବର୍ଷ ବିକ୍ରିର ଏକ ଚତୁର୍ଥାଂଶ ଚଳିତବର୍ଷ ବିକ୍ରି ହୋଇଛି। ଯଦି ଆମେ ଅକ୍ଷୟ ତୃତୀୟାର ଉଦାହରଣ ଦେଖିବା ଲୋକମାନେ ଶୁଭ ମୁହୂର୍ତ୍ତ ବୋଲି ସୁନା କିଣିବାକୁ ଆସୁଛନ୍ତି। ଯିଏ ଗତବର୍ଷ ଲକ୍ଷେ ଟଙ୍କାର ସୁନା କିଣିଥିଲେ। ସେ ଏବର୍ଷ କେବଳ ନାମକୁ ମାତ୍ର ୧୦ରୁ ୧୫ ହଜାର ଟଙ୍କାର କିଛି ଟିକିଏ କିଣିଛନ୍ତି। ସୁନାଦର ଯେଉଁ ହାରରେ ବଢ଼ୁଛି ସେହି ହାରରେ ହ୍ରାସ ପାଉ ନାହିଁ। ଅକ୍ଷୟତୃତୀୟା ପରଦିନ କିଛି କମିଥିଲା ମାତ୍ର ବଢ଼ୁଥିବା ଦର ଅନୁପାତରେ ତାହା ବହୁତ କମ୍। ଲୋକମାନେ ସୁନାଦର ୫୦ହଜାରକୁ ଖସିବ ବୋଲି ଯେଉଁ ଧାରଣାରେ ଅଛନ୍ତି, ତାହାର ଆଦୌ ହେବ ନାହିଁ। ସୁନା ଦର ହ୍ରାସ ପାଇବା ଅନ୍ତର୍ଜାତୀୟ ବଜାର ଉପରେ ନିର୍ଭର କରୁଛି। ତେଣୁ ସୁନା ଦର କମାଇପାରିବୁନି ମାତ୍ର ମେକିଂ ଚାର୍ଜ କମାଇପାରିବୁ । ତେଣୁ ଗ୍ରାହକଙ୍କ ପାଇଁ ମେକିଂ ଚାର୍ଜ ଉପରେ ହିଁ ରିହାତି ଦେଉଛୁ।

**– ରାମଅବତାର ଅଗ୍ରୱାଲ, ନିର୍ଦ୍ଦେଶକ, ମଧୁକୁଞ୍ଜ ଗୋଲ୍ଡ ଆଣ୍ଡ ଡାଇମଣ୍ଡ**

### ସୁନା ଦର ୫ରୁ ୧୦% କମିପାରେ



“ସୁନା ଦର ଲକ୍ଷେ ନିକଟବର୍ତ୍ତୀ ହେବା ପରେ ଲୋକମାନେ ସୁନା କିଣିବା ବହୁତ କମେଇଦେଇଛନ୍ତି। ୬୦ରୁ ୭୦ ହଜାର ଥିବା ସୁନା ଦର ହଠାତ୍ ୯୦ ହଜାର ଡେଇଁବା ପରେ ସୁନାବଜାର ମାନ୍ଦା ହୋଇଛି। ତେବେ ଆଗାମୀ ଦିନରେ ସୁନା ଦର ୫ରୁ ୧୦% କମିପାରେ। ତାହାଠାରୁ ଅଧିକ ଦର ଖସିବନି। ଶେ ୟାର ମାର୍କେଟରେ ଦର ସୁଧାର ହୋଇଛି। ମାତ୍ର ସୁନା ଦରରେ ସୁଧାର ହୋଇନି। ତେଣୁ କିଛି ମାତ୍ରାରେ ସୁନା ଦର କମିପାରେ। ଭୁବନେଶ୍ୱର ଏବେ ଗୋଲ୍ଡ ହବ୍ ପାଲଟିଛି। ଯଦି ଗ୍ରାମାଞ୍ଚଳ ଓ ସହରାଞ୍ଚଳ କଥା ଚିନ୍ତା କରିବା ତେବେ ଗ୍ରାମାଞ୍ଚଳର ଲୋକମାନେ ମଧ୍ୟ ଭୁବନେଶ୍ୱର ଭଳି ସହରରୁ କ୍ରୟ କରୁଛନ୍ତି। ତେଣୁ ଗ୍ରାମାଞ୍ଚଳ କି ସହରାଞ୍ଚଳରେ ବିକ୍ରି ଅଧିକ ତାହା ଆକଳନ କରିବା ସହଜ ନୁହେଁ। ସୁନା ଦର ୫୦ ହଜାରକୁ କମିବ ବୋଲି ଗୁଜବ ସୃଷ୍ଟି ହେଲା, ଯେଉଁଥିପାଇଁ ଲୋକମାନେ ୨ ମାସ ପର୍ଯ୍ୟନ୍ତ ଆଦୌ ସୁନା କିଣିଲେ ନାହିଁ।

**– ବାବୁରାମ ସ୍ୱାଇଁ, ପରିଚାଳନା ନିର୍ଦ୍ଦେଶକ, ସ୍ୱାଇଲ୍ ଗୋଲ୍ଡ**

### ଆହୁରି ଦେଢ଼ଗୁଣା ବଢ଼ିପାରେ ସୁନା ଦର



“ରାତିରାତି ସୁନା ଦର ବୃଦ୍ଧି ପାଉଛି। ସେହି ଅନୁପାତରେ ଲୋକଙ୍କ ଆୟ ବଢ଼ିବା ସମ୍ଭବ ନୁହେଁ। ତେଣୁ ନିହାତି ଭାବେ ସୁନା ବିକ୍ରି କମିଛି। ଭୂରାଜନୈତିକ ଅସ୍ଥିରତା କାରଣରୁ ବିଶେଷକରି ସୁନା ଦର ବଢ଼ିବାରେ ଲାଗୁଛି। ଏହା ମଧ୍ୟରେ ଲୋକମାନେ ସୁନା କିଣିବା ବନ୍ଦ କରିନାହାନ୍ତି, ମାତ୍ର କିଛି ମାତ୍ରାରେ କମାଇଦେଇଛନ୍ତି। ସୁନା ଦର ଯଦି ୨ରୁ ୩ ହଜାର ହ୍ରାସ ପାଏ ତେବେ ବଢ଼ିବା ସମୟରେ ୧୦ରୁ ୧୫ ହଜାର ବଢ଼ିଯାଇପାରେ। ତେଣୁ ସୁନା ଦର ଖସିଲେ ଯେ ଲୋକମାନେ କିଣିବା ପାଇଁ ଅପେକ୍ଷା କରିବେନାହିଁ। ନିଜ ନିଜ ବଜେଟ ମଧ୍ୟରେ ଗ୍ରାମାଞ୍ଚଳ ହେଉକି ସହରାଞ୍ଚଳର ଗ୍ରାହକ ସୁନା କିଣୁଛନ୍ତି। ସହରାଞ୍ଚଳରେ କଷ୍ଟୋମାଇଜଡ୍ ଅଳଙ୍କାର କିଣୁଥିବାବେଳେ ଗ୍ରାମାଞ୍ଚଳରେ ପାରମ୍ପରିକ ସୁନା କିଣୁଛନ୍ତି। ୨୦୨-୨୯ସୁଦ୍ଧା ସୁନାମୂଲ୍ୟ ଦେଢ଼ଗୁଣା ବୃଦ୍ଧି ପାଇବା ନେଇ ବଜାର ଆକଳନ କରାଯାଉଛି। ଆମ ଷ୍ଟୋରରେ ଗତବର୍ଷ ତୁଳନାରେ ଗତବର୍ଷ ତୁଳନାରେ ଏ ବର୍ଷ ଅକ୍ଷୟ ତୃତୀୟାରେ ଯେତିକି ଟଙ୍କାର ସୁନାର ବିକ୍ରି ହୋଇଛି ସେ ତୁଳନାରେ ସୁନାର ପରିମାଣ କମ୍ ପରିମାଣ ରହିଛି।

**–ଶାନ୍ତନୁ କୁମାର ପାତ୍ର, ନିର୍ଦ୍ଦେଶକ, ବିଶ୍ୱମ୍ ଜୁଏଲର୍ସ**

### ଭାରି ଅଳଙ୍କାର ବିକ୍ରି କମିଛି



“ବାହାଘର ଋତୁ ଚାଲିଛି। ତେଣୁ ସୁନା ବିକ୍ରି ହେବା ସ୍ୱାଭାବିକ । ଗ୍ରାହକଙ୍କ ସଂଖ୍ୟା କମିନି। ମାତ୍ର ଗ୍ରାହକ ଆଗରୁ ଯେପରି ଭାରି ଅଳଙ୍କାର ନେଉଥିଲେ ବର୍ତ୍ତମାନ ସେଥିରେ ଟିକେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଭୂରାଜନୈତିକ ଅସ୍ଥିରତା ହେଉ ବା ଅନ୍ୟାନ୍ୟ କାରଣରୁ ସୁନାଦର ବଢ଼ୁଛି। ତେଣୁ ସେସବୁ ଯେପର୍ଯ୍ୟନ୍ତ ନିୟନ୍ତ୍ରଣକୁ ନ ଆସିଛି। ସୁନାଦର କମିବ ବୋଲି କହିହେବନି।

**– ଲୋକନାଥ ସୁବୁଦ୍ଧି, ପ୍ରୋପ୍ରାଇଟର, ଲୋକନାଥ ଜୁଏଲର୍ସ**

### ଗ୍ରାହକ ବିକଳ୍ପ ଅଳଙ୍କାର ବାଛୁଛନ୍ତି



“ଓଡ଼ିଶାରେ ସୁନା ଅଳଙ୍କାର ବିକ୍ରୟ ସମ୍ପର୍କିତ ତଥ୍ୟ ସୀମିତ। ମାତ୍ର ସାରା ଭାରତର ତଥ୍ୟକୁ ଦେଖିଲେ ଓଡ଼ିଶାରେ ମଧ୍ୟ ସୁନା ଚାହିଦା ହ୍ରାସ ପାଇଥିବା କୁହାଯାଇପାରେ। ଓ୍ୱାର୍ଲ୍ଡ ଗୋଲ୍ଡ କାଉନସିଲ୍ ରିପୋର୍ଟ ଅନୁସାରେ ୨୦୨୩ ମସିହାରେ ଭାରତର ସୁନା ଅଳଙ୍କାର ଚାହିଦାରେ ବାର୍ଷିକ ୬% ହ୍ରାସ ଘଟିଛି, ଯାହା ୫୬୨ ଟନ୍‌କୁ ହ୍ରାସ ପାଇଛି। ୨୦୨୪ ଜୁନ୍ ସୁଦ୍ଧା ସୁନା ମୂଲ୍ୟ ବର୍ଷ ସାରା ୧୮% ବୃଦ୍ଧି ପାଇଛି। ଫଳରେ ଗ୍ରାହକମାନେ କିଣୁଥିବା ସୁନାର ମୂଲ୍ୟ କମାଇଦେଇଛନ୍ତି। ଯୁବ ଗ୍ରାହକମାନେ ପାରମ୍ପରିକ ସୁନା ଅଳଙ୍କାର ଅପେକ୍ଷା ବିକଳ୍ପ ହାଲୁକା ଉତ୍ପାଦ ତଥା ରୁପା ଏବଂ ପ୍ଲାଟିନମ ଅଳଙ୍କାର କିଣୁଛନ୍ତି। ୨୦୨୪ ମସିହାର ଦ୍ୱିତୀୟ ତ୍ରୈମାସିକରେ ଭାରତରେ ସୁନା ଅଳଙ୍କାର ବ୍ୟବହାର ବାର୍ଷିକ ତୁଳନାରେ ୮% ଅର୍ଥାତ୍ ୧୨୯ ଟନ୍‌କୁ ହ୍ରାସ ପାଇଛି। ବିଶେଷକରି ଗ୍ରାମାଞ୍ଚଳର ଗ୍ରାହକମାନେ ୫-୧୦ ଗ୍ରାମ, ସହରାଞ୍ଚଳରେ ୨୦-୫୦ ଗ୍ରାମରେ ସୁନା କିଣା ସୀମିତ ରଖିଛନ୍ତି। ଖିମ୍‌ଜୀ ଜୁଏଲର୍ସ ସମଗ୍ର ଭାରତରୁ ହାଲୁକା ଅଳଙ୍କାରର ସର୍ବବୃହତ୍ କଲେକ୍ସନ ଉପଲବ୍ଧ କରୁଛି। ଅକ୍ଷୟ ତୃତୀୟାରେ ଖିମ୍‌ଜୀ ଜୁଏଲର୍ସ ସମସ୍ତ ସୁନା ଏବଂ ହୀରା ଅଳଙ୍କାର ଉପରେ ମେକିଂ ଚାର୍ଜ ଉପରେ ୫୦% ଛାଡ଼ ଦେଉଛି।

**– ମିତେଶ ଖିମ୍‌ଜୀ, ନିର୍ଦ୍ଦେଶକ, ଖିମ୍‌ଜୀ ଜୁଏଲର୍ସ**

### ଗ୍ରାହକ କମ୍ ପରିମାଣର ସୁନା କିଣୁଛନ୍ତି, କମ୍ ଟଙ୍କାର ନୁହେଁ



“ଓଡ଼ିଶାରେ ସୁନାର ଚାହିଦା ସବୁବେଳେ ରହିଛି। ମାତ୍ର ବିଭିନ୍ନ କାରଣରୁ ସୁନା କ୍ରୟର ପରିମାଣ କମିଥିଲେ ମଧ୍ୟ କମ୍ ଟଙ୍କାର ସୁନା କିଣୁଛନ୍ତି ତାହା ନୁହେଁ। ସମଗ୍ର ବିଶ୍ୱରେ ଭାରତର ସ୍ଥାନ ଆଗରେ ରହିଛି। ସେହିପରି ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ସୁନା ଚାହିଦା ମଧ୍ୟ ରହିଛି। ଭାରତୀୟ ମହିଳାଙ୍କ ପାଖରେ ପ୍ରାୟ ୨୫ ହଜାର ଟନ୍ ସୁନା ଗଚ୍ଛିତ ରହିଛି। ଯାହା ସମଗ୍ର ବିଶ୍ୱର ଶ୍ରେଷ୍ଠ ୫ ଦେଶରେ ଗଚ୍ଛିତ ସୁନାର ପରିମାଣଠାରୁ ମଧ୍ୟ ଅଧିକ। ସୁନାର ଚାହିଦା ଅନୁସାରେ ସୁନା ଉତ୍ପାଦନ ହେଉ ନ ଥିବାରୁ ଦର ବଢ଼ୁଛି। ମାତ୍ର ଗ୍ରାମାଞ୍ଚଳରୁ ସହରାଞ୍ଚଳ ପ୍ରତ୍ୟେକ ବର୍ଗର ଲୋକ ସୁନାରେ ନିବେଶ କରିବାକୁ ଚାହୁଁଛନ୍ତି। ବିମୁଦ୍ରୀକରଣ ପରଠାରୁ ଲୋକେ ଟଙ୍କା ସଞ୍ଚୟ କରିବା ପରିବର୍ତ୍ତେ ସୁନାରେ ନିବେଶ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି।

**– ସଞ୍ଜୀବ କୁମାର ସାହୁ, ମ୍ୟାନେଜିଂ ପାର୍ଟନର ଜାଭେରି ଗୋଲ୍ଡ ଆଣ୍ଡ ଡାଇମଣ୍ଡ**

### ବଜେଟ୍ ଅନୁସାରେ ଗ୍ରାହକ ସୁନା କିଣୁଛନ୍ତି



“ସୁନାଦର ବୃଦ୍ଧି ସତ୍ତ୍ୱେ ଓଡ଼ିଶା ସୁନାବଜାରରେ ବିଶେଷ ପ୍ରଭାବ ପରିଲକ୍ଷିତ ହୋଇନାହିଁ। ଆମ ଷ୍ଟୋର କଥା କହିବାକୁ ଗଲେ ଯଦିଓ ଅକ୍ଷୟ ତୃତୀୟାରେ ବ୍ୟବସାୟ ସାମାନ୍ୟ କମ୍ ରହିଥିଲା। ମାତ୍ର ଏହାର ପୂର୍ବ ଓ ପରଦିନ ବ୍ୟବସାୟ ସ୍ୱାଭାବିକ ରହିଥିଲା। ଏବେ ମଧ୍ୟ ସବୁ ବର୍ଗର ଲୋକଙ୍କ ମଧ୍ୟରେ ସୁନାଅଳଙ୍କାର ପ୍ରତି ପୂର୍ବପରି ଆଗ୍ରହ ରହିଛି। ସୁନା ଅଳଙ୍କାର କିଣିବାରେ ଯଦିଓ ସହରାଞ୍ଚଳ ଗ୍ରାହକଙ୍କ ସହ ଅଧିକ ମାତ୍ର ଗ୍ରାମାଞ୍ଚଳ ଗ୍ରାହକଙ୍କୁ ମଧ୍ୟ ଦରବୃଦ୍ଧି ପ୍ରଭାବିତ କରିଥିବା ପରି ମନେ ହେଉନାହିଁ। ଆୟ ଅନୁସାରେ ଲୋକ ସୁନାରେ ବ୍ୟୟ କରୁଛନ୍ତି। ଦର କମିବ ବୋଲି ତ କହିହେବନି। ୧ ହଜାର ଟଙ୍କା କମିଲେ ୨ହଜାରରୁ ୧୦ ହଜାର ଟଙ୍କା ବଢ଼ୁଛି। ତେଣୁ ଲୋକମାନେ ଆବଶ୍ୟକ ସମୟରେ ନିଶ୍ଚିତ ଭାବେ ସୁନା କିଣୁଛନ୍ତି।

**– ସିଦ୍ଧେଶ୍ୱର ରଥ, ମାର୍କେଟିଂ ମ୍ୟାନେଜର ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍**

### ବ୍ୟବସାୟୀ କ୍ଷତି ସହୁଛନ୍ତି



“ଯେହେତୁ ସୁନା ଦର ହଠାତ୍ ଏତେ ପରିମାଣରେ ବଢ଼ିଯାଇଛି, ଯାହାଫଳରେ ଲୋକମାନେ ସୁନା କିଣିବା ଏକଦମ୍ କମ୍ କରିଦେଇଛନ୍ତି। ଗତବର୍ଷ ତୁଳନାରେ ଯଦି ଏବର୍ଷର ବିକ୍ରିକୁ ଦେଖିବା ପ୍ରାୟ ୫୦ ପ୍ରତିଶତ କମ୍ ବିକ୍ରି ହୋଇଛି। ଗ୍ରାହକଙ୍କୁ ବାନ୍ଧି ରଖିବା ପାଇଁ ବର୍ତ୍ତମାନ ଅଳଙ୍କାର ବ୍ୟବସାୟୀ କ୍ଷତି ସହୁଛନ୍ତି। ସୁନା ଦରରେ ଆମେ କମ୍ ବେଶି କରିପାରିବୁନି, ତେଣୁ ମେକିଂ ଚାର୍ଜରେ ରିହାତି ହେଉ ବା ନିଶ୍ଚିତ ଉପହାର ଘୋଷଣା କରାଯାଉଛି। ସେଥିପାଇଁ ବ୍ୟବସାୟୀ ବିଶେଷ ଲାଭବାନ ହେଉନାହାନ୍ତି। ଯେହେତୁ ଅତ୍ୟଧିକ ଦର ବୃଦ୍ଧି ହୋଇଛି, ଆଗାମୀ ଦିନରେ ବେଶି ନ ହେଲେ ମଧ୍ୟ ଦାମ୍ ସାମାନ୍ୟ କମ୍ ହୋଇପାରେ।

**– ଦିଲୀପ କୁମାର ପାତ୍ର, ପରିଚାଳନା ନିର୍ଦ୍ଦେଶକ, ନାରାୟଣ ଜୁଏଲର୍ସ**

ରିପୋର୍ଟ: ଅନୁରାଧା ମହାରଣା, ଭୁବନେଶ୍ୱର





# ଖେଳ ଶିକ୍ଷକ ଚନ୍ଦ୍ରକାନ୍ତଙ୍କୁ ପଦୋନ୍ନତି ହେଲେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ



ଚନ୍ଦ୍ରକାନ୍ତ ପଦୋନ୍ନତି ପାଇବା ପରେ ଶୁଭେଚ୍ଛା ଜଣାଯାଉଛି।

**କାଳିପଦା, ୪।୫(ରାଜଶ୍ରୀ ପାଣିଗ୍ରାହୀ)**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ପାଉଁଶକୁଲି ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ଚନ୍ଦ୍ରକାନ୍ତ ଘଡାଇ ପଦୋନ୍ନତି ପାଇ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭାବେ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଘଡ଼ାଇଙ୍କ ଘର ବାଲିଆପାଳ ବ୍ଲକ ବଡ଼ାଶ ପଞ୍ଚାୟତ ଗୋପୀନାଥପୁର ଗ୍ରାମରେ। ଏହି ଅବସରରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଖେଳ ଶିକ୍ଷକ ତଥା ବାଲିଆପାଳ ବ୍ଲକ କ୍ରୀଡ଼ା ସମ୍ପାଦକ ଅମରେନ୍ଦ୍ର ପାତ୍ର, କାର୍ତ୍ତିକ ଭଞ୍ଜ, ପୀତବାସ ଗିରି, ମାନଗୋବିନ୍ଦ ଦାସ, ପରେଶ ଗିରି, ପଦ୍ମଲୋଚନ ବାରିକ, ପ୍ରଭାସ ରଞ୍ଜନ ସାମଲ, ଶିକ୍ଷୟିତ୍ରୀ ଅନିତା ମଣ୍ଡଳ, କନକଲତା ଗିରି ଶୁଭେଚ୍ଛା ଜଣାଇବା ସହିତ ପୁଷ୍ପଗୁଚ୍ଛ ଦେଇ ନୂତନ ଶାରୀରିକ ଶିକ୍ଷା ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ପୁଣି ଥରେ ଖଇରାକୁ ଅଣଦେଖା

## ବିଜ୍ଞାପିତ ଅଞ୍ଚଳ ଘୋଷଣା

**ଖଇରା, ୪।୫(ଉତ୍କଳବନ୍ଧୁ ପଣ୍ଡା)**

ସିମୁଳିଆ ନିର୍ବାଚନମଣ୍ଡଳୀ ଖଇରା ଓ ସିମୁଳିଆ ଦୁଇ ବ୍ଲକକୁ ନେଇ ଗଠିତ। ଆୟତନ, ଲୋକସଂଖ୍ୟା, ଭୋଟର, ରାଜସ୍ୱ ଆଦାୟ ସବୁ କିଛିରେ ଖଇରା ବ୍ଲକ ସିମୁଳିଆଠାରୁ ଢେର ଆଗରେ। ହେଲେ ବିଭିନ୍ନ କାର୍ଯ୍ୟାଳୟ ଖୋଲିବାରେ ହେଉ କି ଅର୍ଥ ଖର୍ଚ୍ଚରେ ହେଉ ସବୁ ସମୟରେ ସିମୁଳିଆକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ନଜିର ରହିଛି। ୧୯୭୩ ମସିହାରେ ସିମୁଳିଆ ସ୍ୱତନ୍ତ୍ର ନିର୍ବାଚନମଣ୍ଡଳୀ ଗଠନ ହେବା ପରଠାରୁ ଏହି ପ୍ରକ୍ରିୟା ଜାରି ରହିଛି। ଏହାର ପ୍ରମୁଖ କାରଣ ହେଲା ସିମୁଳିଆ ନିର୍ବାଚନମଣ୍ଡଳୀରୁ ବିଭିନ୍ନ ସମୟରେ ପ୍ରତିନିଧିତ୍ୱ କରୁଥିବା ନେତୃବୃନ୍ଦ ସିମୁଳିଆ ବ୍ଲକର ହୋଇଥିବା ଯୋଗୁ ଖଇରାବାସୀଙ୍କୁ ଆକ୍ରୋଶର ଶିକାର ହେବାକୁ ପଡୁଛି। ଏଭଳି ବିରୋଧୀ ଆସନରେ ରହୁଥିବା ବେଳେ ଖଇରା ପାଇଁ ମିଛ ଲୁହ ବୁହାଉଥିବା ନେତାମାନେ କ୍ଷମତାକୁ ଆସିବା ପରେ ସେମାନଙ୍କ ପ୍ରକୃତ ରୂପ ଦେଖାଇଥାନ୍ତି। ଏବେ ନିକଟରେ ବିଜ୍ଞାପିତ ଅଞ୍ଚଳ ଘୋଷଣାକୁ ନେଇ ଏକ ତାଲିକା





ସୋସିଆଲ ମିଡିଆରେ ଭାଇରାଲ ହେବା ଓ ଖଇରା ଏଥିରୁ ବାଦ୍ ପଡିବା ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଏବେ ପୁଣି ଥରେ ଦାବି ହାସଲ ପାଇଁ ଖଇରା ବିକାଶ ପରିଷଦ, ସ୍ୱାଭିମାନ ମଞ୍ଚ, ଜନଜାଗରଣ ମଞ୍ଚ ଭଳି ସାମାଜିକ ସଙ୍ଗଠନଗୁଡିକ ପ୍ରସ୍ତୁତି ଆରମ୍ଭ କରିଛନ୍ତି।

ଗତ ୨୦୨୪ ମାର୍ଚ୍ଚରେ ପୂର୍ବ ସରକାର ସମୟରେ ଏଭଳି ଏକ ନାଟକ ଦେଖିବାକୁ ମିଳିଥିଲା। ପ୍ରଥମେ ସିମୁଳିଆକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା ପରେ ଖଇରାରେ ତୀବ୍ର ପ୍ରତିବାଦ ଦେଖିବାକୁ ମିଳିଥିଲା। ଧାରଣା ଅନଶନ ପରେ ଖଇରାକୁ ମଧ ଏହି ତାଲିକାରେ ସ୍ଥାନ ମିଳିଥିଲା। ସରକାର ବଦଳିବା ପରେ ସେ ପୂର୍ବ ଘୋଷଣାକୁ ଅବୈଧ ଘୋଷଣା କରିବା ପରେ ଏବେ ପୁଣି ଥରେ ନୂତନ ଭାବେ ଓଡିଶାର ୩୪ଟି ସହରକୁ ବିଜ୍ଞାପିତ ଅଞ୍ଚଳ ଭାବେ ଘୋଷଣା କରିଛନ୍ତି। ପୁଣି ସେହି ପୁରୁଣା ପ୍ରଚଳିତ ଧାରାରେ ତାଲିକାରେ ସିମୁଳିଆ ଥିବା ବେଳେ ଖଇରାବାସୀଙ୍କୁ ଭକୁଆ କରାଯାଇଛି। କଣ ଆନ୍ଦୋଳନ କି ଧାରଣା ହେବ ପଛକଥା ହେଲେ ଖଇରାବାସୀଙ୍କ ପାଖରୁ ଲାଭ ଉଠାଇବା ସେମାନଙ୍କୁ ଏଭଳି କ୍ରୀତଦାସ କରି ରଖିବାରେ ପ୍ରଶାସନିକ ଅବହେଳା କି ରାଜନୈତିକ ଇଚ୍ଛାଶକ୍ତିର ଅଭାବ ସାଧାରଣରେ ପ୍ରଶ୍ନ ହୋଇରହିଛି। ପରବର୍ତ୍ତୀ ସମୟରେ ଖଇରାକୁ ଘୋଷଣା କରାଯିବା ନେଇ ପ୍ରକ୍ରିୟା ଜାରି ରହିଛି ବୋଲି କେତେଜଣ ପ୍ରଶାସନିକ ଅଧିକାରୀ ସଫେଇ ଦେଉଥିଲେ ହେଁ ଏକକାଳୀନ ଘୋଷଣାରେ ଅସୁବିଧା କଣ ଥିଲା ବୋଲି ଅଭିଯୋଗ ହୋଇଛି।

### ଏମାନେ ଯାହା କୁହନ୍ତି...

“କେବଳ ବିଜ୍ଞାପିତ ଅଞ୍ଚଳ ପରିଷଦ କଥା ନୁହେଁ ପୂର୍ବରୁ ବହୁ ଘଟଣାରେ ସିମୁଳିଆ ନେତାମାନେ ଖଇରାକୁ କେବଳ ଭୋଟବ୍ୟାଙ୍କ ଭାବେ ବ୍ୟବହାର କରୁଛନ୍ତି।

**-ଜଗତାନନ୍ଦ ମହାପାତ୍ର, ବାମପନ୍ଥୀ ନେତା**

“୩୭ ପଞ୍ଚାୟତ ବିଶିଷ୍ଟ ଖଇରା ବ୍ଲକ ଜିଲାରେ ଦ୍ୱିତୀୟ ବୃହତ୍ତମ ବ୍ଲକ ହୋଇଥିବା ବେଳେ ସବୁ ସମୟରେ ଏହି ବ୍ଲକ ପ୍ରତି ଅନ୍ୟାୟ କରାଯାଉଛି। ସମସ୍ତେ ଏକଜୁଟ ହୋଇ ଏଭଳି ଅନ୍ୟାୟର ପ୍ରତିବାଦ କରିବା ଦରକାର।

**-ପ୍ରଭାତ କୁମାର ଦାସ, ଅନୁଶାସନ ଅଧିକାରୀ**

“ଖଇରାବାସୀ ସର୍ବଦା ସିମୁଳିଆ ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା ନେତାମାନଙ୍କର ଗୋଡାଣିଆ ହେଉଥିବାରୁ ଖଇରା ସବୁ କ୍ଷେତ୍ରରେ ଅବହେଳିତ ହୋଇରହିଛି।

**-ମାନସ କୁମାର ମହାପାତ୍ର, ଯୁବ ସଙ୍ଗଠକ**

“ପ୍ରତିକଥାରେ ଖଇରା ଉପେକ୍ଷିତ। ଯଦି ସରକାର ଖୁବଶୀଘ୍ର ଏହାର ପୁନର୍ବିଚାର ନ କରନ୍ତି ତେବେ ଏହା ବିରୋଧରେ କିଭଳି ପ୍ରତିବାଦ କରାଯିବ ସେ ସମ୍ପର୍କରେ ବିକାଶ ପରିଷଦର ଆଗାମୀ ବୈଠକରେ ନିଷ୍ପତ୍ତି ନିଆଯିବ।

**-ଦୀନବନ୍ଧୁ ଖଟୁଆ, ସଭାପତି, ଖଇରା ବିକାଶ ପରିଷଦ**

# 'ଅଭିପ୍ସା ଫ୍ୟାଶନ' ଶୋ'ରୁମ୍ ଉଦ୍‌ଘାଟିତ



ପୂର୍ବତନ ବିଧାୟକ ପର୍ଶୁରାମ ଧଡ଼ା ଶୋ'ରୁମ୍‌କୁ ଉଦ୍‌ଘାଟନ କରୁଛନ୍ତି।

**ବାହାନଗା, ୪।୫(ଅରୂପ୍ କୁମାର ଦାସ)**

ବାହାନଗା ବ୍ଲକ ଗୋପାଳପୁର ବଜାରରେ ରବିବାର ନୂତନ ଶୋରୁମ୍ 'ଅଭିପ୍ସା ଫ୍ୟାଶନ' ଉଦ୍‌ଘାଟିତ ହୋଇଛି। ।ଏହାକୁ ପୂର୍ବତନ ବିଧାୟକ ପର୍ଶୁରାମ ଧଡ଼ା ଉଦ୍‌ଘାଟନ କରିଥିଲେ। ଶୋରୁମ୍‌ରେ ଭଲ ଭଲ ବ୍ରାଣ୍ଡର ପୋଷାକ ସହ ମହିଳାଙ୍କ ପାଇଁ ଲୁଗା ମଧ ସୁଲଭ ମୂଲ୍ୟରେ ଉପଲବ୍ଧ ଅଛି। ଯାହାକି ବିକ୍ରି ମୂଲ୍ୟଠାରୁ ରିହାତି ଦରରେ ଗ୍ରାହକଙ୍କୁ ପ୍ରଦାନ କରାଯାଉଛି ବୋଲି ଶୋରୁମ୍‌ର ମାଲିକ ଅକ୍ଷୟ କୁମାର ଜେନା, ବିନତୀ ଜେନା ପ୍ରକାଶ କରିଛନ୍ତି। ଏହି ଶୋରୁମ ଗୋପାଳପୁର ମଣିଭଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ଫାଟକ ସାମ୍ନାରେ ଥିବା ବଜାରର ଉପରମହଲାରେ ଖୋଲାଯାଇଛି। ଉଦ୍‌ଘାଟନୀ ସମାରୋହରେ ପୂର୍ବତନ ବିଧାୟକ ଧଡା, ବ୍ଲକ ଅଧକ୍ଷ ବିଶ୍ୱନାଥ ମିଶ୍ର, ଗୋପାଳପୁର ସମିତିସଭ୍ୟ ଯୋଗେଶ ଚନ୍ଦ୍ର ପତି, ପଣ୍ଡାଶୁଣି ପଞ୍ଚାୟତ ସରପଞ୍ଚ ପରୀକ୍ଷିତ ମାଝି, ଭଦ୍ରକ ଏମ୍‌ପିଙ୍କ ପ୍ରତିନିଧି ଜୟନ୍ତ ମହାନ୍ତି ,ସୋର ବ୍ଲକର ଭଦ୍ରକ ଏମ୍‌ପିଙ୍କ ପ୍ରତିନିଧି ଦୀପ୍ତିକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# କଂକ୍ରିଟ୍, ପିଚୁ ରାସ୍ତା ଉପରେ କାଦୁଅ ପଚପଚ



**ବସ୍ତା, ୪।୫(ହରିଶଙ୍କର ପାଢ଼ି)**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ଗାନ୍ଧିଛକ-ଦରଡ଼ା ଓ ଦରଡ଼ା-ସାର୍ଥା ରାସ୍ତା ଏବେ ମରଣଯନ୍ତା ପାଲଟିଛି। ରବି ଧାନ କଟା ନିମନ୍ତେ ବ୍ୟବହୃତ ହାର୍ଭେଷ୍ଟର ଓ ଟ୍ରାକ୍ଟର ଯାତାୟାତ ଯୋଗୁ ଏହି କଂକ୍ରିଟ୍ ଓ ପିଚୁ ରାସ୍ତା କାଦୁଅ ପଚ ପଚ ହୋଇ ବିପଦ ସୃଷ୍ଟି କରିଛି। ଉଭୟ ରାସ୍ତା ପାର୍ଶ୍ୱରେ ଥିବା ଚାଷ ଜମିରୁ ଚାଷୀମାନେ ହାର୍ଭେଷ୍ଟର ଯୋଗେ ଧାନ କାଟି ଟ୍ରାକ୍ଟରରେ ଧାନ ଘରକୁ ନେଉଛନ୍ତି। ଚାଷ ଜମିରେ କାଦୁଅ ଯୋଗୁ ଟ୍ରାକ୍ଟର ଓ ହାର୍ଭେଷ୍ଟର ଚକରେ ବହୁ ପରିମାଣର କାଦୁଅ ଆସି ରାସ୍ତା ଉପରେ ପଡୁଛି। ଏ ଦିଗରେ ହାର୍ଭେଷ୍ଟର ମାଲିକ କି ଚାଷୀମାନଙ୍କର ନଜର ନ ଥିବାରୁ ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ଗତ ଗୁରୁବାର ଚକୁରିରୁ ୨ଜଣ ମହିଳା ସ୍କୁଟି ଯୋଗେ ସାହାଡ଼ା ଯାଉଥିବା ବେଳେ କାଦୁଅ ସଂସ୍ପର୍ଶରେ ଆସି ସ୍କୁଟିରୁ ପଡ଼ିଯାଇଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବସ୍ତା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅଦ୍ୟାବଧି ଭୁବନେଶ୍ୱରରେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ସମସ୍ୟାର ସମାଧାନ ଦିଗରେ ଅଞ୍ଚଳବାସୀ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

# ପ୍ରଶାନ୍ତଙ୍କ ପରିବାରକୁ ୨୦ଲକ୍ଷ ସହାୟତା



ପ୍ରଶାନ୍ତଙ୍କ ସ୍ତ୍ରୀଙ୍କୁ ସହାୟତା ରାଶିର ଚେକ୍ ପ୍ରଦାନ କରାଯାଉଛି।

**ବାଲେଶ୍ୱର, ୪।୫(ବାଞ୍ଛାନିଧି ଦେ)**

ଜମ୍ମୁ-କଶ୍ମୀରର ପହଲଗାମ୍‌ଠାରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବାଲେଶ୍ୱର ସଦର ବ୍ଲକ ଅଧୀନ ସାରଗାଁ ପଞ୍ଚାୟତ ଇଶାଣୀ ଗ୍ରାମର ପ୍ରଶାନ୍ତ ଶତପଥୀଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସହାୟତା ରାଶି ମିଳିଛି। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଦଳ ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସମେତ ପ୍ରଶାସନିକ ଅଧିକାରୀଗଣ ତାଙ୍କ ବାସଭବନରେ ରବିବାର ସନ୍ଧ୍ୟାରେ ପହଞ୍ଚି ପ୍ରଶାନ୍ତଙ୍କ ସ୍ତ୍ରୀ ପ୍ରିୟଦର୍ଶନୀଙ୍କୁ ୨୦ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ତାଙ୍କ ସ୍ତ୍ରୀଙ୍କୁ ସରକାରୀ ଚାକିରି ଦେବା ସହ ପୁଅର ପାଠପଢ଼ା ନିମନ୍ତେ ସରକାର ସମ୍ପୂର୍ଣ୍ଣ ଦାୟିତ୍ୱ ନେଇଛନ୍ତି। ପରିବାର ସହ ରାଜ୍ୟ ସରକାର ସର୍ବଦା ଅଛନ୍ତି ବୋଲି ଏମ୍‌ପି ଷଡ଼ଙ୍ଗୀ କହିଥିଲେ।

ଇଶାଣୀ ଗ୍ରାମର ପ୍ରଶାନ୍ତ ଶତପଥୀ(୪୧) ଗତ ଏପ୍ରିଲ ୧୯ରେ ସ୍ତ୍ରୀ ପ୍ରିୟଦର୍ଶିନୀ ଓ ପୁଅ ତନୁଜଙ୍କୁ ନେଇ ଗ୍ରୀଷ୍ମଋତୁରେ ଜମ୍ମୁ କଶ୍ମୀର ବୁଲିବା ପାଇଁ ଯାଇଥିଲେ। ୨୨ତାରିଖରେ ସେଠାରେ ପୁଅ ଓ ସ୍ତ୍ରୀଙ୍କ ସହିତ ପ୍ରଶାନ୍ତ ବୁଲୁଥିବା ବେଳେ ଆତଙ୍କବାଦୀମାନେ ଅତର୍କିତ ଗୁଳିମାଡ଼ କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଜଗନ୍ନାଥ ସେବାସଂସ୍ଥାର ସାମ୍ବତ୍ସରିକ ସମାରୋହ



କବି କାଳିପଦ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୪।୫**

ବାଲେଶ୍ୱର ଜିଲା ବାଲିଆପାଳ ଜଗନ୍ନାଥ ସେବା ସଂସ୍ଥାର ବାର୍ଷିକ ସାମ୍ବତ୍ସରିକ ସମାରୋହ ରବିବାର ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଦୀନକୃଷ୍ଣ ସାହିତ୍ୟ ପରିଷଦର କାର୍ଯ୍ୟକାରୀ ସଭାପତି ବ୍ରଜେନ୍ଦ୍ର ନାଥ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବସ୍ତା ବିଧାୟକ ସୁବାସିନୀ ଜେନା, ମୁଖ୍ୟବକ୍ତା ଭାବେ କବି କାଳିକିଙ୍କର ଦାସ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ଡ. ବିଜୟ କୁମାର ଦେ, କବି କାଳିପଦ ପଣ୍ଡା, ଜଗନ୍ନାଥ ସେବା ସଂସ୍ଥାର ପୃଷ୍ଠପୋଷକ ଶିକ୍ଷାବିତ ଜଗନ୍ନାଥ ପ୍ରଧାନ, ଅଧ୍ୟାପକ ଦୟାନିଧି ସାହୁ, ଶଙ୍କରୀମଣି ପ୍ରଧାନ ପ୍ରମୁଖ ଯୋଗଦେଇ ସଂସ୍ଥାର ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଥଲେ।

ଏହି ଅବସରରେ ଅତିଥିଙ୍କ ଦ୍ୱାରା ଜଗନ୍ନାଥ ସେବା ସଂସ୍ଥାର ମୁଖପତ୍ର ଆମ ଗୌରବ ଓ ଜଗନ୍ନାଥ ପ୍ରଧାନଙ୍କ ପୁସ୍ତକ ଅର୍ଘ୍ୟଥାଳୀର ଶୁଭ ଉନ୍ମୋଚନ କରାଯିବା ସହିତ କବି କାଳିପଦ ପଣ୍ଡାଙ୍କୁ ସାହିତ୍ୟ କ୍ଷେତ୍ରରେ ନିଜର ପାରଦର୍ଶିତା ପାଇଁ ସଂସ୍ଥା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସ୍ଥାର ସଦସ୍ୟ ଡ. ରଶ୍ମିତା ପାଣିଗ୍ରାହୀ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଝାଡ଼େଶ୍ୱର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜକୃଷ୍ଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲା ପ୍ରଶାସନ ପକ୍ଷରୁ ରେଷ୍ଟୁରାଣ୍ଟରେ ଚଢ଼ାଉ

## ୧୪ହଜାର ଟଙ୍କା ଜରିମାନା

**ବାଲେଶ୍ୱର, ୪।୫(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ଶନିବାର ସହର ସ୍ଥିତ ୨ଟି ରେଷ୍ଟୁରାଣ୍ଟରେ ଚଢ଼ାଉ କରାଯାଇଛି। ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ନେତୃତ୍ୱରେ ଏକ ଟିମ୍ ଏଡିଏମ୍ ଛକସ୍ଥିତ ଓଡ଼ିଶୀ ରେଷ୍ଟୁରାଣ୍ଟ, ଓଟିରୋଡ୍‌ସ୍ଥିତ ୟମ୍ ଚାଇନିଜ୍ ରେଷ୍ଟୁରାଣ୍ଟରେ ଚଢ଼ାଉ କରାଯାଇଥିଲା। ବାସି ଖାଦ୍ୟ ଓ ଏକ୍ସପାଏରୀ ସାମଗ୍ରୀ ବିକ୍ରି କରାଯାଉଥିବା ଅଭିଯୋଗରେ ଓଡ଼ିଶୀ ରେଷ୍ଟୁରାଣ୍ଟ ୧୨ହଜାର ଟଙ୍କା ଓ ୟମ୍ ଚାଇନିଜ୍‌କୁ ୨ହଜାର ଟଙ୍କା ଜରିମାନା କରାଯାଇଥିବା ଉପଜିଲାପାଳ ରାଜେଶିର୍କେ କହିଛନ୍ତି। ବାଲେଶ୍ୱର ସହରର ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟରେ ପ୍ରସ୍ତୁତ ଖାଦ୍ୟ ପଦାର୍ଥର ମାନ ଓ ଗୁଣବତ୍ତା ଠିକ୍ ରହୁନାହିଁ ବୋଲି ବାରମ୍ବାର ଅଭିଯୋଗ ହୋଇଆସୁଥିଲା।

# ସୁବର୍ଣ୍ଣରେଖା ବାଲିଘାଟ ବନ୍ଦ ଦାବିରେ ଜନସମାବେଶ

**ଜଳେଶ୍ୱର, ୪।୫(ନବୀନ ସାହୁ)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ମାକିଡ଼ିଆଠାରେ ସୁବର୍ଣ୍ଣରେଖା ନଦୀର ବାଲିଘାଟ ବନ୍ଦ ଦାବି କରି ରବିବାର ମାକିଡ଼ିଆ ହାଟ ପଡ଼ିଆରେ ୧ ହଜାରରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଏକାଠି ହୋଇଛନ୍ତି। ମାକିଡ଼ିଆ ବାଲି ଖାଦାନରୁ ବାଲି ଉତ୍ତୋଳନ ବେଳେ ଗ୍ରାମବାସୀ ଦୁଇ ଜେସିବିକୁ ଅଟକ ରଖିଥିଲେ। ଜଳେଶ୍ୱର ଥାନା ପୋଲିସ ଶନିବାର ବିଳମ୍ବିତ ରାତିରେ ଉକ୍ତ ଜେସିବିକୁ ଆଣିଥିଲେ। ଗ୍ରାମବାସୀ ବିରୋଧ କରିବାରୁ ୨ଜଣଙ୍କୁ ପୋଲିସ ଉଠାଇ ଆଣିଥିଲା। ଫଳରେ ଉତ୍ତେଜନା ଦେଖାଦେଇଥିଲା।

ଗତ ଏପ୍ରିଲ ୨୯ ତାରିଖ ରାତିରେ ମାକିଡ଼ିଆ ବାଲି ଖାଦାନରେ ବାଲି ଉତ୍ତୋଳନ ହେଉଥିବା ବେଳେ ଏହାକୁ ବିରୋଧ କରି ଗ୍ରାମବାସୀ ୧୦ଟି ଟ୍ରାକ୍ଟର ଓ ୨ଟି ଜେସିବିକୁ ଖାଦାନରୁ ଉଠାଇ ଆଣି ଗାଁରେ ଅଟକ ରଖିଥିଲେ। ଆପୋଷ ବୁଝାମଣା ପରେ ଟ୍ରାକ୍ଟରଗୁଡ଼ିକୁ ଛାଡ଼ି



ସମାବେଶରେ ସାମିଲ ମହିଳା, ପୁରୁଷ।

ଦେଇଥିଲେ। ତେବେ ଶନିବାର ରାତି ପ୍ରାୟ ୧ଟା ୩୦ମିନିଟ୍ ସମୟରେ ବସ୍ତା ଏସ୍‌ଡିପିଓ ମାନସ ରଞ୍ଜନ ଦେଓ, ଜଳେଶ୍ୱର ଏସ୍‌ଡିପିଓ ବ୍ରଜମୋହନ ପ୍ରଧାନ, ଜଳେଶ୍ୱର ପୋଲିସ୍ ଅଧିକାରୀ ଜୟନ୍ତ ବେହେରା, ରାଇବଣିଆ ପୋଲିସ ଅଧିକାରୀ ଜ୍ୟୋସ୍ନାରାଣୀ ପାତ୍ର ପହଞ୍ଚି ଉକ୍ତ ଜେସିବି ୨ଟିକୁ ନେଉଥିଲେ। ତେବେ ଦିନରେ ନ ନେଇ ରାତିରେ କାହିଁକି ନିଆଯାଉଛି ବୋଲି କହି ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ବିରୋଧ କରୁଥିବା କେଜେଣ ମହିଳାଙ୍କୁ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ରାତିରେ ଗ୍ରାମରେ ଉତ୍ତେଜନା ଦେଖା ଦେଇଥିଲା। ପ୍ରତିବାଦରେ ରବିବାର ଅପରାହ୍ନ ୫ଟାରେ ୧ହଜାରରୁ ଉର୍ଦ୍ଧ୍ୱ ମହିଳା ଏକ ଶୋଭାଯାତ୍ରାରେ ବାହାରି ରାଇବଣିଆ ଥାନା ସମ୍ମୁଖରେ ପହଞ୍ଚିଥିଲେ। ମହାନଦୀ ବଞ୍ଚାଅର ଆବାହକ ସୁଦର୍ଶନ ଦାସ ତୁରନ୍ତ ବାଲି ଖାଦାନ ବନ୍ଦ ପାଇଁ ଦାବି କରିଥିଲେ। ଜଳେଶ୍ୱର ତହସିଲଦାର ଗୌରାଙ୍ଗ ଘୋଷ, ଗ୍ରୀନ୍ ଟ୍ରିବ୍ୟୁନାଲର ଓକିଲ ଶଙ୍କର ପାଣି, ଚନ୍ଦ୍ରମୋହନ କାପୁଡ଼ି, ହେମନ୍ତ ଗିରି, ଖଗେନ୍ଦ୍ର ସାମଲ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ୨ ପ୍ଲାଟୁନ ପୋଲିସ ମୁତୟନ କରାଯାଇଛି।

ଏ ନେଇ ସରକାରୀ ବାଲି ଖାଦାନର ମାଲିକ ସୁଶାନ୍ତ ସାହୁ ପ୍ରତିକ୍ରିୟାରେ କହିଛନ୍ତି ଜେସିବିମାଧମରେ ଆମର ବାଲିଉତ୍ତୋଳନ ହେଉନାହିଁ। ଜେସିବି ଖାଦାନରେ ଟ୍ରାକ୍ଟର ଫସିଲେ ଏହା ଉଦ୍ଧାର ପାଇଁ ରହିଥାଏ। ଅଭିଯୋଗ କରୁଥିବା ବ୍ୟକ୍ତିମାନେ ଆଗରୁ ଏହି ଖାଦାନରୁ ପ୍ରତ୍ୟେକ ଦିନ ଶହ ଶହ ଟ୍ରାକ୍ଟର ବାଲି ଚୋରି କରୁଥିଲେ। ଚୋରି ହୋଇଥିବା ଜେସିବିକୁ ଆମେ ଉଦ୍ଧାର ପାଇଁ ଯାଇଥିଲୁ ବୋଲି ଜଳେଶ୍ୱର ଏସ୍‌ଡିପିଓ ବ୍ରଜମୋହନ ପ୍ରଧାନ କହିଛନ୍ତି।

# ମାନବିକତା ଦେଖାଇଲେ ଏମ୍‌ପି

## ମେଧାବୀ ଛାତ୍ରୀଙ୍କ ଉଚ୍ଚଶିକ୍ଷା ଲାଗି ବ୍ୟବସ୍ଥା କଲେ

**ନୀଳଗିରି, ୪।୫(ପ୍ରଶାନ୍ତ ବିଶ୍ୱାଳ)**

ମାଟ୍ରିକ ପରୀକ୍ଷାରେ ନୀଳଗିରି ଏନ୍‌ଏସି ୬ନମ୍ବର ୱାର୍ଡର କାବେରୀ ବେହେରା ୫୪୧ ନମ୍ବର ରଖି ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜନ୍ମର କିଛିଦିନ ପରେ ବାପା କାବେରୀଙ୍କୁ ପରହାତରେ ଟେକିଦେବା ପାଇଁ ଇଚ୍ଛା କରିଥିଲେ। ଜେଜେମା ଶୈଳବାଳା ନାତୁଣୀଙ୍କୁ ନିଜ ପାଖରେ ରଖି ପାଳିପୋଷି ପାଠ ପଢ଼ାଇଲେ। ସେବେଠୁ ମା'ବାପା ଝିଅଠାରୁ ଅଲଗା ହୋଇଗଲେ। ଶେଷରେ ଦାଦା, ପଡ଼ୋଶୀ, ବଦାନ୍ୟ ବ୍ୟକ୍ତି ଏବଂ ବିଦ୍ୟାଳୟର ଶିକ୍ଷୟତ୍ରୀଶିକ୍ଷକଙ୍କ ସହଯୋଗରେ କାବେରୀ ପାଠ ପଢ଼ିଲେ। ନୀଳଗିରିର କୈଳାସ ଚନ୍ଦ୍ର ଉଚ୍ଚବିଦ୍ୟାଳୟରେ ଅଧୟନରତ କାବେରୀ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅର୍ଥର ଅଭାବ ଥିବାରୁ ଉଚ୍ଚଶିକ୍ଷା ପଢ଼ିବା ଆଶା ମଉଳି ଯାଇଥିଲା। ରବିବାର ଅପରାହ୍ନରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଝିଅକୁ ପୋଷ୍ୟ କନ୍ୟା କରିବା ସହିତ ତାଙ୍କ ପାଠ ପଢ଼ା ପାଇଁ ଖାଡ଼େଶ୍ୱର କଲେଜ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିଥିଲେ। ଏମ୍‌ପିଙ୍କ ଆଗ୍ରହକୁ ସମ୍ମାନ ଜଣାଇ ଉକ୍ତ କଲେଜର ସ୍ୱତ୍ତ୍ୱାଧିକାରୀ ପରମାନନ୍ଦ ସାନ୍ତରା ଝିଅର ସମସ୍ତ ପଢ଼ା ଖର୍ଚ୍ଚ ବହନ କରିବା ସହ ହଷ୍ଟେଲ, ଲାପଟପ୍, ବହିଖାତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

# ୭ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ସିମୁଳିଆ, ୪।୫(ସନ୍ତୋଷ ନାୟକ)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ସମ୍ମିଳନୀ ପ୍ରକୋଷ୍ଠରେ ଶନିବାର ମଧ୍ୟାହ୍ନରେ ମାଟ୍ରିକ ପରୀକ୍ଷାରେ ସଫଳତା ପାଇଥିବା ବ୍ଲକର ୭ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ସିମୁଳିଆ ଓଷ୍ଟା ସଙ୍ଗଠନ ଓ ଦିବଂଗତ ଶିକ୍ଷୟିତ୍ରୀ ସଂଯୁକ୍ତା ମହାପାତ୍ର ମେଧା ସ୍ମୃତି ସଂସଦ ପକ୍ଷରୁ ସମ୍ମାନ ପ୍ରଦାନ କରାଯାଇଥିଲା।

ଶନିବାର ସକାଳେ ସିମୁଳିଆ ବ୍ଲକ ଟପ୍ପର ହୋଇଥିବା ପ୍ରଣବ ଶେଖର ବଳଙ୍କୁ ସିମୁଳିଆ ପ୍ରେସ କ୍ଲବ ପକ୍ଷରୁ ମଧ

## ଦୁର୍ଦ୍ଦିନ, ଦାରିଦ୍ର୍ୟ ସଫଳତାର ପଥରୋଧ କରିପାରେନା

ସମ୍ବର୍ଦ୍ଧିତ କରାଯାଇଥିଲା। ଓଷ୍ଟା ସଭାପତି ଭଗବାନ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ବନମାଳୀ ନାୟକ ପ୍ରାକ୍‌ସୂଚନା ପ୍ରଦାନ, ସମ୍ପାଦକ ପ୍ରସନ୍ନ କୁମାର ଧଳ ବିବରଣୀ ପ୍ରଦାନ ଓ ପ୍ରଧାନ ଶିକ୍ଷକ ସୂର୍ଯ୍ୟମଣି ବୋଇତି ମଞ୍ଚ ସଞ୍ଚାଳନା କରିବା ସହିତ ଦୁର୍ଦ୍ଦିନ, ଦୁର୍ଦ୍ଦଶା ଓ ଦାରିଦ୍ରେ ସଫଳତାର ପଥରୋଧ କରିପାରେନା ବୋଲି ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ କହିଥିଲେ। ସେହିପରି ଛାତ୍ରୀଛାତ୍ରମାନେ ପରିବେଶ ସମ୍ପର୍କରେ ସଚେତନ ରହିବା ପାଇଁ ଅନୁଶିକ୍ଷା ଅଧିକାରୀ ଅଜୟ କୁମାର ପଣ୍ଡା ସୂଚନା ଦେଇଥିଲେ। ମୁଖ୍ୟଅତିଥି ରୂପେ ବିଧାୟକ ପଦ୍ମଲୋଚନ ପଣ୍ଡା କୃତୀମାନଙ୍କୁ ସମ୍ମାନିତ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବ୍ଲକ ଅଧକ୍ଷ ବାବାଜୀ ଚରଣ ମଳିକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଦାଧର ଦାସ, ବିଡିଓ ଗୋପୀନାଥ ଖାଖା ପ୍ରମୁଖ ଯୋଗ ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ କାଞ୍ଚନ କମଳା ବିଦ୍ୟାଳୟର ପ୍ରଣବ ଶେଖର ବଳ, ୟୁଏନ୍ ଏକାଡେମୀର ଲକ୍ଷ୍ମୀପ୍ରିୟା ନାୟକ, ବାଲିଖଣ୍ଡର ଚିନ୍ମୟୀନନ୍ଦୀ ଶିଆଳ, ପଞ୍ଚାୟତ ହାଇସ୍କୁଲ ବାଟିର ପ୍ରଭାତ କୁମାର ମହାପାତ୍ର, ଦଶଭୁଜାର ଉତ୍ତମ କୁମାର ପଣ୍ଡା, ବାଲିଖଣ୍ଡର ଅନନ୍ୟା ମିଶ୍ର ଓ ରଘୁନାରାୟଣ ବିଦ୍ୟାଳୟର ଗୀତାଞ୍ଜଳୀ ମାଝି ସମ୍ମାନିତ ହୋଇଥିଲେ। ସେହିପରି ରାମକୃଷ୍ଣପୁର ଅଞ୍ଚଳର କାଞ୍ଚନ କମଳା ବିଦ୍ୟାଳୟର କୃତୀ ୩ଜଣ ଛାତ୍ରଙ୍କୁ ବିଦ୍ୟାଳୟ ପରିସରରେ ସମ୍ମାନିତ କରାଯାଇଥିଲା।



ଅତିଥିଙ୍କ ଗହଣରେ ସମ୍ମାନିତ ୭ କୃତୀ ଛାତ୍ରୀଛାତ୍ର।

# ରାସ୍ତା ପାଇଁ ନା, ବିଦ୍ୟୁତ୍ ବିଭାଗକୁ ଦରଦ

**ବାହାନଗା, ୪।୫(ଅରୂପ୍ କୁମାର ଦାସ)**

ବାଲେଶ୍ୱର ଜିଲା ବାହାନଗା ବ୍ଲକରେ ଏବେ ଦେଖିବାକୁ ମିଳିଛି ବନବିଭାଗର ବିଚିତ୍ର ନୀତି। ବାହାନଗା-ତାଳପଦା ମୁଖ୍ୟ ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ରାସ୍ତାକଡ଼ରେ ଥିବା ବଡ଼ ବଡ଼ ଗଛ କାଟିବାକୁ ପୂର୍ତ୍ତବିଭାଗ ବନବିଭାଗକୁ ଚିଠି ଲେଖି ନୟାନ୍ତ ହୋଇଥିଲେ ମଧ ଅନୁମତି ମିଳି ନ ଥିଲା। ହେଲେ ବିଦ୍ୟୁତ୍ ବିଭାଗ ଏବେ ରାସ୍ତା କଡରେ ନୂତନ ଖୁଣ୍ଟି ପୋତି ବିଦ୍ୟୁତ ତାର ଟାଣୁଛି। ରାସ୍ତା କଡରେ ଥିବା ପୁରୁଣା ଗଛର ସମସ୍ତ ଡାଳ କାଟିବା ସହିତ ଗଣ୍ଡି ପର୍ଯ୍ୟନ୍ତ କାଟି ଖୁଣ୍ଟା କରି ପକାଉଛି। ଖରାଦିନେ ଗଛଗୁଡିକୁ କାଟି ଖୁଣ୍ଟା କରିବାକୁ ବନବିଭାଗ କିପରି ଅନୁମତି ଦେଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବାହାନଗା-ତାଳପଦା ମୁଖ୍ୟରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ୨୭ କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ ହୋଇଛି । ମାତ୍ର କାମ ସରିବାକୁ ବସିଥିଲେ ମଧ ରାସ୍ତା ସମ୍ପ୍ରସାରଣ କଲା ବେଳେ ରାସ୍ତା କଡରେ ଥିବା ପୁରୁଣା ଗଛକୁ କାଟିବା ନିମନ୍ତେ ଏପର୍ଯ୍ୟନ୍ତ ବନବିଭାଗ ଅନୁମତି ଦେଇ ନ ଥିବାରୁ ରାସ୍ତା ମଝିରେ ଗଛ ଛିଡା ହୋଇଛି । ମାତ୍ର ବିଦ୍ୟୁତ୍ ବିଭାଗ ସ୍ଥାନେ ସ୍ଥାନେ ଗଛର ଗଣ୍ଡି ପର୍ଯ୍ୟନ୍ତ ହାଣି ତାର ଟାଣିବାରେ ସଫଳ ହେଉଛି। ବାହାନଗାରୁ ଗୋପାଳପୁରକୁ ୩୩ କେଭି ବିଦ୍ୟୁତ ତାର ଟଣା କାର୍ଯ୍ୟ ଚାଲିଛି। ବାହାନଗା-ତାଳପଦା କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା କଡରେ ନୂତନ ଖୁଣ୍ଟି ପୋତାଯାଇ ବିଦ୍ୟୁତ ତାର ଟଣାଯାଉଛି। ମାତ୍ର ଯେଉଁ ରାସ୍ତାକଡରେ ବିଦ୍ୟୁତ ଖୁଣ୍ଟି ପୋତାଯାଇ ତାର ଟଣା ଯାଉଛି, ସେହି ରାସ୍ତା କଡରେ ଥିବା ପୁରୁଣା ଗଛଗୁଡିକର ଡାଳ କାଟି ବିଦ୍ୟୁତ ବିଭାଗ ଖୁଣ୍ଟା କରି ପକାଉଛି। ସରକାରୀ ନିୟମ ଅନୁଯାୟୀ ରାସ୍ତା



ବିଦ୍ୟୁତ୍ ବିଭାଗ ପକ୍ଷରୁ ରାସ୍ତାକଡ଼ରେ ଥିବା ଗଛର ଡାଳ କାଟି ତାର ଟଣାଯାଉଛି।

## ବନବିଭାଗର ବିଚିତ୍ର ନୀତି

ନିର୍ମାଣ ପାଇଁ ଯେତିକ ଗଛ କଟାଯିବ ତା' ବଦଳରେ ତାର ୨ ଗୁଣ ଅଧିକ ଗଛ ସେହି ରାସ୍ତା କଡରେ ଲଗାଇବେ ସମ୍ପୃକ୍ତ ଠିକାଦାର । ମାତ୍ର ତାର ରକ୍ଷଣାବେକ୍ଷଣ ମଧ ରାସ୍ତା କାମ କରୁଥିବା ଠିକାଦାର କରିବ, ସେଥିପାଇଁ ପୂର୍ତ୍ତବିଭାଗ ଅର୍ଥ ମଞ୍ଜୁର କରିଥାଏ। ରାସ୍ତା ସମ୍ପ୍ରସାରଣ ହେଉଥିଲେ ମଧ ଗଛ କଟାଯିବା ପାଇଁ ବନବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ବେଳେ ଏବେ କିପରି ଚୁପ୍ ବସିଛି । ଏ ସମ୍ପର୍କରେ ବନବିଭାଗର କୁରୁଣିଆଁ ବିଟ୍‌ରେ ଥିବା ବନସୁରକ୍ଷା ଅଧିକାରୀ ଦେବରାଜ ରାଉତ ଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସେ ଜାଣି ନାହାନ୍ତି। ଦୁଇଦିନ ହେଲା ସେ ଛୁଟିରେ ଥିଲେ। ସେଭଳି କେହି ଗଛଗୁଡିକୁ ଖୁଣ୍ଟା କରି କାଟିପାରିବେ ନାହିଁ ବୋଲି କହିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଷ୍ଟ୍ରେଲିଆକୁ ହରାଇଲା ଭାରତ



ଭାରତ ପାଇଁ ବିଜୟୀ ସୂଚକ ଗୋଳ କରିଥିବା ନବନୀତ କୌର।

**ପର୍ଥ,୪।୫(ପି.ଟି.)**

ଭାରତୀୟ ମହିଳା ହକି ଦଳ ଜବରଦସ୍ତ ପ୍ରଦର୍ଶନ ବଳରେ ଅଷ୍ଟ୍ରେଲିଆକୁ ୧-୦ ଗୋଲରେ ପରାସ୍ତ କରିଛି। ଏହି ବିଜୟ ସହ ଭାରତୀୟ ଦଳ ତା'ର ଅଷ୍ଟ୍ରେଲିଆ ଟୁର ଶେଷ କରିଛି। ସିରିଜ୍‌ରେ ୫ ମ୍ୟାଚ୍ ଖେଳିଥିବା ଭାରତୀୟ ଦଳ ଲାଗି ଏହା ଏକମାତ୍ର ବିଜୟ। ଏଥିପୂର୍ବରୁ ଭାରତୀୟ ଦଳ, ଅଷ୍ଟ୍ରେଲିଆ ଏ' ଦଳଠାରୁ ୩-୫ ଓ ୨-୩ ଗୋଲରେ ଓ ପରେ ଅଷ୍ଟ୍ରେଲିଆ ସିନିୟର ଦଳଠାରୁ ୦-୨ ଓ ୨-୩ ଗୋଲରେ ପରାଜିତ ହୋଇଥିଲା। ରବିବାର ପର୍ଥ ହକି ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ଷ୍ଟ୍ରାଇକର ନବନୀତ କୌର ଭାରତ ପାଇଁ ବିଜୟୀ ସୂଚକ ଗୋଲ କରିଥିଲେ।

ଅଷ୍ଟ୍ରେଲିଆ ଟୁରର ଅନ୍ତିମ ମ୍ୟାଚରେ ଭ୍ରମଣକାରୀ ଦଳ ତା'ର ଶ୍ରେଷ୍ଠ ହକି ଖେଳିଥିଲା। ପ୍ରଥମ କ୍ୱାର୍ଟରରେ ଅଷ୍ଟ୍ରେଲିଆ

**ମହିଳା ହକି ସିରିଜ୍**

ଅତ୍ୟଧିକ ଆଟାକିଂ ହକି ଖେଳି ଦୁଇଟି ପେନାଲ୍ଟି କର୍ନର ହାସଲ କରିଥିଲା। ହେଲେ ଭାରତୀୟ ଡିଫେନ୍ସ ବିଭାଗ ଉଭୟ ପେନାଲ୍ଟିକୁ ବେକାର କରି ଦେଇଥିଲା। ଦ୍ୱିତୀୟ କ୍ୱାର୍ଟରର ୨୧ତମ ମିନିଟ୍‌ରେ ଭାରତୀୟ ଦଳର ଉପ ଅଧିନାୟିକା ନବନୀତ ଏକ ଚମତ୍କାର ଫିଲ୍ଡ ଗୋଲ କରିଥିଲେ, ଯାହା ଫଳରେ ଭାରତ ପ୍ରଥମାର୍ଦ୍ଧ ସୁଦ୍ଧା ୧-୦ ଗୋଲରେ ଆଗରେ ରହିଥିଲା। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ଅଷ୍ଟ୍ରେଲିଆ ଦଳ ଅନେକ ସୁଯୋଗ ସୃଷ୍ଟି କରିଥିଲା। ହେଲେ କେହି ଭାରତୀୟ ଡିଫେନ୍ସ ଭାଗକୁ ଭେଦ କରିପାରି ନ ଥିଲେ।




ନୂଆଦିଲ୍ଲୀଠାରେ ଅନୁଷ୍ଠିତ ୨୩ତମ କୁମାର ସୁରେନ୍ଦ୍ର ସିଂ ବନ୍ଧୁକଚାଳନାର ୧୦ମିଟର ଏୟାର ରାଇଫଲ୍ ବଧିର ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଥିବା ଓଡ଼ିଶାର ମୋହିତ କୁମାର ପାସୱାନ।

# ନିଜକୁ ଦାୟୀ କଲେ ଧୋନୀ

**ବେଙ୍ଗାଲୁରୁ, ୪।୫**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ବିପକ୍ଷରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)କୁ ମିଳିଥିବା ୨ ରନର ପରାଜୟ ଲାଗି ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ନିଜକୁ ଦାୟୀ କରିଛନ୍ତି। ଧୋନୀ ବ୍ୟାଟିଂ ଆସିଲା ବେଳେ ୨୧୪ ରନର ଟାର୍ଗେଟ ପିଛା କରୁଥିବା ସିଏସ୍‌କେକୁ ୨୧ ବଲରେ ୪୨ ରନ ଦରକାର ଥିଲା। କିନ୍ତୁ ୧୮ତମ ଓଭରରେ ଧୋନୀ ଓ ପୂରା ସେଟ୍ ଥିବା ରବୀନ୍ଦ୍ର ଜାଡେଜା ଲେଗ୍ ସ୍ପିନର ସୁୟଶ ଶର୍ମାଙ୍କ ଓଭରରେ ମାତ୍ର ୬ ରନ କରିଥିଲେ। ଭୁବନେଶ୍ୱର କୁମାର ପକାଇଥିବା ୧୯ତମ ଓଭରରେ ଧୋନୀ ଛକା ମାରିଥିଲେ। ହେଲେ ଦଳକୁ ଜିତାଇ ପାରି ନ ଥିଲେ।

ମୋ ମତରେ ମୋତେ ୧୮ତମ ଓଭରରେ ଆହୁରି କିଛି ଅଧିକ ବଡ଼ ଶଟ୍ ଖେଳିବାର ଥିଲା। ତାହା ହିଁ ଆମ ଉପରେ ଥିବା ଚାପକୁ ହ୍ରାସ କରିଥାନ୍ତା। ଏଣୁ ମୁଁ ଏହି ପରାଜୟ ଲାଗି ନିଜକୁ ଦାୟୀ କରୁଛି ବୋଲି ଧୋନୀ ମ୍ୟାଚ୍ ପରେ କହିଛନ୍ତି। ଏତଦ୍ ବ୍ୟତୀତ ସେ ପ୍ରକାଶ କରିଛନ୍ତି ଯେ, ଆର୍‌ସିବିକୁ ଭଲ ଆରମ୍ଭ ମିଳିଥିଲା। କିନ୍ତୁ ମିଡିଲ ଓଭରରେ ଆମେ ମ୍ୟାଚ୍‌କୁ ନିୟନ୍ତ୍ରଣକୁ ଆଣିଥିଲୁ। କିନ୍ତୁ ଡେଥ୍ ଓଭରରେ ରୋମାରିଓ ଶେଫର୍ଡ ଚମତ୍କାର ଖେଳିଥିଲେ। ଆମ ବୋଲର ଯାହା ବି ପକାଇଲେ, ସେ ତାହାର ଉତ୍ତର ଛକା ଓ ଚୌକାରେ ଜବାବ ଦେଇଥିଲେ। ମୋ ମତରେ ଆମକୁ ୟର୍କର୍ସର ଅଧିକ ଅଭ୍ୟାସ କରିବାର ଆବଶ୍ୟକତା ରହିଛି। କାରଣ ବ୍ୟାଟରମାନେ ଠିକ୍ ଭାବେ କନେକ୍ଟ କରିବା ପରେ ବୋଲରଙ୍କୁ ୟର୍କର ଉପରେ ନିର୍ଭର କରିବା ଦରକାର। ଯଦି ୟର୍କର ପରଫେକ୍ଟ ନୁହେଁ, ତେବେ ଲୋ ବଲ ଫୁଲଟସ ବଲ ହେବ। ତାହାକୁ ମାରିବା ମଧ୍ୟ କଷ୍ଟକର। ଏଣୁ ଏହି ବିଭାଗରେ ଆମକୁ ଇମ୍ପ୍ରୁଭ କରିବାର ଆବଶ୍ୟକତା ରହିଛି।


**ଜନ୍ମବାର୍ଷିକ ଶୁଭେଚ୍ଛା**



ସାଇ ଶାଶ୍ୱତ ମଲ୍ଲିକ (ଶୁଭ)
ସ୍ଥାନ- ଜନ୍ମଜୟପୁର, ପୋଷ୍ଟ- ଫୁଲନଖରା, ଜିଲ୍ଲା- ଖୋର୍ଦ୍ଧା।
ମହାପ୍ରଭୁ ଜଗନ୍ନାଥ ତୁମକୁ ଦୀର୍ଘାୟୁ ଓ ତୁମ ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ-ମାତା, ପିତା ଓ ଗୁରୁଜନମାନେ
ଧ-୩୯୮


# ହେଲ୍ ବିଜେତା

**ପ୍ରେଗ୍, ୪।୫ (ଏପି):** ଇଥିଓପିଆର ଲେମି ବର୍‌ହାନୁ ହେଲ୍ କ୍ରମାଗତ ଦ୍ୱିତୀୟ ବର୍ଷ ପ୍ରେଗ୍ ଇଣ୍ଟରନ୍ୟାଶନାଲ ମାରାଥନ ରେସ୍ ଜିତିଛନ୍ତି। ଅନ୍ୟପକ୍ଷରେ ତାଙ୍କ ଦେଶର ବର୍ଟୁକାନ୍ ୱେଲ୍ଡ ମହିଳା ଟାଇଟଲ ବିଜୟୀ ହୋଇଛନ୍ତି। ୨୦୧୬ରେ ବୋଷ୍ଟନ ମାରାଥନ ଜିତିଥିବା ହେଲ୍ ୪୨.୧୯୫ କି.ମି ଦୀର୍ଘ ବିଶିଷ୍ଟ ରେସ୍‌ର ୩୦ କି.ମି. ପୂର୍ବରୁ କେନିଆର ଫେଲିକ୍ସ କିପ୍‌କୋଚ୍‌ଙ୍କୁ ପଛରେ ପକାଇ ଦେଇଥିଲେ। ସେ ୨ ଘଣ୍ଟା ୫ ମିନିଟ୍ ୧୪ ସେକେଣ୍ଡ ଟାଇମିଂରେ ରେସ୍ ଜିତିଥିଲେ।

# ଉତ୍ତର ଜୋନ୍ ଦଳ ବିଜେତା

**ଭୁବନେଶ୍ୱର, ୪।୫ (ତପନ ସ୍ୱାଇଁ)**

**ଶ୍ରୀ ସତ୍ୟସାଇ କ୍ରିକେଟ ଲିଗ୍**

ଶ୍ରୀ ସତ୍ୟସାଇ ସେବା ସଂଗଠନ, ଓଡ଼ିଶା ପକ୍ଷରୁ ଗତ ୨ରୁ ୪ ପର୍ଯ୍ୟନ୍ତ ଶ୍ରୀ ସତ୍ୟସାଇ ଜାତୀୟ କ୍ରିକେଟ ଲିଗ୍‌ର ରାଜ୍ୟ ସ୍ତରୀୟ ଫାଇନାଲ ମ୍ୟାଚ ହାଇଟେକ୍ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ରବିବାର ଫାଇନାଲ ଓଡ଼ିଶାର ଉତ୍ତର ତଥା ଦକ୍ଷିଣ ଦଳଗୁଡ଼ିକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍ତର ଜୋନ ଦଳ ବିଜୟ ହାସଲ କରିଛି। ଉଦ୍‌ଯାପନୀ ସମାରୋହରେ ଶ୍ରୀ ସତ୍ୟ ସେବା ସଂଗଠନ ଭାରତର ଜୋନ ସଭାପତି ନାରାୟଣ ପ୍ରସାଦ ସର, ସାଂଯୋଜକ ଅଞ୍ଜନୀ ପଟ୍ଟନାୟକ ଏବଂ ଶ୍ରୀ ସତ୍ୟସାଇ ଜାତୀୟ କ୍ରିକେଟ ଲିଗ୍‌ର ଓଡ଼ିଶା ରାଜ୍ୟ ନିର୍ବାହକ ଶୀତଳ ସ୍ୱରୂପ ତ୍ରିପାଠୀ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।




ଟ୍ରଫି ସହ ବିଜେତା ଉତ୍ତର ଜୋନ୍ ଦଳ ।

# ଚିଡୋ ଓବି ସର୍ବକନିଷ୍ଠ ଖେଳାଳି

**ଲଣ୍ଡନ, ୪।୫ (ଏପି):** ଚିଡୋ ଓବି ମାଞ୍ଚେଷ୍ଟର ୟୁନାଇଟେଡ୍ ତରଫରୁ ଏକ ପ୍ରିମିୟର ଲିଗ୍ ମ୍ୟାଚ ଆରମ୍ଭ କରିବାରେ ସର୍ବକନିଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ରବିବାର ବ୍ରେଣ୍ଟଫୋର୍ଡ ବିପକ୍ଷ ମ୍ୟାଚରେ ଦଳର ଷ୍ଟ୍ରାଇକର ଭାବେ ଖେଳିଥିଲେ। ତାଙ୍କର ବୟସ ସେତେବେଳେ ୧୭ ବର୍ଷ ୧୫୬ ଦିନ ଥିଲା। ଓବି ହେଉଛନ୍ତି ଡେନମାର୍କରୁ ଜଣେ ୟୁଥ୍ ଇଣ୍ଟରନ୍ୟାଶନାଲ ଖେଳାଳି। ଗତବର୍ଷ ସେ ଆର୍ସେନାଲରୁ ଆସି ୟୁନାଇଟେଡ୍ ଦଳରେ ଯୋଗ ଦେଇଛନ୍ତି। ଏହି ସିଜନରେ ସେ ଲିଗ୍‌ରେ ସେ ୫ଥର ଖେଳିଛନ୍ତି, ମାତ୍ର, ଜଣେ ବଳର ଖେଳାଳି ଭାବେ। ସେ ଏପର୍ଯ୍ୟନ୍ତ ସ୍କୋର କରିବାରି ନାହାନ୍ତି।


# Classified Everyday

0674-2580101, 9692975378



**REAL ESTATE**

**SALE**

ଭୁବନେଶ୍ୱର- ପିପିଲି Toll Gate Puri road ନିକଟରେ Gharabari Plot ଏବଂ ନଖରାରେ 3/4 BHK Duplex ବିକ୍ରିହେବ। 8327785834. D-76261

Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call-9861642492. D-200



For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

3BHK flat Ashok Nagar, Rajmahal Sqr. 9437778642. D-382

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly open Jyoti SPA positively health benefits (Expert therapist). 8458067955. D-76912

**Relax, Refresh your body, mind at Saikrupa SPA with best therapies. 7848011468.** D-363

Full body massage by odia therapist in homely atmosphere. 9556498382. D-75384

**LOST**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି, ବିନୋଦ କୁମାର ବାରିକ ତାଙ୍କର ମୂଳ ଖତିଆନ କ୍ରମିକ ନମ୍ବର- ୧୩୬, ପ୍ରଜାଙ୍କ ନାମ ଗୌରାଙ୍ଗ ଚରଣ ମହାନ୍ତି ସହିତ ଅନ୍ୟାନ୍ୟ କାଗଜପତ୍ର ଯାହାକି ତାଙ୍କ ହ୍ୟାଣ୍ଡ ବ୍ୟାଗ୍‌ରେ ଥିଲା। ସେଗୁଡିକୁ ପୁରୀଘାଟ ଅଞ୍ଚଳରେ କେଉଁଠି ହଜାଇଦେଇଛନ୍ତି। କେହି ସହୃଦୟ ବ୍ୟକ୍ତି ସେସବୁ ପାଇଥିଲେ ଦୟାକରି ଆଡ୍‌ଭୋକେଟ୍ ଏନ୍. ସି. ପଟ୍ଟନାୟକ ମୋବାଇଲ ନଂ- 9853311189 କିମ୍ବା ଶ୍ରୀରାମ ଫାଇନାନ୍ସର ମହାନଦୀ ବିହାର, କଟକ ଶାଖାରେ ଏହି ବିଜ୍ଞପ୍ତି ପ୍ରକାଶନର ୭ ଦିନ ମଧ୍ୟରେ ଜଣାଇବାକୁ ଅନୁରୋଧ। ଉକ୍ତ କାଗଜପତ୍ରଗୁଡ଼ିକ ଅପବ୍ୟବହାର କରାଗଲେ ସମ୍ପୃକ୍ତ ବ୍ୟକ୍ତି ଆଇନ୍ ଅନୁଯାୟୀ ଦଣ୍ଡିତ ହେବେ । ଧ-୩୯୨

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**AFFIDAVIT**

ମୋର ନାମ ତପସ୍ୱିନୀ ଭୂୟାଁ ବିବାହ ପରେ ପରିବର୍ତ୍ତନ ହୋଇ ତପସ୍ୱିନୀ ପ୍ରଧାନ ହୋଇଛି। ଏକ ରିଲିଆନ୍ସ ବୀମା ପଲିସିରେ ପ୍ରପୋଜାଲ ନମ୍ବର A3813814 ରେ ତପସ୍ୱିନୀ ଭୂୟାଁ ରହିଛି। ଆଫିଡାଭିଟ୍ ମାଧ୍ୟମରେ ଘୋଷଣା କରୁଛି, ମୋର ପ୍ରକୃତ ନାମ ତପସ୍ୱିନୀ ପ୍ରଧାନ, ସ୍ୱାମୀ ନିର୍ମଳ ପ୍ରଧାନ, ହଦୁଆ, ଆଳି, କେନ୍ଦ୍ରାପଡା। ଧ-୩୯୦

By virtue of an affidavit sworn before the Executive Magistrate, Kotpad, Vide No.- CFR-1521 Dtd. 01.05.2025, I, Sanjeeb Kumar Panigrahi of At/P.O.- Dhamanahandi, P.S.- Kotpad, Dist.- Koraput declare that, I have changed my son's name from Sayam Panigrahi to SOYAM SHREE PANIGRAHI. Henceforth, he shall be known as Soyam Shree Panigrahi for all purposes.

Sd./-
Sanjeeb Kumar Panigrahi
D-397

By virtue of an affidavit sworn before Executive Magistrate, Bhadrak, dated 01.05.2025, I, Sushanta Kumar Biswal, S/o- Kailash Chandra Biswal, Vill- Panchapada Satyanarayan Colony, P.S.- Chandabali, Dist.- Bhadrak declare that I have changed my daughter's name from Abhipsa Biswal to Debanjana Biswal. Henceforth, She shall be known as Debanjana Biswal for all purposes. D-393

By affidavit No.-4430, dated 01.05.2025 before the Executive Magistrate, Bhadrak, I, Kamal Kumar Agarwal, S/o- Hardayal Agarwal, Vill- Baralapokhari, P.O- Charampa, P.S.-Bhadrak (T), Dist.-Bhadrak- 756101, Odisha declare that my name is wrongly mentioned as Kamal Kumar Agrawalla instead of Kamal Kumar Agarwal in my Passport document. I shall be known as KAMAL KUMAR AGARWAL for all future purposes. D-394

By affidavit No.- 4429, dated 01.05.2025 before the Executive Magistrate, Bhadrak, I, Kabita Agarwal, W/o- Kamal Kumar Agarwal, Vill- Baralapokhari, P.O.-Charampa, P.S.-Bhadrak (T), Dist.-Bhadrak- 756101, Odisha declare that my name is wrongly mentioned as Kavita Agrawalla instead of Kabita Agarwal in my husband Passport document. I shall be known as KABITA AGARWAL for all future purposes. D-395

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

By affidavit No.- 4428, dated 01.05.2025 before the Executive Magistrate, Bhadrak, I, Hardayal Agarwal, S/o- Anandi Lal Agarwal, Vill- Baralapokhari, P.O.-Charampa, P.S.-Bhadrak (T), Dist.-Bhadrak- 756101, Odisha declare that my name is wrongly mentioned as Haradayal Agrawalla instead of Hardayal Agarwal in my son's Passport document. I shall be known as HARDAYAL AGARWAL for all future purposes. D-396

Itisforgeneralinformation that I, DEBENDRA KUMAR SAHOO, S/o- SACHINDRA NATH SAHOO, residing at Ainri Soro, Ainri Anantapur, Baleswar, Odisha-756046 declare that name of mine has been wrongly written as SRI DEBENDRA KUMAR SAHOO in my PPO (Original) No.- 0008/14/B/ 12187/2008 and new PPO No.- 349200812046. The actual name of mine is DEBENDRA KUMAR SAHOO which may be amended accordingly. D-399

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

*In Loving Memory of Our Beloved Father*



**Late Jatindra Nathan Sahu**
(09.05.1940 – 05.05.2021)
Padampur, Cuttack
On the 4th death anniversary of our dearest father, Jatindra Nathan Sahu, we remember his unconditional love, wisdom and the strength he gave us everyday. Though years have passed, his presence continues to guide and inspire us. His absence is deeply felt and his memory is cherished always.
Lovingly remembered and deeply missed by his children and family.
ଧ-୪୦୧

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ପ୍ରତିମା ତ୍ରିପାଠୀ**
ଅବିଧିଆନନ୍ଦପୁର, ଓଡ଼ିଶୋ, ଜଗତ୍‌ସିଂହପୁର
ତିରୋଧାନ: ୧୩।୦୫।୨୦୧୯
ଆପଣଙ୍କର ଧର୍ମପରାୟଣତା, ପରୋପକାରିତା, ମିଷ୍ଟଭାଷିନତା, ଆତିଥ୍ୟପରାୟଣତା ଆମର ପାଥେୟ ହେଉ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା । ସରଗପୁରରେ ଥାଇ ଦିଅ ହେ ଆଶିଷ, ଗୁରୁ ପାଦତଳେ ଏହି ଅଭିଳାଷ।
ଶୋକସନ୍ତପ୍ତ:- ସ୍ୱାମୀ: ୰କୈଳାସ, କପୁ, ଲିପୁ, ବୋହୂ: ଗେହ୍ଲି, ଟିଙ୍କି, ଝ୍ୱାଇଁ: ସିଲୁ, ଝିଅ: ସିଲୁ, ନାତୁଣୀ: ଗୁଡ଼ିଆ, ଲାଡ୍‌ଲି, ଆର୍ଣ୍ଣିକା
ଧ-୪୦୦

**ସପ୍ତଦଶ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ**




**୰ପ୍ରଭାସିନୀ ମଙ୍ଗରାଜ**
ସାଇନିଡମ, ଗୌରୀନଗର, ପ୍ଲଟ୍ ନଂ 3660/4088, ଭୁବନେଶ୍ୱର-୨
ଆବିର୍ଭାବ: ୨୬।୦୧।୧୯୪୯
ତିରୋଧାନ: ୧୨।୦୫।୨୦୦୮
ଆପଣଙ୍କର ଧର୍ମ ପରାୟଣତା, ପରୋପକାରିତା, ମିଷ୍ଟ ଭାଷିନତା, ଆତିଥ୍ୟ ପରାୟଣତା ଆମର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥ ଓ ଶ୍ରୀ ଶ୍ରୀ ସତ୍ୟସାଇ ବାବାଙ୍କ ଚରଣାରବିନ୍ଦରେ ପ୍ରାର୍ଥନା। ସରଗପୁରରେ ଥାଇ ଦିଅ ହେ ଆଶିଷ, ପ୍ରଭୁପାଦ ତଳେ ଏହି ଅଭିଳାଷ।
ଶୋକସନ୍ତପ୍ତ: ତୁମର ହତଭାଗ୍ୟ ସ୍ୱାମୀ ଇଂ ଅନ୍ତର୍ଯ୍ୟାମୀ ମଙ୍ଗରାଜ, ପୁଅ, ଝିଅ, ବୋହୂ, ନାତି, ନାତୁଣୀ, ଝ୍ୱାଇଁ, ବନ୍ଧୁ ଓ ପରିବାରବର୍ଗ ।
ଧ-୩୯୧

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ଭସା ବାଦଲ


ଡ. କମଳାକାନ୍ତ ଜେନା

''ଜଳୀୟବାଷ୍ପ ଘନୀଭୂତ ହେଲା ପରେ କ୍ଷୁଦ୍ର ଜଳକଣିକା ଓ ବରଫକଣିକା ରୂପରେ ଆକାଶରେ ଭାସିବୁଲେ। ତାହାକୁ ଆମେ 'ବାଦଲ' ବା 'ମେଘ' ବୋଲି କହୁ। ବାଦଲ କଣିକା ଖୁବ୍ ଛୋଟ ଛୋଟ। ଏତେ ଛୋଟ ଯେ ଏକ ମିଲିମିଟର ଫାଙ୍କରେ ୨୦୦ଟି କଣିକା ଲାଗିଲାଗି ରହିପାରିବ। ଛୋଟ ଓ ହାଲୁକା ହୋଇଥିବାରୁ ସେଗୁଡିକ ଆକାଶରେ ଧୂଆଁ ପରି ଭାସି ବୁଲନ୍ତି। ଆମେ ତାକୁ 'ଭସା ବାଦଲ' ବୋଲି କହୁ। ବର୍ଷସାରା ନଦୀ-ପୋଖରୀରୁ ଉଠୁଥିବା ଜଳୀୟବାଷ୍ପ ବାଦଲ ସୃଷ୍ଟି କରେ। ଖରାଦିନେ ଅଧିକ ବାଷ୍ପୀକରଣ ହେତୁ ବେଶି ବାଦଲ ସୃଷ୍ଟି ହୁଏ।''



ଏବେ ତ ଖରାଦିନ ଚାଲିଛି। ଦିନସାରା ଗରମ ହେଉଛି। ଏତେ ଝାଳ ଯେ, ଦେହର ଲୁଗାପଟା ଓଦା ସର ସର ହୋଇଯାଉଛି। ଖରା ହେଲେ ଗରମ ହେବା କଥାଟା ସହଜରେ ବୁଝିହୁଏ। କିନ୍ତୁ ସେଇ ଗରମରେ ଆମ ଝାଳ କାହିଁକି ଶୁଖେନାହିଁ, ସେହି କଥାଟା ବୁଝି ହୁଏନି। ଖରାଦିନେ ଝାଳ ଶୁଖିବା ବଦଳରେ ବେଶି ଝାଳ ବାହାରେ। କିନ୍ତୁ ଶୀତଦିନେ ଥଣ୍ଡାରେ ବି ସହଜରେ ଝାଳ ଶୁଖିଯାଏ। ଏଥିରୁ ବୁଝିହେଉଛି ଯେ, ଗରମରେ ଝାଳ ଶୁଖିବ ନାହିଁ। ସତ କଥା ହେଉଛି, ଝାଳ ଶୁଖିବା ପାଇଁ ବାୟୁରେ ଥିବା ଜଳୀୟବାଷ୍ପର ପରିମାଣ ଦାୟୀ। ବାୟୁରେ ଜଳୀୟବାଷ୍ପ କମ୍ ରହିଲେ ଆମର ଝାଳ ବାଷ୍ପରେ ପରିଣତ ହୋଇ ବାୟୁରେ ମିଶିପାରିବ ଓ ଆମ ଝାଳ ଶୁଖିଯିବ। ଏଇଟା ଶୀତ ଦିନେ ହୁଏ। ହେଲେ ଖରାଦିନେ ବାୟୁରେ ଜଳୀୟବାଷ୍ପର ପରିମାଣ ଅଧିକ ଥିବାରୁ ଆମ ଝାଳ-ବାଷ୍ପକୁ ବାୟୁ ସହଜରେ ନିଏ ନାହିଁ ଓ ଆମ ଝାଳ ଶୁଖେ ନାହିଁ।

ନଦୀ, ସମୁଦ୍ର ଓ ପୋଖରୀରୁ ସବୁବେଳେ ବାଷ୍ପୀକରଣ ହେଉଥାଏ, କିନ୍ତୁ ଅଧିକ ଗରମ ହେତୁ ଖରାଦିନେ ଅଧିକ ହୁଏ। ଅଧିକ ଗରମ ହେଲେ ଜଳର ଅଣୁଗୁଡିକ ଶକ୍ତିପାଇ ଜଳପୃଷ୍ଠକୁ ଛାଡ଼ି ଉପରକୁ ଉଠିଯାଆନ୍ତି। ବାୟୁକଣିକା ତୁଳନାରେ ଜଳୀୟବାଷ୍ପ ହାଲୁକା। ତେଣୁ ବାଷ୍ପୀକରଣ ପରେ ଜଳୀୟବାଷ୍ପ ଉପରକୁ ଉପରକୁ ଉଠିଚାଲେ। ଉପରେ ବାୟୁମଣ୍ଡଳୀୟ ଚାପ କମି କମି ଯାଏ। ଚାପ କମି କମି ଗଲେ ଜଳୀୟବାଷ୍ପର ଆୟତନ ବଢ଼ି ବଢ଼ି ଯାଏ ଓ ଉତ୍ତାପ କମି କମି ଯାଏ। ଜଳୀୟବାଷ୍ପ ଥଣ୍ଡା ହେଲେ ଘନୀଭୂତ ହୋଇ ଅତି ଛୋଟ ଛୋଟ ଜଳବିନ୍ଦୁରେ ପରିଣତ ହୁଏ। ଜଳୀୟବାଷ୍ପକୁ ଦେଖିହୁଏ ନାହିଁ, କିନ୍ତୁ ଘନୀଭୂତ ଜଳବିନ୍ଦୁ ଧୂଆଁ ପରି ଦିଶେ। ଘନୀଭୂତ କଣିକା ଖୁବ୍ ହାଲୁକା ଥାଏ ବୋଲି ଆହୁରି ଉପରକୁ ଉଠିଯାଏ। ବେଶି ଉପରକୁ ଗଲେ ତାପମାତ୍ରା ଶୂନ ଡିଗ୍ରୀ ସେଲ୍‌ସିୟସରୁ ବି କମ୍ ଥାଏ। ଛୋଟ ଜଳବିନ୍ଦୁଗୁଡ଼ିକ କ୍ଷୁଦ୍ର ବରଫକଣାରେ ପରିଣତ ହୁଏ। ଏହିପରି ଜଳୀୟବାଷ୍ପ ଘନୀଭୂତ ହେଲା ପରେ କ୍ଷୁଦ୍ର ଜଳକଣିକା ଓ ବରଫକଣିକା ରୂପରେ ଆକାଶରେ ଭାସିବୁଲେ। ତାହାକୁ ଆମେ 'ବାଦଲ' ବା 'ମେଘ' ବୋଲି କହୁ। ବାଦଲ କଣିକା ଖୁବ୍ ଛୋଟ ଛୋଟ। ଏତେ ଛୋଟ ଯେ ଏକ ମିଲିମିଟର ଫାଙ୍କରେ ୨୦୦ଟି କଣିକା ଲାଗିଲାଗି ରହିପାରିବ। ଛୋଟ ଓ ହାଲୁକା ହୋଇଥିବାରୁ ସେଗୁଡିକ ଆକାଶରେ ଧୂଆଁ ପରି ଭାସି ବୁଲନ୍ତି। ଆମେ ତାକୁ 'ଭସା ବାଦଲ' ବୋଲି କହୁ। ବର୍ଷସାରା ନଦୀ-ପୋଖରୀରୁ ଉଠୁଥିବା ଜଳୀୟବାଷ୍ପ ବାଦଲ ସୃଷ୍ଟି କରେ। ଖରାଦିନେ ଅଧିକ ବାଷ୍ପୀକରଣ ହେତୁ ବେଶି ବାଦଲ ସୃଷ୍ଟି ହୁଏ।

ଭୂଇଁରୁ ପ୍ରାୟ ୧୩ କିଲୋମିଟର ଉଚ୍ଚତା ଭିତରେ ବାଦଲ (ମେଘ) ଭାସୁଥାଏ। ଗଠନ ଅନୁସାରେ ପ୍ରାୟ ଦଶ ଜାତିର ବାଦଲ ରହିଛି। ବାଦଲଗୁଡିକୁ ଉଚ୍ଚତାନୁସାରେ ତିନି ଶ୍ରେଣୀରେ ବିଭକ୍ତ କରାଯାଇଛି, ଯଥା - ଉଚ୍ଚାବାଦଲ, ମଧ୍ୟବାଦଲ ଓ ନିମ୍ନବାଦଲ।

**ଉଚ୍ଚାବାଦଲ:** ପକ୍ଷାଭମେଘ, ପକ୍ଷାଭ କପାସୀମେଘ ଓ ପକ୍ଷାଭସ୍ତରୀମେଘ ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ। ଏଗୁଡ଼ିକ ଭୂପୃଷ୍ଠରୁ ସାଧାରଣତଃ ୫ରୁ ୧୩ କି.ମି. ମଧ୍ୟରେ ଭାସିବୁଲନ୍ତି।

**ମଧ୍ୟବାଦଲ:** କପାସୀ-ମଧ୍ୟ, ସ୍ତରୀୟ-ମଧ୍ୟ, ବର୍ଷୀ-ମଧ୍ୟମେଘଗୁଡ଼ିକୁ ଏହି ବର୍ଗରେ ଗଣନା କରାଯାଏ। ପୃଥିବୀପୃଷ୍ଠରୁ ଏଗୁଡ଼ିକ ୨ ରୁ ୭ କି.ମି. ମଧ୍ୟରେ ଚଳପ୍ରଚଳ କରିଥାନ୍ତି।

**ନିମ୍ନବାଦଲ:** ସାଧାରଣତଃ ଆମେ ଦେଖୁଥିବା ମେଘ ହିଁ ଏହି ଶ୍ରେଣୀୟ। ଏମାନଙ୍କୁ ସ୍ତରୀ-କପାସୀ, ସ୍ତରୀ, କପାସୀ, କପାସୀ-ବର୍ଷୀମେଘ ନାମରେ ନାମିତ କରାଯାଇଛି। ଭୂଇଁରୁ ୨ କି.ମି. ଉଚ୍ଚତା ଭିତରେ ନିମ୍ନବାଦଲ ଦେଖିବାକୁ ମିଳିଥାଏ।

ବାଦଲରୁ ବର୍ଷା ସୃଷ୍ଟିହୁଏ। ଯେତେବେଳେ ଭାସମାନ ବାଦଲର କଣିକାଗୁଡ଼ିକ ପରସ୍ପର ସହିତ ମିଶି ଓଜନିଆ ଜଳକଣା ତିଆରି କରନ୍ତି, ବାୟୁମଣ୍ଡଳ ଓଜନିଆ କଣିକାଗୁଡ଼ିକୁ ଧରି ରଖିପାରେ ନାହିଁ। ଫଳରେ ତାହା ବର୍ଷା ରୂପରେ ଭୂଇଁରେ ପଡ଼େ। କେବଳ ସେତିକି ନୁହଁ, ଉପରକୁ ଉଠୁଥିବା ଘନୀଭୂତ ଜଳକଣାଗୁଡିକ ଅତି ଶୀତଳ ହୋଇ ଓଜନିଆ ବରଫକଣାରେ ପରିଣତ ହେଲା ପରେ ବି ତାହା ଆଉ ବାୟୁରେ ଭାସି ନ ପାରି ତଳକୁ ଖସେ। ତଳେ ବାଦଲ ସ୍ତର ଅପେକ୍ଷାକୃତ ଉଷ୍ମ ଥାଏ। ବରଫକଣିକାଗୁଡ଼ିକ ସେହି ଉଷ୍ମ ବାଦଲ ଦେଇ ତଳକୁ ପଡ଼ିବା ବେଳେ ତରଳିଯାଏ। ତରଳୁଥିବା ବରଫକଣା ସଂସ୍ପର୍ଶରେ ଆସିଲେ ବାଦଲକଣିକା ପରସ୍ପର ସହିତ ମିଶି ବଡ଼ ବଡ଼ ଜଳଟୋପାରେ ପରିଣତ ହୁଅନ୍ତି। ସେହି ଜଳଟୋପାଗୁଡିକ ଭୂଇଁରେ ପଡିଲେ ଆମେ ତାକୁ 'ବୃଷ୍ଟିପାତ' କହୁ। ପ୍ରାୟତଃ ବରଫକଣାଗୁଡିକ ତରଳିଲା ପରେ ବର୍ଷାବିନ୍ଦୁ ସୃଷ୍ଟି ହେଉଥିବାରୁ ବର୍ଷାଟୋପା ଆମକୁ ଖୁବ୍ ଥଣ୍ଡା ଲାଗେ। ବର୍ଷାଜଳରେ ଧୂଳିକଣା ଥାଏ। ବାୟୁ ପ୍ରଦୂଷଣ ହେତୁ ବିଭିନ୍ନ ରାସାୟନିକ ପଦାର୍ଥ ବି ମିଶିଥାଏ। ତେଣୁ ବର୍ଷାଜଳ ବି ପୂରା ଶୁଦ୍ଧ ନୁହେଁ।

-ପ୍ରାଧ୍ୟାପକ (ପଦାର୍ଥ ବିଜ୍ଞାନ), ଭଦ୍ରକ
ସରକାରୀ ମହାବିଦ୍ୟାଳୟ, ଭଦ୍ରକ
ମୋ : ୯୪୩୯୫୦୧୬୫୧

## ବୟସ୍କ ବ୍ୟକ୍ତି ଓ ଆଲଜିମର୍ସ



ଆଲଜିମର୍ସ ରୋଗ ପ୍ରକାଶ ପାଏ ୫୦ ବର୍ଷ ବୟସ ପରେ। ରୋଗ ହେଲେ ମସ୍ତିଷ୍କର ସ୍ନାୟୁ କୋଷଗୁଡିକରେ ବିଟା-ଆମିଲଏଡ୍ ନାମକ ଏକ ପ୍ରୋଟିନ୍ ଖଣ୍ଡମାନ ଜମି ଯାଏ। ଏହି ବିଟା-ଆମିଲଏଡ୍ ଜମିବା ଫଳରେ ସ୍ମୃତିହାନି ଜାତ ହେବା ସ୍ୱାଭାବିକ। ରୋଗୀ ମସ୍ତିଷ୍କରେ ସ୍ନାୟୁକୋଷମାନ ମରିଯାଆନ୍ତି। ଛିନ୍ନ ହୋଇଯାଏ ସ୍ନାୟୁକୋଷ-ସ୍ନାୟୁକୋଷ ମଧ୍ୟରେ ଥିବା ସଂଯୋଗ। ଫଳରେ ସ୍ନାୟୁକୋଷ ଏବଂ ସ୍ନାୟୁ ସଂଯୋଗ କାର୍ଯ୍ୟରହିତ ହୋଇପଡନ୍ତି । ତେବେ ମସ୍ତିଷ୍କର ସବୁ ଅଞ୍ଚଳରେଏଭଳି ପରିବର୍ତ୍ତନ ପରିଲକ୍ଷିତ ନ ହୋଇ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସ୍ନାୟୁକୋଷରେ ପରିବର୍ତ୍ତନ ପରିଲକ୍ଷିତ ହୁଏ । ହେଲେ ସ୍ନାୟୁକୋଷଗୁଡିକରେ ଜାତ ଅସ୍ୱାଭାବିକତାକୁ ପ୍ରଭାବିତ କରିଥାଏ ରୋଗୀର ଜିନ୍, ପରିବେଶ ଓ ତାହାର ଜୀବନଶୈଳୀ। ପୁଣି ରୋଗୀଭେଦରେ ଏହି ପ୍ରଭାବରେ ପରିଲକ୍ଷିତ ହୋଇଥାଏ ଭିନ୍ନତା। ଆଲଜିମର୍ସର ଲକ୍ଷଣ ପ୍ରକାଶ ପାଇବା ପୂର୍ବରୁ ମସ୍ତିଷ୍କରେ ରୋଗଟିର ମୂଳଦୁଆ ପଡିସାରିଥାଏ। ରୋଗୀ ଅନେକ କଥା ସହଜରେ ମନେପକେଇ ପାରେନି। ପଇସାପତ୍ର ଧାର ଦେଇଥିଲେ ତାହାକୁ ପରିଶୋଧ କରିବାକୁ ଭୁଲିଯାଏ।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଅଙ୍ଗୁର



ଅଙ୍ଗୁରରେ ଅନେକ ପ୍ରକାର ଉପକାରୀ ଗୁଣ ଭରିରହିଛି। ଏଥିରେ ଥିବା ଭିଟାମିନ୍-ସି ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ଆହୁରି ଦୃଢ଼ କରେ। କେବଳ ସେତିକି ନୁହେଁ ବିଭିନ୍ନ ପ୍ରକାର ସଂକ୍ରମଣ ସହ ଲଢ଼ିବାର କ୍ଷମତା ମଧ୍ୟ ଏହାର ରହିଛି। ଅଙ୍ଗୁରରେ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଥିବାରୁ ଏହା କୋଷକୁ ଆହୁରି କ୍ରିୟାଶୀଳ କରାଇଥାଏ। ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ବ୍ଲଡ ପ୍ରେସର୍‌କୁ ସନ୍ତୁଳିତ ରଖିବାରେ କେତେକାଂଶରେ ସାହାଯ୍ୟ କରିଥାଏ। ଏଥିରେ ଫାଇବର୍ ମଧ୍ୟ ରହିଛି ଯାହା କୋଲେଷ୍ଟରେଲ୍‌ର ମାତ୍ରାକୁ ଅସନ୍ତୁଳିତ ହେବାକୁ ଦେଇ ନ ଥାଏ। ନିୟମିତ ଅଙ୍ଗୁର ଖାଇଲେ ତାହା ମସ୍ତିଷ୍କର କାର୍ଯ୍ୟଧାରାକୁ ସକ୍ରିୟ ରଖିଥାଏ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏହା ଅସ୍ଥି ଓ ମଜାକୁ ଶକ୍ତ ରଖିଥାଏ। ନିୟମିତ ଅଙ୍ଗୁର ଖାଇଲେ ତାହା ସୁନିଦ୍ରାରେ କେତେକାଂଶରେ ସହାୟକ ହୋଇଥାଏ।

## ବିଚାରଧାରା ସକାରାତ୍ମକ ରହିଲେ...



ଆମର ବିଚାରଧାରା ସକାରାତ୍ମକ ରହିବା ନିହାତି ଜରୁରୀ। ଏଥିରୁ ଆମକୁ ଅନେକ ଫାଇଦା ମିଳିଥାଏ। ଅନେକ ସମୟରେ ଆମେ ନକାରାତ୍ମକ ଚିନ୍ତାର ବଶବର୍ତ୍ତୀ ହୋଇ, ଠିକ୍ ଭୁଲ୍‌ର ରାସ୍ତା ଜାଣି ପାରି ନ ଥାଉ। ଏହାଦ୍ୱାରା ଆମର କାର୍ଯ୍ୟଧାରା ପ୍ରଭାବିତ ହୋଇଥାଏ। ସମୟେ ସମୟେ ପାରିପାର୍ଶ୍ୱିକ କାରଣରୁ ଆମର ବିଚାରଧାରା ମଧ୍ୟ ପ୍ରଭାବିତ ହୋଇଥାଏ। ଆପଣଙ୍କ ଜୀବନରେ ଆସୁଥିବା ନକାରାତ୍ମକ ଜିନିଷଗୁଡ଼ିକୁ ଭଲ ଭାବରେ ବିଶ୍ଳେଷଣ କରନ୍ତୁ। ତାହାକୁ ନେଇ ଟେନ୍‌ସନର ବଶବର୍ତ୍ତୀ ହୁଅନ୍ତୁ ନାହିଁ। ନିଜର ମନୋଭାବକୁ ଯେତେସମ୍ଭବ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଏଥିପାଇଁ ଭଲ ପରିବେଶରେ ଭଲ ଲୋକଙ୍କ ସହ ମିଶନ୍ତୁ, ସେମାନଙ୍କ ସହ ମିଠା ମିଠା କଥା ହୋଇ ନିଜର ଅନୁଭୂତିକୁ ବାଣ୍ଟନ୍ତୁ। ଏହା ବ୍ୟତୀତ ସବୁବେଳେ ନିଜେ ହସନ୍ତୁ ଓ ଅନ୍ୟମାନଙ୍କୁ ବି ହସାନ୍ତୁ। କାରଣ ହସିବା ଦ୍ୱାରା ଆମ ମସ୍ତିଷ୍କ ହାଲୁକା ହୋଇଥାଏ ଓ ସବୁ ନିଷ୍ପତ୍ତିକୁ ଠିକ୍ ଭାବେ ନେବାକୁ ସକ୍ଷମ ହୋଇଥାଏ। ଯେ କୌଣସି ଭୁଲ୍ ପାଇଁ କେବେହେଲେ ନିଜକୁ ଦୋଷାରୋପ କରନ୍ତୁ ନାହିଁ। ନିଜକୁ ପ୍ରଥମେ ଭଲ ପାଆନ୍ତୁ ଓ ନିଜେ କରୁଥିବା କାମ ଉପରେ ସବୁବେଳେ ବିଶ୍ୱାସ ରଖନ୍ତୁ। ଦେଖିବେ ଆପଣଙ୍କର ଏଭଳି ଉତ୍ତମ ବିଚାରଧାରା ପାଇଁ ଆପଣଙ୍କର ଜୀବନଶୈଳୀ କେତେ ସୁମଧୁର ହୋଇଉଠିବ।

## ଦାନ୍ତ ଘଷିବା ସମୟରେ...

ଆମ ଶରୀର ପ୍ରତି ଆମେ ଯେତିକି ଯତ୍ନବାନ୍ ହେବା ତା'ସହ ଦାନ୍ତ ପ୍ରତି ମଧ୍ୟ ସେତିକି ଗୁରୁତ୍ୱ ଦେବା। କାରଣ ଏହା ଶରୀରର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ତେଣୁ ପ୍ରତିଦିନ ସକାଳେ ଏବଂ ରାତ୍ରିଭୋଜନ ଶେଷ ପରେ ଭଲ ଭାବରେ ଦାନ୍ତ ଘଷିବା ନିହାତି ଦରକାର। ଯଦି ଆମେ ଏହାର ଠିକ୍ ଭାବରେ ଯତ୍ନ ନ ନେବା ତେବେ ଦାନ୍ତଜନିତ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ଆମେ ଏଭଳି ବ୍ରଶ୍ କରନ୍ତୁ ଯେମିତି ବ୍ରଶ୍ ଦାନ୍ତର ସବୁ ଭାଗକୁ ଛୁଉଁଥିବ। ସବୁବେଳେ ଫ୍ଲୋରାଇଡ ଯୁକ୍ତ ଟୁଥ୍‌ପେଷ୍ଟ ବ୍ୟବହାର କରନ୍ତୁ। ଏଭଳି ବ୍ରଶ କରନ୍ତୁ, ଯେପରି ଦାନ୍ତ ସନ୍ଧି ଭଲ ଭାବରେ ପରିଷ୍କାର ହେଉଥିବ। ଦାନ୍ତଜନିତ ସମସ୍ୟା ନେଇ ଅଭିଜ୍ଞ ଦନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଦାନ୍ତ ଘଷିବାର ଅବଧି ଅତିକମ୍‌ରେ ଦୁଇ ମିନିଟ୍ ହେଲେ ଭଲ।



## ସ୍ୱାସ୍ଥ୍ୟ ସୂଚନା


- ନିଜକୁ ସୁସ୍ଥ ରଖିବା ପାଇଁ ଖାଦ୍ୟପେୟ, ଚାଲିଚଳଣି ଉପରେ ଗୁରୁତ୍ୱ ଦିଅନ୍ତୁ।
- ପ୍ରତିଦିନ ସକାଳେ କିଛି ସମୟ ବ୍ୟାୟାମ କରନ୍ତୁ। ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ।
- ସବୁବେଳେ ନିଜର ସାମର୍ଥ୍ୟ ଅନୁସାରେ କାମ କରନ୍ତୁ। ନ ହେଲେ କାମକୁ ନେଇ ଟେନ୍‌ସନର ବଶବର୍ତ୍ତୀ ହେବାର ଆଶଙ୍କା ରହିଛି।
- ନିୟମିତ ସମୟ ବ୍ୟବଧାନରେ ନିଜ ଶରୀରର ରୁଟିନ୍ ଚେକ୍‌ଅପ୍ କରିବାକୁ ଭୁଲନ୍ତୁ ନାହିଁ।
- ଯଦି ଆପଣ କୌଣସି ଦୀର୍ଘକାଳୀନ ରୋଗରେ ପୀଡିତ ତେବେ ଏ ନେଇ ପୁରୁଣା ପ୍ରେସ୍କ୍ରିପ୍‌ସନ ଏବଂ ପାଥୋଲୋଜିକାଲ ଟେଷ୍ଟ ରିପୋର୍ଟଗୁଡିକୁ ଏକ ଫାଇଲ୍‌ରେ ରଖନ୍ତୁ। ଆବଶ୍ୟକ ସମୟରେ ଏହା କାମରେ ଆସିପାରେ।
- ଲୁଣଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।
- ଚର୍ବି ଜତୀୟ ଖାଦ୍ୟ ଅଧିକ ନ ଖାଇବା ଭଲ। ଏହା ଯୋଗୁ କୋଲେଷ୍ଟରଲ୍ ସ୍ତର ବଢ଼ିଥାଏ।
- ପ୍ରତିଦିନ ସକାଳ ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ଖାଆନ୍ତୁ ଏବଂ ସେଥିରୁ ପ୍ରସ୍ତୁତ ଜୁସ୍ ପିଅନ୍ତୁ।
- ନିଜର ମନକୁ ସକାରାତ୍ମକ ପରବେଶରେ ରଖିବାକୁ ଚେଷ୍ଟା କରନ୍ତୁ।



## ଶ୍ରଦ୍ଧାଞ୍ଜଳି/ ଡ. କ୍ରିଷ୍ଣାସ୍ୱାମୀ କସ୍ତୁରୀରଙ୍ଗନ

# ଭବିଷ୍ୟଦ୍ରଷ୍ଟା ମହାକାଶ ବିଜ୍ଞାନୀ


ପ୍ର. ରମେଶ ଚନ୍ଦ୍ର ପରିଡ଼ା



ଭାରତ ଏକ ମହାନ୍ ମହାକାଶ ଶକ୍ତି। ଚନ୍ଦ୍ର ଓ ମଙ୍ଗଳକୁ ମହାକାଶଯାନ ପ୍ରେରଣ, ବିଭିନ୍ନ ଉପଗ୍ରହ ପ୍ରେରଣ ଏବଂ ଶକ୍ତିଶାଳୀ ଉତ୍କ୍ଷେପକ ନିର୍ମାଣ ଆଦି କ୍ଷେତ୍ରରେ ଏହା ବିଶ୍ୱରେ ଚାରୋଟି ଅଗ୍ରଣୀ ଦେଶମାନଙ୍କ ମଧ୍ୟରେ ଅନ୍ୟତମ। ଏହାକୁ ସଫଳତାର ଶୀର୍ଷ ଦେଶରେ ପହଞ୍ଚାଇବା ପାଇଁ ଯେଉଁ ସବୁ ପ୍ରାତଃ ସ୍ମରଣୀୟ କୃତବିଦ୍ୟ ମହାକାଶ ବିଜ୍ଞାନୀମାନଙ୍କର ଅନନ୍ୟ ଅବଦାନ ରହିଛି ସେମାନଙ୍କ ମଧ୍ୟରୁ ଚଳିତ ବର୍ଷ ଏପ୍ରିଲ ୨୫ରେ ସ୍ୱର୍ଗାରୋହଣ କରିଥିବା ଡ. କ୍ରିଷ୍ଣସ୍ୱାମୀ କସ୍ତୁରୀରଙ୍ଗନ ଅଗ୍ରଗଣ୍ୟ। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଅଧ୍ୟକ୍ଷ ରୂପେ ୧୯୯୪ରୁ ୨୦୦୩ ପର୍ଯ୍ୟନ୍ତ ଏବଂ ଏହାପୂର୍ବରୁ ୧୯୯୦ରୁ ୧୯୯୪ ଯାଏ ଏହାର ଉପଗ୍ରହ କେନ୍ଦ୍ର (ଏବେ ୟୁ. ରାଓ ଉପଗ୍ରହ କେନ୍ଦ୍ର ରୂପେ ପରିଚିତ)ର ନିର୍ଦ୍ଦେଶକ ରୂପରେ ଭାରତୀୟ ମହାକାଶ ବିଜ୍ଞାନକୁ ଏକ ସୁଦୃଢ଼ ପୃଷ୍ଠଭୂମି ଉପରେ ପ୍ରତିଷ୍ଠା କରିବାର କ୍ଷେତ୍ରକୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଯାଇଛନ୍ତି।

କସ୍ତୁରୀରଙ୍ଗନ ୧୯୪୦ ଅକ୍ଟୋବର ୨୪ ତାରିଖରେ କେରଳର ଏର୍ଣ୍ଣାକୁଲମଠାରେ ପିତା ସି.ଏମ. କ୍ରିଷ୍ଣାସ୍ୱାମୀ ଏବଂ ମାତା ବିଶାଳଲକ୍ଷ୍ମୀଙ୍କ କୋଳମଣ୍ଡନ କରିଥିଲେ। ଅସମୟରେ ମାତାଙ୍କର ମୃତ୍ୟୁ ଘଟିବାରୁ ସେ ଏବଂ ତାଙ୍କ ଭାଇଙ୍କର ଶୈଶବ ଅତିବାହିତ ହୋଇଥିଲା ମାମୁଘର ଅଜାଙ୍କ ତତ୍ତ୍ୱାବଧାନରେ। ତତ୍‌ପରେ ସେ ମୁମ୍ବାଇରେ କାର୍ଯ୍ୟରତ ପିତାଙ୍କ ନିକଟକୁ ଆସିଥିଲେ। ଏଠାରେ ସେ ଶ୍ରୀରାମ ବର୍ମା ଉଚ୍ଚ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ସମାପନ ପରେ ସ୍ଥାନୀୟ ରମ୍ଭା ରୁଇଆ ମହାବିଦ୍ୟାଳୟରୁ ସ୍ନାତକ ଏବଂ ମୁମ୍ବାଇ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଏବଂ ଅହମଦାବାଦର ଭୌତିକ ଗବେଷଣାଗାରରୁ ଡକ୍ଟରେଟ ଡିଗ୍ରୀ ପ୍ରାପ୍ତ ହୋଇଥିଲେ। ତତ୍‌ପରେ ସେ 'ଇସ୍ରୋ'ରେ ଯୋଗଦାନ କରିଥିଲେ। ଏହାର ଅଧ୍ୟକ୍ଷ ଭାବରେ ସେ ୨୦୦୩ ପର୍ଯ୍ୟନ୍ତ ଅର୍ଥାତ୍ ସେବାନିବୃତ୍ତ ହେବା ପର୍ଯ୍ୟନ୍ତ କାର୍ଯ୍ୟରତ ଥିଲେ। କସ୍ତୁରୀରଙ୍ଗନ୍ ୧୯୬୯ରେ ଲକ୍ଷ୍ମୀଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ୧୯୯୧ରେ ତାଙ୍କ ପତ୍ନୀଙ୍କର ମୃତ୍ୟୁ ହୋଇଥିଲା। ତାଙ୍କର ରାଜେଶ ଏବଂ ସଞ୍ଜୟ ନାମକ ଦୁଇ ପୁତ୍ର ଅଛନ୍ତି।

ତାଙ୍କରି ନେତୃତ୍ୱରେ ଆରମ୍ଭ ହୋଇଥିଲା ଭାରତର ମହାକାଶଯାନ ପ୍ରେରଣ ଯୁଗ। ପ୍ରଥମେ 'ଭାସ୍କର-୧' ଏବଂ 'ଭାସ୍କର-୨', ତତ୍‌ପରେ ଭାରତୀୟ ଜାତୀୟ ମହାକାଶଯାନ (ଇନସାଟ୍), ଭାରତୀୟ ସୁଦୂର ପର୍ଯ୍ୟବେକ୍ଷଣ ମହାକାଶଯାନ (ଆଇଆର୍‌ଏସ୍ ଉପଗ୍ରହ ସମୂହ) ପ୍ରେରଣ ସହିତ ଶକ୍ତିଶାଳୀ ମହାକାଶଯାନ ଉତ୍କ୍ଷେପକ 'ପୋଲାର ସାଟେଲାଇଟ୍ ଲଞ୍ଚ ଭେଇକିଲ୍‌ସ (ପିଏସ୍‌ଏଲ୍‌ଭି) ଏବଂ ଜେଓଷ୍ଟେଶନାରି ସାଟେଲାଇଟ୍ ଲଞ୍ଚ ଭେଇକିଲ୍‌ସ (ଜିଏସ୍‌ଏଲ୍‌ଭି) ଆଦି ପରୀକ୍ଷା କରାଯାଇଥିଲା। ଅନ୍ୟପକ୍ଷରେ ଚନ୍ଦ୍ରପୃଷ୍ଠକୁ ଚନ୍ଦ୍ରୟାନ ଏବଂ ମଙ୍ଗଳ କକ୍ଷକୁ ମଙ୍ଗଳଯାନ ପ୍ରେରଣ ଲାଗି ଯୋଜନା ଏବଂ କାର୍ଯ୍ୟକ୍ରମର ଅୟମାରମ୍ଭ ତାଙ୍କରି ଦିଗ୍‌ଦର୍ଶନରେ ଆରମ୍ଭ ହୋଇଥିଲା।

ଏହିସବୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଲାଗି ତାଙ୍କୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ସେ ୧୯୮୧ରେ ସୋଭିଏତ୍ ଏକାଡେମୀ ଅଫ୍ ସାଇନ୍‌ସେସ୍ ଦ୍ୱାରା ପୁରସ୍କୃତ ହେବା ସହିତ ୧୯୮୨ରେ ଭାରତର ସରକାରଙ୍କଠାରୁ ପଦ୍ମଶ୍ରୀ, ୧୯୯୨ରେ ପଦ୍ମଭୂଷଣ ଏବଂ ୨୦୦୦ରେ ପଦ୍ମବିଭୂଷଣ ଉପାଧିରେ ସମ୍ମାନିତ ହୋଇଥିଲେ। ଏହାବ୍ୟତୀତ ତାଙ୍କୁ ମିଳିଥିଲା ଏମ୍‌ପି ବିର୍ଲା ମେମୋରିଆଲ ଆୱାର୍ଡ ଇନ୍ ଆଷ୍ଟ୍ରୋନୋମି (୧୯୯୭), ଇଣ୍ଟରନ୍ୟାଶନାଲ ଏକାଡେମୀ ଅଫ୍ ଏରୋନଟିକ୍ସ ଦ୍ୱାରା ପ୍ରଦତ୍ତ କାରମାନ ପୁରସ୍କାର (୨୦୦୩), ଆର୍ଯ୍ୟଭଟ ପୁରସ୍କାର (୨୦୦୩) ଏବଂ ବିକ୍ରମ ସରାଭାଇ ମେମୋରିଆଲ ଗୋଲ୍ଡ ମେଡାଲ (୨୦୦୯) ଇତ୍ୟାଦି।

ଇଣ୍ଡିଆନ୍ ଏକାଡେମୀ ଅଫ୍ ସାଇନସେସ, ଇଣ୍ଡିଆନ୍ ନ୍ୟାଶନାଲ ସାଇନ୍ସ ଏକାଡେମୀ ଅଫ୍ ଇଞ୍ଜିନିୟରିଂ, ଦ ଇଣ୍ଡିଆନ୍ ଆଷ୍ଟ୍ରୋଲୋଜିକାଲ ସୋସାଇଟି, ଦ ଥାର୍ଡ ୱାର୍ଲ୍ଡ ଏକାଡେମୀ ଅଫ୍ ସାଇନ୍ସ ଭଳି ସୁନାମଧନ୍ୟ ଅନୁଷ୍ଠାନମାନଙ୍କର ସେ ଥିଲେ 'ଫେଲୋ'। ଅନ୍ୟପକ୍ଷରେ ଇଣ୍ଟରନ୍ୟାଶନାଲ ଆଷ୍ଟ୍ରୋନୋମିକାଲ ୟୁନିୟନ ଏବଂ ଇଣ୍ଟରନ୍ୟାଶନାଲ ଏକାଡେମୀ ଅଫ୍ ଏରୋନଟିକ୍ସ ଇତ୍ୟାଦିର ସଦସ୍ୟା ଭାବରେ ସେ କାର୍ଯ୍ୟ କରିଥିଲେ।

ମହାକାଶ ବିଜ୍ଞାନର ବିଭିନ୍ନ ଦିଗ ଉପରେ ଗବେଷଣା କରି ବହୁ ସୁନାମଧନ୍ୟ ଦେଶୀୟ ଏବଂ ଅନ୍ତର୍ଜାତୀୟ ପତ୍ରିକାରେ ସେ ପ୍ରକାଶ କରିଥିଲେ ୨୦୦ରୁ ଊର୍ଦ୍ଧ୍ୱ ନିବନ୍ଧ। ତା'ସହ ସେ ୬ଟି ପୁସ୍ତକ ରଚନା ମଧ୍ୟ କରିଥିଲେ। ଏଥିପାଇଁ ତାଙ୍କୁ ୨୭ଟି ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ ଉପାଧି ମିଳିଥିଲା। ଆମ ଦେଶର ଶିକ୍ଷା କ୍ଷେତ୍ରକୁ ତାଙ୍କର ଅବଦାନ ମଧ୍ୟ ଥିଲା ଗୁରୁତ୍ୱପୂର୍ଣ୍ଣ। ସେ ଜାତୀୟ ଶିକ୍ଷାନୀତି କମିଟି-୨୦୨୦ର ଅଧ୍ୟକ୍ଷ ଏବଂ ୨୦୨୧ରେ ଦେଶର ଶିକ୍ଷା ବିଷୟବସ୍ତୁର ନବୀକରଣ କରିବା ଲାଗି ଗଠିତ ୧୨-ଜଣିଆ ସଦସ୍ୟବିଶିଷ୍ଟ କମିଟିର ସଦସ୍ୟ ରୂପେ କାର୍ଯ୍ୟ କରିଥିଲେ। ପୁନଶ୍ଚ ୨୦୦୩ରୁ ୨୦୦୯ ପର୍ଯ୍ୟନ୍ତ ସେ ରାଜ୍ୟ ସଭା ସଦସ୍ୟ ଏବଂ ଯୋଜନା ବୋର୍ଡର ସଦସ୍ୟ ଥିଲେ। ଏତଏବ ତାଙ୍କର ପରଲୋକ ଆମ ଦେଶର ବିଜ୍ଞାନ ଏବଂ ଶିକ୍ଷା କ୍ଷେତ୍ରରେ ସୃଷ୍ଟି କରିଛି ଏକ ଅପୂରଣୀୟ ଶୂନ୍ୟ ସ୍ଥାନ।

-ଉଷାନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର,
ମୋ: ୯୯୩୭୩୦୧୪୬୦

ଧରିତ୍ରୀ DHARITRI 51 Years

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ମେ ୫/୨୦୨୫ Bhubaneswar, Monday, May 5/ 2025

# କେକେଆର୍‌ର ରୋମାଞ୍ଚକ ବିଜୟ



ଶଟ୍ ଖେଳିବା ଅବସରରେ ଆନ୍ଦ୍ରେ ରସେଲ।

**କୋଲକାତା,୪।୫**

ଚଳିତ ଆଇପିଏଲରେ ରବିବାର ଅପରାହ୍ଣରେ ଖେଳାଯାଇଥିବା ଏକ ରୋମାଞ୍ଚକ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ୧ ରନରେ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍)କୁ ପରାସ୍ତ କରିଛି। କେକେଆର୍ ଦ୍ୱାରା ପ୍ରଦତ୍ତ ୨୦୭ ରନର ଟାର୍ଗେଟର ଜବାବରେ ରାଜସ୍ଥାନ ୨୦ ଓଭରରେ ୮ ଉଇକେଟ ହରାଇ ୨୦୫ ରନ କରିବାକୁ ସକ୍ଷମ ହୋଇଥିଲା। ଏହା କୋଲକାତାର ପଞ୍ଚମ ବିଜୟ ହୋଇଥିବା ବେଳେ ରାଜସ୍ଥାନ ଲାଗି ନବମ ପରାଜୟ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ୨୦ ଓଭରରେ ୪ ଉଇକେଟ ହରାଇ ୨୦୬ ରନ କରିଥିଲା। ଦଳ ପକ୍ଷରୁ ଆନ୍ଦ୍ରେ ରସେଲ ୨୫ ବଲରେ ୫୭ (୪ ଚୌକା ଓ ୬ ଛକା), ଅଙ୍ଗକ୍ରିଶ ରଘୁବଂଶୀ ୪୪ (୫ ଚୌକା), ରହମାନୁଲା ଗୁରବାଜ ୨୫ ବଲରେ ୩୫ (୪ ଚୌକା ଓ ୧ ଛକା) ଓ ଅଧିନାୟକ ଅଜିଙ୍କ୍ୟ ରାହାନେ ୩୦ (୧ ଚୌକା ଓ ୨ ଛକା) ଓ ରନ କରିଥିଲେ। ରାଜସ୍ଥାନ ପକ୍ଷରୁ ଜୋଫ୍ରା ଆର୍ଚ୍ଚର, ଯୁଧବୀର ସିଂ ଓ ଅଧିନାୟକ ରିୟାନ ପରାଗ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ରାଜସ୍ଥାନ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ମାତ୍ର ୮ ଓଭର ସୁଦ୍ଧା ୭୧ ରନରେ ୫ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ଅଧିନାୟକ ପରାଗ ଓ ଶିମରନ ହେଟମାୟର ଷଷ୍ଠ ଉଇକେଟରେ ୮ ଓଭରରେ ୯୨ ରନ ଯୋଡ଼ି ଦଳକୁ ବିଜୟ ଆଶା ଦେଇଥିଲେ। ପରାଗ ୧୩ତମ ଓଭରରେ ମୋଇନ ଅଲୀଙ୍କୁ ଲଗାତର ୫ ଛକା ଲଗାଇଥିଲେ। ମାତ୍ର ଦୁଇ ସେଟ୍ ବ୍ୟାଟର ଆଉଟ୍ ହେବା ସହ ପଛରେ ପଡିଯାଇଥିଲା। ପରାଗ ୪୫ ବଲରେ ୬ ଚୌକା ଓ ୮ ଛକା ସହିତ ୯୫ ରନ କରି ଆଉଟ୍ ହୋଇଥିଲା। ଏହା ତାଙ୍କ ଟି୨୦ କ୍ୟାରିୟରର ସର୍ବାଧିକ ବ୍ୟକ୍ତିଗତ ସ୍କୋର ଥିଲା। ଶେଷ ଆଡ଼କୁ ୧୪ ବଲରେ ଶୁଭମ ଦୁବେଙ୍କ ୨୫ (୧ ଚୌକା ଓ ୨ ଛକା) ରନର ଇନିଂସ ସତ୍ତ୍ୱେ ରାଜସ୍ଥାନ ବିଜୟ ଲକ୍ଷ୍ୟଠାରୁ ୨ ରନ ଦୂରରେ ରହିଯାଇଥିଲା। ଦଳ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ୩୪ ଓ ହେଟମାୟର ୨୯ ରନ କରିଥିଲେ। କୋଲକାତା ପାଇଁ ଅଲୀ, ହର୍ଷିତ ରାଣା ଓ ବରୁଣ ଚକ୍ରବର୍ତ୍ତୀ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ୍ ରାଇଡର୍ସ: ୨୦ ଓଭରରେ ୨୦୬/୪(ଆନ୍ଦ୍ରେ ରସେଲ-୫୭*, ଅଙ୍ଗକ୍ରିଶ ରଘୁବଂଶୀ-୪୪, ରହମାନୁଲା ଗୁରବାଜ-୩୫, ରିୟାନ ପରାଗ-୧/୨୧ )। ରାଜସ୍ଥାନ ରୟାଲ୍ସ: ୨୦ ଓଭରରେ ୨୦୫/୮(ରିୟାନ ପରାଗ-୯୫, ଯଶସ୍ୱୀ ଜୟସ୍ୱାଲ-୩୪, ବରୁଣ ଚକ୍ରବର୍ତ୍ତୀ-୨/୩୨, ହର୍ଷିତ ରାଣା-୨/୪୧)।



ମାଡ୍ରିଡ ଓପନ ଟେନିସ ଟ୍ରଫି ସହ ଆରିନା ସାବାଲେଙ୍କା।

# ସାବାଲେଙ୍କାଙ୍କୁ ମାଡ୍ରିଡ୍ ଓପନ୍ ଟାଇଟଲ

**ମାଡ୍ରିଡ୍, ୪।୫ (ଏପି)**

ବିଶ୍ୱର ନମ୍ବର ୱାନ ର୍ୟାଙ୍କିଙ୍ଗପ୍ରାପ୍ତ ମହିଳା ସିଙ୍ଗଲ୍ସ ଖେଳାଳି ଆରିନା ସାବାଲେଙ୍କା ମାଡ୍ରିଡ୍‌ଓପନଚାମ୍ପିୟନହୋଇଛନ୍ତି। କାଜା ମାଜିକା କୋର୍ଟରେ ଖେଳାଯାଇଥିବା ଫାଇନାଲରେ ସେ ୪ ନମ୍ବର ଖେଳାଳି ଆମେରିକାର କୋକୋ ଗଫ୍‌ଙ୍କୁ ଏକ ଟାଇବ୍ରେକରରେ ୬-୩, ୭-୬ (୩)ରେ ହରାଇ ଦେଇଛନ୍ତି। ଏଠାରେ ସେ ତୃତୀୟ ଥର ଟାଇଟଲ ଜିତି ପେଟ୍ରା କ୍ୱିଟୋଭାଙ୍କ ଟୁର୍ନାମେଣ୍ଟ ରେକର୍ଡ ସମକକ୍ଷ ହୋଇପାରିଛନ୍ତି। ବେଲାରୁଷର ଏହି ଖେଳାଳି ପୂର୍ବରୁ ୨୦୨୧ ଓ ୨୦୨୩ରେ ମାଡ୍ରିଡ୍ ଟାଇଟଲ ଜିତିଥିଲେ। ଚଳିତବର୍ଷର ଏହା ତାଙ୍କର ୩ୟ ଏବଂ କ୍ୟାରିୟରର ୨୦ତମ ଟାଇଟଲ। ଏହା ପୂର୍ବରୁ ସେ ବ୍ରିସ୍‌ବେନ୍ ଓ ମାୟାମି ଟାଇଟଲ ଜିତିସାରିଛନ୍ତି। ଗଫ୍‌ଙ୍କ ବିପକ୍ଷରେ ମଧ୍ୟ ଏହା ତାଙ୍କର କ୍ରମାଗତ ୫ମ ବିଜୟ। ଏଠାରେ ଗଫ୍ ଯଦି ଫାଇନାଲରେ ବିଜୟ ଲାଭ କରିଥାନ୍ତେ ତେବେ ର୍ୟାଙ୍କିଙ୍ଗ ତାଲିକାର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇପାରି ଥାନ୍ତେ। ୨୦୨୩ ୟୁଏସ ଚାମ୍ପିୟନ ଫାଇନାଲରେ ପ୍ରବେଶ ପୂର୍ବରୁ ଚଳିତ ସପ୍ତାହରେ କେବଳ ଗୋଟିଏ ସେଟ୍‌ରେ ପରାଜିତ ହୋଇଥିଲେ। ଗଫ୍‌ଙ୍କର ଫାଇନାଲରେ ଭଲ ରେକର୍ଡ ରହିଛି।

# ମାକ୍ସୱେଲଙ୍କ ସ୍ଥାନରେ ମିଚ୍ ଓୱେନ

**ମୁଲାନପୁର, ୪।୫ (ପି.ଟି.):** ଗ୍ଲେନ ମାକ୍ସୱେଲ୍ ଆଘାତପ୍ରାପ୍ତ ହୋଇଥିବାରୁ ପଞ୍ଜାବ କିଙ୍ଗ୍ସ ତାଙ୍କ ସ୍ଥାନରେ ଅଷ୍ଟ୍ରେଲୀୟ ଅଲରାଉଣ୍ଡର ମିଚ୍ ଓୱେନଙ୍କୁ ଦଳରେ ନେଇଛି। ମାକ୍ସୱେଲଙ୍କ ଆଙ୍ଗୁଠିରେ ଆଘାତ ଲାଗିଛି। ଚଳିତ ଆଇପିଏଲ୍ ସିଜନରେ ଅଷ୍ଟ୍ରେଲିଆର ଏହି ଷ୍ଟାଲୱାର୍ଟଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ସେ ୭ଟି ଗେମ୍‌ରେ ମାତ୍ର ୪୮ରନ ରନ ସଂଗ୍ରହ କରିପାରିଛନ୍ତି। ତନ୍ମଧ୍ୟରେ ତାଙ୍କର ୬ଟି ସିଙ୍ଗଲ ଡିଜିଟ ରହିଛି। ଗତ ଏପ୍ରିଲ ୨୬ରେ ଇଡେନଗାର୍ଡେନ୍ସରେ କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚ ବେଳେ ପଞ୍ଜାବ ତରଫରୁ ଖେଳୁଥିବା ବେଳେ ତାଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା। ଫଳରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବିପକ୍ଷ ଦଳର ପରବର୍ତ୍ତୀ ମ୍ୟାଚରେ ତାଙ୍କ ସ୍ଥାନରେ ସୂର୍ଯ୍ୟାଂଶ ଶେଜ୍ ଖେଳିଥିଲେ। ପଞ୍ଜାବ କିଙ୍ଗ୍ସ ଏହି ମ୍ୟାଚ ୪ଉଇକେଟରେ ବିଜୟୀ ହୋଇଥିଲା। ୨୩ ବର୍ଷୀୟ ଓୱେନ ହେଉଛନ୍ତି ଜଣେ ଡାହାଣହାତୀ ବ୍ୟାଟର ଓ ପେସ୍ ବୋଲର। ସେ ୧୪ଟି ପ୍ରଥମଶ୍ରେଣୀ ମ୍ୟାଚ ଖେଳିଛନ୍ତି। ସେ ୩ କୋଟି ଟଙ୍କା ମୂଲ୍ୟରେ ଶ୍ରେୟସ ଆୟରଙ୍କ ଦଳରେ ଯୋଗ ଦେଇଛନ୍ତି। ଅଷ୍ଟ୍ରେଲିଆର ଟାସ୍‌ମାନିଆ ବିସିନ୍ଦା ମିଚ୍ ଓୱେନ ୩୪ ଟି୨୦ ଖେଳି ୬୪୬ ରନ ସଂଗ୍ରହ କରିଛନ୍ତି। ତନ୍ମଧ୍ୟରେ ତାଙ୍କର ଦୁଇଟି ଶତକ ରହିଛି। ତାଙ୍କର ସର୍ବାଧିକ ସ୍କୋର ୧୦୮ ରନ ରହିଛି। ଅଷ୍ଟ୍ରେଲିଆର ଏହି ଅଲ୍ ରାଉଣ୍ଡର ଟି ୨୦ରେ ୧୦ଟି ଉଇକେଟ ମଧ୍ୟ ନେଇଛନ୍ତି।

# ପଞ୍ଜାବର ବିସ୍ଫୋରକ ବ୍ୟାଟିଂ

**ଧର୍ମଶାଳା,୪।୫**

ଚଳିତ ଆଇପିଏଲ୍‌ରେ ରବିବାର ରାତିରେ ଖେଳାଯାଇଥିବା ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି) ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ପଞ୍ଜାବ ପ୍ରଭସିମରନ ସିଂଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ପ୍ରତିପକ୍ଷ ଲକ୍ଷ୍ନୌ ସମ୍ମୁଖରେ ୨୩୭ ରନର ବିଶାଳ ଟାର୍ଗେଟ ଧାର୍ଯ୍ୟ କରିଛି।

ଲକ୍ଷ୍ନୌ ଅଧିନାୟକ ରିଷଭ ପନ୍ତ ଟସ୍ ଜିତି ବୋଲିଂ ବାଛିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ପ୍ରଥମ ଓଭରରେ ପ୍ରିୟାଂଶ ଆର୍ଯ୍ୟ (୧)ଙ୍କ ଉଇକେଟ ହରାଇଥିଲା। ନଂ-୩ ପୋଜିଶନରେ ବ୍ୟାଟିଂ ଆସିଥିବା ଜୋଶ ଇଙ୍ଗଲିଶଙ୍କ ସହ ଅନ୍ୟତମ ଓପନର ପ୍ରଭସିମରନ ମିଶି ଦଳୀୟ ସ୍କୋରକୁ ୪.୩ ଓଭର ସୁଦ୍ଧା ୫୦ ରନରେ ପହଞ୍ଚାଇଥିଲେ। ଇଙ୍ଗଲିସ ୧୪ ବଲରେ ୩୦ (୧ ଚୌକା ଓ ୪ ଛକା) ରନ କରି ଆଉଟ୍ ହୋଇଥିଲେ। ଏହାପରେ ପ୍ରଭସିମରନ ଓ ଅଧିନାୟକ ଶ୍ରେୟସ ଆୟର ତୃତୀୟ ଉଇକେଟରେ ୭୮ ରନ ଯୋଡ଼ିଥିଲେ। ଆୟର ୨୫ ବଲରେ ୪ ଚୌକା ଓ ୨ ଛକା ସହିତ ୪୫ ରନ କରି ପାଭିଲିଅନ କରିଥିଲେ। ପ୍ରଭସିମରନ ୪୮ ବଲରେ ୯୧ ରନର ବିସ୍ଫୋରକ ଖେଳି ଆଉଟ୍ ହୋଇଥିଲେ। ତାଙ୍କ ଇନିଂସରେ ୬ ଚୌକା ଓ ୭ ଛକା ସାମିଲ ଥିଲା। ଶେଷ ଆଡ଼କୁ ନେହାଲ ୱାଧେରା ୯ ବଲରେ ୧୬ (୨ ଚୌକା ଓ ୧ ଛକା), ଶଶାଙ୍କ ସିଂ ୧୫ ବଲରେ ୩୫ (୪ ଚୌକା ଓ ୧ ଛକା ) ଓ ମାର୍କସ ଷ୍ଟୋଇନିସ ୪ ବଲରେ ୧୪ ( ଗୋଟିଏ ଲେଖାଏ ଚୌକା ଓ ଛକା) ରନ କରିଥିଲେ। ଫଳରେ ପଞ୍ଜାବ ୨୦ ଓଭରରେ ୫ ଉଇକେଟ ହରାଇ ୨୩୬ ରନ କରସ୍ଥାରିଥିଲା। ଲକ୍ଷ୍ନୌ ପକ୍ଷରୁ ଆକାଶ ମହାରାଜ ସିଂ ଓ ଦିଗଭେଶ ସିଂ ରାଠୀ ୨ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ: ୨୦ ଓଭରରେ ୨୩୬/୩ (ପ୍ରଭସିମରନ ସିଂ-୯୧, ଶ୍ରେୟସ ଆୟର-୪୫, ଶଶାଙ୍କ ସିଂ -୩୫*, ଆକାଶ ମହାରାଜ ସିଂ-୨/୩୦, ଦିଗଭେଶ ସିଂ ରାଠୀ-୨/୪୬)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

ହାଇଦ୍ରାବାଦ ବନାମ ଦିଲ୍ଲୀ


ସ୍ଥାନ: ହାଇଦ୍ରାବାଦ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୧ | ୮ | ୩ | ୦ | ୧୬ | +୦.୪୮୨ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୭ | ୪ | ୦ | ୧୪ | +୧.୨୭୪ |
| ଗୁଜରାଟ ଟାଇଟନ୍ସ | ୧୦ | ୭ | ୩ | ୦ | ୧୪ | +୦.୮୬୭ |
| ପଞ୍ଜାବ କିଙ୍ଗ୍ସ | ୧୦ | ୬ | ୩ | ୧ | ୧୩ | +୦.୧୯୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୬ | ୪ | ୦ | ୧୨ | +୦.୩୬୨ |
| କୋଲକାତା ନାଇଟ ରାଇଡର୍ସ | ୧୧ | ୫ | ୫ | ୧ | ୧୧ | +୦.୨୪୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୦ | ୫ | ୫ | ୦ | ୧୦ | -୦.୩୨୫ |
| ରାଜସ୍ଥାନ ରୟାଲ୍ସ | ୧୨ | ୩ | ୯ | ୦ | ୬ | -୦.୭୧୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୩ | ୭ | ୦ | ୬ | -୧.୧୯୨ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୨ | ୯ | ୦ | ୪ | -୧.୧୧୭ |



ଧର୍ମଶାଳାସ୍ଥିତ ଏଚ୍‌ପିସିଏ କ୍ରିକେଟ ଷ୍ଟାଡିୟମର ମନୋରମ ଦୃଶ୍ୟ।

**ମହିଳା ତ୍ରିରାଷ୍ଟ୍ରୀୟ କ୍ରିକେଟ**

# ଶ୍ରୀଲଙ୍କାଠାରୁ ହାରିଲା ଭାରତ

**କଲମ୍ବୋ, ୪।୫ (ପି.ଟି.):** ଶ୍ରୀଲଙ୍କା ଏଠାରେ ଚାଲିଥିବା ତ୍ରିରାଷ୍ଟ୍ରୀୟ ଦିନିକିଆ କ୍ରିକେଟ ସିରିଜରେ ଭାରତକୁ ୩ଉଇକେଟରେ ପରାସ୍ତ କରିଛି। ୭ବର୍ଷରେ ଭାରତ ବିପକ୍ଷରେ ଦଳର ଏହା ହେଉଛି ପ୍ରଥମ ବିଜୟ। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୨୭୫ରନର ଏକ ଚ୍ୟାଲେଞ୍ଜିଂ ସ୍କୋର କରିଥିଲା। ଦଳର ଇନିଂସରେ ବଡ଼ ଅବଦାନ ରଖିଥିବା କିପର-ବ୍ୟାଟର ରିଚା ଶର୍ମା ୪୮ବଲ୍‌ରୁ ୫୮ରନ କରିଥିଲେ। ଏଥିରେ ତାଙ୍କର ୫ ଚୌକା ଓ ୩ ଛକା ସାମିଲ। ଦଳ ପାଇଁ ଅବଦାନ ରଖିଥିବା ଅନ୍ୟ ବ୍ୟାଟରମାନଙ୍କ ମଧ୍ୟରେ ହରମନପ୍ରୀତ୍ କୌର(୩୦), ପ୍ରତୀକା ରାୱଲ(୩୫) ଓ ଜେମିମା ରୋଡ୍ରିଗ୍ସ(୩୭) ଅନ୍ୟତମ। ଆୟୋଜକ ଦଳ ପକ୍ଷରୁ ସୁଗାନ୍ଧିକା କୁମାରୀ ଓ ଅଧିନାୟକ ଚାମରି ଆଥାପାଥୁ ପ୍ରତ୍ୟେକ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଶ୍ରୀଲଙ୍କା ୪୯.୧ଓଭରରେ ୭ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଟପ୍ ସ୍କୋରର ନୀଳାକ୍ଷିକା ସିଲ୍‌ଭା ୫୬ ରନ ଏବଂ ହର୍ଷିଥା ସମରବିକ୍ରମା ୫୩ ରନ କରିଥିଲେ। ଭାରତ ତରଫରୁ ଶ୍ରେଷ୍ଠ ବୋଲିଂ କରିଥିବା ସ୍ନେହ ରାଣା ୪୫ ରନ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ଟୁର୍ନାମେଣ୍ଟରେ ଶ୍ରୀଲଙ୍କାର ଏହା ହେଉଛି ଦ୍ୱିତୀୟ ବିଜୟ। ଦଳ ଏଥିସହିତ ଫାଇନାଲର ନିକଟତର ହୋଇଛି। ଅନ୍ୟପକ୍ଷରେ ଭାରତର ଏହା ପ୍ରଥମ ପରାଜୟ। ଦଳ ପୂର୍ବରୁ ଏହାର ଦୁଇଟି ମ୍ୟାଚ ସହଜରେ ଜିତି ନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ମହିଳା: ୫୦ ଓଭରରେ ୨୭୫/୯ (ରିଚା ଘୋଷ-୫୮ ; ଚାମରୀ ଆଥାପାଥୁ-୩/୪୩, ସୁଗାନ୍ଧିକା କୁମାରୀ-୩/୪୪)।

ଶ୍ରୀଲଙ୍କା ମହିଳା: ୪୯.୧ ଓଭରରେ ୨୭୮/୭ (ହର୍ଷିଥା ସମରବିକ୍ରମା-୫୩, ନୀଳାକ୍ଷିକା ସିଲ୍‌ଭା-୫୬ ; ସ୍ନେହ ରାଣା-୩/୪୫)।

# ପ୍ରାରବ୍ଧ, ମନୀଷ ଚାମ୍ପିୟନ



କୃତୀ ପ୍ରତିଯୋଗୀମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

**ରାଜ୍ୟ ଓପନ ଚେସ୍**

**ଭୁବନେଶ୍ୱର, ୪।୫ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ୮ ଓ ୧୬ ବର୍ଷରୁ କମ୍ ରାଜ୍ୟ ଓପନ ଚେସ୍ ଅନୁଷ୍ଠିତ ହୋଇଯାଇଛି। ଏହାର ୮ ବର୍ଷରୁ କମ୍ ବର୍ଗରେ ପ୍ରାରବ୍ଧ ପ୍ରଜ୍ଞା ମିଶ୍ର ଓ ୧୬ ବର୍ଷରୁ କମ୍‌ରେ ମନୀଷ ରଞ୍ଜନ ଦାସ ଚାମ୍ପିୟନ ହୋଇଛନ୍ତି। ୫ ବର୍ଷରୁ କମ୍‌ରେ ପ୍ରିୟମ ହୋତା, ଅଂଶୁମାନ ମହାନ୍ତି, ସାଇ ଆୟଙ୍କ ସାହୁ ଓ ତନ୍ମୟ ମହାନ୍ତି ଏବଂ ୧୬ ବର୍ଷରୁ କମ୍‌ରେ ଶୁଭମ୍ ପ୍ରତୀକ ମିଶ୍ର, ସ୍ୱସ୍ତିକ ରଞ୍ଜନ ସ୍ୱାଇଁ, ଉଦୟକାନ୍ତ ସ୍ୱାଇଁ ଓ ଶ୍ୱେତାଞ୍ଜିତ ପଟ୍ଟନାୟକ ଟପ୍-୫ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ କେତେକ ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯାଇଛି। ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାର ଶୁଭାରମ୍ଭ କରିଥିବାବେଳେ ରାଜ୍ୟ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ୟୁନିୟନ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଅଧିକାରୀ ବାସୁଦେବ ସାହୁ, ସ୍କୁଲ ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞା ପାରମିତା ସାହୁ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

# ଜାତୀୟ ଟେକ୍ନିକାଲ ଅଫିସିଆଲ ପ୍ରୋଗ୍ରାମରେ ଓଡ଼ିଶାରୁ ୧୩



ଜାତୀୟ ପ୍ରୋଗ୍ରାମରେ ଓଡ଼ିଶାରୁ ଭାଗ ନେଇଥିବା ଟେକ୍ନିକାଲ ଅଫିସିଆଲ।

**ଭୁବନେଶ୍ୱର, ୪।୫ (ତପନ ସ୍ୱାଇଁ)**

ଚଳିତ ମାସ ୨ରୁ ୪ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଓ ପାରାଅଲିମ୍ପିକ କମିଟି ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ୩ୟ ଜାତୀୟ ଟେକ୍ନିକାଲ ଅଫିସିଆଲ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ରାଜ୍ୟରୁ ଯୋଗ ଦେଇଥିବା ମୋଟ ୬୦ ଅଫିସିଆଲଙ୍କ ମଧ୍ୟରେ ଓଡ଼ିଶାରୁ ୧୩ ପ୍ରତିନିଧିତ୍ୱ କରିଥିଲେ। ଏହି ଅଫିସିଆଲମାନେ ହେଲେ ଶୋଭାରାଣୀ ଡୋରା, ପତ୍ରପୁଷ୍ପ ମହାନ୍ତି, ପୂଜା ବେହେରା, ଗୋପାଳ ସୋନି, ଦେବାଶିଷ ଦାସ, ବିକାଶ ସ୍ୱାଇଁ, ଲକ୍ଷ୍ମୀଧର ମହାନ୍ତି, ଲିପ୍ସା ମିଶ୍ର, ମାଳବିକା ମିଶ୍ର, ରୋନାଲି ସାହୁ, ବିଷ୍ଣୁପ୍ରିୟା ସାହୁ, ପ୍ରିୟରଞ୍ଜନ ନାୟକ ଓ ଦେବାମୃତ ସାହୁ। ଏହି ପ୍ରଶିକ୍ଷଣ ପ୍ରୋଗ୍ରାମ ମାଧ୍ୟମରେ ଅଫିସିଆଲମାନେ ଆଗାମୀ ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଦେଶକୁ ପ୍ରତିନିଧିତ୍ୱ କରି ଓଡ଼ିଶାର ଗର୍ବ ବଢ଼େଇବେ ବୋଲି ପାରା ସ୍ପୋର୍ଟ୍ସ ଆସୋସିଏଶନ ଓଡ଼ିଶାର ସଭାପତି କମଳାକାନ୍ତ ରଥ ଓ ସମ୍ପାଦକ ସୁନୀଲ ପ୍ରଧାନ ଆଶା ପ୍ରକାଶ କରିଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ